

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.111, Sunday, 9 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୧, ରବିବାର, ୯ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.111, Sunday, 9 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୧, ରବିବାର, ୯ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

▸RNI No. ODIODI / 2014 / 56157▸ www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୪୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol.13, Issue.111, Sunday, 9 August 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୧, ରବିବାର, ୯ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


## ଗିରଫ ହେବାର କିଛିଘଣ୍ଟା ପରେ ଟିଏମ୍‌ସି କର୍ମୀ ମୃତ




**କୋଲକାତା:** ପଶ୍ଚିମବଙ୍ଗର ଉତ୍ତର ୨୪ ପରଗଣା ଜିଲ୍ଲାରେ ପୁଲିସ ହାଜତରେ ଜଣେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କର୍ମୀଙ୍କ ମୃତ୍ୟୁକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ହୋଇଛି। ଟିଏମ୍‌ସି କର୍ମୀଙ୍କ ପତ୍ନୀ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ୱାମୀଙ୍କୁ ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ହାଜତରେ ନିର୍ମମ ଭାବରେ ମାଡ଼ ମରାଯାଇଥିଲା ଓ ନିର୍ଯାତନା ଦିଆଯାଇଥିଲା। ତୃଣମୂଳ କଂଗ୍ରେସ ପୂର୍ବତନ କାଉନସିଲର ଜେନି ଶର୍ମା କେଓଟଙ୍କ ସ୍ୱାମୀ ବିରଜୁ କେଓଟଙ୍କୁ ଶୁକ୍ରବାର ହାଲିସହର ପୁଲିସ ଗିରଫ କରିଥିଲା, ତାଙ୍କୁ ବଟି ଆଦାୟ ଓ ଦୁର୍ନୀତି ଅଭିଯୋଗରେ ବାରାକପୁର ସବଡିଭିଜନାଲ କୋର୍ଟରେ ହାଜର କରାଯାଇଥିଲା, କୋର୍ଟ ତାଙ୍କୁ ପାଞ୍ଚ ଦିନ ପାଇଁ ପୁଲିସ ହେପାଜତକୁ ପଠାଇ ଦେଇଥିଲେ। କେଓଟଙ୍କୁ ହାଲିସହର ପୁଲିସ ହାଜତରେ ରଖାଯାଇଥିଲା।

## ୧୨ରେ ଚଳିତବର୍ଷର ଦ୍ୱିତୀୟ ସୂର୍ଯ୍ୟପରାଗ



**ପୁରୀ(ବ୍ୟୁରୋ) :** ଆସନ୍ତା ୧୨ ତାରିଖରେ ଚଳିତ ବର୍ଷର ଦ୍ୱିତୀୟ ସୂର୍ଯ୍ୟପରାଗ ଅନୁଷ୍ଠିତ ହେବ । ତେବେ ଏହି ପୂର୍ଣ୍ଣ ଗ୍ରାସ ସୂର୍ଯ୍ୟପରାଗ ଭାରତ କିମ୍ବା ଓଡ଼ିଶାରେ ଦୃଶ୍ୟମାନ ହେବ ନାହିଁ । ସୂର୍ଯ୍ୟପରାଗ କିଛି କ୍ଷଣ ବା ମୁହୂର୍ତ୍ତ ପାଇଁ ଓଡ଼ିଶା କିମ୍ବା ଭାରତରେ ଦୃଶ୍ୟମାନ ହେଉନଥିବାରୁ ଏହା ଆଦୌ ପାଳନୀୟ ନୁହେଁ । ସୂର୍ଯ୍ୟପରାଗ ଓଡ଼ିଶା କିମ୍ବା ଭାରତରେ ଦୃଶ୍ୟମାନ ହେଉ ନଥିବାରୁ ପାକ ଛାଡ କିମ୍ବା ଦେବ ନୀତି ବନ୍ଦ ହେବ ନାହିଁ । ଏ ନେଇ ପ୍ରତିକ୍ରିୟା ରଖିଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ତଥା ଜ୍ୟୋତିର୍ବିଦ ହରିଶଙ୍କର ମିଶ୍ର । ସେହିପରି ଅଗଷ୍ଟ ୨୮ ତାରିଖରେ ଆଂଶିକ ଚନ୍ଦ୍ରଗ୍ରହଣ ପଡୁଛି । ଏହା ମଧ୍ୟ ଓଡ଼ିଶା କିମ୍ବା ଭାରତରେ ଦୃଶ୍ୟମାନ ହେବ ନାହିଁ । ତେବେ ମାତ୍ର ୧୫ ଦିନ ବ୍ୟବଧାନରେ ଗୋଟିଏ ସୂର୍ଯ୍ୟପରାଗ ଓ ଗୋଟିଏ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଶାସ୍ତ୍ର ,ଇତିହାସ ଆଧାରରେ ଏହା ବିଶ୍ୱ ପାଇଁ ଶୁଭଙ୍କର ନୁହେଁ ବୋଲି ସେ କହିଛନ୍ତି ।୨୦୧୯ ■ ପୃଷ୍ଠା-୧୫

## ପୁଣି ଲଘୁଚାପ, ୫ ଦିନ ପ୍ରବଳ ବର୍ଷିବ



**ଭୁବନେଶ୍ୱର(ବ୍ୟୁରୋ)** ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ବାଂଲାଦେଶ ଉପରେ ଏକ ଉପର ବାୟୁ ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ ହୋଇଛି। ଫଳରେ ରାଜ୍ୟରେ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ଜଣାପଡ଼ିଛି। ଅପରପକ୍ଷେ ଅଗଷ୍ଟ ୧୨ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଆକଳନ କରାଯାଇଛି। ଏହା ପ୍ରଭାବରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଶନିବାର ବଡ଼ ବର୍ଷା ହେବା ନେଇ ସୂଚନା ଦିଆଯାଇଛି। ରାଜ୍ୟରେ ଲଗାଣ ବର୍ଷା ପାଇଁ ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ଓ ବନ୍ୟା ପରିସ୍ଥିତି ଲାଗି ରହିଥିବାବେଳେ ଆସୁଛି ଆଉ ୨ ଲଘୁଚାପ। ଇତିମଧ୍ୟରେ ହେବା ନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା ଏବଂ ବଲାଙ୍ଗୀର ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି।

### ସରିଲା ଦୁଇ ଦିନିଆ ନିବେଶ ସମ୍ମିଳନୀ

# ଓଡ଼ିଶାର ବାତାବରଣ ଶିଳ୍ପ ସଂସ୍ଥାକୁ ସୁହାଇବ

- ରାଜ୍ୟକୁ ଆସିଲା ୬୬,୩୯୨ କୋଟିର ନିବେଶ ପ୍ରସ୍ତାବ
- ୫୪ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି
- ଉତ୍ପାଦନ, ବୟନଶିଳ୍ପ, ଇଞ୍ଜିନିୟରିଂ ଏବଂ ଆଲୁମିନିୟମ କ୍ଷେତ୍ରରେ ସୁଯୋଗ
- ୪୬ ଉଚ୍ଚସ୍ତରୀୟ ବୈଠକ, ୨୦୮ ଶିଳ୍ପ ସହ ଆଲୋଚନା
- ୩୮ଟି ଏମ୍‌ଓୟୁ ସ୍ୱାକ୍ଷର, ୬୪,୭୦୩ କୋଟି ଟଙ୍କାର ନିବେଶ



ନୂଆଦିଲ୍ଲୀ

ଦିଲ୍ଲୀରେ ଅନୁଷ୍ଠିତ ଓଡ଼ିଶାର ଦୁଇ ଦିନିଆ ନିବେଶ ସମ୍ମିଳନୀରେ ଓଡିଶାକୁ ମୋଟ ୬୬,୩୯୨ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ମିଳିଛି। ଏଥିସହ ୫୪,୧୩୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହି ଅବସରରେ ମୋଟ ୩୮ଟି ଏମଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ ଏହାଦ୍ୱାରା ୬୪,୭୦୩ କୋଟି ଟଙ୍କାର ନିବେଶ ସୁଯୋଗ ଆସିଛି । ଏଥିରେ ୪୬,୦୭୧ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହା ସହିତ ୧,୬୮୯ କୋଟି ଟଙ୍କାର ଇନଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ମଧ୍ୟ ମିଳିଥିଲା। ଯାହାଦ୍ୱାରା ୮,୦୬୪ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ଏହି ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, "ଓଡ଼ିଶା ଏପରି ଏକ ଶିଳ୍ପ ବାତାବରଣ ସୃଷ୍ଟି କରୁଛି ଯେଉଁଠାରେ ଶିଳ୍ପଗୁଡ଼ିକର ଅଭିବୃଦ୍ଧି ହୋଇପାରିବ, ନିଯୁକ୍ତି ସୃଷ୍ଟି ହେବ ଏବଂ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ଭାଲ୍ୟୁ-ଆଡିସନ୍ ହୋଇପାରିବ। ଆମର ଲକ୍ଷ୍ୟ କେବଳ ପୁଞ୍ଜିନିବେଶ ଆକର୍ଷିତ କରିବା ନୁହେଁ, ବରଂ ନିଯୁକ୍ତି ସୃଷ୍ଟି କରିବା, ସ୍ଥାନୀୟ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଯୁବକଯୁବତୀଙ୍କ ପାଇଁ ନୂତନ ସୁଯୋଗ ଖୋଲିବା। ଆମେ ଚାହୁଁଛୁ ଯେ ଅଭିବୃଦ୍ଧି ପାଇଁ ନିବେଶକମାନେ ଓଡ଼ିଶାକୁ ଏକ ଦୀର୍ଘକାଳୀନ ପାର୍ଟନର ଭାବରେ ଦେଖନ୍ତୁ। ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍ର ସହଯୋଗରେ ଆୟୋଜିତ ଇଞ୍ଜିନିୟରିଂ ସାମଗ୍ରୀ ଉତ୍ପାଦନ ରାଉଣ୍ଡ ଟେବୁଲ ବୈଠକରେ ■ ପୃଷ୍ଠା-୧୫

### ୧୬ତମ ହକି ଇଣ୍ଡିଆ ଜୁନିୟର ମେନ୍ ନ୍ୟାସନାଲ ଚାମ୍ପିୟନସିପ୍

# ମଧ୍ୟପ୍ରଦେଶକୁ ହରାଇ ଓଡ଼ିଶା ଚାମ୍ପିୟନ

### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ବ୍ୟୁରୋ)

ଓଡ଼ିଶା ହକି ଟିମକୁ ଆଉ ଏକ ବଡ଼ ସଫଳତା । ତାମିଲନାଡୁର କୋଏମ୍ବାଟୁରରେ ଅନୁଷ୍ଠିତ ୧୬ତମ ହକି ଇଣ୍ଡିଆ ଜୁନିୟର ମେନ୍ ନ୍ୟାସନାଲ ଚାମ୍ପିୟନସିପରେ ଟାଇଟଲ ହାତେଇଛି ଓଡ଼ିଶା । ମଧ୍ୟପ୍ରଦେଶକୁ ୨-୧ରେ ପରାସ୍ତ କରିଛି ଓଡ଼ିଶା । ଦଳ ସଫଳତାର ସହ ରେକର୍ଡ ବିଜୟ ହାସଲ କରିଥିବାବେଳେ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ସେ ତାଙ୍କ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରିଛନ୍ତି । ମ୍ୟାଚର ଆରମ୍ଭରୁ ହିଁ ଓଡ଼ିଶା ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ମ୍ୟାଚର ମାତ୍ର ୨ୟ ମିନିଟରେ ମନ୍ଦୀପ କେରକେଟା ଚମତ୍କାର ଗୋଲ ଦେଇ ଓଡ଼ିଶାକୁ ୧-୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧ ପରେ ମଧ୍ୟପ୍ରଦେଶ ଦଳ ଓଡ଼ିଶାର ଗୋଲକିପର ଉପରେ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲା । ମ୍ୟାଚର ୩୭ତମ ମିନିଟରେ ସୋହିଲ ଅଲି ଗୋଲ ଶୋଧ କରି ମ୍ୟାଚକୁ ୧-୧ ସମାନ ସ୍ଥିତିକୁ ଆଣିଥିଲେ। ସମାନ ସ୍ଥିତି ହେବା ପରେ ଓଡ଼ିଶା ଦଳ ପୁନର୍ବାର ଆକ୍ରମଣ ■ ପୃଷ୍ଠା-୧୫

## ବିପଦସଂକେତ ତଳେ ସବୁ ନଦୀ ; ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର(ବ୍ୟୁରୋ)

ରାଜ୍ୟର ସମସ୍ତ ନଦୀରେ ଜଳପତନ ବର୍ତ୍ତମାନ ବିପଦ ସଂକେତଠାରୁ ତଳେ ରହିଥିବା ନେଇ ସୂଚନା ଦେଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ,କେବଳ ଜଳକା, ଋଷିକୂଲ୍ୟା ଏବଂ ବଂଶଧାରା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ନଦୀଗୁଡ଼ିକର ଜଳସ୍ତର ଉପରେ ସରକାର ନିରନ୍ତର ନଜର ରଖିଛନ୍ତି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ଥିବାବେଳେ ଯେକୌଣସି ଆପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରଖାଯାଇଛି।

## ଦୂରହେବ ସିଙ୍ଗଲ ଟିଚର ସ୍କୁଲ ସମସ୍ୟା

### ଖୁବଶୀଘ୍ର ପୂରଣ ହେବ ଖାଲିଥିବା ପଦବୀ

ଭୁବନେଶ୍ୱର(ବ୍ୟୁରୋ)

ଗୋଟିଏ ସ୍କୁଲ, ଜଣେ ଶିକ୍ଷକ। ଏକାଧିକ କ୍ଲାସର ପିଲାଙ୍କୁ ସିଏ ପଢ଼ାଉଛନ୍ତି ସାହିତ୍ୟ, ଗଣିତ ପୁଣି ଇଂରାଜୀ ପାଠ। ସମ୍ଭାଳୁଛନ୍ତି ଅଫିସ କାମ। ରାଜ୍ୟର ଅନେକ ସ୍କୁଲର ଏମିତି ବାସ୍ତବ ଚିତ୍ର। ମାତ୍ର ଜଣେ ଜଣେ ଶିକ୍ଷକରେ କେମିତି ସ୍କୁଲ ଚାଲୁଛି, ନିକଟରେ ଗ୍ରାଉଣ୍ଡ ରିଆଲିଟି ଦେଖାଇଥିଲା ଓଟିଭି। ଏହାପରେ ସିଙ୍ଗଲ ଟିଚର ସ୍କୁଲରେ ଶିକ୍ଷକ ନିଯୁକ୍ତି ନେଇ ବଡ଼ ପଦକ୍ଷେପ ନେଇଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଏକକ ଶିକ୍ଷକ ଥିବା ସ୍କୁଲଗୁଡ଼ିକୁ ଚିହ୍ନଟ କରିବେ ଜିଲ୍ଲାପାଳ। କେଉଁ ଜିଲ୍ଲାରେ କେତେ ସ୍କୁଲରେ ଶିକ୍ଷକ ଅଭାବ ରହିଛି, ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବେ। ନିର୍ଦ୍ଧାରିତ ଶିକ୍ଷକ-ଛାତ୍ର ଅନୁପାତକୁ ସୁନିଶ୍ଚିତ କରିବେ ଜିଲ୍ଲାପାଳ। ୧୫ ଦିନ ଭିତରେ ଦେବେ ଆକ୍ସନ୍ ଟେକେନ୍ ରିପୋର୍ଟ। ଜିଲ୍ଲାପାଳଙ୍କ ରିପୋର୍ଟ ପରେ ରାସନାଲାଇଜେସନ୍ ପ୍ରକ୍ରିୟା ମାଧ୍ୟମରେ ବଦଳି, ସମନ୍ୱୟ କିମ୍ବା ନିୟୋଜନ କରି ପ୍ରତ୍ୟେକ ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଦିଆଯିବ। ଶିକ୍ଷା ଅଧିକାର ଆଇନର ନିୟମ ଅନୁସାରେ ପିଲାଙ୍କ ସଂଖ୍ୟା ଅନୁପାତରେ ଆବଶ୍ୟକ ଶିକ୍ଷକ ରହିବା ବାଧ୍ୟତାମୂଳକ। ତଥ୍ୟ କହୁଛି, ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ଏବେ ବି ଶିକ୍ଷକ ଅଭାବ ଏକ ବଡ଼ ସମସ୍ୟା। ଯାହାର ସିଧା ପ୍ରଭାବ ପଡୁଛି ପିଲାଙ୍କ ପାଠପଢ଼ା ଉପରେ। ସରକାରଙ୍କ ଏହି ନିର୍ଦ୍ଦେଶ ଭିତରେ ରାଜ୍ୟର ଅନେକ ସ୍କୁଲରେ ଶିକ୍ଷକଙ୍କ ଭୟଙ୍କର ଅଭାବ ରହିଛି।

# ଆଜିଠୁ ରାଜ୍ୟବ୍ୟାପୀ ଘରେ ଘରେ ତ୍ରିରଙ୍ଗା ଅଭିଯାନ

### ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ହେବ କାର୍ଯ୍ୟକ୍ରମ

### କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ 'ତ୍ରିରଙ୍ଗା ରାଲି' ଆୟୋଜିତ ହେବ



ଭୁବନେଶ୍ୱର(ବ୍ୟୁରୋ)

ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଅଗଷ୍ଟ ୯ ତାରିଖରୁ ରାଜ୍ୟବ୍ୟାପୀ ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ବ୍ଲକ ଓ ପଞ୍ଚାୟତ ସ୍ତରରେ ଯାଏଁ ଘରେ ଘରେ ତ୍ରିରଙ୍ଗା ଅଭିଯାନ ବହୁ ଆଡ଼ମ୍ବର ସହକାରେ ପାଳନ କରାଯିବ। ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଛି। ଅଗଷ୍ଟ ୯ ତାରିଖରେ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ 'ତ୍ରିରଙ୍ଗା ରାଲି' ଆୟୋଜିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ। ହାତୀଆସୁଣୀ ଗ୍ରାଉଣ୍ଡ ଠାରୁ ଲୁମ୍ବିନୀ ବିହାର ରୋଡ଼ ପର୍ଯ୍ୟନ୍ତ ତ୍ରିରଙ୍ଗା ରାଲି ଆୟୋଜିତ ହେବ। ଜାତୀୟ ଗୀତ ଓ ଜାତୀୟ ସଙ୍ଗୀତ ଗାନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ତ୍ରିରଙ୍ଗା ରାଲିରେ ସମସ୍ତ ସରକାରୀ ଅଧିକାରୀ, ଯୁବ ବର୍ଗ, ସ୍ୱେଚ୍ଛାସେବୀ ସଂଗଠନ, କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ, ଏନସିସି ଓ ଏନଏସଏସ ସ୍ୱେଚ୍ଛାସେବୀଙ୍କ ସମେତ ଓଡ଼ିଶାର ସମସ୍ତ ଜନସାଧାରଣ ଯୋଗଦେବେ । ସେହିପରି ଭାବେ ଜିଲ୍ଲା ସ୍ତରରେ ମଧ୍ୟ ତ୍ରିରଙ୍ଗା ରାଲିର ଆୟୋଜନ କରାଯିବ। ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ ସରକାରଙ୍କ 'ମିଶନ ଶକ୍ତି' ବିଭାଗ ଅଧୀନରେ ଥିବା ■ ପୃଷ୍ଠା-୧୫

### ସେ କହିଲେ...



ଛାତ୍ରଛାତ୍ରୀମାନେ ପରିବର୍ତ୍ତନଶୀଳ ପ୍ରଯୁକ୍ତି ସହ ନିଜକୁ ଖାପ ଖୁଆଇବା ସହ ନିରନ୍ତର ଶିକ୍ଷା ଜାରି ରଖନ୍ତୁ । ଏଠାରେ ଆଜି ଛାତ୍ରଛାତ୍ରୀଙ୍କ ସହିତ ଅନେକ ଲୋକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଛନ୍ତି । ମୁଁ ବାବା ବାଗେଶ୍ୱର ନୁହେଁ, କିନ୍ତୁ କିଛି ଜାଣିପାରୁଛି । ପ୍ରତ୍ୟେକ ପିଢ଼ିର ନିଜସ୍ୱ ଆହ୍ୱାନ ଏବଂ ଦାୟିତ୍ୱ ରହିଥାଏ । ଏହି ପିଢ଼ି ପାଇଁ ଆଗାମୀ ସମୟରେ ଆହୁରି ଅଧିକ ଆହ୍ୱାନପୂର୍ଣ୍ଣ ହୋଇପାରେ । ଏଥିପାଇଁ ଧ୍ୟାନରେ ରଖନ୍ତୁ ଯେ ଆଗାମୀ ୩୫ ବର୍ଷରେ ଆପଣମାନଙ୍କ କାମ ବିକଶିତ ଭାରତର ମୂଳଦୁଆ ହେବ । ଶିକ୍ଷା କେବଳ ଡିଗ୍ରୀ ପାଇବାରେ ସୀମିତ ନୁହେଁ ।

**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

### ଡିଜିପି ଚୟନରେ ନୂଆ ମୋଡ଼

# ମୁଖିଆ ପଦକୁ ନେଇ ଅନିଶ୍ଚିତତା ଜାରି

**ବରିଷ୍ଠ ଆଇପିଏସ୍ ସୁଶାନ୍ତ କୁମାର ନାଥଙ୍କ ନାଁକୁ ପ୍ୟାନେଲରୁ ବାଦ୍ ଦେବା ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେବାର ୨୪ଘଣ୍ଟା ନପୂରୁଣୁ ୧୯୯୪ ବ୍ୟାଚର ଦୁଇ ବରିଷ୍ଠ ଆଇପିଏସ୍ ସଞ୍ଜୀବ କୁମାର ପଣ୍ଡା ଓ ଯଶବନ୍ତ କୁମାର ଜେଠୱାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେବା ପାଇଁ ଆନୁଷ୍ଠାନିକ ପ୍ରକ୍ରିୟା ଆରମ୍ଭ ହୋଇଛି।**




- ଚୟନ କମିଟି ବୈଠକ ଅଧାରୁ ବନ୍ଦ
- ଦୁଇଜଣଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି
- ସୁଶାନ୍ତ ନାଥଙ୍କ ନାଁ ପ୍ୟାନେଲରୁ ବାଦ୍
- ପ୍ୟାନେଲରେ ୩ ଆଇପିଏସ୍‌ଙ୍କ ନାମ
- ସୁଧାଂଶୁ, ସୁଶାନ୍ତ ଓ କୋଚେ ଆଗରେ



ଭୁବନେଶ୍ୱର (ବ୍ୟୁରୋ)

ରାଜ୍ୟର ପରବର୍ତ୍ତୀ ପୁଲିସ ମୁଖିଆ ଚୟନ ପ୍ରକ୍ରିୟାରେ ନୂଆ ମୋଡ଼ ଆସିଛି । ନୂଆଦିଲ୍ଲୀରେ ୟୁପିଏସ୍‌ସିଙ୍କ ଦ୍ୱାରା ପୁଲିସ ଡିଜି ଚୟନ ବୈଠକରେ ବରିଷ୍ଠ ଆଇପିଏସ୍ ସୁଶାନ୍ତ କୁମାର ନାଥଙ୍କ ନାଁକୁ ପ୍ୟାନେଲରୁ ବାଦ୍ ଦେବା ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେବାର ୨୪ଘଣ୍ଟା ନପୂରୁଣୁ ୧୯୯୪ ବ୍ୟାଚର ଦୁଇ ବରିଷ୍ଠ ଆଇପିଏସ୍ ସଞ୍ଜୀବ କୁମାର ପଣ୍ଡା ଓ ଯଶବନ୍ତ କୁମାର ଜେଠୱାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେବା ପାଇଁ ଆନୁଷ୍ଠାନିକ ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ଭରଯୋଗ୍ୟ ସୂତ୍ର ଅନୁସାରେ, ରାଜ୍ୟରେ ନୂଆ ଡିଜିପି ଚୟନ ବୈଠକ ଅଧାରୁ ଅଟକିବାକୁ ନେଇ ଏବେ ପ୍ରଶାସନିକ ହଟଚମଟ ଲାଗି ରହିଥିବା ବେଳେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ସଞ୍ଜୀବ ଓ ଯଶବନ୍ତଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ନିମନ୍ତେ ଆଜି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟରେ ମୋଟ ୪ଟି ମଞ୍ଜୁରୀପ୍ରାପ୍ତ ଡିଜି ପଦବୀ( ୨ଟି କ୍ୟାଡ଼ର ଓ ୨ଟି ଏକ୍ସ କ୍ୟାଡ଼ର) ରହିଥିବା ବେଳେ ୫ଜଣ ଅଫିସର ଏବେ ଡିଜି ପାହ୍ୟାରେ କାର୍ଯ୍ୟରତ ଅଛନ୍ତି। ପୁଲିସ ଡିଜି ୱାଇବି ଖୁରାନିଆ ଚଳିତମାସ ୧୬ତାରିଖରେ ଅବସର ନେବେ। ଶ୍ରୀ ଖୁରାନିଆ ଆପେକ୍ସ ସ୍କେଲ (ଲେଭଲ-୧୭)ରେ ରହିଥିବା ବେଳେ ଡିଜି ସ୍କେଲ (ଲେଭଲ-୧୬)ରେ ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ ନାଥ, ବିନୟତୋଷ ମିଶ୍ର ଓ ଆରପି କୋଚେ କାର୍ଯ୍ୟ କରୁଛନ୍ତି। ଅଧିକ ସଂଖ୍ୟକ ଡିଜି ପଦବୀ ସୃଷ୍ଟି ନକରିବାକୁ କେନ୍ଦ୍ର ସରକାରଙ୍କ ବାରମ୍ବାର ତାଗିଦ୍ ଯୋଗୁ ଡିଜି ପାହ୍ୟାକୁ ରାଜ୍ୟ ସରକାର କାହାରିକୁ ପଦୋନ୍ନତି ଦେଇପାରୁ ନଥିଲେ। ସଞ୍ଜୀବ ଏବେ ନକ୍ସଲ ଦମନ ଅପରେସନର ଅତିରିକ୍ତ ଡିଜି ଓ ଯଶବନ୍ତ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ନୂଆ ପୁଲିସ ଡିଜି ଚୟନ ପାଇଁ ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ଚୟନ କମିଟି ବୈଠକ ଅଧାରୁ ବନ୍ଦ ରହିଥିଲା। ବରିଷ୍ଠତା ଓ ଅଭିଜ୍ଞତା ଆଧାରରେ ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ ନାଥ ଓ ଆରପି କୋଚେ ଦୌଡ଼ରେ ସବୁଠୁ ଆଗରେ ଥିଲେ ମଧ୍ୟ ଓପିଆରବି ମାମଲାରେ ସିବିଆଇ ତଦନ୍ତ ଚାଲିଥିବା ଦର୍ଶାଇ ସୁଶାନ୍ତ ନାଥଙ୍କ ନାଁ ପ୍ୟାନେଲରୁ ବାଦ୍ ଦେବାକୁ ୟୁପିଏସ୍‌ସି ବୈଠକରେ ରାଜ୍ୟ ସରକାର ମୌଖିକ ପ୍ରସ୍ତାବ ଦେଇସାରିଛନ୍ତି। ଏଭଳି ସ୍ଥିତିରେ ୟୁପିଏସ୍‌ସି ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ୩ଜଣିଆ ସମ୍ଭାବ୍ୟ ପ୍ୟାନେଲରେ ସୁଧାଂଶୁ ଷଡ଼ଙ୍ଗୀ, ଆରପି କୋଚେଙ୍କ ସହ ସଞ୍ଜୀବ ପଣ୍ଡାଙ୍କ ନାମ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଆସନ୍ତା ଅଗଷ୍ଟ ୧୬ତାରିଖରେ ୱାଇବି ଖୁରାନିଆ ଅବସର ନେବାର ଥିବାରୁ ଏହି ସମ୍ଭାବ୍ୟ ୩ଜଣଙ୍କ ମଧ୍ୟରୁ ଜଣଙ୍କୁ ରାଜ୍ୟ ସରକାର ପରବର୍ତ୍ତୀ ପୁଲିସ ଡିଜି ଭାବେ ନିଯୁକ୍ତି ଦେବେ ବୋଲି ଜଣାପଡ଼ିଛି।

# ବନ୍ଧୁ ସାଜିଲା ବଇରୀ



**ତାମିଲନାଡୁ ରାଜନୀତି ଏବେ ପଡୁଛି ଉଠୁଛି । ବିଶେଷକରି ଉଦୟନିଧି ଷ୍ଟାଲିନଙ୍କୁ ପୋଲିସ ଗିରଫ କରିବା ପରେ ଏହାକୁ ନେଇ ଚର୍ଚ୍ଚା ଓ ସମାଲୋଚନା କରାଯାଉଛି । ଦିନେ ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନ ଓ ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ପରସ୍ପର ବନ୍ଧୁଭାବେ ପରିଚିତ ଥିଲେ । ଦୁହେଁ ପିଲାଦିନର ସାଙ୍ଗ ଥିଲେ ଏବଂ ଚେନ୍ନାଇର ପ୍ରତିଷ୍ଠିତ ଲୋୟୋଲା କଲେଜରେ ଏକାଠି ପାଠ ପଢୁଥିଲେ । କିନ୍ତୁ ଅନେକ ବର୍ଷ ପରେ ଯେତେବେଳେ ବିଜୟ ତାମିଲନାଡୁ ମୁଖ୍ୟମନ୍ତ୍ରୀ ପଦବୀ ସମ୍ଭାଳିଲେ ସେତେବେଳେ ବିରୋଧୀ ଦଳ ନେତା ସାଜିଥିଲେ ଉଦୟନିଧି ଏବଂ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ସେ ତାଙ୍କୁ ଆଲିଙ୍ଗନ ମଧ୍ୟ କରିଥିଲେ । କିନ୍ତୁ ଏବେ ରାଜନୀତିର ରଙ୍ଗ ବଦଳିଯାଇଛି । ଉଦୟନିଧି ବିରୋଧୀ ଆସନରେ ଓ ବିଜୟ ଶାସନ ମୁଖ୍ୟ ବନିଛନ୍ତି । ବିଜୟଙ୍କ ବାନ୍ଧବୀ ତ୍ରୀଶାଙ୍କ ସମ୍ପର୍କରେ ଦ୍ୱିଅର୍ଥବୋଧକ ଶବ୍ଦ ବ୍ୟବହାର କରିବା ଓ ଏହାକୁ ରଙ୍ଗ ଦିଆଯାଇ ଉଦୟନିଧିଙ୍କୁ ପୋଲିସ ଗିରଫକରିବା ପରେ ଏବେ ରାଜ୍ୟ ରାଜନୀତି ନୂଆ ରଙ୍ଗ ନେଇଛି ।**

ସୁଶାନ୍ତ କୁମାର ଦାସ

ଡିଏମକେ ନେତା ତଥା ବିଧାନସଭାର ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନ୍‌ଙ୍କୁ ଗିରଫ କରିଥିଲା ତାମିଲନାଡୁ ପୁଲିସ । ଏହାର କିଛି ଘଣ୍ଟା ପରେ ହିଁ ତାଙ୍କୁ ଜାମିନ ମଧ୍ୟ ମିଳିଯାଇଥିଲା । ଲୋକପ୍ରିୟ ଅଭିନେତ୍ରୀ ତ୍ରିଶା କୃଷ୍ଣନ୍ ଏବଂ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କ ବିରୋଧରେ ଆପତ୍ତିଜନକ ତଥା ଦ୍ୱିଅର୍ଥବୋଧକ କମେଣ୍ଟ ଦେବା ଅଭିଯୋଗରେ ଚେନ୍ନାଇସ୍ଥିତ ତାଙ୍କ ବାସଭବନରୁ ପୁଲିସ ତାଙ୍କୁ ହାଜତକୁ ଟାଣି ନେଇଥିଲା । ତେବେ ଏହାକୁ ନେଇ ଅଭିନେତ୍ରୀ ତ୍ରିଶା ଏବଂ ଥାଲାପଥି ବିଜୟଙ୍କ ପ୍ରତିକ୍ରିୟା ଆସିନଥିବା ବେଳେ ଅନେକ ଦିନରୁ ଚାଲିଥିବା ଶୀତଳ ଯୁଦ୍ଧ ପୁଣିଥରେ ମୁଣ୍ଡ ଟେକିଛି ବୋଲି କହିଲେ କିଛି ଭୁଲ୍ ହେବନି । କାରଣ ରାଜନୀତିରେ ପାଦ ଥାପିବା ପୂର୍ବରୁ ବିଜୟ ଏବଂ ଉଦୟନିଧିଙ୍କ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଥିଲା । କ୍ୟାରିୟର୍ କଥା ଯଦି କହିବା ବିଜୟ ଚଳଚ୍ଚିତ୍ରରେ କ୍ୟାରିୟର ଗଢ଼ିବା ପାଇଁ ପାଠପଢ଼ା ଅଧାରୁ ଛାଡ଼ି ଦେଇଥିଲେ ଏବଂ ବୟସରେ ୩ ବର୍ଷ ସାନ ଉଦୟନିଧି ନିଜର ଶିକ୍ଷା ସମାପ୍ତ କରିଥିଲେ । ପରବର୍ତ୍ତୀ ସମୟରେ ବିଜୟ ସିନେମା ଜଗତର ସୁପରଷ୍ଟାର୍ ହୋଇଗଲେ, ମାତ୍ର ଉଦୟନିଧି ପ୍ରାଥମିକ ସମୟରେ ଲାଇମଲାଇଟ୍‌ରୁ ଦୂରରେ ଥିଲେ ।

## ଏକାଠି କରିଥିଲେ ଫିଲ୍ମ ଉଦୟନିଧି ଓ ବିଜୟ

୨୦୦୮ରେ ଯେତେବେଳେ ଉଦୟନିଧି 'ରେଡ୍ ଜାଏଣ୍ଟ ଫିଲ୍ମସ' ବ୍ୟାନରରେ ଚଳଚ୍ଚିତ୍ର ପ୍ରଯୋଜନା କ୍ଷେତ୍ରରେ ପ୍ରବେଶ କଲେ ସେତେବେଳେ ତାଙ୍କର ପ୍ରଥମ ସିନେମା ଥିଲା ବିଜୟଙ୍କ ଅଭିନୀତ 'କୁରୁଭି' । ଶୁଣିବାକୁ ମିଳେ ଯେ, ବିଜୟଙ୍କ ପ୍ରେରଣାରେ ହିଁ ଉଦୟନିଧି ପ୍ରଯୋଜକ ହୋଇଥିଲେ ।



ଯଦିଓ ଏହି ଚଳଚ୍ଚିତ୍ରଟି ସେହିବର୍ଷ ଭଲ ଆୟ କରିଥିଲା, କିନ୍ତୁ ବିଜୟଙ୍କ ପୂର୍ବଫିଲ୍ମ ଭଳି ବ୍ଲକବଷ୍ଟର ହୋଇପାରି ନଥିଲା । ଏହା ପରେ ଦୁହିଁଙ୍କ ମଧ୍ୟରେ ଆଉ କୌଣସି ସିନେମା ନିର୍ମାଣ ହୋଇନଥିଲା । ତା'ପରେ ୨୦୨୩ରେ ଏକ ସାକ୍ଷାତକାରରେ ଉଦୟନିଧି ଏହି ଦୂରତାର ରହସ୍ୟ ଉପରୁ ପରଦା ହଟାଇ କହିଥିଲେ 'ବିଜୟ ସହଜରେ କାହା ସହ ବନ୍ଧୁତା କରନ୍ତି ନାହିଁ । କିନ୍ତୁ ଯାହା ସହ କରନ୍ତି ତାଙ୍କର ବହୁତ ନିକଟତର ହୋଇଯାନ୍ତି । 'କୁରୁଭି' ରିଲିଜ୍ ପରେ କିଛି ଲୋକ ଆମ ମଧ୍ୟରେ ଭୁଲ ବୁଝାମଣା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ, ଯେଉଁଥିପାଇଁ ଆମେ ପ୍ରାୟ ଦୁଇବର୍ଷ କଥାବାର୍ତ୍ତା ବନ୍ଦ କରିଦେଇଥିଲୁ । ପରେ ଆମେ ଏକାଠି ବସି ସବୁ ସମସ୍ୟାର ସମାଧାନ କଲୁ ଏବଂ ପୁଣି ବନ୍ଧୁତା ସ୍ଥାପନ କଲୁ କିନ୍ତୁ ଆମ ଭିତରେ ସବୁବେଳେ ଏକ ସମ୍ମାନଜନକ ଦୂରତା ବଜାୟ ରହିଥିଲା । ଏହା ପୂର୍ବରୁ ୨୦୧୨ରେ ଯେତେବେଳେ ଉଦୟନିଧି ଅଭିନୟ ଦୁନିଆରେ ପାଦ ଥାପିଲେ ସେତେବେଳେ ଟ୍ୱିଟରରେ ଜଣେ ପ୍ରଶଂସକ ତାଙ୍କୁ ପଚାରିଥିଲେ କି ସେ କଣ ବିଜୟଙ୍କ ସହ ପ୍ରତିଯୋଗିତା କରିବାକୁ ସିନେମାକୁ ଆସିଛନ୍ତି ? ସେତେବେଳେ ଉଦୟନିଧି ବହୁତ ସୁନ୍ଦର ଉତ୍ତର ଦେଇ ଲେଖିଥିଲେ, 'ଥାଲାପାଥିଙ୍କ ସହ ପ୍ରତିଯୋଗିତା କରିବା ଭଳି ମୂର୍ଖ ମୁଁ ନୁହେଁ ।' ତେବେ ବିଜୟଙ୍କୁ ନେଇ ଏକଦା ଏଭଳି ମନ୍ତବ୍ୟ ଦେଇଥିବା ଉଦୟନିଧି ବର୍ତ୍ତମାନ ଶହ ଶହ ଲୋକଙ୍କ ଆଗରେ ତାଙ୍କୁ ଏବଂ ଅଭିନେତ୍ରୀ ତ୍ରିଶାଙ୍କୁ ଅଶାଳୀନ ମନ୍ତବ୍ୟ ଦେଇ କ'ଣ ପ୍ରମାଣିତ କରିବାକୁ ଚାହୁଛନ୍ତି ତାହା ସମୟ ହିଁ କହିବ ।

## ବିଜୟଙ୍କୁ ଉଦୟନିଧିଙ୍କ ସମାଲୋଚନା

ଉଦୟନିଧି ଘୋଷଣା କରିଛନ୍ତି ଯେ ଯଦି ତାଙ୍କୁ କୃଷକମାନଙ୍କ ପାଇଁ ଲଢ଼ିବା ପାଇଁ ଗିରଫଦାରୀର ସମ୍ମୁଖୀନ ହେବାକୁ ପଡ଼େ, ତେବେ ସେ ଶହେ ଥର ଗିରଫ ହେବାକୁ ପ୍ରସ୍ତୁତ । ସେ ତାଙ୍କ ଗିରଫଦାରୀ ବିରୁଦ୍ଧରେ ପ୍ରତିବାଦ କରିଥିବା ଡିଏମକେ କର୍ମୀ ଏବଂ ଅନ୍ୟାନ୍ୟ ରାଜନୈତିକ ଦଳଗୁଡ଼ିକୁ ମଧ୍ୟ କୃତଜ୍ଞତା ଜଣାଇଥିଲେ । 'ସୋଫା-ମଡେଲ' ସରକାର କୃଷକଙ୍କ ଦୁର୍ଦ୍ଦଶା ଦୂର କରିବାରେ ବିଫଳ ହୋଇ ପ୍ରକୃତ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ମୋତେ ଗିରଫ କରିଛି । ସେମାନେ ଶାସକ ଦଳର ଦୁର୍ବ୍ୟବହାରକାରୀ 'ଯୋଦ୍ଧା'ମାନଙ୍କୁ ବ୍ୟବହାର କରି ମୋ ବିରୁଦ୍ଧରେ ମିଥ୍ୟା ପ୍ରଚାର କରିଥିଲେ, ସେମାନେ ଦାବି କରିଥିଲେ ଯେ ମୁଁ ତାଞ୍ଜାଭୁରରେ ଏକ ପ୍ରତିବାଦ ସମୟରେ ଅନୁପଯୁକ୍ତ ଭାଷା ବ୍ୟବହାର କରିଥିଲି । ମିଥ୍ୟା ମାମଲା ରୁଜୁ କରି ମୋର ଗିରଫଦାରୀ କରାଗଲା, ହେଲେ ମୁଁ ପୋଲିସ ଭୟରେ ପଳାଇ ନାହିଁ । କରୁରରେ ୪୧ ଜଣଙ୍କ ମୃତ୍ୟୁ ପରେ ଗିରଫଦାରୀ ଭୟରେ ବିଜୟ ପଳାଇ ଯାଇଥିଲେ । ସେ ପୀଡିତ ପରିବାରଙ୍କୁ ଭେଟି ନଥିଲେ କିମ୍ବା ଗଣମାଧ୍ୟମର ସାମ୍ନା ମଧ୍ୟ କରି ନଥିଲେ ।

## ଗିରଫଦାରୀ ଏଡ଼ାଇବାକୁ ପୋଲିସ ସହ ହାଇଡ୍ରାମା

ଚେନ୍ନାଇ ସ୍ଥିତ ଉଦୟନିଧିଙ୍କ ବାସଭବନରେ ଦେଖିବାକୁ ମିଳିଥିଲା ହାଇଡ୍ରାମା । ଉଦୟନିଧିଙ୍କ ପତ୍ନୀ କୃତିକା ଏବଂ ପୁଲିସଙ୍କ ମଧ୍ୟରେ ହୋଇଥିବା ଯୁକ୍ତିତର୍କର ଭିଡିଓ ଏବେ ସୋସିଆଲ ମିଡିଆରେ ନିଆଁ ଭଳି ଭାଇରାଲ ହେବାରେ ଲାଗିଛି । ଗିରଫ ଲାଗି ତାମିଲନାଡୁ ପୁଲିସ ଉଦୟନିଧିଙ୍କ ନୀଳାଙ୍କରାଇ ସ୍ଥିତ ଘରେ ପହଞ୍ଚିଥିଲା, ସେତେବେଳେ ପରିସ୍ଥିତି ଆଉଟ୍ ଅଫ୍ କଣ୍ଟ୍ରୋଲ୍ ହୋଇଥିଲା । ସେଠାରେ ଡିଏମକେର ବହୁ ବରିଷ୍ଠ ନେତା ପ୍ରମୁଖ ଉପସ୍ଥିତ ଥିଲେ । ଗିରଫଦାରୀକୁ ଫାଙ୍କିବା ପାଇଁ ଘନଘନ ଫୋନ୍‌କଲ୍ କରାଯାଉଥିଲା ଏବଂ ମାଡ୍ରାସ ହାଇକୋର୍ଟରେ ମଧ୍ୟ ତୁରନ୍ତ ହସ୍ତକ୍ଷେପ ପାଇଁ ଆବେଦନ କରାଯାଇଥିଲା । କିନ୍ତୁ ପୁଲିସ ଟିମ୍ ନିଜ ଡ୍ୟୁଟି କରିବାକୁ ଜିଦ୍‌ରେ ଅଟଳ ଥିଲା । ଯେତେବେଳେ ପୁଲିସ ଉଦୟନିଧିଙ୍କୁ ହେପାଜତକୁ ନେବାକୁ ତାଙ୍କ ଘରେ ପହଞ୍ଚିଥିଲା ତାଙ୍କ ପତ୍ନୀ କୃତିକା ଉଦୟନିଧି ପୁଲିସ ଅଧିକାରୀଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ । ପତ୍ନୀ ବାରମ୍ବାର କହୁଥିଲେ, ସେ ଏବେ ଟୟଲେଟ୍‌ରେ ଅଛନ୍ତି, ଦୟାକରି ଆଉ କିଛି ସମୟ ଅପେକ୍ଷା କରନ୍ତୁ । ସେ ପୁଲିସକୁ ବାରମ୍ବାର ମାତ୍ର ୧୦ ମିନିଟ୍ ସମୟ ମାଗୁଥିଲେ । ଏପରିକି ତାଙ୍କ ମା' ପୁଲିସକୁ ଚେତାବନୀ ବି ଦେଇଥିଲେ, ଯଦି ଆପଣ ତାଙ୍କୁ ଗାଧୋଇବା ସମୟରେ ନେଇଯିବେ, ତେବେ ମୁଁ ଏହାର ଭିଡିଓ ରେକର୍ଡିଂ କରିବି, ପରେ ଯାହା ହେବ ମୋତେ ଦୋଷ ଦେବନି । ସେ ଯୁକ୍ତି ବାଢ଼ିଥିଲେ ଯେ, ଏତେ ସକାଳୁ ଥାନାକୁ ନେଲେ କିଛି ଫରକ ପଡ଼ିବ ନାହିଁ ଖାଲି ବାହାରେ ସମର୍ଥକଙ୍କ ଭିଡ଼ ବଢ଼ିବ । ଏତେ ସବୁ ଯୁକ୍ତିତର୍କ ପରେ ପୁଲିସ ଅଧିକାରୀମାନେ କାହାରି କଥା ଶୁଣିବାକୁ ପ୍ରସ୍ତୁତ ନଥିଲେ । ସେ ରୋକ୍‌ଠୋକ୍ କହିଥିଲେ 'ଆମେ ଆଉ ଅଧିକ ସମୟ ଅପେକ୍ଷା କରିପାରିବୁ ନାହିଁ । ଆପଣମାନେ କେତେଥର ୧୦ ମିନିଟ୍ ୧୦ ମିନିଟ୍ କହିବେ ଏହା ଆମର ଡ୍ୟୁଟି । ଆମେ କୌଣସି ଆଇନ ଉଲ୍ଲଂଘନ କରୁନାହୁଁ ତେଣୁ ଆମକୁ ଆମ କାମ କରିବାକୁ ଦିଅନ୍ତୁ ।

## କାଳହେଲା ଭିଡିଓରେ ତ୍ରୀଶାଙ୍କୁ ଅଶ୍ଳୀଳ ଇଙ୍ଗିତ

ଉଦୟନିଧିଙ୍କ ଗିରଫ ପଛର କାରଣ ହେଉଛି ମାତ୍ର ୨୨ ମିନିଟର ଭିଡିଓ । ଅଗଷ୍ଟ ୩ରେ କାବେରୀ ଜଳ ବିବାଦକୁ ନେଇ ଆୟୋଜିତ ଏକ ବିକ୍ଷୋଭ ସମାବେଶରେ ଉଦୟନିଧି ଭାଷଣ ଦେଉଥିଲେ । ସେହି ସମୟରେ ଭିଡ଼ ମଧ୍ୟରୁ କିଛି ଲୋକ ଲୋକପ୍ରିୟ ଅଭିନେତ୍ରୀ ତ୍ରିଶାଙ୍କ ନାଁ ଧରି ନାରାବାଜି କରିବାରୁ ଉଦୟନିଧି ଅଶ୍ଳୀଳ ଇଙ୍ଗିତ ଥିବା ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ମହିଳା ଅଧିକାର କର୍ମୀ ଏବଂ ବିଜେପି ସମେତ ବିରୋଧୀ ଦଳଗୁଡ଼ିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଜାତୀୟ ମହିଳା କମିଶନରେ ମଧ୍ୟ ଅଭିଯୋଗ ହୋଇଥିଲା । ଶେଷରେ ସବୁ ଡ୍ରାମା ଓ ଟାଳଟୁଳ ନୀତି ଫେଲ୍ ମାରିବା ପରେ ପୁଲିସ ଉଦୟନିଧି ଷ୍ଟାଲିନଙ୍କୁ ଗିରଫ କରି ଥାଞ୍ଜାଭୁର ଇଷ୍ଟ ପୁଲିସ ଷ୍ଟେସନକୁ ନେଇଥିଲା । ଗୋଟିଏ ପଟେ ଏହି ଘଟଣାକୁ ନେଇ ତାମିଲନାଡୁ ରାଜନୀତି ସରଗରମ ଥିବାବେଳେ ଅନ୍ୟପଟେ ପୁଲିସ ଓ ନେତାଙ୍କ ପରିବାର ମଧ୍ୟରେ ହୋଇଥିବା ଏହି କଥା କଟାକଟିର ଭିଡିଓ ଏବେ ଜବରଦସ୍ତ ଭାଇରାଲ ହେବାରେ ଲାଗିଛି ।

## ଉଦୟନିଧିଙ୍କ ୨୦ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି

ଆଇନଗତ ଜଟିଳତା ମଧ୍ୟରେ ଉଦୟନିଧି ଷ୍ଟାଲିନ୍‌ଙ୍କ ସମ୍ପତ୍ତିର ଆକଳନ ଲୋକଙ୍କ ଧ୍ୟାନ ଆକର୍ଷଣ କରୁଛି । ନିର୍ବାଚନ ଆୟୋଗଙ୍କୁ ଦେଇଥିବା ଆନୁଷ୍ଠାନିକ ନାମାଙ୍କନ ଆଫିଡେଭିଟ୍ ଅନୁସାରେ ଉଦୟନିଧି ଷ୍ଟାଲିନ୍ ନିଜର ମୋଟ ସମ୍ପତ୍ତି ୨୦.୬୪ କୋଟି ଟଙ୍କା ଘୋଷଣା କରିଛନ୍ତି । ତାଙ୍କର ଏହି ସମ୍ପତ୍ତି ତାଙ୍କ ପିତା ଏମ୍.କେ. ଷ୍ଟାଲିନ୍‌ଙ୍କ ଦ୍ୱାରା ନିଜ ନିର୍ବାଚନୀ ଆଫିଡେଭିଟ୍‌ରେ ଘୋଷଣା କରାଯାଇଥିବା ୬.୨୫ କୋଟି ଟଙ୍କାର ସମ୍ପତ୍ତି ତୁଳନାରେ ତିନି ଗୁଣରୁ ଅଧିକ । ରିପୋର୍ଟ ଅନୁସାରେ, ତାଙ୍କର ମୋଟ ସମ୍ପତ୍ତିରେ ୧୨.୯୨ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ଏବଂ ପ୍ରାୟ ୭.୭୨ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ସ୍ଥାବର ସମ୍ପତ୍ତି ଉପରେ ୪୨.୯୨ ଲକ୍ଷ ଟଙ୍କାର ନିର୍ମିତ କୋଠାବାଡ଼ି (ଗୃହ) ମଧ୍ୟ ନଥିଭୁକ୍ତ ଅଛି । ରିପୋର୍ଟରୁ ଜଣାପଡ଼ିଛି ଯେ ଉଦୟନିଧି ଷ୍ଟାଲିନ୍‌ଙ୍କ ପାଖରେ ଦାମୀ ଗାଡ଼ି ଏବଂ ବ୍ୟାଙ୍କ ବାଲାନ୍ସର ଭଲ କଲେକ୍ସନ୍ ରହିଛି । ତାଙ୍କ ପାଖରେ ପ୍ରାୟ ୧ କୋଟି ଟଙ୍କାର ବିଳାସପୂର୍ଣ୍ଣ ଲ୍ୟାଣ୍ଡ୍ ରୋଭର୍ ଡିଫେଣ୍ଡର୍ ଏବଂ ପ୍ରାୟ ୨୩ ଲକ୍ଷ ଟଙ୍କା ମୂଲ୍ୟର ଟୟୋଟା ଇନୋଭା କାର୍ ରହିଛି । ନଗଦ ଟଙ୍କା ଏବଂ ବ୍ୟାଙ୍କ ଖାତା କଥା କହିଲେ, ତାଙ୍କ ପାଖରେ ନଗଦ ୫୦,୦୦୦ ଟଙ୍କା ଥିବା ବେଳେ ବିଭିନ୍ନ ସଞ୍ଚୟ ଖାତାରେ ପ୍ରାୟ ୨୩ ଲକ୍ଷ ଟଙ୍କା ଜମା ଅଛି । ତାଙ୍କ ପାଖରେ ଚେନ୍ନାଇ ଅଞ୍ଚଳରେ ୧୦.୪୭ ଏକର କୃଷି ଜମି ରହିଛି । ଏହି ଚାଷ ଜମି ବ୍ୟତୀତ ତାଙ୍କ ପାଖରେ ଚେନ୍ନାଇର ପ୍ରମୁଖ ଏବଂ ଦାମୀ ଅଞ୍ଚଳ ଭେଲାଚେରୀରେ ୨,୪୦୦ ବର୍ଗଫୁଟ୍‌ର ଘର ରହିଛି ।

## ଫିଲ୍ମ, ଆକ୍ଟିଂ ଓ ବିଜନେସ ଥିଲା ଆୟଉତ୍ସ

ରାଜନୀତିକୁ ଆସିବା ପୂର୍ବରୁ ଏବଂ ରାଜନୀତି ସମୟରେ ମଧ୍ୟ ଉଦୟନିଧି ଷ୍ଟାଲିନ୍‌ଙ୍କ ରୋଜଗାରର ମୁଖ୍ୟ ମାଧ୍ୟମ ତାମିଲ୍ ସିନେମା ଜଗତ ରହିଆସିଛି । ତାଙ୍କର ଆର୍ଥିକ ପ୍ରକାଶନ ଅନୁସାରେ ସେ ମୁଖ୍ୟତଃ ଫିଲ୍ମ ପ୍ରୋଡକ୍ସନ୍, ଫିଲ୍ମ ଡିଷ୍ଟ୍ରିବ୍ୟୁସନ୍, ଆକ୍ଟିଂ ଏବଂ ବିଜନେସ୍ ଇନ୍‌ଭେଷ୍ଟମେଣ୍ଟରୁ ଟଙ୍କା ରୋଜଗାର କରନ୍ତି । ତାଙ୍କ ଆୟର ସବୁଠାରୁ ବଡ଼ ଏବଂ ପ୍ରମୁଖ ମାଧ୍ୟମ ହେଉଛି ତାଙ୍କର ନିଜସ୍ୱ ଫିଲ୍ମ ନିର୍ମାଣ ଏବଂ ବଣ୍ଟନ କମ୍ପାନୀ 'ରେଡ୍ ଜାୟାଣ୍ଟ ମୁଭିଜ୍' । ସେ ଏହି କମ୍ପାନୀର ଶୁଭାରମ୍ଭ ୨୦୦୮ ମସିହାରେ କରିଥିଲେ । ଫିଲ୍ମ ନିର୍ମାଣ ସହିତ ଉଦୟନିଧି ଅନେକ ତାମିଲ୍ ଫିଲ୍ମରେ ମୁଖ୍ୟ ନାୟକ ଭାବେ କାମ କରିଛନ୍ତି । ହେଲେ ରାଜନୀତିରେ ସମ୍ପୂର୍ଣ୍ଣ ସକ୍ରିୟ ହେବା ଏବଂ ବିଧାୟକ/ମନ୍ତ୍ରୀ ହେବା ପରେ ସେ ଫିଲ୍ମରେ ଅଭିନୟ କରିବା ଛାଡ଼ିଦେଲେ । ବର୍ତ୍ତମାନ ତାଙ୍କ ଆୟର ଅନ୍ୟାନ୍ୟ ମାଧ୍ୟମଗୁଡ଼ିକ ମଧ୍ୟରେ ବ୍ୟାଙ୍କରେ ଜମା ରାଶିରୁ ମିଳୁଥିବା ସୁଧ, କମ୍ପାନୀଗୁଡ଼ିକରୁ ମିଳୁଥିବା ଲାଭାଂଶ, କୃଷି ଜମିରୁ ହେଉଥିବା ଆୟ ଏବଂ ବିଧାୟକ କିମ୍ବା ମନ୍ତ୍ରୀ ଭାବେ ମିଳୁଥିବା ଆନୁଷ୍ଠାନିକ ସରକାରୀ ଦରମା ଅନ୍ତର୍ଭୁକ୍ତ ।





# ବ୍ଲକ ମୁଖ୍ୟାଳୟରେ ମୃତକଙ୍କୁ ମିଳୁନି ଶେଷ ସମ୍ମାନ

## ରାତିସାରା ବାରଣ୍ଡାରେ ପଡ଼ିରହିଲା ଶବ

**ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ:** ଖପ୍ରାଖୋଲ ଥାନା ଅନ୍ତର୍ଗତ ଧଣ୍ଡାମୁଣ୍ଡା ପଞ୍ଚାୟତର ଶାନ୍ତିପୁର ଗ୍ରାମରେ ଶୁକ୍ରବାର ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ପରେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ପ୍ରତି ଅବ୍ୟବସ୍ଥାର ଆଉ ଏକ ଚିତ୍ର ସାମ୍ନାକୁ ଆସିଛି। ବ୍ଲକ ମୁଖ୍ୟାଳୟରେ ଥିବା ଏହି ଡାକ୍ତରଖାନାରେ ଆଜି ପର୍ଯ୍ୟନ୍ତ ଶବଗୃହ ନିର୍ମାଣ ହୋଇନଥିବାରୁ ମୃତଦେହକୁ ରାତିସାରା ହସ୍ପିଟାଲ ବାରଣ୍ଡାରେ ରଖିଥିବାରୁ ବର୍ଷା ପାଣି ଛିଟିକି ମୃତଦେହ ଭିଜିଥିବା ଅଭିଯୋଗ ହୋଇଅଛି । ଏହି ଘଟଣା ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳତା ସହ ପ୍ରଶାସନିକ ଉଦାସୀନତାକୁ ମଧ୍ୟ ପଦାରେ ପକାଇଛି। ସୂଚନା ଅନୁଯାୟୀ, ଶାନ୍ତିପୁର ଗ୍ରାମର ବିଜୟ ପୁଟେଲ (୪୬) ଶୁକ୍ରବାର ଅପରାହ୍ନରେ ବିଲ ପଟକୁ ଯାଇ ଫେରିବା ସମୟରେ ସ୍ଥାନୀୟ ପୋଖରୀକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଶେଷରେ ପୋଖରୀରେ ତାଙ୍କ ମୃତଦେହ ଥିବା ଦେଖିବାକୁ ପାଇଥିଲେ। ପରେ ପରିବାର ଲୋକେ ମୃତଦେହକୁ ପୋଖରୀରୁ ଉଦ୍ଧାର କରି ଅଗ୍ନିଶମ ବିଭାଗ ଓ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ତେବେ ସନ୍ଧ୍ୟା ହୋଇଯାଇଥିବାରୁ ଶୁକ୍ରବାର ଶବ ବ୍ୟବଚ୍ଛେଦ ହୋଇପାରିନଥିଲା। ଫଳରେ ମୃତଦେହକୁ ରାତିସାରା ହସ୍ପିଟାଲର ବାରଣ୍ଡାରେ ରଖିବାକୁ ପଡ଼ିଥିଲା। ଘଟଣାର ଅଧିକ ତଦନ୍ତ ଚାଲିଥିବାବେଳେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଖପ୍ରାଖୋଲ ଏସ୍ ଆଇ ଲିଙ୍ଗରାଜ କିଷାନ ସୂଚନା ଦେଇଛନ୍ତି। ଘଟଣାର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ଖପ୍ରାଖୋଲ ଏକ ବ୍ଲକ ମୁଖ୍ୟାଳୟ ହୋଇଥିଲେ ମଧ୍ୟ ଏଠାକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ପର୍ଯ୍ୟନ୍ତ ଏକ ଶବଗୃହର ବ୍ୟବସ୍ଥା ହୋଇନାହିଁ। ଫଳରେ ଦୁର୍ଘଟଣା, ଅସ୍ୱାଭାବିକ ମୃତ୍ୟୁ କିମ୍ବା ଅନ୍ୟାନ୍ୟ ଘଟଣାରେ ଆସୁଥିବା ମୃତଦେହକୁ ବେଳେବେଳେ ହସ୍ପିଟାଲ ବାରଣ୍ଡାରେ, ତ କେତେବେଳେ ଗାଡ଼ି ଭିତରେ ରାତିସାରା ରଖାଯାଉଥିବା ଅଭିଯୋଗ ହେଉଛି। ଜୀବିତ ରୋଗୀଙ୍କ ଚିକିତ୍ସା ପାଇଁ ହସ୍ପିଟାଲ ଆବଶ୍ୟକ, କିନ୍ତୁ ମୃତ୍ୟୁ ପରେ ଜଣେ ମଣିଷଙ୍କୁ ଶେଷ ସମ୍ମାନ ଦେବା ପାଇଁ ମଧ୍ୟ ଏକ ନିରାପଦ ଓ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ଆବଶ୍ୟକ। କିନ୍ତୁ ଖପ୍ରାଖୋଲରେ ମୃତଦେହ ପାଇଁ ଶବଗୃହ ନଥିବା ଘଟଣା ପ୍ରଶାସନର ଅସମ୍ବେଦନଶୀଳତାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି। କୋଟି କୋଟି ଟଙ୍କାର ବିକାଶ ଯୋଜନା, ବଡ଼ ବଡ଼ ଘୋଷଣା ଓ ସ୍ୱାସ୍ଥ୍ୟସେବାର ଉନ୍ନତି ନେଇ ପ୍ରଶାସନ ଦାବି କରୁଥିବାବେଳେ ଏକ ବ୍ଲକ ମୁଖ୍ୟାଳୟର ଡାକ୍ତରଖାନାରେ ଶବ ରଖିବା ପାଇଁ ମଧ୍ୟ ଘରଟିଏ ନଥିବା କେତେ ବଡ଼ ବିଡ଼ମ୍ବନା ! ମୃତଦେହକୁ ବାରଣ୍ଡା କିମ୍ବା ଗାଡ଼ିରେ ରଖିବା କେବଳ ଅବ୍ୟବସ୍ଥା ନୁହେଁ, ଏହା ମୃତକ ଓ ତାଙ୍କ ପରିବାର ପ୍ରତି ମର୍ଯ୍ୟାଦାର ପ୍ରଶ୍ନ। ସ୍ଥାନୀୟ ଲୋକଙ୍କ ପ୍ରଶ୍ନ—ଖପ୍ରାଖୋଲ ଭଳି ବ୍ଲକ ମୁଖ୍ୟାଳୟରେ ଏକ ଶବଗୃହ ନିର୍ମାଣ ପାଇଁ ଆଉ କେତେ ମୃତଦେହକୁ ବାରଣ୍ଡାରେ ରାତି କାଟିବାକୁ ପଡ଼ିବ ? ମୃତକଙ୍କୁ ଜୀବନ ଫେରାଇ ଦେଇହେବ ନାହିଁ, କିନ୍ତୁ ଅନ୍ତତଃ ତାଙ୍କ ମୃତଦେହକୁ ମର୍ଯ୍ୟାଦା ଦେବାର ଦାୟିତ୍ୱ ତ ପ୍ରଶାସନର ରହିଛି । ତେଣୁ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଶବଗୃହ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।



**ଶବ ପାଇଁ ଶବଗୃହ ନାହିଁ, ବାରଣ୍ଡା ହିଁ ଭରସା**

# ଚୋରାକାଠ ସହ ଗାଡ଼ି ଜବତ

**କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧୀନସ୍ଥ ମ.ରାମପୁର ରେଞ୍ଜରେ କାଠ ଚୋରା ଚାଲାଣ ବେଳେ କାଠ ସହ ଗାଡି ଜବତ ହୋଇଥିବା ବେଳେ ଜଣେ ଗିରଫ ହୋଇଥିବା ଜଣାଯାଇଛି। ପ୍ରାପ୍ତ ସୂଚନା ମୁତାବକ ମ.ରାମପୁର ରେଞ୍ଜର ଅଇଁଲାପାଲି ଚାରିଛକଠାରୁ କାଠ ଚୋରାଚାଲାଣ ହେଉଥିଲା। ବିଶ୍ୱସ୍ତ ସୂତ୍ରରୁ ବନ ବିଭାଗ ଖବର ପାଇ ଚ଼ଢାଉ କରି ଏକ ମାରୁତି ସୁଜୁକି ଗାଡି (ନଂ ଓଡି ୩୧୫୩୬୪) ରେ ୪୧ ଖଣ୍ଡ ଶାଗୁଆନ କାଠ ଚୋରା ଚାଲାଣ ହେଉଥିବାବେଳେ ଧରାପଡିଛି। ଏହି ଚାଲାଣରେ ସଂପୃକ୍ତ କେସିଙ୍ଗା ଥାନା ମୁସ୍କୁଟି ଗ୍ରାମର ଉମାକାନ୍ତ ସାହୁ (୨୯)ଙ୍କୁ କେସ ନଂ ଓଆର୍ ୧୨୭ ଏମ ଆର୍ ୨୬/୨୭ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଅତିରିକ୍ତ ବନ ସଂରକ୍ଷକ ଅସିତ କୁମାର ଦାଶଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉରେ ମ.ରାମପୁର ବନପାଳ ଦୀପକ ସା, ବନରକ୍ଷ ସସ୍ମିତା ନାଏ ନାଏକ ପ୍ରମୁଖ ସାମିଲ ଥିଲେ। ଏଠାରେ ସୂଚନା ଥାଉ କି ଗତ ବର୍ଷ ମଧ୍ୟ ଅଇଁଲାପାଲି ଛକଠାରୁ ଏକ ବଡ ଧରଣର କାଠ ଚୋରାଚାଲାଣକୁ ବନ ବିଭାଗ ଧରିଥିବାବେଳେ ପୁଣି ଥରେ ସଂପୃକ୍ତ ଇଲାକାରୁ କାଠଚୋରା ଚାଲାଣ ଧରିବାରେ ସଫଳ ହୋଇଛି।




## ଜଳଯୋଗାଣ ବିଭାଗରେ ଦୁର୍ନୀତି

# ସାମାନ୍ୟ ବର୍ଷାରେ ଭାଙ୍ଗିଲା ପମ୍ପ୍‌ଘର



**ଦେଓଗାଁ(ଅମୃତ ମିଡିଆ):** ଦେଓଗାଁ ବ୍ଲକରେ ଜଳ ଯୋଗାଣ ବିଭାଗ ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଭାବରେ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇଥିଲା । ନିଯୁକ୍ତି ପାଇଥିବା ଯନ୍ତ୍ରୀ ଠିକାଦାରଙ୍କ ସହ ଗୁପ୍ତ ବୁଝାମଣା କରିଥିବାରୁ କେଉଁଠି ନିର୍ମାଣ ନ ସରି ପାଚେରୀ ଭାଙ୍ଗି ଯାଉଛି ତ ଆଉ କେଉଁଠି ଷ୍ଟାଣ୍ଡ ପୋଷ୍ଟରୁ ଟ୍ୟାପ ଉଭାନ ହୋଇଯାଉଛି ତଥାପି ଜଳ ଯୋଗାଣ ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନଥିବାରୁ ଏବେ ନିର୍ମାଣଧୀନ ପମ୍ପ ଘର ଭାଙ୍ଗିଯାଇଛି ତାହା ପୁଣି ସାମାନ୍ୟ ବର୍ଷାରେ । ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତର ଲକ୍ଷଣପୁର ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ୩୦ଲକ୍ଷ ଟଙ୍କାରେ ଏକ ପ୍ରକଳ୍ପ ନିର୍ମାଣ କରାଯାଉଛି । ପାଇପ ପୋତା କାମ ସରିଥିବା ବେଳେ ପମ୍ପ ହାଉସ ନିର୍ମାଣ କାମ ଚାଲିଥିଲା । ତେବେ ପମ୍ପ ଘରଟି ଢିପରେ ନିର୍ମାଣ ନ କରି ଖାଲରେ ନିର୍ମାଣ କରିଥିବାରୁ କେମିତି କାମ ହୋଇଛି ଏହି ଗୋଟିଏ ଲଘୁଚାପ ବର୍ଷା ଦେଖାଇଦେଇଛି । ତେବେ ଗାଁ ଲୋକେ ଏହି ସ୍ଥାନରେ ନିର୍ମାଣ ନ କରି ଅନ୍ୟ ସ୍ଥାନରେ ଘର ଓ ଟାଙ୍କୀ ନିର୍ମାଣ କରିବାକୁ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କୁ କହିଥିଲେ । ହେଲେ ଗାଁ ଲୋକଙ୍କ କଥାକୁ ନ ଶୁଣି ମଟର ଘରଟି ଦବି ଯାଇ ଏବେ ଭାଙ୍ଗିବାକୁ ବସିଛି । ଜଳଯୋଗାଣ ବିଭାଗର ବ୍ଲକ ଅଫିସରେ ତାଲା ଝୁଲୁଥିବାରୁ ଏନେଇ କନିଷ୍ଠ ଯନ୍ତ୍ରୀ ବନିତା ବେହେରାଙ୍କ ମୋବାଇଲକୁ ଯୋଗାଯୋଗ କଲେ ଫୋନ୍ ରିଂ ହେଉଥିଲେ ବି ଉଠାଉ ନଥିବାରୁ ପ୍ରତିକ୍ରିୟା ସମ୍ଭବ ହୋଇପାରିନାହିଁ । ତେବେ ଦେଓଗାଁ ବିଡ଼ିଓ ପ୍ରିୟ ରଞ୍ଜନ କୁମାରଙ୍କୁ ପଚାରିବାରୁ ପ୍ରକଳ୍ପ ସ୍ଥଳକୁ ଯାଇ ଦେଖିବି ବୋଲି କହିଛନ୍ତି । ଏଣୁ ଏଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଡମ କର୍ଲାଖୁଣ୍ଟା ବିଜେପି ନେତାଙ୍କୁ ହତ୍ୟା ଘଟଣାରେ ୩ ଗିରଫ

# ପୂର୍ବଶତ୍ରୁତାରୁ ହୋଇଥିଲା ହତ୍ୟାକାଣ୍ଡ : ଏସ୍‌ପି



**କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଡମ କର୍ଲାଖୁଣ୍ଟାର ସରପଞ୍ଚ ସ୍ମିତ୍ୱା ରଣାଙ୍କ ସ୍ୱାମୀ ତଥା ଭାଜପା ନେତା ଫକୀର ରଣାଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଅଭିଯୁକ୍ତଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଡମ କର୍ଲାଖୁଣ୍ଟା ଗ୍ରାମର ତୁଳସୀରାମ ସାହୁ (୪୧), ସୁରସିଂ ପାତ୍ର (୩୫) ଓ ଫଟାମୁଣ୍ଡାର ବଳଦେବ ସାହୁ (୨୮)। ସେମାନଙ୍କଠାରୁ ହତ୍ୟାରେ ବ୍ୟବହୃତ ଛୁରି, ବାଇକ୍, ମୋବାଇଲ ଫୋନ ଜବତ କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ହୋଇଥିବା ନେଇ ଶୁକ୍ରବାର ଭବାନୀପାଟଣାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି,ଘଟଣାକୁ ଗୁରୁତ୍ୱର ସହ ନେଇ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା। ବୈଜ୍ଞାନିକ ତଦନ୍ତ, ସାକ୍ଷ୍ୟ ପ୍ରମାଣ ସଂଗ୍ରହ ଓ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଫଳରେ ଅଳ୍ପ ସମୟ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଧରିବା ସମ୍ଭବ ହୋଇଥିଲା। ଆଇନ ଅନୁଯାୟୀ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ଦେବରକୋଣ୍ଡା କହିଛନ୍ତି।

ପ୍ରକାଶ ଯେ, ଗତ ବୁଧବାର ସନ୍ଧ୍ୟା ପ୍ରାୟ ସାଢେ ୭ ଟାରେ ଫକୀର ରଣା ସ୍ଥାନୀୟ ବସ୍ତିରୁ ଶ୍ରମିକଙ୍କୁ ଭେଟି ବାଇକ୍‌ରେ ଘରକୁ ଫେରୁଥିବାବେଳେ ନିକଟରେ ଥିବା ଏକ ପୋଲରେ ଉପରୋକ୍ତ ୩ ଅଭିଯୁକ୍ତ ହତ୍ୟା କରିବା ପାଇଁ ପୂର୍ବରୁ ଛକି ରହିଥିଲେ। ଫକୀର ସେଠାରେ ପହଞ୍ଚିବା ପରେ ହଠାତ୍ ସେମାନେ ଆକ୍ରମଣ କରିଥିଲେ। ଫକୀର ନିଜ ବାଇକ୍‌କୁ ଛାଡ଼ି ରାସ୍ତାରେ ଦୌଡ଼ି ପଳାଉଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ପ୍ରାୟ ଶହେ ମିଟର ଗୋଡ଼ାଇ ଛୁରିରେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଫକୀରଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ମେଡିକାଲକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ହତ୍ୟାକାଣ୍ଡ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଗୁରୁବାର ସକାଳେ ମୃତ ଫକୀରଙ୍କ ସ୍ତ୍ରୀ ସ୍ମିତ୍ୱା ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଏକ ମାମଲା (ନଂ.୧୯୮/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସୀମା ଟପିଲାଣି ଦୁର୍ନୀତି

# ଭିମାଗୁଡ଼ି-କର୍ଲାମୁଣ୍ଡା କଂକ୍ରିଟ ରାସ୍ତା ନିମ୍ନମାନର

**ରିଷିଡା(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** କର୍ଲାମୁଣ୍ଡା ବ୍ଲକରେ ଦୁର୍ନୀତି ଦିନକୁ ଦିନ ସୀମା ଟପୁଥିବା ଅଭିଯୋଗ ହୋଇଛି। ବ୍ଲକ ଅଧିକାରୀଙ୍କ ଦାୟିତ୍ୱହୀନତା ତଥା ଅପାରଗତା ଯୋଗୁ ଠିକାଦାରଙ୍କ ମନମାନି ଚାଲିଥିବା ଅଭିଯୋଗ ଉଠିଛି। ବିଭାଗୀୟ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ଯୋଗୁ ଲକ୍ଷାଧିକ ଟଙ୍କାର ସରକାରୀ ଅର୍ଥ ବ୍ୟର୍ଥ ଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏଭଳି ଏକ ଅଭିଯୋଗ କର୍ଲାମୁଣ୍ଡା ଡୁକେରମାଳ ବସ୍ତିଠାରୁ ଭିମାଗୁଡ଼ି ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତାକୁ ନେଇ ହୋଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କଂକ୍ରିଟ ରାସ୍ତା ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କଂକ୍ରିଟ ରାସ୍ତାରେ ୪ ଇଞ୍ଚ ବାଲି, ୪ ଇଞ୍ଚ ମେଟାଲ ଏବଂ ୪ ଇଞ୍ଚ ଚିପ୍ସ ଢଳେଇ କରାଯିବା ନେଇ ଏଷ୍ଟିମେଟରେ ଉଲ୍ଲେଖ ରହିଛି। କିନ୍ତୁ ଠିକାଦାର କେତେକ ସ୍ଥାନରେ ୨ ଇଞ୍ଚ ଓ ଆଉ କେତେକ ସ୍ଥାନରେ ୩ ଇଞ୍ଚ ମୋଟେଇରେ ମେଟାଲ ନଦେଇ କେବଳ ବାଲି ଓ ଚିପ୍ସରେ ଢଳେଇ କରିଥିବା ଅଭିଯୋଗ ହୋଇଛି। ଠିକାଦାର କଂକ୍ରିଟ ରାସ୍ତା ନିର୍ମାଣ କରୁଥିବା ସମୟରେ ବ୍ଲକର ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଦେଖା ମିଳି ନ ଥିବା ପଡ଼ାର କେତେକ ସାମାଜିକ କର୍ମୀ ଅଭିଯୋଗ କରିଛନ୍ତି। ଯନ୍ତ୍ରୀଙ୍କ ତଦାରଖ ଅଭାବର ସୁଯୋଗ ନେଇ ଠିକାଦାର ନିମ୍ନମାନର କାମ କରି ବିଲ୍ ହାତେଇ ନେବାକୁ ଉଦ୍ୟମ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ମଧ୍ୟ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଦେଖା ମିଳୁ ନ ଥିବା ବେଳେ ତାଙ୍କର ଅନ୍ୟତ୍ର ବଦଳି ହୋଇଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲଗାଇବା ପରିବର୍ତ୍ତେ ନିର୍ମାଣସ୍ଥଳଠାରୁ ପ୍ରାୟ ୬୦୦ ମିଟର ଦୂରରେ ସୂଚନା ଫଳକ ଲଗାଯାଇଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହି ସୂଚନା ଫଳକ ଏକ ଗୁହାଳର କାନ୍ଥରେ ଲଗାଯାଇଥିବା ଅଭିଯୋଗ ହୋଇଛି। ନିୟମ ଅନୁଯାୟୀ ଇଟାରେ ୧୦ ଇଞ୍ଚ ମୋଟେଇରେ ସୂଚନା ଫଳକ ନିର୍ମାଣ କରାଯିବା କଥା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏଥିପାଇଁ ସରକାରୀ ହିସାବରେ ୩,୩୦୦ ଟଙ୍କା ବ୍ୟୟ ବ୍ୟବସ୍ଥା ରହିଥିବା ମଧ୍ୟ ସେମାନେ କହିଛନ୍ତି।





# ହାତୀ ଆକ୍ରମଣରେ ଘର ସମ୍ପୂର୍ଣ୍ଣ ଧ୍ୱଂସ

## ଆହତ ପରିବାରକୁ ୨୦ ଲକ୍ଷ କ୍ଷତିପୂରଣ ଦାବିକଲେ ପୂର୍ବତନ ସାଂସଦ

**ମୁରିବାହାଲ/ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଇଚ୍ଛାପଡ଼ା ଗ୍ରାମପଞ୍ଚାୟତର ସରଗୁଲ ଗ୍ରାମରେ ଗତ ୫ ଅଗଷ୍ଟ ମଧରାତ୍ରୀରେ ଏକ ହାତୀପଲ ଆକ୍ରମଣ କରି ଅନୁସୂଚିତ ଜନଜାତିର ଗରିବ ବ୍ୟକ୍ତି ଲିଙ୍ଗରାଜ ଭୋଇଙ୍କ ବାସଗୃହକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦେଇଛନ୍ତି । ଘରେ ଥିବା ସମସ୍ତ ବାସନକୁସନ, ପୋଷାକ, ଚାଉଳ ଓ ରାସନ ସାମଗ୍ରୀ, ଶଯ୍ୟା, କବାଟ ସହ ସମସ୍ତ ଘରୋଇ ସାମଗ୍ରୀ ନଷ୍ଟ ହୋଇଯାଇଛି । ଆକ୍ରମଣରେ ଲିଙ୍ଗରାଜ ଭୋଇ, ତାଙ୍କ ପତ୍ନୀ ସୁମିତ୍ରା ଭୋଇ ଏବଂ ଦୁଇ ସନ୍ତାନ ମାନସ ଭୋଇ, ମାଧୁରୀ ଭୋଇ ଗୁରୁତର ଆହତ ହୋଇ ବର୍ତ୍ତମାନ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ, ବଲାଙ୍ଗିରରେ ଚିକିତ୍ସାଧୀନ ଅଛନ୍ତି । ଏହି ଘଟଣା ପରେ ପରିବାରଟି ସମ୍ପୂର୍ଣ୍ଣ ଭାବେ ଗୃହହୀନ ହୋଇ ଅତ୍ୟନ୍ତ ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଆଜି ପୂର୍ବତନ ବିଜେଡ଼ି ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ମିଥିଳା ମାଝୀ ଓ ମୁରିବାହାଲ ବ୍ଲକ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ରାଜୀବ କୁଅଁରଙ୍କ ଏବଂ ଆଦିବାସୀ କର୍ମକର୍ତ୍ତା ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ସେମାନେ କ୍ଷୟକ୍ଷତିର ସମୀକ୍ଷା କରି ପରିବାରର ଦୁର୍ଦ୍ଦଶା ପ୍ରତି ଗଭୀର ସମବେଦନା ପ୍ରକାଶ କରିଥିଲେ । ଶ୍ରୀ ବିଶି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀଙ୍କୁ ଚିଠି ଲେଖି ପୀଡ଼ିତ ପରିବାରକୁ ୨୦ ଲକ୍ଷ ଟଙ୍କା ସ୍ୱତନ୍ତ୍ର କ୍ଷତିପୂରଣ, ଘର ପୁନଃନିର୍ମାଣ, ସମ୍ପୂର୍ଣ୍ଣ ପୁନର୍ବାସ, ମାଗଣା ଚିକିତ୍ସା ଓ ତୁରନ୍ତ ରିଲିଫ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି ।

**ନିଯୁକ୍ତି ପ୍ରକ୍ରିୟାରେ ବିଫଳ କି ରାଜ୍ୟ ସରକାର**

# ବର୍ଷ ବର୍ଷ ଧରି ଖାଲିପଡ଼ିଛି ମୁଖ୍ୟପଦବୀ

## ■ ଅତିରିକ୍ତ ଦାୟିତ୍ୱରେ ଚାଲୁଛି ବିଭାଗ

**କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** ରାଜ୍ୟ ସରକାର ସୁଶାସନ, ଦ୍ରୁତ ପ୍ରଶାସନ ଏବଂ ଜନସେବାକୁ ପ୍ରାଥମିକତା ଦେବାର ଦାବି କରୁଥିବା ବେଳେ କଳାହାଣ୍ଡି ଜିଲ୍ଲାର ବାସ୍ତବ ଚିତ୍ର ସେହି ଦାବି ଉପରେ ପ୍ରଶ୍ନ ଉଠାଉଛି। ଜିଲ୍ଲାର ଏକାଧିକ ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଭାଗ ବର୍ଷ ବର୍ଷ ଧରି ସ୍ଥାୟୀ ଅଧିକାରୀ ବିନା ଚାଲୁଥିବା ବେଳେ ଭାରପ୍ରାପ୍ତ (ଇନ୍‌ଚାର୍ଜ) ଅଧିକାରୀଙ୍କ ଉପରେ ସମ୍ପୂର୍ଣ୍ଣ ବ୍ୟବସ୍ଥା ନିର୍ଭରଶୀଳ ହୋଇପଡ଼ିଛି। ଏପରି ସ୍ଥିତିରେ ପ୍ରଶ୍ନ ଉଠୁଛି—ନିଯୁକ୍ତି ପ୍ରକ୍ରିୟାରେ ରାଜ୍ୟ ସରକାର ବିଫଳ କି ? ଜିଲ୍ଲାରେ ଅନେକ ବିଭାଗରେ ସ୍ଥାୟୀ ମୁଖ୍ୟ ଅଧିକାରୀ ନଥିବାରୁ ଅନ୍ୟ ବିଭାଗର ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଫଳରେ ଜଣେ ଅଧିକାରୀଙ୍କୁ ଏକାଧିକ କାର୍ଯ୍ୟାଳୟ ପରିଚାଳନା କରିବାକୁ ପଡୁଛି। ଏହାଦ୍ୱାରା କେବଳ ପ୍ରଶାସନିକ କାର୍ଯ୍ୟରେ ବିଳମ୍ବ ହେଉନାହିଁ, ବରଂ ସାଧାରଣ ଲୋକଙ୍କ ଅଭିଯୋଗର ସମାଧାନ, ଫାଇଲ୍ ଅନୁମୋଦନ ଓ ବିଭାଗୀୟ ନିଷ୍ପତ୍ତି ନେବାରେ ମଧ୍ୟ ପ୍ରଭାବ ପଡୁଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପଦ ଅବସର ପରେ ଖାଲି ରହିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ପଦ ମଧ୍ୟ ଦୀର୍ଘଦିନ ଧରି ଖାଲି ରହିଛି। କଳାହାଣ୍ଡି ଆରଟିଓଙ୍କ ପଦରେ ମଧ୍ୟ ସ୍ଥାୟୀ ଅଧିକାରୀ ନଥିବାରୁ କୋରାପୁଟର ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେ କୋରାପୁଟ ଓ କଳାହାଣ୍ଡି—ଦୁଇଟି ଜିଲ୍ଲାର କାର୍ଯ୍ୟ ସମ୍ଭାଳୁଥିବାରୁ କଳାହାଣ୍ଡିର କାର୍ଯ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ରହିଛି। ସେହିପରି ଜିଲ୍ଲା ମହିଳା ଓ ଶିଶୁ ବିକାଶ ଅଧିକାରୀ, ଡ୍ରଡା ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ମଧ୍ୟ ଭାରପ୍ରାପ୍ତଙ୍କ ଭରସାରେ ଚାଲୁଛି। ଆଶ୍ଚର୍ଯ୍ୟର ବିଷୟ, ଜିଲ୍ଲା ସେଟେଲମେଣ୍ଟ ଅଧିକାରୀଙ୍କ ପଦ ପ୍ରାୟ ଦଶ ବର୍ଷ ଧରି ଖାଲି ରହିଛି। ଏହା ସହ ଥୁଆମୂଳ-ରାମପୁର, ଜୟପାଟଣା ଏବଂ ନର୍ଲା ବ୍ଲକ ଶିକ୍ଷା ଅଧିକାରୀଙ୍କ ପଦ ମଧ୍ୟ ଦୀର୍ଘଦିନ ଧରି ପୂରଣ ହୋଇନାହିଁ। ଏଭଳି ଜଣେ ଅଧିକାରୀଙ୍କୁ ଏକାଧିକ ବିଭାଗର ଦାୟିତ୍ୱ ଦେବା ଦ୍ୱାରା କାର୍ଯ୍ୟର ଗୁଣବତ୍ତା ଓ ଗତି ଉପରେ ପ୍ରଭାବ ପଡ଼ିବା ସ୍ୱାଭାବିକ। କ୍ଷେତ୍ର ପରିଦର୍ଶନ, ଲୋକଙ୍କ ସମସ୍ୟାର ସମାଧାନ, ବିଭାଗୀୟ ସମୀକ୍ଷା ଓ ବିକାଶମୂଳକ କାର୍ଯ୍ୟରେ ଏହାର ପ୍ରଭାବ ପଡୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ତେବେ ଏଠାରେ ଏକ ବଡ଼ ପ୍ରଶ୍ନ ମଧ୍ୟ ଉଠୁଛି। ରାଜ୍ୟ ସରକାର ବିଭିନ୍ନ ସମୟରେ ହଜାର ହଜାର ପଦବୀ ପୂରଣ ଓ ନୂଆ ନିଯୁକ୍ତିର ଘୋଷଣା କରୁଥିବା ବେଳେ କଳାହାଣ୍ଡି ଭଳି ଜିଲ୍ଲାର ଏତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦ କାହିଁକି ଖାଲି ପଡ଼ିରହିଛି ? ଅବସର, ବଦଳି କିମ୍ବା ଇସ୍ତଫା ପରେ ସମୟମତେ ସ୍ଥାୟୀ ନିଯୁକ୍ତି କାହିଁକି କରାଯାଉନାହିଁ ? ଏହା ପ୍ରଶାସନିକ ଅବହେଳା, ନା ନିଯୁକ୍ତି ପ୍ରକ୍ରିୟାର ମନ୍ଥର ଗତିର ପରିଣାମ ? ଏହି ପ୍ରଶ୍ନର ଉତ୍ତର ସରକାରଙ୍କୁ ସ୍ପଷ୍ଟ କରିବାକୁ ପଡ଼ିବ। ତେବେ ଏହି ରିପୋର୍ଟରେ ଉଲ୍ଲେଖିତ ତଥ୍ୟରୁ ରାଜ୍ୟ ସରକାର 'ବିଫଳ' ବୋଲି ନିଶ୍ଚିତ ନିଷ୍କର୍ଷ ଟାଣିହେବ ନାହିଁ। କିନ୍ତୁ ଦୀର୍ଘ ସମୟ ଧରି ପଦବୀ ଖାଲି ରହିବା ଏବଂ ଭାରପ୍ରାପ୍ତ ବ୍ୟବସ୍ଥା ଉପରେ ନିର୍ଭରତା ବଢ଼ିବା ନିଶ୍ଚିତ ଭାବେ ପ୍ରଶାସନିକ କାର୍ଯ୍ୟଦକ୍ଷତା ଓ ନିଯୁକ୍ତି ପ୍ରକ୍ରିୟାକୁ ନେଇ ପ୍ରଶ୍ନ ସୃଷ୍ଟି କରୁଛି।

ସାଧାରଣ ଲୋକ ଓ ବୁଦ୍ଧିଜୀବୀଙ୍କ ଦାବି ହେଉଛି, କଳାହାଣ୍ଡି ଜିଲ୍ଲାର ସମସ୍ତ ଖାଲି ପଡ଼ିଥିବା ମୁଖ୍ୟ ପଦବୀକୁ ଶୀଘ୍ର ସ୍ଥାୟୀ ଅଧିକାରୀଙ୍କ ଦ୍ୱାରା ପୂରଣ କରାଯାଉ। ତାହା ହେଲେ ପ୍ରଶାସନିକ କାର୍ଯ୍ୟରେ ଗତି ଆସିବା ସହ ସରକାରୀ ସେବା ଅଧିକ ଦକ୍ଷତାର ସହ ଜନସାଧାରଣଙ୍କ ପାଖରେ ପହଞ୍ଚିପାରିବ।



## ସମ୍ପାଦକୀୟ...

# ଆକ୍ରମଣାତ୍ମକ ଆଭିମୁଖ୍ୟ

କେଉଁଏକ ଅଜଣା ବିପଦରେ ଅତ୍ୟନ୍ତ ଆଶଙ୍କିତ ଆମେରିକା। ବିଶ୍ୱର ଏକନମ୍ବର ରାଷ୍ଟ୍ର ବୋଲାଉଥିବା ଆମେରିକାର ଏପରି ଦଶା ବି ହୋଇପାରେ, ଯାହା କେହି ବି କେବେ ହୁଏତ ଭାବିନଥିବେ। କେବେ କେବେ ଏମିତି ବି ହୁଏ। ତେବେ ବିଶ୍ୱର ଗୋଟାଏ ସର୍ବାଧିକ ଧନଶାଳୀ ଅବା ପ୍ରଭାବଶାଳୀ ରାଷ୍ଟ୍ରର ଏମିତି ଇତସ୍ତତ ସ୍ଥିତି ସେ ଦେଶ ପାଇଁ ଆଗାମୀ ସମୟରେ କିଛି ନା କିଛି ବଡ଼ଧରଣର ବିପଦକୁ ଆମନ୍ତ୍ରଣ କରିପାରେ ଅବା ସେଭଳି କିଛି ଅଜଣା ବିପଦକୁ ଜନ୍ମ ଦେଇପାରେ। ଟିକିଏ ପୂର୍ବରୁ ଯେଉଁ ଆଶଙ୍କା ବିଷୟରେ କୁହାଯାଉଥିଲା, ସେମିତି କିଛି ଅଜଣା ଆଶଙ୍କା। ତେବେ ପାଠକ ଅବା ସମୀକ୍ଷକ ନିଜେ ମଧ୍ୟ ସେହିଭଳି କିଛି ଅଜ୍ଞାତ ସମସ୍ୟା ମଧ୍ୟରେ ଫସିଯିବାର ଆଶଙ୍କା ରହିଛି। କାରଣ ଆମେରିକା ଭଳି ବିଶ୍ୱର ଏକନମ୍ବର ଯଦି ସେହିଭଳି କିଛି ଦୁଇନମ୍ବର କାମ କରି କିଛି ବିପଦ ମଧ୍ୟକୁ ଠେଲି ହୋଇଯିବାର ଆଶଙ୍କା ସୃଷ୍ଟି ହୋଇପାରୁଛି। ଏ ସବୁ ପଛରେ କାରଣ ହେଉଛି ଆମେରିକାର ଇରାନ୍ ପ୍ରତି ଅତି ଆକ୍ରମଣାତ୍ମକ ମନୋଭାବ। ଯାହାପଛର କାରଣ ହେଉଛି ଆମେରିକାର ଦୁଇ ନମ୍ବର ମନୋଭାବ। ଏଣୁ ଦୁଇନମ୍ବର ମନୋଭାବଧାରୀ ଗୋଟାଏ ଦେଶ କେବେ ଏକନମ୍ବର ହୋଇନପାରେ। ଅତି ଭଲଭାବେ ସମୀକ୍ଷା କରାଗଲେ ଏ କଥା ନିଶ୍ଚିତ ଯେ ଆମେରିକାର ଇରାନ ପ୍ରତି ଏପରି ଏକ ଆକ୍ରମଣାତ୍ମକ ମନୋଭାବ କେବେ ବି ଠିକ୍ ନୁହେଁ। ଖାଲି ଠିକ୍ ନୁହେଁ କହିଲେ ଚଳିବ ନାହିଁ, ଅତି ଭୁଲ୍ ବୋଲି କହିଲେ କିଛି ବି ଦ୍ୱିରୁକ୍ତି ହେବନାହିଁ। ଏତେ ବଡ଼ ଭୁଲ୍‌କେବେ କି କରିପାରେ ଆମେରିକା ? ବିଶେଷ କିଛି କାରଣ ନଥାଇ ଇରାନ୍ ଉପରେ କେବେ ବି ଆକ୍ରମଣ କରିପାରେ କି ଆମେରିକା ? ଅଥଚ ଆମେରିକା ବାରମ୍ବାର କରୁଛି ଆକ୍ରମଣ । ସତରେ କେତେ ଅମାନିଆ ଦେଶଟା ଆମେରିକା। ସତରେ କେତେ ଅବୁଝା ଦେଶଟା ଆମେରିକା। ଏମିତି ଅମାନିଆ ଏବଂ ଅବୁଝା ଦେଶ ହେଉଛି ଆମେରିକା। ଯାହା ପଛରେ ଏମିତି ବି ଗୋଟାଏ କାରଣ ହୋଇପାରେ ଯେ ଆମେରିକା ନିଶ୍ଚିତରୂପେ କିଛି ଗୋଟାଏ ଅଜଣା ଆଶଙ୍କା ମଧ୍ୟଦେଇ ଗତି କରୁଛି। ଯାହାକୁ ସେ ନା ପ୍ରକାଶ କରିପାରୁଛି ନା ଯାହାକୁ ସେ ଗୁପ୍ତ ରଖିପାରୁଛି। ଏଥିରୁ ଗୋଟାଏ କଥା ଅତି ସ୍ପଷ୍ଟ ଯେ ଆମେରିକା ଅତି ହେଉଛି। ଏଭଳି ଅତି ଶବ୍ଦ କେବଳ ସେତିକିବେଳେ ବ୍ୟବହାର କରାଯାଏ ଯେତେବେଳେ ଯେ କେହି ବି ଅତି ଉଦ୍ଧତ ହୋଇଯାଏ। ଯେତେବେଳେ ଜଣକର ଔଦ୍ଧତାମୀ ଏଭଳି ସ୍ତରକୁ ଚାଲିଯାଏ ଯାହାକି ଥଳକୂଳ କିଛି ମାନେନି, ଭଲମନ୍ଦ କିଛି ମାନେନି; ସେଭଳି ପରିସ୍ଥିତିରେ ଖୋଦ୍ ତାହାପ୍ରତି ବି ସେହିଭଳି ବିପଦ ସୃଷ୍ଟିହୁଏ। ଅତଏବ ଖୋଦ୍ ଆମେରିକା ବି ଫସିଯିବ ସମସ୍ୟାଘେରରେ ଯାହା କି କୌଣସି ବି ମୁହୂର୍ତ୍ତରେ ଆମେରିକାକୁ ବିପଦଘେରକୁ ଟାଣିନେଇପାରେ। କାରଣ ଆମେରିକାର ବି ରହିଯାଉଛି ଅନେକ ତ୍ରୁଟି ବିଚ୍ୟୁତି। ଯାହାକୁ ସେ ଏବେ କେବେ ବି ବୁଝିପାରୁନି। କାରଣ ଇରାନ୍‌ର ୟୁରାନିୟମ ଭୟରେ ଆଶଙ୍କିତ ଆମେରିକା । କାଳେ କେତେବେଳେ ଆମେରିକା ତାକୁ ବ୍ୟବହାର କରି ତା' ଉପରେ ଆକ୍ରମର କରିଦେବ କି ? କେବଳ ସେହି ଭୟରେ ଆମେରିକା ଏବେ ଖାଲି ଡେଉଁଛି ,ଧେଇ ଧେଇ କରି ନାଚୁଛି। ତା' ମନକୁ କେବଳ ଭୟ ଘାରୁଛି। ଇରାନ୍‌ର ୟୁରାନିୟମ ଭୟ। ଆମେରିକାର ଇରାନ୍ ଉପରେ ବାରମ୍ବାର ଆକ୍ରମଣରେ ଅତି ବ୍ୟତିବ୍ୟସ୍ତ ଏବଂ ବିଚଳିତ ହୋଇପଡ଼ିଛି। ଇରାନ୍ ଏବେ ଅତି ଗୁପ୍ତ ଭାବରେ ତା'ର ଗଚ୍ଛିତ ୟୁରାନିୟମ ପରୀକ୍ଷଣ କରୁଛି ଆଗାମୀ ସମୟରେ ତା'ର ସମ୍ଭାବ୍ୟ ୟୁରାନିୟମ ବୋମା ତିଆରି ପାଇଁ ଯାହା କି ଭବିଷ୍ୟତରେ ସାରା ବିଶ୍ୱ ପାଇଁ ଘାତକ ସାଜିପାରେ ବିଶେଷକରି ଆମେରିକା ପାଇଁ। ଏଣୁ ଆମେରିକା ଏବେ ଭୟରେ ଖାଲି ବାଉଳି ଖାଉଛି।

## ଜ୍ଞାନାମୃତ

# ବାବାଙ୍କ ଖ୍ୟାତି

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜନୈକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ। ବାବାଙ୍କ ଖ୍ୟାତି ଧୀରେ ଧୀରେ ବଢିବା ଆରମ୍ଭ ହୋଇଗଲା। ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା। ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିକୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ। ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛନ୍ତି। ପତ୍ନୀଙ୍କ୍ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ୍ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ। ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ। ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉକା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବଙ୍କୁ ଦର୍ଶନ କରିବା ପାଇଁ। ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା। କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା। ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ। ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ। ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ। ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚିବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିଷୟରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ। ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରିବାରୁ ସେ ବାବାଙ୍କ ଉପରେ ତାଙ୍କର ବିଶ୍ୱାସ ଥିବା କଥା କହିବାରୁ ବାବା ତାଙ୍କ ଉତ୍ତରରେ ପ୍ରୀତ ହୋଇ ମହିଳାଙ୍କୁ ତାଙ୍କର ସମସ୍ୟା ସମାଧାନର ରାସ୍ତା ଦେଖାଇଲେ।

# ମଣ୍ଡଳ ଦିବସ ଓ ମଣ୍ଡଳ ପ୍ରଭାବ



**ଅଧ୍ୟାପକ ଗୋପବନ୍ଧୁ**

ଅଗଷ୍ଟ ୭ ତାରିଖକୁ ଅନେକ ସମାଜିକ ସଂଗଠନ, ବିଶେଷ କରି ସମାଜିକ ନ୍ୟାୟ ଆନ୍ଦୋଳନର ସମର୍ଥକମାନେ ମଣ୍ଡଳ ଦିବସଭାବେ ପାଳନ କରନ୍ତି। ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ଦିନଟି ଅନେକ ଗୁରୁତ୍ୱ ବହନ କରେ। ସମାଜିକ ସମତା ପ୍ରତିଷ୍ଠା ପାଇଁ ସାମାଜିକ ଆନ୍ଦୋଳନର ସୂତ୍ରପାତ କରିବା ଦିଗରେ ଏହି ଦିନଟିର ଅନେକ ତାତ୍ପର୍ଯ୍ୟ ରହିଛି। ଏକ ବିଶାଳ ସୁପ୍ତ ସମାଜକୁ ଜାଗ୍ରତ ଓ ପ୍ରତିକ୍ରିୟାଶୀଳ କରିବା ପାଇଁ ଏହି ଦିନଟି ସାମାଜିକ ସଂଗ୍ରାମର ଇତିହାସରେ ଅବିସ୍ମରଣୀୟ ହୋଇରହିବ। ଦିନଟି ଭାରତୀୟ ରାଜନୀତିର ମୋଡକୁ ବଦଳାଇଛି। ଦେଶରେ ରାଜନୀତିର ମଣ୍ଡଳୀକରଣ ହୋଇଛି ଓ ଆଗକୁ ଆହୁରି ହେବାକୁ ଯାଉଛି। କେବଳ ରାଜନୀତି କ୍ଷେତ୍ରରେ ନୁହେଁ ସମାଜିକ କ୍ଷେତ୍ରରେ ମଧ୍ୟ ଚଳନ ସୃଷ୍ଟି କରିଛି। ଭ୍ରାନ୍ତ ସାମାଜିକ ବ୍ୟବସ୍ଥା ବିରୁଦ୍ଧରେ ସ୍ୱରକୁ ଶାଣିତ କରିଛି। ଯେଉଁମାନେ ଦିନେ ସବୁକିଛିକୁ ଆଖିବୁଜି ମାନି ନେଉଥିଲେ ସେମାନେ ମୁହଁ ଖୋଲିବା ଆରମ୍ଭ କରିଛନ୍ତି। ଅବାନ୍ତର ଓ ଅପ୍ରାସଙ୍ଗିକ ବିଷୟ ଉପରେ ପ୍ରଶ୍ନ ଉତଥାପନ କରୁଛନ୍ତି।୧୯୯୦ ମସିହା ଅଗଷ୍ଟ ୭ ତାରିଖ ଦିନ ତତକାଳୀନ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ବିଶ୍ୱନାଥ ପ୍ରତାପ ସିଂ ମଣ୍ଡଳ କମିଶନ ରିପୋର୍ଟକୁ ନିର୍ବାଚନ ପ୍ରତିଶୃତି ମୁତାବକ କାର୍ଯ୍ୟକାରୀ କରିବାର ଘୋଷଣା କରିଥିଲେ। ସେ ମଣ୍ଡଳ କମିଶନ ରିପୋର୍ଟକୁ ଆଂଶିକଭାବେ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଥିଲେ। କେବଳ ଚାକିରୀ କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ଙ୍କୁ ୨୭% ସଂରକ୍ଷଣ ପ୍ରଦାନ ଘୋଷଣାର ଅନ୍ତର୍ଗତ ଥିଲା। ଏହାକୁ ସଙ୍ଗେସଙ୍ଗେ କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ। କାରଣ ଏହାର କାର୍ଯ୍ୟକାରୀତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଗଲା। ୧୯୯୨ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଏହାର ବୈଧତା ଉପରେ ମୋହର ଲଗାଇଥିଲେ। ଏହାପରେ କେବଳ ଚାକିରୀ କ୍ଷେତ୍ରରେ ଓବିସି ସଂରକ୍ଷଣ ଲାଗୁ ହେଲା। ପୁଣି ୨୦୦୬ ମସିହାରେ ତତ୍କାଳୀନ କେନ୍ଦ୍ର ମାନବସମ୍ବଳ ମନ୍ତ୍ରୀ ଶ୍ରୀଯୁକ୍ତ ଅର୍ଜୁନ ସିଂ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ମାନଙ୍କରେ ୨୭% ସଂରକ୍ଷଣ ଓବିସିମାନଙ୍କ ପାଇଁ କାର୍ଯ୍ୟକାରୀ କରିଥିଲେ। ଏହିପରି ଭାବେ ମଣ୍ଡଳ କମିଶନ ରିପୋର୍ଟର ପୂର୍ଣ୍ଣ କାର୍ଯ୍ୟକାରିତା ପାଇଁ ଦୀର୍ଘ ସମୟ ଲଗିଲା। ଅନେକ ରାଜ୍ୟରେ ଏହା ଏଯାଏ ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରି ନାହିଁ। ବିଭିନ୍ନ ଆଳରେ ଅଟକା ଯାଇଛି। ସମ୍ବିଧାନ ରଚନା କାଳରେ ଡକ୍ଟର ଆମ୍ବେଦକର ଓବିସିମାନଙ୍କ ପାଇଁ ୩୪୦ ଧାରାକୁ ସମ୍ବିଧାନରେ ସଂଯୋଗ କରିଥିଲେ। ତଦନୁଯାୟୀ ୧୯୫୩ ମସିହାରେ କାକା କଲେଲକର କମିଶନ ବସିଥିଲା। କିନ୍ତୁ ଏହି କମିଶନର ରିପୋର୍ଟକୁ ତତକାଳୀନ ସରକାର କର୍ଯ୍ୟକାରୀ କରିନଥିଲେ। ପୁଣି ଜନତା ପାର୍ଟି ସରକାର ଅନ୍ୟାନ୍ୟ ପଛୁଆ ବର୍ଗ ଉପରେ ଅନୁଧାନ କରିବା ପାଇଁ ଦ୍ୱିତୀୟ ଆୟୋଗ ବସାଇଥିଲେ ୧ ଜାନୁଆରୀ ୧୯୭୯ ମସିହାରେ। ଏହାର ଅଧ୍ୟକ୍ଷ ଥିଲେ ବିନ୍ଦେଶ୍ୱରୀ ପ୍ରସାଦ ମଣ୍ଡଳ। ସେ ଥିଲେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ସାମାଜିକ ଆନ୍ଦୋଳନର ଅନ୍ୟତମ ପୁରୋଧା। ତାଙ୍କରି ନାମ ଅନୁସାରେ ଏହା ମଣ୍ଡଳ କମିଶନ ଭାବେ ଖ୍ୟାତ। ଏହି ଆୟୋଗ ତାର ରିପୋର୍ଟ ୩୧ ଡିସେମ୍ବର ୧୯୮୦ ମସିହାରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲା। ଏହାର ବହୁ ପୂର୍ବରୁ ଜନତା ପାର୍ଟି ସରକାର ଭାଙ୍ଗିଯାଇ ଥିଲା। ପରବର୍ତ୍ତୀ କଂଗ୍ରେସ ସରକାର ଏହାକୁ କର୍ଯ୍ୟକାରୀ କଲେ ନାହିଁ। ମଣ୍ଡଳ ଆୟୋଗ ୧୯୩୧ ମସିହାର ଜାତିଭିତ୍ତିକ ଜନଗଣନାକୁ ଆଧାର କରି ଦେଶରେ ୫୨% ଓବିସି ରହିଛନ୍ତି ବୋଲି ଉଲ୍ଲେଖ କରିଥିଲା ଓ ଏମାନଙ୍କ ପାଇଁ ଓବିସି ଶବ୍ଦର ବ୍ୟବହାରକୁ ନିଶ୍ଚିତ କରିଥିଲା। ମଣ୍ଡଳ ଆୟୋଗ ତାଙ୍କ ସୁପାରୀଶରେ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଓବିସିମାନଙ୍କ ପାଇଁ ଶତକଡ଼ା ୨୭ ଭାଗ ସଂରକ୍ଷଣ ବ୍ୟବସ୍ଥା ପାଇଁ ସୁପାରିସ କରିଥିଲା। ଶତକଡା ୫୨ ଭାଗ ଓବିସିଙ୍କ ପାଇଁ ଶତକଡା ୨୭ ଭାଗ ସଂରକ୍ଷଣ ସଂଖ୍ୟାନୁପାତିକ ନଥିଲା। ଏହାର କାରଣ ଆୟୋଗ ସଂରକ୍ଷଣ ସୀମାକୁ ଶତକଡା ୫୦ ଭାଗ ମଧ୍ୟରେ ସୀମିତ ରଖିବାକୁ ଚାହିଁଥିଲା। ସଂରକ୍ଷଣ ହାର ଅଧିକ ହୋଇଥିଲେ ଏହାକୁ ସର୍ବୋଚ୍ଚ ନ୍ୟାୟାଳୟ ନାକଚ କରିଦେବାର ସମ୍ଭାବନା ଥିଲା। ପୂର୍ବରୁ ଏସଟି ଓ ଏସସି ପାଇଁ ସଂରକ୍ଷଣ ୨୨.୫% ଥିଲା। ତେଣୁ ୫୦% ଭିତରେ ଅବଶିଷ୍ଟ ୨୭% ସଂରକ୍ଷଣ ଓବିସି ଙ୍କୁ ପ୍ରଦାନ ପାଇଁ ଆୟୋଗ ସୁପାରୀଶ କରିଥିଲା। ଓବିସିଙ୍କ ବିକାଶ ପାଇଁ ଅନେକ ଗୁଡିଏ ପଦକ୍ଷେପ ଗ୍ରହଣ ପାଇଁ ଆୟୋଗ ସରକାରଙ୍କୁ ପରାମର୍ଶ ଦେଇଥିଲା। ଆୟୋଗଙ୍କ ମୂଳ ଭାବନା ଥିଲା ଦେଶରେ ସାମାଜିକ ସମତା ପ୍ରତିଷ୍ଠା କରିବା ଓ ସମ ଭାଗୀଦାରୀର ଅବସର ତିଆରି କରିବା। । ଶ୍ରୀ ଭିପି ସିଂଙ୍କ ଘୋଷଣ ପରେ ମଣ୍ଡଳ ଆୟୋଗ ରିପୋର୍ଟର କାର୍ଯ୍ୟକାରିତାକୁ ନେଇ ଚାରିଆଡ଼େ ପ୍ରତିବାଦର ସ୍ୱର ଉଠେ। ଅନେକାଂଶରେ ଏହା ବିରୋଧି ରାଜନୈତିକ ଦଳମାନଙ୍କ ପ୍ରାୟୋଜିତ କାର୍ଯ୍ୟ ଥିଲା। ପୋଡାଜଳା ଓ ଭଙ୍ଗାରୁଜା ଆରମ୍ଭ ହେଲା। ବିକ୍ଷୋଭ ଓ ଶୋଭାଯାତ୍ରାମାନ ଅନୁଷ୍ଠିତ ହେଲା। ଆନ୍ଦୋଳନକାରୀଙ୍କ ମଧ୍ୟରେ ଅନେକ ଛାତ୍ର ଓ ଯୁବକ ଥିଲେ ଯେଉଁମାନେ ଓବିସି ବର୍ଗର ଥିଲେ, ଯେଉଁମାନଙ୍କ ପାଇଁ ଏ ସଂରକ୍ଷଣ ଉଦ୍ଦିଷ୍ଟ ଥିଲା। କିଛି ନବୁଝି ଏମାନେ ବିରୋଧ ଆନ୍ଦୋଳନରେ ମାତିଯାଇ ଥିଲେ। ଅନେକ ସ୍ଥାନରେ ସପକ୍ଷରେ ମଧ୍ୟ ଆନ୍ଦୋଳନ ହୁଏ। ଅନ୍ୟପଟେ ବିଜେପିର ତୁଙ୍ଗ ନେତା ଶ୍ରୀ ଲାଲକୃଷ୍ଣ ଆଡଭାନୀ ରାମରଥ ଯାତ୍ରା ଆରମ୍ଭ କଲେ। ଏହାକୁ ନେଇ ଧାର୍ମିକ



ଉତ୍ତେଜନା ଦେଖାଦେଲା। ଯେଉଁଆଡ଼େ ରଥ ଗଲା ସେଆଡେ ଦଙ୍ଗାଫସାଦ ଆରମ୍ଭ ହେଲା। ରଥଯାତ୍ରା ଆସି ବିହାରରେ ପହଁଞ୍ଚେ। ସେ ସମୟର ବହୁଚର୍ଚ୍ଚିତ ମୁଖ୍ୟମନ୍ତ୍ରୀ ଶ୍ରୀ ଲାଲୁପ୍ରସାଦ ଯାଦବ ଆଡଭାନୀଙ୍କୁ ଗିରଫ କରନ୍ତି। ବିଜେପି ଉତକ୍ଷୀପ୍ତ ହୁଏ ଓ କେନ୍ଦ୍ର ସରକାରଙ୍କ ଠାରୁ ସମର୍ଥନ ପ୍ରତ୍ୟାହାର କରିନିଏ। ଭିପି. ସିଂ ସରକାରର ପତନ ହୁଏ।ଅନେକ ରାଜ୍ୟ ପ୍ରାଦେଶିକ ସ୍ତରରେ ସେହି ଓବିସି ନାମରେ ସଂରକ୍ଷଣ ପ୍ରଦାନ କଲେ। ଓଡିଶା ମୂଳ ଓବିସି ତାଲିକା ସହିତ ଆଉ କିଛି ଜାତିକୁ ମିଶାଇ ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗ(ଏସଇବିସି) ତାଲିକା ପ୍ରସ୍ତୁତ କଲେ ଓ ସଂରକ୍ଷଣ ପ୍ରଦାନ କଲେ। କେତେକ ରାଜ୍ୟ ଓବିସିଙ୍କୁ ୨୭% ସଂରକ୍ଷଣ ଦେଇପାରୁ ନାହାଁନ୍ତି, ଯେହେତୁ ଏସଟି ଓ ଏସସି ସଂରକ୍ଷଣ ହାର ପୂର୍ବରୁ ଅଧିକ ଅଛି। ଯେଉଁପରି ଓଡିଶାରେ ଏମାନଙ୍କ ସଂରକ୍ଷଣ ହାର ଶତକଡା ୩୮.୭୫ ଭାଗ। ତେଣୁ ଏସଇବିସିଙ୍କୁ ଅବଶିଷ୍ଟ ୧୧.୨୫% ସଂରକ୍ଷଣ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଦିଆଯାଉଛି। ଓଡିଶା ସମେତ ଅନେକ ରାଜ୍ୟ ତ୍ରିସ୍ତରୀୟ ପଞ୍ଚାୟତ ଓ ସହରାଞ୍ଚଳ ନିର୍ବାଚନରେ ଓବିସି/ଏସଇବିସି ମାନଙ୍କୁ ୨୭% ସଂରକ୍ଷଣ ପ୍ରଦାନ କରିଥିଲେ। ଅନେକ ବର୍ଷଧରି ଏହା ମିଳି ଆସୁଥିଲା। କିନ୍ତୁ ଏବେ ଏହା ଉପରେ ସୁପ୍ରିମ୍ କୋର୍ଟ ରୋକ୍ ଲଗାଇଛନ୍ତି। କିଛି ରାଜନୈତିକ ଦଳ ଓ ସଂଗଠନ ସଂରକ୍ଷଣକୁ ୫୦%ରେ ସୀମିତ କରିବା ବାଧାକୁ ଉଠାଇବା ପାଇଁ ମତବ୍ୟକ୍ତ କରି ଆସିଛନ୍ତି। ଓଡିଶାରେ ମଧ୍ୟ ଏସଇବିସିଙ୍କ ପାଇଁ ସଂରକ୍ଷଣ ସୀମା ୧୧.୨୫%ରୁ ବଢାଇ ୨୭% କରିବା ପାଇଁ ଦାବୀ ହେଉଛି। ୨୦୦୮ ମସିହାରେ ଓଡ଼ିଶା ସରକାର ଏମାନଙ୍କ ପାଇଁ ୨୭% ସଂରକ୍ଷଣ ଘୋଷଣା କରିଥିଲେ। ତାହା ସୁପ୍ରିମକୋର୍ଟଙ୍କ ଗାଇଡଲାଇନ ଅନୁସାରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ତେଣୁ ଦାବୀ ହେଉଛି ରାଜ୍ୟ ସରକାର ଏ ବିଷୟରେ ଉଚିତ୍ ପଦକ୍ଷେପ ନେବାକୁ ଓ ବର୍ଦ୍ଧିତ ସଂରକ୍ଷଣକୁ ସମ୍ବିଧାନର ନବମ ଅନୁଚ୍ଛେଦରେ ସ୍ଥାନିତ କରିବାକୁ। ଏହା ସହିତ ଦାବୀ ହେଉଛି ଓବିସିଙ୍କୁ ପଞ୍ଚାୟତ ଓ ସହରୀ ନିର୍ବାଚନରେ ପୂର୍ବପରି ସଂରକ୍ଷଣ ପ୍ରଦାନ ପାଇଁ। ଜାତିଭିତ୍ତିକ ଜନଗଣନା କରି ଓବିସିଙ୍କ ସଂଖ୍ୟା ନିର୍ଣ୍ଣୟ କରି ସେହି ଅନୁପାତରେ ସଂରକ୍ଷଣ ପ୍ରଦାନ ପାଇଁ ମଧ୍ୟ ଦାବୀ ଜୋରଧରୁଛି। ମଣ୍ଡଳ ଆୟୋଗ ରାଜନୈତିକ ସଂରକ୍ଷଣ ଉପରେ କୌଣସି ସୁପାରୀଶ କରିନଥିଲେବି ଏହାର ରାଜନୈତିକ ପ୍ରଭାବ ସୁଦୂର ପ୍ରସାରୀ ହୋଇଛି। ଏହା ଜାତୀୟ ତଥା ପ୍ରାଦେଶିକ ରାଜନୀତିକୁ ପ୍ରଭାବିତ କରିଆସିଛି। ବିଭିନ୍ନ ରାଜ୍ୟରେ ଏମାନଙ୍କ ରାଜନୈତିକ ନେତୃତ୍ୱ ତିଆରି ହୋଇଛି। ବିଭିନ୍ନ ଦଳରେ ଏମାନଙ୍କ ନେତୃତ୍ୱକୁ ସ୍ୱୀକାର କରାଯାଉଛି। ଏପରିକି ଭାରତବର୍ଷର ପ୍ରଧାନମନ୍ତ୍ରୀ ମଧ୍ୟ ନିଜକୁ ଓବିସି ବୋଲି କହିବାରେ କୁଣ୍ଠିତ ହେଉ ନାହାଁନ୍ତି। ଏହି ବର୍ଗରୁ ଅନେକ ମୁଖ୍ୟମନ୍ତ୍ରୀ ଆସିଲେଣି। ରାଜନୀତିରେ ଏହି ବର୍ଗର ଉପେକ୍ଷା ଏବେ ଅସମ୍ଭବ ବୋଲି ପ୍ରତୀୟମାନ ହେଉଛି। ମଣ୍ଡଳ ଆୟୋଗର ସୁପାରିଶ ରାଷ୍ଟ୍ରୀୟ ବିକାଶ ଯୋଜନାର ଅନ୍ତର୍ଗତ ଅଟେ। ଏହା କାହାରି ବିରୁଦ୍ଧରେ ନୁହେଁ। ତେଣୁ ଏହାର ପୂର୍ଣ୍ଣ କାର୍ଯ୍ୟକାରିତା ପାଇଁ ସମସ୍ତ ମହଲରୁ ସଦିଚ୍ଛା ଜାତ ହେବା ରାଷ୍ଟ୍ରୀୟ କର୍ତ୍ତବ୍ୟ ଅଟେ।

**ବାରିପଦା, ମୟୂରଭଞ୍ଜ,**
**ମୋ. ୯୪୩୮୨୪୮୮୫୪**
**ଅବସରପ୍ରାପ୍ତ, ଦର୍ଶନ ବିଭାଗ**

# ଅଗଷ୍ଟ ୯ କ୍ରାନ୍ତି ଦିବସ : ଓଡିଶାର ସ୍ୱାଧୀନତା ସଂଗ୍ରାମ ଓ ଅବିସ୍ମରଣୀୟ ଅଗଷ୍ଟ ଆନ୍ଦୋଳନର ଗାଥା



**ସୌଭାଗ୍ୟ ରଂଜନ ମହାନ୍ତି**

ଭାରତୀୟ ସ୍ୱାଧୀନତା ସଂଗ୍ରାମର ସବୁଠାରୁ ପ୍ରଭାବଶାଳୀ ଏବଂ ନିର୍ଣ୍ଣାୟକ ଅଧ୍ୟାୟ ଅଗଷ୍ଟ ୯ କ୍ରାନ୍ତି ଦିବସ, ଯାହାକୁ ଆମେ ଭାରତ ଛାଡ ଆନ୍ଦୋଳନ ବା ଅଗଷ୍ଟ ଆନ୍ଦୋଳନ ଭାବେ ମଧ୍ୟ ଗ୍ରହଣ କରିଥାଉ ଏବଂ ଯେଉଁ ଇତିହାସ କେବଳ କେତୋଟି ତାରିଖ କିମ୍ବା ଘଟଣାର ସମାହାର ନୁହେଁ ବରଂ ଏହା ଦେଶବାସୀଙ୍କ ମନରେ ଏକ ନୂତନ ପ୍ରାଣପ୍ରତିଷ୍ଠା ଏବଂ ସ୍ୱାଧୀନତାର ଅଦମ୍ୟ ଇଚ୍ଛାଶକ୍ତିର ଜ୍ୱଳନ୍ତ ପ୍ରତିଫଳନ ଅଟେ ଯାହା ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ କ୍ରମେ ସମଗ୍ର ଦେଶର ଜନସାଧାରଣ ବ୍ରିଟିଶ ସାମ୍ରାଜ୍ୟବାଦର ମୂଳୋତ୍ପାଟନ ପାଇଁ ଏକତ୍ରିତ ହୋଇଥିଲେ ଏବଂ ମୁମ୍ବାଇର ଗୋୱାଲିଆ ଟାଙ୍କ ମଇଦାନ ଯାହାକୁ ଆଜି ଅଗଷ୍ଟ କ୍ରାନ୍ତି ମଇଦାନ ଭାବେ ନାମିତ କରାଯାଇଛି ସେଠାରୁ ଯେଉଁ ବିପ୍ଳବର ସୂତ୍ରପାତ ହୋଇଥିଲା ତାହା ଭାରତୀୟ ଇତିହାସର ଗତିପଥକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବାରେ ସଫଳ ହୋଇଥିଲା ଏବଂ ଆଜି ଯେତେବେଳେ ଆମେ ଏହି ମହାନ ଦିବସକୁ ସ୍ମରଣ କରୁଛୁ, ସେତେବେଳେ ଆମକୁ ସେହି ସମୟର ପରିସ୍ଥିତି, ସଂଗ୍ରାମୀମାନଙ୍କର ତ୍ୟାଗ, ବଳିଦାନ ଏବଂ ସେମାନଙ୍କ ଦ୍ୱାରା ପ୍ରଦର୍ଶିତ ଅସାଧାରଣ ସାହସକୁ ଗଭୀର ଭାବରେ ଅନୁଧ୍ୟାନ କରିବାକୁ ପଡିବ ଯାହାଦ୍ୱାରା ଆମର ଆଜିର ଏବଂ ଆଗାମୀ ଯୁବପିଢୀ ଦେଶପ୍ରେମର ପ୍ରକୃତ ଅର୍ଥ ଏବଂ ମୂଲ୍ୟ ବୁଝିପାରିବେ କାରଣ ୧୯୪୨ ମସିହାର ଅଗଷ୍ଟ ମାସରେ ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧର କଳାବାଦଲ ସମଗ୍ର ବିଶ୍ୱକୁ ଆଚ୍ଛାଦିତ କରିଥିଲା ଏବଂ ବ୍ରିଟିଶ ସରକାର ଭାରତୀୟମାନଙ୍କ ସହଯୋଗ ବିନା ଯୁଦ୍ଧରେ ବିଜୟୀ ହେବାକୁ ଅସମର୍ଥ ଥିଲେ, ସେହି ସମୟରେ କ୍ରୀପ୍ସ ମିଶନର ବିଫଳତା ଭାରତୀୟ ଜନତାଙ୍କ ମଧ୍ୟରେ ବ୍ରିଟିଶ ଶାସନ ପ୍ରତି ରହିଥିବା ସମସ୍ତ ଭ୍ରମ ଓ ଆଶାକୁ ଧ୍ୱଂସ କରିଦେଇଥିଲା ଏବଂ ପୃଷ୍ଠଭୂମିରେ ମହାତ୍ମା ଗାନ୍ଧୀ ବୁଝିସାରିଥିଲେ ଯେ ବ୍ରିଟିଶମାନଙ୍କ ସହିତ ଆଉ କୌଣସି ଆପୋଷ ବୁଝାମଣା କିମ୍ବା ଦାୟୀ ଶାସନର ପ୍ରତିଶୃତିରେ ଭାରତୀୟମାନେ ଆଉ ସନ୍ତୁଷ ହେବେ ନାହିଁ, ବରଂ ବ୍ରିଟିଶମାନଙ୍କୁ ଭାରତରୁ ସମ୍ପୂର୍ଣ୍ଣ ଏବଂ ତୁରନ୍ତ ବିଦାୟ ନେବାକୁ ପଡିବ ଯାହାଫଳରେ ଅଗଷ୍ଟ ୮ ତାରିଖ ଦିନ ଅଲ ଇଣ୍ଡିଆ କଂଗ୍ରେସ କମିଟିର ବମ୍ବେ ଅଧିବେଶନରେ 'ଭାରତ ଛାଡ' ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ସେହି ଐତିହାସିକ ଭାଷଣରେ ମହାତ୍ମାଗାନ୍ଧୀ ଦେଶବାସୀଙ୍କୁ ଏକ ଅମର ମନ୍ତ୍ର ପ୍ରଦାନ କରିଥିଲେ ଯାହାକୁ ଆମେ 'କରୋ ୟା ମରୋ' ବା 'କର ବା ମର' ବୋଲି ଜାଣୁ ଏବଂ ଏହି ମନ୍ତ୍ର କେବଳ ଏକ ସ୍ଲୋଗାନ୍ ନଥିଲା ବରଂ ଏହାଥିଲା ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଜଳିଉଠିଥିବା ସ୍ୱାଧୀନତାର ଏକ ଅନିର୍ବାଣ ଶିଖା ଯାହା ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆକୁ ଥରହର କରାଇଦେଇଥିଲା ଏବଂ ଯେଉଁଥିପାଇଁ ବ୍ରିଟିଶ ପ୍ରଶାସନ ଏତେ ମାତ୍ରାରେ ଭୟଭୀତ ହୋଇପଡିଥିଲା ଯେ ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ କିମ୍ବା ଠିକ୍ ପରବର୍ତ୍ତୀ ସକାଳେ ଅର୍ଥାତ୍ ଅଗଷ୍ଟ ୯ ତାରିଖ ସକାଳସୁଦ୍ଧା ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଅନ୍ୟାନ୍ୟ ପ୍ରମୁଖ ଜାତୀୟ ନେତାମାନଙ୍କୁ ଗିରଫ କରି ଅଜ୍ଞାନ ସ୍ଥାନକୁ ପଠାଇ ଦିଆଯାଇଥିଲା କିନ୍ତୁ ସବୁଠାରୁ ବଡ କଥା ଏହା ଯେ ଶୀର୍ଷ ନେତାମାନଙ୍କୁ ବନ୍ଦୀ କରିବା ପରେ ମଧ୍ୟ ଏହି ଆନ୍ଦୋଳନ ଦବିଯାଇନଥିଲା ବରଂ ଏହା ଦେଶର କୋଣେ କୋଣର ସ୍ୱତଃସ୍ଫୂର୍ତ୍ତ ଭାବେ ଜ୍ୱଳନ୍ତ ରୂପନେଇଥିଲା କାରଣ ଏହା ଏକ ଏପରି ଆନ୍ଦୋଳନ ଥିଲା ଯାହାର କୌଣସି ଜଣ କୋଟି ନିର୍ଦ୍ଦିଷ୍ଟ ନେତୃତ୍ୱ ନଥିଲା, ବରଂ ଦେଶର ସାଧାରଣ ଜନତା, ଛାତ୍ରସମାଜ, ଶ୍ରମିକ, କୃଷକ ଏବଂ ନାରୀସମାଜ ନିଜେ ନିଜେ ନିଜର ନେତା ପାଲଟିଯାଇଥିଲେ ଏବଂ ଜୟପ୍ରକାଶ ନାରାୟଣ, ଡାକ୍ତର ରାମମୋହନ ଲୋହିଆ, ଅରୁଣା ଆସଫ ଅଲି ଏବଂ ଉଷା ମେହେଟାଙ୍କ ଭଳି ଯୁବ ଓ ସାହସୀ ନେତୃବୃନ୍ଦ ଭୂତଳ କାର୍ଯ୍ୟକଳାପ ଏବଂ ଗୁପ୍ତ ରେଡିଓ ପ୍ରସାରଣ ମାଧ୍ୟମରେ ଆନ୍ଦୋଳନକୁ ଜୀବନ୍ତ ରଖିଥିଲେ ଯାହାକି ବ୍ରିଟିଶ ସରକାରଙ୍କ ଦମନଲୀଳାକୁ ମଧ୍ୟ ପରାସ୍ତ କରିବାରେ ସମର୍ଥ ହୋଇଥିଲା ଏବଂ ଏହି ଅବସରରେ ଭାରତୀୟ ନାରୀମାନଙ୍କ ଅବଦାନ ଅତୁଳନୀୟ ଥିଲା। ଯେଉଁମାନେ ପତାକା ଉତୋଳନ କରିବା ସହ ପୁଲିସର ଲାଠି ଓ ଗୁଳିକୁ ଖାତିର ନକରି ସମ୍ମୁଖ ସମରାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ ଏବଂ ମାତଙ୍ଗିନୀ ହାଜରା, କନକଲତା ବରୁଆଙ୍କ ଭଳି ଅନେକ ବିରାଙ୍ଗାନା ଦେଶ ପାଇଁ ନିଜର ପ୍ରାଣବଳୀ ଦେଇ ଅମର ହୋଇଯାଇଥିଲେ ଏବଂ ଓଡିଶାର ଭୂମିକା ମଧ୍ୟ ଏହି ସଂଗ୍ରାମର ଅତ୍ୟନ୍ତ ଗୌରବଜ୍ଜ୍ୱଳ ଥିଲା ଯେଉଁଠାରେ ଇରମ ରକ୍ତକ୍ଷୟୀ ହତ୍ୟାକାଣ୍ଡ ଏବଂ କୋରାପୁଟ, ବାଲେଶ୍ୱର, ଜଗତସିଂହପୁର ଆଦି ଅଂଚଳରେ ପ୍ରଜାମଣ୍ଡଳ ଓ ସ୍ୱାଧୀନତା ସଂଗ୍ରାମୀମାନେ ବ୍ରିଟିଶ ଶାସନର ମୂଳୋତ୍ପାଟନ ପାଇଁ ପ୍ରାଣପାଣେ ଉଦ୍ୟମ କରିଥିଲେ। ଯାହା ଫଳରେ ଇଂରେଜ ସରକାର ବୁଝିସାରିଥିଲେ ଯେ ଆଉ ଦୀର୍ଘ ଦିନ ଧରି ଭାରତକୁ ବଳପୂର୍ବକ ଶାସନ କରିବା ସେମାନଙ୍କ ପକ୍ଷେ ଅସମ୍ଭବ ହୋଇପଡିବ ଏବଂ ଯଦିଓ ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ବ୍ରିଟିଶ ସରକାର ଅତିକ୍ରୂର ପଦକ୍ଷେପ ଗ୍ରହଣ କରିଥିଲେ, ହଜାର ହଜାର ନିରୀହ ଲୋକଙ୍କୁ ଜେଲଖାନାରେ ନିର୍ଯ୍ୟାତନା ଦିଆଯାଇଥିଲା ଏବଂ ଅନେକ ଦେଶପ୍ରେମୀ ଶହୀଦ ହୋଇଥିଲେ, ତଥାପି ଏହି ଅଗଷ୍ଟ କ୍ରାନ୍ତି ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଶେଷ ଏବଂ ସବୁଠାରୁ ଶକ୍ତିଶାଳୀ ମାଇଲଖୁଂଟ ସାଧିତ କରିଥିଲା ଯାହାର ପରିଣାମସ୍ୱରୁପ ମାତ୍ର ପାଂଚ ବର୍ଷ ଅବଧିରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତ ବ୍ରିଟିଶ ଶାସନର ଶୃଙ୍ଖଳରୁ ମୁକ୍ତ ହୋଇ ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର ବିଶ୍ୱମାନଚିତ୍ରରେ ଆତ୍ମପ୍ରକାଶ କରିଥିଲା ଏବଂ ଆଜି ଯେତେବେଳେ ଆମେ ଏକ ସ୍ୱାଧୀନ ଦେଶର ନାଗରିକ ଭାବେ ଜୀବନଯାପନ କରୁଛୁ, ସେତେବେଳେ ଆମର ଏହା ପବିତ୍ର କର୍ତ୍ତବ୍ୟ ହେଉଛି ସେହି ମହାନ ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଳି ଜ୍ଞାପନ କରିବା ଏବଂ ସେମାନଙ୍କର ତ୍ୟାଗ ଓ ବଳିଦାନକୁ ମନେରଖି ଦେଶର ଏକତା, ଅଖଣ୍ଡତା ଏବଂ ସାର୍ବଭୌମତ୍ୱକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଜକୁ ଉତ୍ସର୍ଗ କରିବା କାରଣ ସ୍ୱାଧୀନତା କେବଳ ଏକ ଅଧିକାର ନୁହେଁ ବରଂ ଏହା ଏକ ଗୁରୁଦାୟିତ୍ୱ ଅଟେ ଯାହାକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ପିଢିକୁ ସଚେତନ ଏବଂ ପ୍ରସ୍ତୁତ ରହିବାକୁ ପଡିବ ଏବଂ ଆଜିର ଏହି ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ଆମେ ସମସ୍ତେ ଏହି ଶପଥ ନେବାକୁ ହେବ ଯେ ଆମେ ଦେଶର ବିକାଶ, ସାମାଜିକ ଉନ୍ନତି, ଏବଂ ଗଣତନ୍ତ୍ରର ମୂଳଭିତିକ ଅଧିକ ଦୃଢ କରିବା ଦିଗରେ ନିଜର ଶ୍ରେଷ୍ଠ ଅବଦାନ ଦେବୁ ଏବଂ ସଂଗ୍ରାମୀମାନଙ୍କର ସ୍ୱପ୍ନର ଏକ ସୁନ୍ଦର, ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ଭାରତବର୍ଷ ଗଠନ କରିବୁ ଯାହା ଦ୍ୱାରା ଆମର ଆଗାମୀ ବଂଶଧରମାନେ ଏକ ଗର୍ବିତ ଏବଂ ସମ୍ମାନଜନକ ଜୀବନ ଅତିବାହିତ କରିପାରିବେ ଏବଂ ଏହି ସମ୍ପାଦକୀୟ ଜରିଆରେ ଆମେ ଆମର ସମସ୍ତ ପାଠକମାନଙ୍କୁ ଏହାହିଁ ଆହ୍ୱାନ କରୁଛୁ ଯେ ଆସନ୍ତୁ ଆଜିର ଏହି ପବିତ୍ର ଦିନରେ ଦେଶପ୍ରେମର ସେହି ଅଗ୍ନିକୁ ପୁନର୍ବାର ପ୍ରଜ୍ୱଳିତ କରିବା ଏବଂ ଦେଶର ସେବାରେ ନିଜକୁ ନିୟୋଜିତ କରିବା। ଓଡିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ 'ଅଗଷ୍ଟ କ୍ରାନ୍ତି ବା ଭାରତ ଛାଡ ଆନ୍ଦୋଳନ'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଅବିସ୍ମରଣୀୟ କାରଣ ଏହି ଆନ୍ଦୋଳନ ଓଡିଶାର କୋଣ ଅନୁକୋଣରେ ଏକ ନୂତନ ଜାତୀୟତାବାଦୀ ଚେତନା ସୃଷ୍ଟି କରିଥିଲା ଏବଂ ଓଡିଶାରେ ଏହି ଆନ୍ଦୋଳନର ବିଶେଷତ୍ୱ ଓ ଗୁରୁତ୍ୱକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ମହାତ୍ମା ଗାନ୍ଧୀଙ୍କ 'କର ବା ମର' ଆହ୍ୱାନ ଓଡିଶାର ଶିକ୍ଷିତ ଯୁବକ, ଛାତ୍ର, କୃଷକ ଏବଂ ଆଦିବାସୀଙ୍କୁ ବହୁଳ ଭାବରେ ପ୍ରଭାବିତ କରିଥିଲା ଯେଉଁଠାରେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ ଗାମ ଭଳି ଜିଲ୍ଲାରେ ଛାତ୍ରମାନେ ଶୋଭଯାତ୍ରା, ସଭାସମିତି ଏବଂ ସରକାରୀ ଶିକ୍ଷାନୁଷ୍ଠାନ ବର୍ଜନ କରି ଏହି ଆନ୍ଦୋଳନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଥିଲେ ଏବଂ ଓଡିଶାର ପ୍ରମୁଖ ନେତା ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ଏବଂ ମାଳତୀ ଚୌଧୁରୀଙ୍କ ଭଳି ବ୍ୟକ୍ତିବିଶେଷଙ୍କ ପ୍ରେରଣାରେ ଆନ୍ଦୋଳନ ଆଗେଇଥିଲା ଏବଂ ଯଦିଓ ବ୍ରିଟିଶ ସରକାର ଅନେକ ପ୍ରମୁଖ ନେତାଙ୍କୁ ଗିରଫ କରି ନେଇଥିଲେ, ତଥାପି ସାଧାରଣ ଜନତା ଏବଂ ଗ୍ରାମୀଣ ସ୍ତରର କର୍ମୀମାନେ ନିଜସ୍ୱ ଉଦ୍ୟମରେ ବିପ୍ଳବକୁ ଜାରି ରଖିଥିଲେ ଯାହାଫଳରେ ଓଡିଶାରେ ଏହି ଆନ୍ଦୋଳନର ସବୁଠାରୁ ଲୋମହର୍ଷକାରୀ ଘଟଣା ଘଟିଥିଲା। ବାଲେଶ୍ୱର ଜିଲ୍ଲାର ଇରମ ହତ୍ୟାକାଣ୍ଡ ମାଧ୍ୟମରେ ଯାହାକୁ 'ଓଡିଶାର ଜଲିଆୱାନବାଗ' ବୋଲି କୁହାଯାଏ ଏବଂ ଯେଉଁଠାରେ ବ୍ରିଟିଶ ପୁଲିସର ନିର୍ବିଚାର ଗୁଳିଚାଳନାରେ ଅନେକ ଦେଶପ୍ରେମୀ ଶହୀଦ ହୋଇଥିଲେ ଏବଂ ଏହି ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା ଏବଂ ଓଡିଆ ଜାତିର ସଂଗ୍ରାମୀ ମନୋଭାବକୁ ଦୁନିଆ ଆଗରେ ପ୍ରମାଣିତ କରିଥିଲା ଯେଉଁ ସମୟରେ ଓଡିଶାର ଆଦିବାସୀ ଅଂଚଳରେ ଲୋକମାନେ ନିଜର ପାରମ୍ପରିକ ଏକତା ମାଧ୍ୟମରେ ବ୍ରିଟିଶ ଶାସନ ବିରୋଧରେ ପ୍ରତିରୋଧ କରିଥିଲେ ଏବଂ ମହିଳାମାନେ ଘରୁ ବାହାରି ପିକେଟିଂ, ପ୍ରଚାର ଏବଂ ସଂଗୁପ୍ତ ସୂଚନା, ଆଦାନାପ୍ରଦାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଯୁଦ୍ଧାକଳୀନ ମୂଲ୍ୟବୃଦ୍ଧି, ଅତ୍ୟାବଶ୍ୟକ ସମାଗ୍ରୀର ଅଭାବ ଏବଂ ଜମିଜମା ସଂକ୍ରାନ୍ତୀୟ ସମସ୍ୟା ଯୋଗୁଁ ସାଧାରଣ ଜନତା ବ୍ରିଟିଶ ଶାସନ ପ୍ରତି ଅତ୍ୟନ୍ତ କ୍ଷୁବ୍ଧ ଥିଲେ ଯାହାକି ଅଗଷ୍ଟ କ୍ରାନ୍ତି ସମୟରେ ରାଜରାସ୍ତାକୁ ଓହ୍ଲାଇ ଆସିଥିଲା ଏବଂ ମୋଟାମୋଟି ଭାବେ କହିଲେ ଓଡିଶାରେ ଅଗଷ୍ଟ କ୍ରାନ୍ତି କେବଳ ଏକ ରାଜନୈତିକ ଘଟଣା ନଥିଲା ବରଂ ଏହାଥିଲା ବ୍ରିଟିଶ ଉପନିବେଶବାଦ ବିରୋଧରେ ଓଡିଆ ଜାତିର ଶେଷ ଏବଂ ସବୁଠାରୁ ଶକ୍ତିଶାଳୀ ସଂଗ୍ରାମ ଯାହା ଓଡିଶାର ମାନଚିତ୍ରରେ ସ୍ୱାଧୀନତାର ଏକ ଅମର ଗାଥା ରଚନା କରିଥିଲା। ଓଡିଶାର ସ୍ୱାଧୀନତା ସଂଗ୍ରାମ ଏବଂ ଜାତୀୟ ଇତିହାସରେ ଅଗଷ୍ଟ କ୍ରାନ୍ତି ବା ଭାରତ ଛାଡ ଆନ୍ଦୋଳନର ପ୍ରାସଙ୍ଗିକତା ଏବଂ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏହା କେବଳ ବ୍ରିଟିଶ ଶାସନ ବିରୋଧର ଏକ ବିଦ୍ରୋହ ନଥିଲା ବରଂ ଏହାଥିଲା ଓଡିଆ ଜାତିର ଆତ୍ମସମ୍ମାନ, ସ୍ୱାଧୀନତା ଏବଂ ଏକତାର ଏକ ଜ୍ୱଳନ୍ତ ପ୍ରତିଫଳନ ଯାହା ଆଜିର ଆଧୁନିକ ସମାଜ ଏବଂ ଆଗାମୀ ଯୁବପିଢି ପାଇଁ ମାର୍ଗଦର୍ଶକ ସାଜିଛି ଏବଂ ଯଦି ଆମେ ଏହାର ପ୍ରାସଙ୍ଗିକତା ଓ ଅବଦାନକୁ ବିସ୍ତାରିତ ଭାବେ ବିଚାର କରିବା ତେବେ ଜାଣିବାକୁ ପାଇବ। ଏହି ଆନ୍ଦୋଳନ ଓଡିଶାରେ ଜାତୀୟତାବାଦର ଚେରକୁ ଅଧିକ ମଜଭୁତ କରିଥିଲା ଯେଉଁଠାରେ ସହରରୁ ଆରମ୍ଭ କରି ଗ୍ରାମାଚଂଳ ଓ ଦୁର୍ଗମ ଆଦିବାସୀ ଅଂଚଳ ପର୍ଯ୍ୟନ୍ତ ସମସ୍ତେ ଗାନ୍ଧୀଜୀଙ୍କ 'କର ବା ମର' ମନ୍ତ୍ରରେ ଦୀକ୍ଷିତ ହୋଇ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ସାମୂହିକ ପ୍ରତିରୋଧ ଗଢିତୋଳିଥିଲେ ଏବଂ ଏହାର ସବୁଠାରୁ ବଡ ଅବଦାନ ହେଉଛି ଇରମ ରକ୍ତତୀର୍ଥ ଭଳି ଘଟଣା ଯାହା ଓଡିଶାରେ ଇଂରେଜଙ୍କ ଅତ୍ୟାଚାରର ପରାକାଷ୍ଠାକୁ ପଦାରେ ପକାଇବା ସହିତ ଓଡିଆ ଜାତିର ପ୍ରାଣବଳି ଓ ତ୍ୟାଗର ମହାନ ଗାଥାକୁ ସମଗ୍ର ଦେଶ ଆଗରେ ପରିଚିତ କରାଇଥିଲା ଏବଂ ସେହିପରି ମହିଳାମାନଙ୍କ ଅଂଶଗ୍ରହଣ ଏହି ଆନ୍ଦୋଳନର ଏକ ଅନନ୍ୟ ଅବଦାନ ଥିଲା ଯେଉଁଠାରେ ରମାଦେବୀ, ମାଳତୀ ଚୌଧୁରୀ ଏବଂ ଅନ୍ୟାନ୍ୟ ନାରୀନେତ୍ରୀମାନେ ଘରୁ ବାହାରି ପିକେଟିଂ, ଶୋଭାଯାତ୍ରା ଏବଂ ସତ୍ୟାଗ୍ରହର ନେତୃତ୍ୱ ନେଇ ପ୍ରମାଣିତ କରିଥିଲେ ଯେ ସ୍ୱାଧୀନତା ସଂଗ୍ରାମରେ ନାରୀମାନେ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି ଏବଂ ଆଜିର ସମୟରେ ଏହାର ପ୍ରାସଙ୍ଗିକତା ଏହି କଥା ପାଇଁ ରହିଛି ଯେ ଯେତେବେଳେ ଦେଶ ମଧ୍ୟରେ ଗଣତନ୍ତ୍ର, ସମ୍ବିଧାନ ଏବଂ ସାମାଜିକଉନ୍ନତି କଥା ଆସେ, ସେତେବେଳେ ଆମକୁ ଏହି ସଂଗ୍ରାମୀମାନଙ୍କର ନିଃସ୍ୱାର୍ଥପର ତ୍ୟାଗକୁ ମନେରଖିବାକୁ ପଡିବ ଯାହା ଆମକୁ ଶିକ୍ଷା ଦିଏ ଯେ ସ୍ୱାଧୀନତା କେବଳ ଏକ ସହଜରେ ମିଳିଥିବା ଅଧିକାର ନୁହେଁ ବରଂ ଏହା ଏକ ଗୁରୁଦାୟିତ୍ୱ ଅଟେ ଯାହାକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ନାଗରିକ ସଚେତନ ଓ ଦାୟିତ୍ୱବାନ ହେବା ଆବଶ୍ୟକ ଏବଂ ଆଜିର ଏହି ଅଗଷ୍ଟ କ୍ରାନ୍ତି ଦିବସର ପୃଷ୍ଠଭୂମିରେ ଓଡିଶାର ଅବଦାନ କେବଳ ଇତିହାସର ପୃଷ୍ଠାରେ ସୀମିତ ନାହିଁ ବରଂ ଏହା ଆମର ବର୍ତମାନ ଏବଂ ଭମିଷ୍ୟତର ବିକାଶମୁଖୀ ଯାତ୍ରା ପାଇଁ ଅଫୁରନ୍ତ ପ୍ରେରଣାର ଉତ୍ସ ହୋଇ ରହିଛି।

**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**୯୪୩୭୯୯୪୩୭୯**




# ବସଷ୍ଟାଣ୍ଡ ଉଠିବାକୁ ନେଇ ଦେଖାଦେଇଛି ବାଦବିବାଦ

## ଅର୍ଥ ଅପଚୟକୁ ନେଇ ସରକାର ଦୃଷ୍ଟିଦେବାକୁ ଦାବୀ

**ନୀଳଗିରି (ଅମୃତ ମିଡିଆ) :** ନୀଳଗିରି ଏନ୍‌ଏସିର ୭ନମ୍ବର ୱାର୍ଡ ତଥା ନୀଳଗିରିର ମୁଖଶାଳା କୁହାଯାଉଥିବା ବାଲିଗୋହିରି ଠାରେ ନୀଳଗିରି ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି । ଲକ୍ଷଲକ୍ଷ ଟଙ୍କା ବ୍ୟୟଅଟକଳରେ ନିର୍ମାଣ ହୋଇଥିବା ବସଷ୍ଟାଣ୍ଡରେ ରଙ୍ଗଟିଏ ମାରିବାକୁ ନା ପ୍ରଶାସନିକ ଅଧିକାରୀ ନା ରାଜନେତା କେହି ଆଗଭର ହେଉନାହାନ୍ତି । ପ୍ରତିଦିନ ଶହଶହ ଗାଡିମଟର ଓ ବସ ବାଲେଶ୍ୱର ରୁ ଉଦଳା, ବାରିପଦାକୁ ଯାତାୟାତ କରୁଥିବା ବେଳେ ନୀଳଗିରି ବସଷ୍ଟାଣ୍ଡରେ ୫ମିନିଟ୍ ଛିଡା ହୋଇ ଯାତ୍ରୀମାନଙ୍କୁ ଓହ୍ଲାଇବା ଓ ଉଠାଇବା କାର୍ଯ୍ୟ କରିଥାଆନ୍ତି । କିଛି ବସ ବସଷ୍ଟାଣ୍ଡରେ ରହୁଥିବା ବେଳେ ବହୁ ବସ ଷ୍ଟାଣ୍ଡ ଭିତରକୁ ନପସି ରାସ୍ତା ଉପରେ ଛିଡା କରି ଯାତ୍ରୀ ଓହ୍ଲାହି ଦେଇ ଚାଲି ଯାଇଥାନ୍ତି । ରାତି ୭ଟା ପରେ ବସଷ୍ଟାଣ୍ଡ ଶୁନଶାନ ହୋଇଯାଏ । ମାତ୍ର ଆଖପାଖର ଦୋକାନୀ ମାନେ ଦୋକାନ ଖୋଲି ବସି ରହିଥାନ୍ତି । ମାତ୍ର ରାଜ୍ୟ ସରକାର ନୀଳଗିରି ବସଷ୍ଟାଣ୍ଡର ରୂପରେଖ ନବଦଳାଇ କାହା ସ୍ୱାର୍ଥରେ ଓ କାହା ପ୍ରୋରଚନାରେ ଦୁଇ ନମ୍ବର ୱାର୍ଡର ଶିକ୍ଷା ବିଭାଗ ଅଧିନରେ ଥିବା ତଥା ବାଳିକା ବିଦ୍ୟାଳୟର ପିଲା ମାନଙ୍କ ବ୍ୟବହାର ନିମିତ୍ତ ଥିବା ଖେଳପଡିଆକୁ ନୂତନ ବସଷ୍ଟାଣ୍ଡ ପାଇଁ ଅନୁମତି ପ୍ରଦାନ କଲେ ତାକୁ ନେଇ ବିଭିନ୍ନ



ରାଜନୈତିକ ଦଳମାନଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଯାହାଫଳରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିରୋଧ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପାତ୍ର ପ୍ରଦାନ କରିବାକୁ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି । ନୂତନ ଭାବେ ନିର୍ମାଣ ହେବାକୁ ଯାଉଥିବା ବସଷ୍ଟାଣ୍ଡ ଠାରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଯଥା କୋର୍ଟ କଚେରୀ, ଥାନା, ଜେଲ, କଲେଜ ପ୍ରାୟ ଦୁଇ କିଲୋମିଟର ହେଉଥିବା ବେଳେ ନୂତନ ବସଷ୍ଟାଣ୍ଡ ନିର୍ମାଣ ହେଲେ ତାହା ଭବିଷ୍ୟତରେ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ପରିଗଣିତ ହେବ ଏଥିରେ ଦିମତ ନାହିଁ । କାରଣ ଯଦି ଦୁଇ ନମ୍ବର ୱାର୍ଡରେ ବସଷ୍ଟାଣ୍ଡ ନିର୍ମାଣ କରାଯାଏ ତେବେ ଆଖପାଖରେ ଥିବା ଘର ଓ ରାସ୍ତାରେ ଥିବା ବାଙ୍କ ପାଇଁ ପ୍ରତିଦିନ ଦୁର୍ଘଟଣା ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ । ସର୍ବୋପରି ବସଷ୍ଟାଣ୍ଡର ଗୃହ ନିର୍ମାଣ ପରେ ୨/୪ଟି ବସ ଯାତାୟତରେ ମଧ ଘୋର ଅସୁବିଧା ଦେଖା ଦେବ । ବାଲିଗୋହିରି ଠାରେ ଥିବା ପୁରୁଣା ବସଷ୍ଟାଣ୍ଡକୁ ଲାଗି ପ୍ରାୟ ୫୦/୬୦ଡିସିମିଲି ସରକାରୀ ଜମି ଥିବା ବେଳେ ସେଠାରେ ବସଷ୍ଟାଣ୍ଡର ଉନ୍ନତିକାରଣ କରାନଯାଇ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯିବାକୁ ରାଜ୍ୟ ସରକାର ଏତେ ତତ୍ପର କାହିଁକି ବୋଲି ବୁଦ୍ଧିଜୀବୀ ମହଲ ପ୍ରଶ୍ନ କରିଛନ୍ତି । ବିନା ସଂଶୋଧନରେ ପିଲା ମାନଙ୍କର ବହି ଛପା ଯିବା ଭଳି ବିନା ତଦନ୍ତରେ ନୀଳଗିରିରେ ନୂତନ ବାସଷ୍ଟାଣ୍ଡ ହେଲେ ରାଜ୍ୟ ସରକାରଙ୍କର କୋଟିକୋଟି ଟଙ୍କା କ୍ଷତିହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ରାଜ୍ୟ ସରକାର ବେଳହୁଁ ସାବଧାନ ନହେଲେ ଆଗାମୀ ଦିନରେ କୋଟିକୋଟି ଟଙ୍କାର ରାଜସ୍ୱ ହାନି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପରେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯଦି ଦୁଇ ନମ୍ବର ୱାର୍ଡରେ ବସଷ୍ଟାଣ୍ଡ ନିର୍ମାଣ ହୁଏ ତେବେ ରାସ୍ତା ଅଣଓସାରିଆ ଯୋଗୁଁ ଛୋଟ ବଡ଼ ଦୁର୍ଘଟଣା ଘଟିବା ସଙ୍ଗେସଙ୍ଗେ ବସବାସ କରୁଥିବା ସ୍ଥାନୀୟ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି ଆଲୋଚନା ହେଉଛି । ଯଦି ଦୁଇନମ୍ବର ୱାର୍ଡରେ ବସଷ୍ଟାଣ୍ଡ ହୁଏ, ଗୋଟିଏ କଦମ୍ବସାହି ଛକ ଓ ଘାଟଘରସାହି ଛକ ଠାରେ ନିଶ୍ଚିତ ଭାବେ ଟ୍ରାଫିକ ବ୍ୟବସ୍ଥା ଆବଶ୍ୟକତା ରହିଛି ଉକ୍ତ ସ୍ଥାନ ମାନଙ୍କରେ ପଟ୍ଟା ଜାଗାରେ ରହୁଥିବା ଲୋକମାନଙ୍କୁ ଉଠାଯାଇ ଟ୍ରାଫିକ ବ୍ୟବସ୍ଥା କରିପାରିବତ ? ପ୍ରଥମେ ବସଷ୍ଟାଣ୍ଡ କରିବା ପୂର୍ବରୁ ପ୍ରଶାସନ ଲୋକଙ୍କର ସମସ୍ତ ସୁବିଧା କରୁ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି ।

# ଖଣ୍ଡପଡ଼ା ସହରାଞ୍ଚଳରେ ଦୁଇଜଣଙ୍କ ହୃଦ୍‌ଘାତରେ ଅକାଳ ବିୟୋଗ

**ଖଣ୍ଡପଡା (ଅମୃତ ମିଡ଼ିଆ) :** ଖଣ୍ଡପଡ଼ା ସହରାଂଚଳ ମଧ୍ୟସ୍ଥ ୯ନଂ ୱାର୍ଡ଼ ମଣିକର୍ଣ୍ଣିକା ସାହିର କୃଷ୍ଣଚନ୍ଦ୍ର ପାଣିଙ୍କ ଧର୍ମପତ୍ନୀ ପଦ୍ମାଳୟା ପାଣିଙ୍କର ୫୬ ବର୍ଷ ବୟସରେ ହୃଦ୍‌ଘାତରେ ଚିକିତ୍ସିତ ଅବସ୍ଥାରେ ୪ ତାରିଖ ବୁଧବାର ଦିନ ଅକାଳ ବିୟୋଗ ଘଟିଥିବା ଜଣାଯାଇଛି । ସ୍ୱର୍ଗତା ପଦ୍ମାଳୟାଙ୍କର ହଠାତ୍ ଶରୀରରେ ଯନ୍ତ୍ରଣା ହେବା ଯୋଗୁଁ ପରିବାର ଲୋକେ ୩ ତାରିଖ ମଙ୍ଗଳବାର ଦିନ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ନେଇଥିବା ବେଳେ ସେଠାରେ ଚିକିତ୍ସିତ ଅବସ୍ଥାରେ ବୁଧବାର ପୂର୍ବାହ୍ନରେ ତାଙ୍କର ପ୍ରାଣବାୟୁ ଚାଲିଯାଇଥିଲା । ମଧ୍ୟାହ୍ନରେ ତାଙ୍କର ମରଶରୀର ଖଣ୍ଡପଡ଼ା ମଣିକର୍ଣ୍ଣିକା ସାହିସ୍ଥିତ ବାସଭବନରେ ପହଂଚିବା ସଙ୍ଗେ ସଙ୍ଗେ ଖଣ୍ଡପଡ଼ାର ବହୁ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ, ସ୍ଥାନୀୟ ନେତୃବୃନ୍ଦ ଓ ଭଲପାଉଥିବା ଲୋକଙ୍କର ଶେଷ ଦର୍ଶନ ନିମନ୍ତେ ପ୍ରବଳ ଗହଳି ଲାଗି ରହିଥିଲା । ୮ନଂ ୱାର୍ଡ଼ ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ନିକଟସ୍ଥ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ନିଳାମ୍ବର ପାଣି ମୁଖାଗ୍ନି ଦେଇଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ସ୍ୱର୍ଗତା ପଦ୍ମାଳୟା ପାଣିଙ୍କର ଖଣ୍ଡପଡ଼ାରେ ଖାଉଟି ମାନଙ୍କୁ କଂଟ୍ରୋଲ ଜାତୀୟ





ଦ୍ରବ୍ୟ ବଂଟନ କ୍ଷେତ୍ରରେ ଥିବା ବିଶେଷ ଅବଦାନକୁ ସାଧାରଣ ଜନତା ଭୁଲି ପାରିବେ ନାହିଁ ବୋଲି ଅନେକ ମତାମତ ପ୍ରଦାନ କରିଥିବା ଜଣାଯାଇଛି । ସେହିଭଳି ସହରାଂଚଳ ମଧ୍ୟସ୍ଥ ୬ନଂ ୱାର୍ଡ଼ ବଜାର ସାହିର ବାସିନ୍ଦା ଶିକ୍ଷକ ବିନାୟକ ସାହୁଙ୍କ ମାତ୍ର ୪୭ ବର୍ଷ ବୟସରଙ୍କ ଅକାଳ ବିୟୋଗ ଘଟିଥିବା ଜଣାଯାଇଛି । ୫ ତାରିଖ ବୁଧବାର ଦିନ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ନିଆଯାଉଥିଲା । ମାତ୍ର ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ପାଖ ଲୋକମାନଙ୍କ ଠାରୁ ପ୍ରକାଶ । ସେହିଦିନ ମୃତ ବିନାୟକଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ପରଦିନ ସକାଳେ ପୋଷ୍ଟମଟମ୍ ପରେ ତାଙ୍କର ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାଯାଇଛି । ସ୍ୱର୍ଗତ ସାହୁ ଖଣ୍ଡପଡ଼ାର ହଜାର ହଜାର ଛାତ୍ରଛାତ୍ରୀଙ୍କ ଶିକ୍ଷକ ଥିବା ବେଳେ ଓ ସେ ବହୁ ଅନୁଷ୍ଠାନ ସହିତ ଜଡ଼ିତ ଥାଇ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟରେ ଅଂଶଗ୍ରହଣ କରିଆସିଥିଲେ । ତାଙ୍କର ଏହି ଅକାଳ ବିୟୋଗ ସମଗ୍ର ଖଣ୍ଡପଡ଼ା ସହରାଂଚଳରେ ସାଧାରଣ ଜନତାଙ୍କ ମଧ୍ୟରେ ଶୋକର ଛାୟା ଖେଳାଇ ଦେଇଥିଲା । ତାଙ୍କର ଶବାଧାରକୁ ସମଗ୍ର ସହରାଂଚଳ ପରିଭ୍ରମଣ ପୂର୍ବକ ପୁରୀସ୍ଥିତ ସ୍ୱର୍ଗଦ୍ୱାରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

## କେନାଲରେ ବୁଡି ନାବାଳକର ମୃତ୍ୟୁ

# ବିଭାଗର ଦାୟିତ୍ୱହୀନତା ଯୋଗୁଁ ବାରମ୍ବାର ଘଟୁଛି ଦୁର୍ଘଟଣା

**ନୀଳଗିରି (ଅମୃତ ମିଡିଆ) :** କେନ୍ଦୁଝର ଜିଲ୍ଲାର ହଦଗଡ଼ ଡ୍ୟାମରୁ ବାଲେଶ୍ୱର ଜିଲ୍ଲାର ବୁଢାବଲଙ୍ଗ ନଦୀକୁ ସଂଯୋଗ ନିମିତ୍ତ ଆନନ୍ଦପୁର ବ୍ୟାରେଜ ପ୍ରୋଜେକ୍ଟ କାର୍ଯ୍ୟ ଚାଲୁ ରହିଛି । କେନାଲ କାର୍ଯ୍ୟ ମନ୍ଥର ଗତିରେ ଚାଲିବା , କେନାଲରେ ଦୁଇପାଖ ସୁରକ୍ଷା ନିମିତ୍ତ କୌଣସି ବ୍ୟବସ୍ଥା ନକରିବା ଫଳରେ ଦିନକୁ ଦିନ ଦୁର୍ଘଟଣା ବଢ଼ିବାରେ ଲାଗିଛି । ଯାହାକି ନୀଳଗିରି ଏନ୍‌ଏ ସି ଅର୍ନ୍ତଗତ ସନହଟା ଗ୍ରାମର ଜଟା ଧମୁଡ଼ିଆଙ୍କ ନାବାଳକ ପୁତ୍ର କେନାଲରେ ପଡ଼ି ମୃତ୍ୟୁ ଘଟିଛି । କେନାଲ ଗୁଡ଼ିକ ବର୍ଷା ଜଳରେ ପୁରି ରହିଥିବାରୁ ଓ କେନାଲ ଦୁଇ ପାର୍ଶ୍ୱରେ ରାସ୍ତା ମରାମତି ହୋଇପାରି ନଥିବାରୁ କେନାଲ ବନ୍ଧ ଉପରେ ଯାଉଥିବା ନାବଳକର ଗୋଡ଼ ଖସିଯିବାରୁ ନାବାଳକ ଜଣଙ୍କ ପାଣିରେ ବୁଡି ଯାଇଥିବାର କୁହାଯାଉଛି । ପାଖରେ



ଥିବା ଅନ୍ୟ ଏକ ନାବାଳକ ସାଙ୍ଗ ଜଣଙ୍କ ଚିତ୍କାର କରିବାରୁ ଆଖପାଖର ଲୋକେ ଦୌଡ଼ି ଆସି ପିଲାଟିକୁ ପାଣିରେ ଖୋଜିଥିଲେ । ନମିଳିବାରୁ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଖୋଜିଖୋଜି କରି ଦେଢ଼ଶହ ମିଟର ଦୂରରେ ପାଣି ଭିତରୁ ନାବାଳକକୁ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାକୁ ପଠାଇଥିଲେ । ଡାକ୍ତର ନାବାଳକକୁ ମୃତ ଘୋଷଣା କରିଥିଲେ ।

## ସତର୍କ ସୂଚନା ଜାରିକଲା ଜଳସମ୍ପଦ ବିଭାଗ

# ନୀଳମାଧବ ମନ୍ଦିର ଉତ୍ତରପାର୍ଶ୍ୱ ମହାନଦୀରୁ ଜଳଧାରଣ କାଉଡ଼ିଆଙ୍କୁ ମନା

ଖଣ୍ଡପଡା (ଅମୃତ ମିଡ଼ିଆ) : ମହାନଦୀରେ ପର୍ଯ୍ୟାୟକ୍ରମେ ବନ୍ୟାଜଳ ବୃଦ୍ଧିପାଉଥିବା ବେଳେ ଭୟଙ୍କର ସ୍ରୋତକୁ ଦୃଷ୍ଟି ଆଗରେ ରଖି ନଦୀ ଭିତରକୁ ନଯିବା ନିମନ୍ତେ ସର୍ବସାଧାରଣଙ୍କୁ ଜଳସମ୍ପଦ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ବିଶେଷ କରି ପବିତ୍ର ଶ୍ରାବଣ ମାସରେ ଶ୍ରୀ ଶ୍ରୀ ନୀଳମାଧବ ମନ୍ଦିରର ଉତର ପାର୍ଶ୍ୱରେ କାଉଡ଼ିଆଙ୍କୁ ନଦୀଗର୍ଭକୁ ଯିବାପାଇଁ ସମ୍ପୂର୍ଣ୍ଣ ବାରଣ କରାଯିବା ସହିତ ସେ ନେଇ ମଧ ସତର୍କ ସୂଚନା ସମ୍ପୃକ୍ତ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଜଣାଯାଇଛି । ଯେ ପର୍ଯ୍ୟନ୍ତ ନଦୀଗର୍ଭରେ ସ୍ୱତନ୍ତ୍ର ବାରିକେଟ୍ କରାନଯାଇଛି ସେ ପର୍ଯ୍ୟନ୍ତ ମହାନଦୀ ଗର୍ଭକୁ ସର୍ବସାଧାରଣଙ୍କ ପ୍ରବେଶ ନିମନ୍ତେ ସମ୍ପୂର୍ଣ୍ଣ ବାରଣ କରାଯାଇଥିବା ବିଷୟ ଜଳସମ୍ପଦ ବିଭାଗୀୟ ନବାଗତ ଅଧିକ୍ଷଣ ଯନ୍ତ୍ରୀ ଇଂ. ରଘୁନାଥ ସ୍ୱାଇଁ ପ୍ରକାଶ




କରିଛନ୍ତି । ଏଠାରେ ସୂଚନା ଯୋଗ୍ୟଯେ ପୂର୍ବରୁ ସମ୍ପୃକ୍ତ ବିଭାଗରେ କାର୍ଯ୍ୟକରୁଥିବା ଅଧିକ୍ଷଣଯନ୍ତ୍ରୀ ଇଂ.ବୈକୁଣ୍ଠ ନାଥ ଦଳେଇ ନିଜର ପଦୋନ୍ନତି କାରଣରୁ ଅନ୍ୟତ୍ର ବଦଳି ହୋଇ ଚାଲିଯିବାରୁ ତାଙ୍କ ସ୍ଥାନରେ ପ୍ରାଚୀ ଡ଼ିଭିଜନ ଭୁବନେଶ୍ୱରରୁ ଆସି ନୂତନ ଭାବେ ଅଧିକ୍ଷଣ ଯନ୍ତ୍ରୀ ଇଂ. ରଘୁନାଥ ସ୍ୱାଇଁ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଗତ ୪ ତାରିଖ ଦିନ ସେ କଂଟିଲୋ ଗସ୍ତରେ ଆସି ସ୍ଥାନୀୟ ବିଧାୟକଙ୍କର ଏକ ସଫେଇ କାର୍ଯ୍ୟକ୍ରମରେ ଯୋଗଦେବା ସହ ଶ୍ରୀ ଶ୍ରୀ ନୀଳମାଧବ ମନ୍ଦିରର ଉତର ଦ୍ୱାରକୁ ଲାଗି ବୋହିଯାଉଥିବା ଓ ଏବେ ବନ୍ୟା ଜଳକୁ ନେଇ ଭୟଙ୍କର ରୁପ ଧାରଣ କରିଥିବା ଚିତ୍ରୋତଳା ମହାନଦୀକୁ ଅତି ନିକଟରୁ ଦେଖିବା ସହ ଏହି ସତର୍କସୂଚନା ବିଭାଗ ପକ୍ଷରୁ ଜାରି କରିଥିବା ପ୍ରକାଶ କରିଛନ୍ତି । ଶ୍ରାବଣମାସରେ ଉକ୍ତ ସ୍ଥାନରେ ହଜାର ହଜାର ସଂଖ୍ୟକ କାଉଡ଼ିଆ ଅତିବ ବିପଦ ଶଙ୍କୁଳ ଅବସ୍ଥାରେ ମହାନଦୀଗର୍ଭରେ ସ୍ନାନା ଶୌଚ ଆଦି କାର୍ଯ୍ୟ ସମ୍ପନ୍ନ କରିବା ସହ ଜଳଧାରଣ ପୂର୍ବକ ରାଜ୍ୟର ବିଭିନ୍ନ ଶୈବ ମନ୍ଦିର ଉଦ୍ଦେଶ୍ୟରେ ପାଣି ଲାଗି ପାଇଁ ଯାତ୍ରା କରିଥାନ୍ତି । ଏଥି ମଧ୍ୟରେ ଶ୍ରାବଣର ଏକଗୋଟି ସୋମବାର ଚାଲିଯାଇ ଦ୍ୱିତୀୟର ଆଗମନ ଦେଖା ଦେଇଛି । ତେବେ ମହାନଦୀରେ ଅଧିକରୁ ଅଧିକ ବନ୍ୟାଜଳ ପ୍ରବେଶ ନେଇ ସରକାରୀ ସ୍ତରରେ ଆକଳନ ମଧ କରାଯାଇଛି । ଏ ସବୁକୁ ଦୃଷ୍ଟି ଆଗରେ ରଖି ସମ୍ପୃକ୍ତ ସ୍ଥାନରେ ସୂଚନା ବୋର୍ଡ଼ ମରାଯିବା ସହ ସମସ୍ତ ଜନସାଧାରଣଙ୍କୁ ମହାନଦୀ ପ୍ରବେଶ ଉପରେ ସମ୍ପୂର୍ଣ୍ଣ ବାରଣ କରାଯାଇଥିବାର ଅଧିକ୍ଷଣ ଯନ୍ତ୍ରୀ ଇଂ-ସ୍ୱାଇଁଙ୍କ ସହ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ଶିବଶଙ୍କର ବେହେରା ଓ କଂଟିଲୋ ସ୍ଥିତ ବିଭାଗୀୟ ଶାଖା କାର୍ଯ୍ୟାଳୟର ସହକାରୀଯନ୍ତ୍ରୀ ଶ୍ରୀ ରାମମୋହନ ବେହେରାଙ୍କ ଠାରୁ ମଧ ସୂଚନା ମିଳିଛି ।

# ପୁରୁଣାବସନ୍ତ ସୋସାଇଟି ସେକ୍ରେଟାରୀଙ୍କୁ ରେଢୁଆ ସମବାୟ ସମିତି ଦାୟିତ୍ୱ

ରଘୁନାଥପୁର (ଅମୃତ ମିଡିଆ) : ଜଗତସିଂହପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପ୍ୟାକ୍ସର କାର୍ଯ୍ୟରତ ସେକ୍ରେଟାରୀ ବିଜୟ କୁମାର ସାହୁଙ୍କୁ ସ୍ଥାନୀୟ ରେଢୁଆ ଓ ନୂଆକରି ଖୋଲିଥିବା ତଂଆରା ପ୍ୟାକ୍ସର ଅତିରିକ୍ତ ଦାଇତ୍ୱ ପ୍ରଦାନ କରାଯାଇଛି ।ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୩୨୧୬/୭/୮/୨୦୨୬ ଅନୁଯାଇ ନିର୍ଦ୍ଦେଶନାମା ପ୍ରକାଶ ପାଇବା ସହ ଏ ସମ୍ପର୍କରେ ସେକ୍ରେଟାରୀ ସାହୁ,ଉଭୟ ପ୍ୟାକ୍ସର ପ୍ରେସିଡେଣ୍ଟ ଓ ରଘୁନାଥପୁର ସିସିବି ଶାଖା ପରିଚାଳକଙ୍କୁ ଅବଗତ କରାଯାଇଛି ।ପୁନଃ ଆଦେଶ ନଆସିବା ପର୍ଯ୍ୟନ୍ତ ସେକ୍ରେଟାରୀ ସାହୁ ଉଭୟ ପ୍ୟାକ୍ସର ଦାଇତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ରହିଛି ।ଏହାଛଡା ପୂର୍ବରୁ ରେଢୁଆ ପ୍ୟାକ୍ସରୁ ଅବସର ନେଇଥିବା ସେକ୍ରେଟାରୀ ଭଗବାନ ସ୍ୱାଇଁଙ୍କୁ ସମସ୍ତ ଦାଇତ୍ୱ ନୂତନ ସେକ୍ରେଟାରୀ ସାହୁଙ୍କୁ ଦେବା ପାଇଁ ଚିଠିରେ ଉଲ୍ଲେଖ ରହିଛି ।ସୂଚନାଯୋଗ୍ୟ କି ଦୀର୍ଘଦିନ ଧରି ରେଢୁଆ ପ୍ୟାକ୍ସରେ ସେକ୍ରେଟାରୀ ନଥିବାରୁ ଚାଷୀମାନେ ବିଭିନ୍ନ ପ୍ରକାର ସମସ୍ୟା ଦେଇ ଗତି କରୁଥିଲେ । ଏପରିକି ଧାନମଣ୍ଡି ପରିଚାଳନା ଓ ମିନିବ୍ୟାଙ୍କରେ ଚାଷୀମାନେ ରଖିଥିବା ଟଙ୍କା ଉଠାଇବାରେ ଅସୁବିଧାରେ ସମ୍ମୁଖୀନ ହେଉଥିଲେ ।ନୂତନ ସେକ୍ରେଟାରୀ କାର୍ଯ୍ୟଭାର ନେବାପରେ ସମସ୍ତ କାର୍ଯ୍ୟ ସାବଲୀଳ ହେବ ବୋଲି ଚାଷୀମାନେ ଆଶା ପ୍ରକଟ କରିଛନ୍ତି ।

# ଜୟପୁରରେ ମୋବାଇଲ ମେଳା

**ଜୟପୁର (ଅମୃତ ମିଡିଆ) :** କୋରାପୁଟ ଜିଲ୍ଲା ଜୟପୁର ଏସଡିପିଓ ଅଫିସ ରେ ମୋବାଇଲ ମେଳା ଆଜି ଅନୁଷ୍ଠିତ ହୋଇଛି । ପୋଲିସ ତରଫରୁ ୧୧୦ ହଜି ଯାଇଥିବା ମୋବାଇଲ. କୋରାପୁଟ ଜିଲ୍ଲାର ବୈପାରୀଗୁଡା, କୁନ୍ଦ୍ରା, ଜୟପୁର ସଦର ଭଳି ଚାରୋଟି ସ୍ଥାନରୁ ଏହି ସବୁ ମୋବାଇଲକୁ ଜବତ କରାଯାଇଛି । ସରକାରଙ୍କ ଦ୍ୱାରା କରାଯାଇଥିବା ସିଇଆଇଆରଆପରେ ପଞ୍ଜିକରଣ ବା ଅଭିଯୋଗ ଦାଖଲ କଲେ ଏହି ଆପ ମୋବାଇଲର ଆଇ ଏମ ଆଇ ନମ୍ବରକୁ ଟ୍ରାକ କରେ ଆଉ ଯେତେବେଳେ ଏହି ମୋବାଇଲରେ ନୂଆ ସିମ ପକାଇଲେ ଏହି ଆପ ମୋବାଇଲକୁ ଟ୍ରାକ କରେ ତାପରେ ପୋଲିସ ଟ୍ରାକିଙ୍ଗ କରି ମୋବାଇଲକୁ ଜବତ କରାଯାଇଛି । ହଜିଥିବା ଓ ଚୋରି ହୋଇଥିବା ଫୋନ୍ ଉଦ୍ଧାର ମେଳା କାର୍ଯ୍ୟକ୍ରମରେ ୧୧୦ଟି ମୋବାଇଲ୍ ଫେରାଇଛି ଜୟପୁର ପୋଲିସ । ସାଇବର ଥାନା ଓ ସାଇବର ସେଲର




ମିଳିତ ଉଦ୍ୟମରେ ଉଦ୍ଧାର ହୋଇଛି ଫୋନ୍ ମୋଟ୍ ୧୧୦ଟି ମୋବାଇଲ ଫୋନ୍ ସେମାନଙ୍କ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି । ହଜିଯାଇଥିବା ଓ ଚୋରି ହୋଇଥିବା ମୋବାଇଲ ଫୋନ୍ ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ଫେରାଇବା ପାଇଁ ଜୟପୁର ପୋଲିସ ପକ୍ଷରୁ ଦୃଢ଼ ପ୍ରୟାସ ଜାରି ରହିଛି । ଜୟପୁର ଏସଡିପିଓ ଅଫିସ ରେ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଅର୍ଚିତା ମିଉଲ, ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ପୋର୍ଟାଲ ମୋବାଇଲ ଫୋନ୍ ହଜିଗଲେ କିମ୍ବା ଚୋରି ହେଲେ ରିପୋର୍ଟ କରନ୍ତୁ । ତୁରନ୍ତ ନିକଟସ୍ଥ ଥାନାରେ ଯାଇ ଅଭିଯୋଗ ଦାଖଲ କରନ୍ତୁ । ଅଭିଯୋଗ ପଞ୍ଜିକୃତ ହେଲେ ସିଇଆଇଆର୍ ମାଧ୍ୟମରେ ମୋବାଇଲକୁ ଟ୍ରାକ୍ କରି ଉଦ୍ଧାର କରିବା ସହ ପ୍ରକୃତ ମାଲିକଙ୍କ ନିକଟକୁ ଫେରାଇବା ସମ୍ଭବ ହୋଇପାରିବ ବୋଲି ସୂଚନା ଦିଆଯାଇଛି ।

# ଖଣ୍ଡପଡ଼ାର ପୂର୍ବତନ ଏସ୍‌ଡ଼ିପିଓ ବିମଳ ବାରିକଙ୍କ ଅକାଳବିୟୋଗ



**ଖଣ୍ଡପଡା (ଅମୃତ ମିଡିଆ) :** ଖଣ୍ଡପଡ଼ା ପୂର୍ବତନ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିମଳ କୁମାର ବାରିକଙ୍କ ଚିକିତ୍ସିତ ଅବସ୍ଥାରେ ପରଲୋକ ଘଟିଥିବା ସୂଚନା ମିଳିଛି । ମାତ୍ର କିଛିଦିନ ଧରି ସେ ଅସୁସ୍ଥ ଥିବା ବେଳେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ମାତ୍ର ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ୮ତାରିଖ ଶନିବାର ଦିନ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ସ୍ୱର୍ଗତ ବାରିକ ଖଣ୍ଡପଡ଼ା ଏସ୍‌ଡ଼ିପିଓ ଭାବେ ଅତିତରେ ଦୀର୍ଘ ୨ବର୍ଷ କାଳ ସୂଚାରୁ ରୁପେ ଦାୟିତ୍ୱ ନିର୍ବାହ ପୂର୍ବକ ଅନ୍ୟତ୍ର ବଦଳି ହୋଇ ଚାଲିଯାଇଥିଲେ । ତାଙ୍କର ଅକାଳ ମୃତ୍ୟୁକୁ ନେଇ ଖଣ୍ଡପଡ଼ା ସହରାଂଚଳର ଜନସାଧାରଣଙ୍କ ମଧ୍ୟରେ ଓ ଉପଖଣ୍ଡ ଆରକ୍ଷୀ କାର୍ଯ୍ୟାଳୟ ଅଧିନସ୍ଥ ଥାନା, ଫାଣ୍ଡି ଇତ୍ୟାଦିରେ କାର୍ଯ୍ୟରତ ଆରକ୍ଷୀ ମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଥିବା ଜଣାପଡ଼ିଛି ।

# ନୀଳଗିରି ଆଇ.ଟି.ଡି.ଏ କାର୍ଯ୍ୟାଳୟରେ ନୂତନ ଅଧିକାରୀ ଜଣଙ୍କ କିଏ ?

## କାମ ଦେଖନ୍ତି କମ୍ ପଇସା ଉଠାନ୍ତି ଅଧିକ

**ନୀଳଗିରି (ଅମୃତ ମିଡିଆ) :** ବାଲେଶ୍ୱର ଜିଲ୍ଲାର ଏକମାତ୍ର ଆଦିବାସୀ ଅଧ୍ୟୁଷିତ ବ୍ଲକ ନୀଳଗିରି । ଏହି ବ୍ଲକରେ ଆଦିବାସୀ ଉନ୍ନତି ପାଇଁ ଉନ୍ନୟନ ସଂସ୍ଥା ବା ଆଇ ଟି ଡି ଏ କାର୍ଯ୍ୟାଳୟ ଖୋଲାଯାଇଛି । ୧୯୭୫ମସିହାରୁ ଏହି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଆସୁଥିବା ବେଳେ ଏହି କାର୍ଯ୍ୟାଳୟର ପ୍ରକଳ୍ପ ଅଧିକାରୀ ଥିବା କାରୁ ସରେନ ଦୀର୍ଘବର୍ଷ ଧରି କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା ଫଳରେ ବାଲେଶ୍ୱରର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ସାମନ୍ତରାଏଙ୍କୁ ଆଇ ଟି ଡି ଏ ରେ ଅତିରିକ୍ତ ଦାୟୀତ୍ୱ ପ୍ରଦାନ କରାଯାଇଛି । ବାଲେଶ୍ୱର ଓ ନୀଳଗିରି ଦୁଇଗୋଟି କାର୍ଯ୍ୟାଳୟର ଦାଇତ୍ୱ ବୁଝିବା ଶ୍ରୀମତୀ ସାମନ୍ତରାଏଙ୍କ ପାଇଁ କଷ୍ଟକର ବ୍ୟାପାର ହେଉଥିବା ବେଳେ ଜେଇମାନେ ଏହାର ସୁଯୋଗ ନେଇ ବହୁ ବେଆଇନ କାର୍ଯ୍ୟରେ ଲିପ୍ତ ରହିଥିବାର ଦେଖାଯାଇଛି । ଯାହାର ସଦ୍ୟ ଉଦାହରଣ ବାହାର ବ୍ୟକ୍ତିଙ୍କୁ ଆଣି କାମ ତଦାରଖ କରିବା, ଠିକାଦାର ମାନଙ୍କ ଠାରୁ ଅର୍ଥ ଆଦାୟ କରିବା କାର୍ଯ୍ୟ



କରିଚାଲୁଥିବାର ଅଭିଯୋଗ ହେଉଛି । କାର୍ଯ୍ୟାଳୟରେ ୩ଜଣ ଜେଇଥିବା ବେଳେ ସେମାନଙ୍କ କାର୍ଯ୍ୟରେ ବାହାର ବ୍ୟକ୍ତି ଜଣଙ୍କୁ ସରକାରୀ ଫାଇଲ ଗୁଡ଼ିକ ତାଙ୍କ ହାତରେ ରହିବା ଓ ଉନ୍ନୟନ କାର୍ଯ୍ୟରେ ଉକ୍ତ ବ୍ୟକ୍ତି ଜଣଙ୍କ ବିଲ କରିବା ଓ କାର୍ଯ୍ୟ ସ୍ଥଳରେ ଜେଇ ନରହି ଉକ୍ତ ବ୍ୟକ୍ତି ଜଣଙ୍କ ରହି ଗ୍ରେଡବିମ୍ ପକାଇବା, ଘରରେ ଛାତ କାର୍ଯ୍ୟ ହେଉଥିବା ବେଳେ ବେସରକାରୀ ବ୍ୟକ୍ତି ଜଣଙ୍କ ନିର୍ଦ୍ଦେଶରେ ରଡ ବନ୍ଧାଯାଇ ଛାତ ପକାଯାଉଥିବାର ଦେଖିବାକୁ ମିଳିଛି । ଉକ୍ତ ବ୍ୟକ୍ତି ଜଣଙ୍କ ଜେଇଙ୍କ ଅଫିସ ରୁମ୍ ଭିତରେ ବସି ଜେଇଙ୍କ ସମ୍ମୁଖରେ ମେଜରମେଣ୍ଟ ବହିରେ କାର୍ଯ୍ୟ କରୁଥିବା ବେଳେ ଜେଇ ମାନଙ୍କର ଆବଶ୍ୟକତା କଣ ବୋଲି ଏଅଞ୍ଚଳରେ ଚର୍ଚ୍ଚା ହେଉଛି । ବାହାର ବ୍ୟକ୍ତିଙ୍କୁ କିଏ ନିଯୁକ୍ତି ଦେଲା ତାହା ତଦନ୍ତ ସପେକ୍ଷ । ଆଇ ଟି ଡି ଏ କାର୍ଯ୍ୟାଳୟର ଏଇ ଥିବା ଶରତ ଚନ୍ଦ୍ର ଉପାଧ୍ୟାୟଙ୍କ ଡିଜେଲ ଚୋରୀ ଘଟଣା ଠାରୁ ବେସରକାରୀ ବ୍ୟକ୍ତିଙ୍କ ହାତରେ ସରକାରୀ ଫାଇଲ ରହିବା କେତେଦୂର ଠିକ୍ ତାହା ଚର୍ଚ୍ଚର ବିଷୟ ହୋଇଛି । କିଛି ଦିନ ପୂର୍ବରୁ ମଧୁସ୍ମିତା ସାମନ୍ତରାଏ ଉପଜିଲ୍ଲାପାଳ ଥିବା ବେଳେ ଆଦିବାସୀ ଜମି ଅନୁମତି ପ୍ରଦାନରେ ହୋଇଥିବା ଘୋଟାଲା ଓ ଜଣେ କିରାଣୀ ବଳିପଡ଼ିଥିବା ବେଳେ ପୁଣି ବେସରକାରୀ ବ୍ୟକ୍ତିଙ୍କ ସରକାରୀ ନଥି ପ୍ରଦାନ କରି ବିଭାଗୀୟ ଜେଇ ଓ ଅଧିକାରୀ ମାନେ ବାବୁ ସାଜିବା ଫଳରେ ଆଗାମୀ ଦିନରେ ବିଭାଗରେ କଣ ଅବସ୍ଥା ସୃଷ୍ଟି ହେବା ତାହା ଦେଖିବାକୁ ବାକି ରହିଲା ।

# ଦୁର୍ଘଟଣା ରୋକିବା ପାଇଁ ଗାଈ ବେକରେ ଲାଗିଲା ରେଡିୟମ ବେଲ୍ଟ

**ଆଠମଲ୍ଲିକ (ଅମୃତ ମିଡିଆ) :** ଶ୍ରୀରାମ ନବମୀ କମିଟି ଓ ଆଠମଲ୍ଲିକ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ସହର ରେ ବୁଲୁଥିବା ବିଭିନ୍ନ ଗୋରୁ ଗାଈ ଙ୍କ ବେକ ରେ ରେଡିୟମ ବେଲ୍ଟ ପିନ୍ଧା ଯାଇଥିବା ଜଣା ପଡିଛି । ସୂଚନା ଥାଉ କି ରାତିରେ ଗୋରୁ ଗାଈ ମାନଙ୍କ ଉପରେ ଛୋଟ ମୋଟ ଦୁର୍ଘଟଣା ବୃଦ୍ଧି ପାଇବା ପରେ ରାମ



ନବମୀ କମିଟି ର କାର୍ଯ୍ୟ କର୍ତ୍ତା କାର୍ଯ୍ୟ କରିବାକୁ ମନସ୍ଥ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ରାମ ନବମୀ କମିଟିର ସଦସ୍ୟ ଶିବାଶିଷ ରାଉତ, ସତ୍ୟବ୍ରତ ନାଏକ, ଯୁବରାଜ ବେହେରା, ସୂର୍ଯ୍ୟାଂଶୁ ଜ୍ୟୋତିଷରାୟ, ସ୍ମୃତି ସଂଚୟ ଭୁକ୍ତା, ଜିତେନ ନାଏକ, ରାହୁଲ ପ୍ରଧାନ, ସମ୍ପିତ କୁମାର ମାହାର, ଅଂଶୁମାନ ବଘାର, ମନୀଷ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।



# ପଶ୍ଚିମ ଓଡ଼ିଶା



ଅମୃତ ଦୁନିଆ
୯ ଅଗଷ୍ଟ ୨୦୨୬

# ଭବାନୀପାଟଣାରେ 'ଏକ୍ସଟ୍ରା ସର୍ଭିସ୍'ର ଅଭିଯୋଗ

## ପୋଲିସ-ପୌରପାଳିକା ପାଖରେ ହିସାବ ନାହିଁ

**କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) :** ଭବାନୀପାଟଣା ସହରରେ ଗୋଟିଏ ପରେ ଗୋଟିଏ ସ୍ପା, ମସାଜ୍ ଓ ୱେଲନେସ୍ ସେଣ୍ଟର ଖୋଲୁଛି। ଆକର୍ଷଣୀୟ ସାଇନ୍‌ବୋର୍ଡ, ବିଭିନ୍ନ ପ୍ୟାକେଜ୍ ଓ ଫୋନ୍‌ରେ ଗ୍ରାହକ ଆକୃଷ୍ଟ କରିବାର ଅଭିଯୋଗ ମଧ୍ୟରେ ଏବେ କଥିତ 'ଏକ୍ସଟ୍ରା ସର୍ଭିସ୍'କୁ ନେଇ ଉଠିଛି ଗୁରୁତର ପ୍ରଶ୍ନ। କେତେକ ସ୍ଥାନରେ ୧୨୦୦ରୁ ୪୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ୟାକେଜ୍ ସହ ନିର୍ଦ୍ଧାରିତ ସେବା ବାହାରେ ଅତିରିକ୍ତ ଅର୍ଥ ବଦଳରେ ଅନୈତିକ ସେବାର ପ୍ରସ୍ତାବ ଦିଆଯାଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ମାତ୍ର ଏହି ଅଭିଯୋଗର ସ୍ୱାଧୀନ ପ୍ରମାଣ ଏପର୍ଯ୍ୟନ୍ତ ସାମ୍ନାକୁ ଆସିନଥିବାରୁ ତଦନ୍ତ ପୂର୍ବରୁ କୌଣସି (ସ୍ପା)ମାଲିକ କିମ୍ବା କର୍ମଚାରୀଙ୍କୁ ଦୋଷୀ କୁହାଯିବା ଉଚିତ ନୁହେଁ। ହେଲେ ଏହି ଅଭିଯୋଗର ଖୋଳତାଡ଼ କରିବାବେଳେ ଆଉ ଏକ ଗମ୍ଭୀର ଦିଗ ସାମ୍ନାକୁ ଆସୁଛି । ଭବାନୀପାଟଣା ସହରରେ ପ୍ରକୃତରେ କେତୋଟି ସ୍ପା ଚାଲୁଛି, କେତୋଟି ପାଖରେ ପ୍ରଯୋଜ୍ୟ ଟ୍ରେଡ୍ ଲାଇସେନ୍ସ ରହିଛି, କେତୋଟି ବିନା ଆବଶ୍ୟକ ଅନୁମତିରେ ଚାଲୁଛି ଏବଂ ଶେଷଥର କେବେ ସେଗୁଡ଼ିକର ଯାଞ୍ଚ ହୋଇଥିଲା ଏନେଇ ଭବାନୀପାଟଣା ଟାଉନ ଥାନା ଓ ପୌରପାଳିକା କର୍ତ୍ତୃପକ୍ଷଙ୍କଠାରୁ ସ୍ପଷ୍ଟ ତଥ୍ୟ ମିଳିନଥିବା ଜଣାପଡ଼ିଛି। ଏଠାରୁ ତଦନ୍ତର ଦିଗ ଆହୁରି




ଗମ୍ଭୀର ହେଉଛି ଯଦି ସହରରେ ଚାଲୁଥିବା (ସ୍ପା) ଗୁଡ଼ିକର ସମନ୍ୱିତ ତାଲିକା ହିଁ ନାହିଁ । ତେବେ ସେମାନଙ୍କ ଲାଇସେନ୍ସ ଓ କାର୍ଯ୍ୟକଳାପ ଉପରେ ନଜର ରଖୁଛି କିଏ ? ନୂଆ (ସ୍ପା) ଖୋଲିଲେ ପୋଲିସକୁ ତଥ୍ୟ ଦିଆଯାଉଛି କି ? ପୌରପାଳିକା ଯେଉଁ ନାମରେ ଟ୍ରେଡ୍ ଲାଇସେନ୍ସ ଦେଉଛି, ପ୍ରକୃତରେ ସେହି ପ୍ରକାର ସେବା ହିଁ ଚାଲୁଛି କି? ଲାଇସେନ୍ସର ମିଆଦ, ନବୀକରଣ ଓ ସର୍ତ୍ତ ପାଳନର କୌଣସି ନିୟମିତ ନିରୀକ୍ଷଣ ହେଉଛି କି? ଗତ କିଛି ବର୍ଷ ମଧ୍ୟରେ (ସ୍ପା)ସମ୍ପର୍କିତ କେତୋଟି ଅଭିଯୋଗ ପୋଲିସ ପାଖକୁ ଆସିଛି। କେତୋଟି ସ୍ଥାନରେ ଚଢ଼ଉ କିମ୍ବା ଯାଞ୍ଚ ହୋଇଛି । କେତୋଟି ମାମଲା ରୁଜୁ ହୋଇଛି ଏବଂ କୌଣସି ପ୍ରତିଷ୍ଠାନ ବିରୋଧରେ ଲାଇସେନ୍ସ ସମ୍ପର୍କିତ ପଦକ୍ଷେପ ହୋଇଛି କି ଏସବୁର ସରକାରୀ ହିସାବ ସାମ୍ନାକୁ ଆସିବା ଆବଶ୍ୟକ। ଏହାସହ ଏକ ପ୍ରଶ୍ନ ମଧ୍ୟ ଉଠୁଛି ଯେ, ପୋଲିସ, ପୌରପାଳିକା ଓ ଅନ୍ୟ ସମ୍ପୃକ୍ତ ବିଭାଗ ମଧ୍ୟରେ ଏଭଳି ପ୍ରତିଷ୍ଠାନ ସମ୍ପର୍କିତ ତଥ୍ୟ ବିନିମୟର କୌଣସି ବ୍ୟବସ୍ଥା ଅଛି କି? ଯଦି ଅଛି, ତେବେ ଅଦ୍ୟତନ ତାଲିକା କେଉଁଠି। ଆଉ ଯଦି ନାହିଁ, ତେବେ ଏହି ପ୍ରଶାସନିକ ଶୂନ୍ୟସ୍ଥାନର ସୁଯୋଗ କୌଣସି ବେଆଇନ କାରବାର ପାଇଁ ବ୍ୟବହୃତ ହେଉଛି କି ନାହିଁ, ତାହା ମଧ୍ୟ ତଦନ୍ତର ପରିସରକୁ ଆସିବା ଦରକାର। ସହରରେ ଚାଲୁଥିବା ସମସ୍ତ ସ୍ପାର ନାମ, ଠିକଣା, ମାଲିକଙ୍କ ନାମ, ଟ୍ରେଡ୍ ଲାଇସେନ୍ସ ନମ୍ବର, ଲାଇସେନ୍ସରେ ଉଲ୍ଲେଖିତ ବ୍ୟବସାୟର ପ୍ରକୃତି, ଇସ୍ୟୁ ଓ ନବୀକରଣ ତାରିଖ ସହ ପୂର୍ଣ୍ଣ ତାଲିକା ପ୍ରସ୍ତୁତ କରି ପ୍ରକୃତ ସ୍ଥିତି ସହ ମେଳ କରାଗଲେ ଅନେକ ପ୍ରଶ୍ନର ଉତ୍ତର ମିଳିପାରିବ। ସେହିପରି ଅଭିଯୋଗର ସତ୍ୟାସତ୍ୟ ନିର୍ଣ୍ଣୟ ପାଇଁ ଆଇନସମ୍ମତ ଭାବେ ପୋଲିସ–ପ୍ରଶାସନର ମିଳିତ ଯାଞ୍ଚ ଏବଂ ଆବଶ୍ୟକସ୍ଥଳେ ଅଚାନକ ନିରୀକ୍ଷଣ କରାଯାଇପାରେ। ଆଇନ ଉଲ୍ଲଂଘନର ପ୍ରମାଣ ମିଳିଲେ କଠୋର ପଦକ୍ଷେପ ହେଉ, କିନ୍ତୁ ନିୟମ ମାନି ବ୍ୟବସାୟ କରୁଥିବା ପ୍ରତିଷ୍ଠାନ ଯେପରି ଅଭିଯୋଗର ଆଢୁଆଳରେ ଅନାବଶ୍ୟକ ବଦନାମ ନହୁଅନ୍ତି, ସେଥିପ୍ରତି ମଧ୍ୟ ସତର୍କତା ଆବଶ୍ୟକ। ଏବେ ତଦନ୍ତର କେନ୍ଦ୍ରରେ କେବଳ 'ଏକ୍ସଟ୍ରା ସର୍ଭିସ୍' ଅଭିଯୋଗ ନୁହେଁ; ବରଂ ଭବାନୀପାଟଣାରେ କେତୋଟି (ସ୍ପା)ଚାଲୁଛି, କାହା ଅନୁମତିରେ ଚାଲୁଛି, କିଏ ତାହାର ଯାଞ୍ଚ କରୁଛି ଏବଂ ଯଦି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପାଖରେ ସେହି ମୌଳିକ ହିସାବ ନାହିଁ ତେବେ ନିୟନ୍ତ୍ରଣ ବ୍ୟବସ୍ଥା ଚାଲୁଛି କିପରି ? ଏହି ପ୍ରଶ୍ନର ଉତ୍ତର ହିଁ ଏବେ ଏକ ଉଚ୍ଚସ୍ତରୀୟ, ନିରପେକ୍ଷ ଓ ରେକର୍ଡଭିତ୍ତିକ ଯାଞ୍ଚ ଦାବି କରୁଛି।

# କଳାହାଣ୍ଡିରେ ଅସୁରକ୍ଷିତ ହାତୀ କରିଡର୍

## ୫ ବର୍ଷରେ ମଲେଣି ୨୨ରୁ ଉର୍ଦ୍ଧ୍ୱ ହାତୀ

**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲାରେ ଭରପୁର ରହିଛି ନଦୀନାଳ, ଝରଣା ଓ ଜଙ୍ଗଲ ପାହାଡ଼। ଜଙ୍ଗଲି ଜନ୍ତୁଙ୍କ ପାଇଁ ପୂର୍ବରୁ ଏଠାକାର ଜଙ୍ଗଲାଞ୍ଚଳ ବେଶ ଭଲ ଆଶ୍ରୟସ୍ଥଳୀ ଭାବେ ପରିଗଣିତ ହେଉଥିଲା। ଆଠଗଡ଼ ପରେ ହାତୀ ଚଳପ୍ରଚଳ ଦୃଷ୍ଟିରୁ କଳାହାଣ୍ଡି ଏକ ବୈଶିଷ୍ଟ୍ୟପୂର୍ଣ୍ଣ ଜିଲ୍ଲା ରୂପେ ବନ ବିଭାଗ ବିବେଚନା କରୁଥିଲା। କାଳକ୍ରମେ ଜଙ୍ଗଲ ଅବକ୍ଷୟିତ ହାର ବୃଦ୍ଧି, ଜଙ୍ଗଲରୁ ହାତୀର ପ୍ରିୟ ଖାଦ୍ୟ ବାଉଁଶ ଧୀରେ ଧିରେ ଲୋପ ପାଇବା କାରଣରୁ ହାତୀମାନେ ଜନବସତି ମୁହାଁ ହେଉଥିବା ସାଧାରଣରେ ଆଲୋଚନା କରାଯାଉଛି। କେବଳ ହାତୀ ନୁହେଁ ବନ୍ୟପ୍ରାଣୀ ସ୍ୱରୂପ ଭାଲୁ ମଧ୍ୟ ସହର ଭିତରକୁ ପ୍ରବେଶ କରିବାର ନଜିର ରହିଛି। ଦୁର୍ଭାଗ୍ୟର ବିଷୟ ଯେ ଗତ ୫ ବର୍ଷ ମଧ୍ୟରେ ୨୨ରୁ ଉର୍ଦ୍ଧ୍ୱ ହାତୀ ପ୍ରାଣ ହରାଇଥିବାବେଳେ ହାତୀ ଆକ୍ରମଣରେ ବହୁ ନିରୀହ ଜୀବନ ଚାଲିଯାଇଛି। ହାତୀପଲ ଜଙ୍ଗଲରୁ ଲୋପ ହେବାକୁ ପଡୁଛି। ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା ଓ କନ୍ଧମାଳ ଜିଲ୍ଲାକୁ ନେଇ ସୃଷ୍ଟି ହୋଇଥିବା କଳାହାଣ୍ଡିର ହାତୀ କରିଡ଼ର ସବୁଠାରୁ ସୁରକ୍ଷିତ। କିନ୍ତୁ ଏଠି ହାତୀ ପାଇଁ ମଣିଷ ଜୀବନ ଅସୁରକ୍ଷିତ ହୋଇପଡ଼ିଛି। କଳାହାଣ୍ଡି ବନବିଭାଗ ଦୁଇଟି ବନ ମଣ୍ଡଳରେ ବିଭକ୍ତ ଯଥା- ଉତ୍ତର ଓ ଦକ୍ଷିଣ ଉତ୍ତର ଓ ଦକ୍ଷିଣ ବନ ମଣ୍ଡଳରେ ସର୍ବମୋଟ



୧୦୦ରୁ ଉର୍ଦ୍ଧ ହାତୀ ଚଳପ୍ରଚଳ ହେଉଥ ?ିବା କଥା ବିଭାଗ ସୂତ୍ରରୁ ଜଣାପଡ଼ିଛି। ତେବେ ଉତ୍ତର ବନମଣ୍ଡଳରେ ହିଁ ଅଧିକ ହାତୀ ମୃତ୍ୟୁ ସହିତ ମଣିଷ ଜୀବନ ନଷ୍ଟ ହେବାର ରିପୋର୍ଟରୁ ଅଛନ୍ତି। ହାତୀଙ୍କ ହାବଭାବ ସମ୍ପର୍କରେ କର୍ମଚାରୀମାନେ ରିପୋଟିଂ କରନ୍ତି। ତେବେ ଦେଖାଯାଏ ଯେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ଓ ପରସ୍ପର ହାତୀ ଲଢେଇ, ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶ ଓ କାଦୁଅରେ ପଡ଼ିବା ଏମିତି ଅନେକ କାରଣ ବଶତଃ ହାତୀମାନଙ୍କ ଥିବା ସତ୍ତ୍ୱେ ହାତୀ ପୋଖରୀରେ ବୁଡ଼ି ଅନେକ କଷ୍ଟ ପାଇଥିଲା। ଶେଷରେ ସ୍ଥାନୀୟ ଲୋକ ଓ ବନବିଭାଗ ସହାୟତାରେ ତାକୁ ଉଦ୍ଧାର କରାଯାଇଥିଲା। ହାତୀପଲ ଆସିବା, ଫସଲ ହାନି ଓ ଘରଦ୍ୱାର ଧ୍ୱଂସ ହେବା ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। ଏକର ଏକର କଳାହାଣ୍ଡି ଜିଲ୍ଲାରେ ହାତୀ ଫସଲ ନଷ୍ଟ ହେବା ଓ ଗ୍ରାମାଞ୍ଚଳରେ ଘର ଭୁଶୁଡ଼ିବା ଥମିନାହିଁ। ବନବିଭାଗ ମୂଲ୍ୟବାନ ଜୀବନ ତ ଫେରେଇ ପାରିବେନି ନଷ୍ଟ ହୋଇଥିବା ଏକର ଏକର ଫସଲ ଓ ଭାଙ୍ଗିଥିବା ଘର ପାଇଁ କ୍ଷତିପୂରଣ ଯୋଗେଇବାର ପ୍ରତିଶ୍ରୁତି ଦେଇଛନ୍ତି। ଗତ ଦୁଇଦିନ ପୂର୍ବେ ଲାଞ୍ଜିଗଡ଼ ଅଞ୍ଚଳରେ ପିଡେଲବାକୁ ଗ୍ରାମରେ ରାତିରେ ୨୬ଟିକିଆ ହାତୀ ପଲ ଘର ଭାଙ୍ଗିବା ସହିତ ଜଣଙ୍କ ଜୀବନ ମଧ୍ୟ ଚାଲିଯିବା ଅତ୍ୟନ୍ତ ହୃଦୟ ବିଦାରକ ଘଟଣା ବୋଲି କୁହାଯାଇଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ-ବିଜ୍ଞାନ ମେଳା

**ଖପ୍ରାଖୋଲ (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା ସଦର ଖପ୍ରାଖୋଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ଜ୍ଞାନ-ବିଜ୍ଞାନ ମେଳା ଉତ୍ସାହ ଓ ଆଡ଼ମ୍ବରର ସହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଗୁରୁଜୀ ଗନ୍ଧର୍ବ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମେଧା, ସୃଜନଶୀଳତା ଓ ବୈଜ୍ଞାନିକ ଚିନ୍ତାଧାରାର ଚମତ୍କାର ପ୍ରତିଫଳନ ଦେଖିବାକୁ ମିଳିଥିଲା। ମେଳାରେ ବୈଦିକ ଗଣିତ, ବିଜ୍ଞାନ, ସଂସ୍କୃତି ଜ୍ଞାନ, ପ୍ରଶ୍ନମଞ୍ଚ, ମୂର୍ତ୍ତିକଳା ଓ ପତ୍ରବାଚନ ଭଳି ବିଭିନ୍ନ ପ୍ରତିଯୋଗିତା ଓ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଶିଶୁ ବାଟିକା, ଶିଶୁ ବର୍ଗ ଓ ବାଳ ବର୍ଗର ଛାତ୍ରଛାତ୍ରୀମାନେ ନିଜସ୍ୱ ଅଭିନବ ପ୍ରକଳ୍ପ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକ ଓ ଅଭିଭାବକଙ୍କ ପ୍ରଶଂସା ସାଉଁଟିଥିଲେ। ଜ୍ଞାନ-ବିଜ୍ଞାନ ମେଳାର ସଂଯୋଜକ ଲଲାଟେନ୍ଦୁ ବିଶ୍ୱାଲ, ସୁଶୀଲ କୁମାର ପଧାନ ଏବଂ ଗୁରୁମା ମିତା ପଧାନ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଗୁରୁମା ବୀଣାପାଣି ପଧାନ, ଗିତାଞ୍ଜଳୀ ପଣ୍ଡା, ହୃଦେଶ୍ୱରୀ ସାହୁ, କାମିନୀ ବରିହା, ସ୍ୱାଗତିକା ଥନାପତି ଏବଂ ଗୁରୁଜୀ ଅଭିଷେକ ସାହୁ ଏବଂ ହୃଷିକେଶ ବେହେରା ସମେତ ସମସ୍ତ ଛାତ୍ରଛାତ୍ରୀ ଓଡ଼ିଆ ଅଭିଭାବକମାନେ ଉପସ୍ଥିତ ଥିଲେ।

# ଧାନ ବିକ୍ରୟ ପାଇଁ ଚାଷୀ ପ୍ରଶିକ୍ଷଣ ଶିବିର

## ଭାଗଚାଷୀଙ୍କୁ ଅଡୁଆ ହେବ ନୂଆ ଗାଇଡ୍‌ଲାଇନ

**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲା ଜୁନାଗଡ଼ ଆରଏମ୍‌ସି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ୨୦୨୬-୨୭ ଖରିଫ ଧାନ ବିକ୍ରୟ ପାଇଁ ଚାଷୀ ପଞ୍ଜୀକରଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଡିଆରସିଏସ୍ ସ୍ୱରୂପ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିଥି ଭାବେ ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ, ଧର୍ମଗଡ଼ ଏଆରସିଏସ୍ ସରୋଜ ପଧାନ, ଜୁନାଗଡ଼ ଆରଏମ୍‌ସି ସମ୍ପାଦକ ଉଦିତ କୁମାର ବାବୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଆସନ୍ତା ଖରିଫ ଧାନ ବିକ୍ରୟ ପାଇଁ ଚାଷୀ କିପରି ସୁରୁଖୁରୁରେ ସରକାରଙ୍କ ନୂତନ ଗାଇଡ୍‌ଲାଇନ ଅନୁଯାୟୀ ପଞ୍ଜୀକରଣ କରିପାରିବେ ସେ ନେଇ ଆଲୋଚନା ହୋଇଥିଲା। ଆସନ୍ତା ୩୧ ତାରିଖ ଭିତରେ ଚାଷୀମାନେ ପଞ୍ଜିକରଣ କରିବାକୁ କୁହାଯାଇଥିଲା। ଏଆରସିଏସ୍ ଅନୁପମା ଗାର୍ଡିଆ ଧନ୍ୟବାଦ ଦେଇଥିଲେ। ପ୍ରକାଶ ଯେ, ସାଧାରଣତଃ ପ୍ରତିବର୍ଷ ଜୁଲାଇ ୧୫ରୁ ପ୍ୟାକ୍ସ ମାଧ୍ୟମରେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଥାଏ। ମାତ୍ର ଚଳିତବର୍ଷ ସରକାର ନୂତନ ନିୟମାବଳୀ ଲାଗୁ କରିଛନ୍ତି। ଏହି ନିୟମ ଅନୁଯାୟୀ ଚାଷୀଙ୍କୁ କୃଷକ ରେଜିଷ୍ଟ୍ରି ସଂଖ୍ୟା ଆଧାରରେ ପଞ୍ଜୀକରଣ କରିବାକୁ ପଡ଼ିବ। ଫଳରେ ବହୁ ବର୍ଷ ଧରି ପୈତୃକ ଜମିରେ ଚାଷ କରୁଥିବା ପରିବାର ସମସ୍ୟାରେ ପଡ଼ିବେ ବୋଲି କୁହାଯାଉଛି। ଅନେକ କ୍ଷେତ୍ରରେ ଜମି ଏପର୍ଯ୍ୟନ୍ତ ମୃତ ଜେଜେବାପା କିମ୍ବା ଜେଜେମା'ଙ୍କ ନାମରେ ରହିଥିବାବେଳେ ବର୍ତ୍ତମାନ ତୃତୀୟ ପିଢ଼ି ସେହି ଜମିରେ ଚାଷ କରୁଛନ୍ତି। ନୂଆ ବ୍ୟବସ୍ଥାରେ ସେମାନେ କିପରି ପଞ୍ଜିକରଣ କରିବେ ତାହାକୁ ନେଇ ପ୍ରଶ୍ନଉଠିଛି । ସେହିପରି ଯୁଗ୍ମ ମାଲିକାନାରେ ଥିବା ଜମି ଏବଂ ପରିବାର ମଧ୍ୟରେ ମାଲିକାନା ବିବାଦ ଥିବା ଜମିର ପଞ୍ଜିକରଣ ମଧ୍ୟ ଜଟିଳ ହୋଇପାରେ। ଭାଗଚାଷୀଙ୍କ ପାଇଁ ମଧ୍ୟ ନୂଆ ନିୟମ ବଡ଼ ସମସ୍ୟା ସୃଷ୍ଟି କରିଛି। ପୂର୍ବରୁ ଜମି ମାଲିକଙ୍କ ସହମତିପତ୍ର ଓ ଆଧାର କାର୍ଡ ଆଧାରରେ ସେମାନେ ପଞ୍ଜିକରଣ କରି ପାରୁଥିଲେ। କିନ୍ତୁ ବର୍ତ୍ତମାନ ଜମି ମାଲିକଙ୍କ ବାୟୋମେଟ୍ରିକ ଯାଞ୍ଚ କିମ୍ବା ପ୍ରତ୍ୟକ୍ଷ ଉପସ୍ଥିତିକୁ ବାଧ୍ୟତାମୂଳକ କରାଯାଇଥିବାରୁ ଭାଗଚାଷୀଙ୍କ ପାଇଁ ପଞ୍ଜିକରଣ କରିବା ସମସ୍ୟା ସୃଷ୍ଟି କରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଏଥର ଖରିଫ ମଣ୍ଡିରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବାଦ ଦିଆଯାଇଛି ବୋଲି ଜିଲା ଯୋଗାଣ ଅଧିକାରୀ ଶ୍ରୀ ମଲିକ ପ୍ରକାଶ କରିଛନ୍ତି।

# ହସ୍ତତନ୍ତ ଶିଳ୍ପୀଙ୍କୁ ସମ୍ମାନ ଜଣାଇଲେ ସାଂସଦ

## ଶୁଭେଚ୍ଛା ଜଣାଇବା ସହ ନିଷ୍ଠା, ପରିଶ୍ରମ, ଅବଦାନକୁ ପ୍ରଶଂସା



**କଳାହାଣ୍ଡି (ଅମୃତ ମିଡ଼ିଆ) :** ଜାତୀୟ ହସ୍ତତନ୍ତ ଦିବସ ଅବସରରେ ରାଜ୍ୟସଭା ସାଂସଦ ସୁଜିତ କୁମାର ଓଡ଼ିଶାର ହସ୍ତତନ୍ତ ଶିଳ୍ପୀ ଓ କାରିଗରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ନିଷ୍ଠା, ପରିଶ୍ରମ ଏବଂ ଅବଦାନକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସୋସିଆଲ ମିଡିଆରେ ଶିଳ୍ପୀ ଓ କାରିଗରମାନଙ୍କ ସହ ତାଙ୍କର କିଛି ସ୍ମରଣୀୟ ମୁହୂର୍ତ୍ତର ଫଟୋ ସେୟାର କରି ସେ କହିଛନ୍ତି ଯେ, ହସ୍ତତନ୍ତ ଶିଳ୍ପ କେବଳ ଏକ ବ୍ୟବସାୟ ନୁହେଁ, ବରଂ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଜୀବନ୍ତ ପରିଚୟ। ସୁଜିତ କୁମାର କହିଛନ୍ତି ଯେ, ଓଡ଼ିଶାର ସମ୍ବଲପୁରୀ ବାନ୍ଧା, ବୋମକାଇ, କୋଟପାଡ଼, ବ୍ରହ୍ମପୁରୀ ପଟ୍ଟ, କଳାହାଣ୍ଡିର ହବସପୁରୀ, ନୂଆପଟଣା ଖଣ୍ଡୁଆ ଏବଂ ପସାପଲ୍ଲୀ ଭଳି ପ୍ରସିଦ୍ଧ ହସ୍ତତନ୍ତ ବସ୍ତ୍ର କେବଳ ଦେଶରେ ନୁହେଁ, ବିଶ୍ୱସ୍ତରରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ବସ୍ତ୍ରଗୁଡ଼ିକ ଆମର ପାରମ୍ପରିକ କଳା, ସୃଜନଶୀଳତା ଏବଂ କାରିଗରଙ୍କ ଅସାଧାରଣ ଦକ୍ଷତାର ପ୍ରତୀକ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଭୋକାଲ୍ ଫର୍ ଲୋକାଲ୍' ଆହ୍ୱାନ ସ୍ଥାନୀୟ ଉତ୍ପାଦ ଓ କାରିଗରଙ୍କୁ ନୂତନ ପରିଚୟ ଦେଇଛି। ଦେଶବାସୀ ଯଦି ସ୍ୱଦେଶୀ ହସ୍ତତନ୍ତ ସାମଗ୍ରୀକୁ ଅଗ୍ରାଧିକାର ଦିଅନ୍ତି, ତେବେ ଲକ୍ଷ ଲକ୍ଷ କାରିଗର ପରିବାର ଆର୍ଥିକ ଭାବେ ସଶକ୍ତ ହେବା ସହିତ ଆମର ପ୍ରାଚୀନ କଳା ଓ ପରମ୍ପରା ମଧ୍ୟ ଆଗାମୀ ପିଢ଼ି ପାଇଁ ସଂରକ୍ଷିତ ରହିପାରିବ। ସୁଜିତ କୁମାର ଆହୁରି କହିଛନ୍ତି ଯେ, ପ୍ରତ୍ୟେକ ହସ୍ତତନ୍ତ ସାମଗ୍ରୀ କ୍ରୟ ପଛରେ ଗୋଟିଏ କାରିଗର ପରିବାରର ଜୀବିକା ଓ ଆଶା ଜଡ଼ିତ ରହିଛି। ଆମେ ଯେତେବେଳେ ସ୍ଥାନୀୟ ହସ୍ତତନ୍ତ ଉତ୍ପାଦ କିଣୁଛୁ, ସେତେବେଳେ କେବଳ ଗୋଟିଏ ବସ୍ତ୍ର କିଣୁନାହୁଁ, ବରଂ ଜଣେ କାରିଗରଙ୍କ ପରିଶ୍ରମକୁ ସମ୍ମାନ ଦେବା ସହ ତାଙ୍କ ପରିବାରର ଆର୍ଥିକ ସୁରକ୍ଷାରେ ମଧ୍ୟ ସହଯୋଗ କରୁଛୁ। ଏହା ଗ୍ରାମାଞ୍ଚଳର ଅର୍ଥନୀତିକୁ ମଜବୁତ କରିବା ସହ ରୋଜଗାର ସୃଷ୍ଟିରେ ମଧ୍ୟ ସହାୟକ ହୋଇଥାଏ। ଜାତୀୟ ହସ୍ତତନ୍ତ ଦିବସ ଅବସରରେ ସେ ସମସ୍ତଙ୍କୁ ଓଡ଼ିଶାର ହସ୍ତତନ୍ତ ଉତ୍ପାଦ ବ୍ୟବହାର କରିବା, ସ୍ଥାନୀୟ କାରିଗରଙ୍କୁ ପ୍ରୋତ୍ସାହନ ଦେବା ଏବଂ ରାଜ୍ୟର ସମୃଦ୍ଧ ପାରମ୍ପରିକ ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଜଣାଇଛନ୍ତି। ସେ କହିଛନ୍ତି ଯେ, ହସ୍ତତନ୍ତ କେବଳ ଆମର ଗର୍ବ ନୁହେଁ, ବରଂ ଓଡ଼ିଶାର ସାଂସ୍କୃତିକ ପରିଚୟର ଏକ ଅମୂଲ୍ୟ ସମ୍ପଦ, ଯାହାର ସୁରକ୍ଷା ଓ ପ୍ରସାର ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ।

# ବିଧାୟକ କଳିକେଶ ସିଂଦେଓଙ୍କ ବିଭିନ୍ନ ବିଭାଗର ସମୀକ୍ଷା ବୈଠକ

## ବନ୍ୟା କ୍ଷୟକ୍ଷତିର ଆକଳନ, ଚାଷୀଙ୍କୁ ସଠିକଦରରେ ସାର ଯୋଗାଣ ନେଇ ପ୍ରଶାସନକୁ ନିର୍ଦ୍ଦେଶ

**ବଲାଙ୍ଗୀର (ଅମୃତ ମିଡିଆ) :** ଆଜି ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ ସ୍ଥାନୀୟ ସର୍କିଟ ହାଉସଠାରେ ବିଭିନ୍ନ ବିଭାଗର ପ୍ରକଳ୍ପକାମ ଉପରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷାବୈଠକ କରିଥିଲେ। ଏଥିରେ ଶିକ୍ଷା, କୃଷି, ପାନୀୟଜଳ, ଲୋୟର ସୁକତେଲ, ଜଳସେଚନ ଓ କ୍ଷୁଦ୍ରଜଳସେଚନ ବିଭାଗର ଅଧିକାରୀଗଣ ଓ ଯନ୍ତ୍ରୀଗଣ ଯୋଗ ଦେଇଥିଲେ। ସମୀକ୍ଷା ବୈଠକରେ ବର୍ତ୍ତମାନ ଚାଷ ସମୟରେ ଚାଷିମାନେ ସାର ପାଉନଥିବା ଓ ଚଢାଦରରେ ସାର ବିକ୍ରି ହେଉଥିବା ପ୍ରସଙ୍ଗ ଆଲୋଚନା ହୋଇଥିଲା। ଚାଷିମାନଙ୍କୁ ତୁରନ୍ତ ଉଚିତଦରରେ ସାର ଯୋଗାଇବାକୁ କୃଷିବିଭାଗକୁ ନିର୍ଦ୍ଦେଶ କରିଥିଲେ। ସେହିପରି ଶିକ୍ଷା ବିଭାଗରେ ବ୍ୟାପକ ମାତ୍ରାରେ ଅନୀୟମିତତା କରି ଶିକ୍ଷକମାନଙ୍କ ବଦଳି କରାଯାଇଛି। ସେଥିପାଇଁ କେଉଁ କେଉଁ ଆଧାରରେ କେଉଁ ଶିକ୍ଷକଙ୍କୁ ବଦଳି କରାଯାଇଛି ତାହାର ଏକ ସୁବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ କରିଥିଲେ। ଠିକ ସେହିପରି କ୍ଷୁଦ୍ରଜଳସେଚନ ବିଭାଗ ପକ୍ଷରୁ ଲକ୍ଷ୍ମୀ ଯୋରନାଳରେ କରାଯାଇଥିବା ଚେକଡେମ ଗୁଡିକ ତୃଟିପୂର୍ଣ୍ଣ ରହିଛି ସେହି କାରଣରୁ ଠିକରେ ଜଳନିସ୍କାସନ ହୋଇପାରୁନଥିବା ବିଷୟରେ ଆଲୋଚନା ହୋଇଥିଲା। ଏହା ସହିତ ସତ୍ୟନାରାୟଣ ପଡାଠାରେ ନିର୍ମାଣ ହୋଇଥିବା ପୋଲ କ୍ଷୁଦ୍ରଜଳସେଚନ ବିଭାଗ କରିଥିବା ବିଷୟକୁ ଏସଡିଓ ସ୍ୱୀକାର କରିଥିଲେ। ପୂର୍ବରୁ ଏହାକୁ ପୌରପାଳିକା ନିର୍ମାଣ କରିଥିଲା କିନ୍ତୁ ପରେ ଲକ୍ଷ୍ମୀଯୋରକାମ ବେଳେ ବଡହ୍ୟୁମପାଇପ ପକାଇ ଏମଆଇପି ବିଭାଗ କରାଇଥିବା ବିଷୟରେ ଏସଡିଓ



ମାନଭଞ୍ଜନ ଶତପଥି ସ୍ୱୀକାର କରିଥିଲେ। ତୁରନ୍ତ ତାଙ୍କର ଉପରିସ୍ଥ ଟେକ୍ନୀକାଲଟିମ ସହିତ ଆଲୋଚନା କରି ଲକ୍ଷ୍ମୀଯୋର ସମସ୍ୟାର ସମାଧାନ କରିବାକୁ ବିଧାୟକ ନିର୍ଦ୍ଦେଶ କରିଥିଲେ। ସତ୍ୟନାରାୟଣ ପଡାରେ ଏକ ଉଚ୍ଚପୋଲ ନିର୍ମାଣ ସହିତ ଗନ୍ଧରେଲଡେମର ଉନ୍ନତିକରଣ ପାଇଁ କରାଯାଇଥିବା ୧୩କୋଟି ଟଙ୍କାର ଡିପିଆରକୁ ନେଇ ଆଲୋଚନା ହୋଇଥିଲା। ସେହିପରି ଦେଓଗାଁରେ ଚାଲିଥିବା ମେଗା ପାନୀୟଜଳଯୋଗାଣ ପ୍ରକଳ୍ପ କାମର ମନ୍ଥରତା ନେଇ ବିଧାୟକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଠିକାସଂସ୍ଥାକୁ ତାଗିତ ତଥା ନୋଟିସ କରି କାମକୁ ସଂପୂର୍ଣ୍ଣ କରାଇବାକୁ ବିଧାୟକ ନିର୍ଦ୍ଦେଶ କରିଥିଲେ। ସେହିପରି ବିସ୍ଥାପିତ କଲୋନୀଗୁଡିକରେ ପାନୀୟଜଳର ସୁବିଧା କରାଇବା,ସ୍କୁଲଖୋଲିବାକୁ ପଦକ୍ଷେପ ନେବାକୁ ପ୍ରଶାସନକୁ ନିର୍ଦ୍ଦେଶ କରିଥିଲେ। ଜଳସେଚନ ବିଭାଗ ପକ୍ଷରୁ ନବନିର୍ମିତ ଛତମଖନା ଆଇଏସଏସରେ ବ୍ୟାପକ ତୃଟିଥିବା ଯୋଗୁଁ ବନ୍ୟାଜଳ ନିସ୍କାସନ ହୋଇନପାରି ପ୍ରକଳ୍ପରେ ଅନେକ ସ୍ଥାନରେ ଭାଙ୍ଗିଯାଇଥିବା ବିଷୟରେ ଯନ୍ତ୍ରୀମାନଙ୍କୁ ପଚାରିଥିଲେ। ଅଳ୍ପଦିନର ପ୍ରକଳ୍ପରେ କିଭଳି କଟଅପ ୱାଲ ଓ ଏମବେଙ୍କମେଣ୍ଟ ଭାଙ୍ଗିଯାଇଛି ତାହାର ସବିଶେଷ ତଥ୍ୟ ଦେବାକୁ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ କରିଥିଲେ। ବୈଠକରେ ଉପସ୍ଥିତ ଥିବା ଅତିରିକ୍ତ ମୁଖ୍ୟନିର୍ମାଣଯନ୍ତ୍ରୀ ଛତାମଖନା ଆଇଏସଏସ ନିର୍ମାଣ ବେଳେ ଡିଜାଇନରେ ପରିବର୍ତ୍ତନ କରାଯାଇଥିବା ସ୍ୱୀକାର କରିଥିଲେ। ତେବେ ଲୋୟରସୁକତେଲ ବନ୍ୟାଜଳ ନିସ୍କାସନ ବେଳେ ଏହି ପ୍ରକଳ୍ପରେ କେମିତି ଅଧିକ ଜଳ ନିସ୍କାସନ ହୋଇପାରିବ ସେନେଇ ଡିଜାଇନରେ ଧ୍ୟାନ ଦିଆଯାଇନଥିବା ମଧ୍ୟ ସ୍ୱୀକାର କରିଥିଲେ। ତେଣୁ ଡେମର ନିର୍ମାଣ ଜନିତ ତୃଟି ଓ ସୁରକ୍ଷା ନେଇ ନେଇ ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟି ଦ୍ୱାରା ତଦନ୍ତ କରିବାକୁ ବିଭାଗୀୟ ଅତିରିକ୍ତ ମୁଖ୍ୟନିର୍ମାଣଯନ୍ତ୍ରୀଙ୍କୁ ନିର୍ଦ୍ଦେଶ କରିଥିଲେ। ଜିଲ୍ଲାରେ ସଂପ୍ରତି ହୋଇଥିବା ବନ୍ୟା କ୍ଷୟକ୍ଷତିର ତୁରନ୍ତ ଆକଳନ କରି ସରକାରଙ୍କୁ ରିପୋର୍ଟ ପଠାଇ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ପ୍ରଶାସନକୁ ବିଧାୟକ ଶ୍ରୀ ସିଂଦେଓ ନିର୍ଦ୍ଦେଶ କରିଥିଲେ। ବିଧାୟକ କଳିକେଶଙ୍କ ଏହି ସମୀକ୍ଷା ବୈଠକରେ ଜିଲ୍ଲାପରିଷଦ ସଭାପତି ଦେବକୀ ସାହୁ, ସଦରବ୍ଲକ ଅଧକ୍ଷା ସରିତା ବାଗ, ଦେଓଗାଁ ବ୍ଲକର ପୂର୍ବଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ସଦରବ୍ଲକର ପୂର୍ବ ଅଧକ୍ଷ ଗୋଲାପ ବାଗ, ବିଜେଡି ଦଳର ଟିମା ମହାନ୍ତି, ପ୍ରଦ୍ୟୁମ୍ନ ହୋତା, ରାଜେନ୍ଦ୍ର ହୋତା, ଛାତ୍ରବିଜେଡିର ସୁମନ ନନ୍ଦ, ଆଇଟିସେଲର ବିଭୁତିଭୂଷଣ ମିଶ୍ର, ଦେବଦତ୍ତ ବେହେରା, ଲେଙ୍କା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## କଂଗ୍ରେସ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

# କାମଧେନୁ ଯୋଜନାର ନିୟମାବଳୀରେ ସୁଧାର ଆଣିବାକୁ ଦାବି



**ବାରିପଦା(ଅମୃତମିଡିଆ):** ଗୋ ଚାଷୀଙ୍କ ନିମନ୍ତେ ଓଡିଶା ସରକାରଙ୍କର କାମଧେନୁ ଯୋଜନାର ନିୟମାବଳୀରେ ସୁଧାର ଆଣିବା ପାଇଁ ମୟୁରଭଞ୍ଜ କଂଗ୍ରେସ ପକ୍ଷରୁ ଏକ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେହିପରି ନିୟମିତ ଭାବେ ପିଆରଏମ ମେଡିକାଲ ଓ ହସ୍ପିଟାଲକୁ ବସ ସେବା ଯୋଗାଇବା ନିମନ୍ତେ ମଧ୍ୟ ଆଲୋଚନା କରାଯାଇଛି । ବର୍ତ୍ତମାନ ଓଡିଶା ସରକାରଙ୍କର ନୂତନ କାମଧେନୁ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏହି ଯୋଜନା ନିମନ୍ତେ ୧୪୨୩.୪୭ କୋଟି ଟଙ୍କାର ବଜେଟ ପାରିତ ହୋଇଛି । ଏହି ଯୋଜନାରେ ଯେଉଁ ନିୟମାବଳୀ ରହିଛି ସେହି ଅନୁସାରେ କୌଣସି ହିତାଧିକାରୀ ଗାଇ କିମ୍ବା ମହିଷୀ କିଣିବାରେ ସକ୍ଷମ ହୋଇପାରୁନାହାନ୍ତି । ସରକାର ଯେଉଁ ନିୟମ ରଖିଛନ୍ତି ସେଥିରେ ୧ ବର୍ଷର ଟେଗ ଥିବା ଗାଇ କିଣିବା ପାଇଁ ତାହା ସମ୍ଭବ ହୋଇପାରୁନି. ଟେଗ ଥିବା ଗାଇ କିମ୍ବା ମହିଷୀ ଗୁଡିକ ୧ ବର୍ଷ ହୋଇଥିବା ଦରକାର, ମାନେ ଗାଇ କିମ୍ବା ମହିଷୀ ଗର୍ଭିଣୀ ହେବାର ପରେ ୯ ମାସ ମଧ୍ୟରେ ବାଛୁରୀ ହେଉଛି, ଅବଶିଷ୍ଟ ୩ ମାସର ଦୁଗ୍ଧ ନୂତନ ଭାବେ କ୍ରୟ କରିଥିବା ଚାଷୀ ତାର ଲାଭ ହରାଉଛି । ତାଛଡା ଟେଗ ଗାଇ କିମ୍ବା ମହିଷୀର ବୟସ ଠିକ ଭାବେ ଜାଣି ନପାରି ବୁଢ଼ୀ ଗାଇ ଓ ମହିଷୀ କ୍ରୟ କରି ଚାଷୀ ମାନେ ହନ୍ତସନ୍ତ ହେଉଛନ୍ତି । ନିଜ ଅଂଚଳରେ ଟେଗ ଗାଇ ଓ ମହିଷୀ କ୍ରୟର ସୁବିଧା ନଥିବାରୁ ବାହାର ରାଜ୍ୟକୁ ଟେଗ ଗାଇ ଓ ମହିଷୀ କିଣିବା ପାଇଁ ଯିବାକୁ ପଡୁଛି । ବାହାର ରାଜ୍ୟରେ ଯେଉଁ ଡାକ୍ତର ଗାଇ ଓ ମହିଷୀକୁ ଟେଗ କରୁଛନ୍ତି ତାହାର ଖର୍ଚ୍ଚ ୧୫ ରୁ ୨୦ ହଜାର ଅଧିକ ପଡୁଛି, ଯାହାକି ସରକାର ଯେଉଁ ସବସିଡି ଦେଉଛନ୍ତି ତାହା ବାଟମାରଣା ହୋଇ ବାହାର ରାଜ୍ୟର ଟେଗ ଗାଇ ଓ ମହିଷୀ ବିକ୍ରେତା ମାନେ ପାଉଛନ୍ତି । ଏଣୁ ସରକାର ଯଦି ନିଜ ନିଜ ଅଂଚଳରେ ଥିବା ସିଡିଭିଓ ମାନଙ୍କୁ ଦାୟିତ୍ୱ ଦେଇ ଗାଇ ଓ ମହିଷୀ କ୍ରୟ ନିମନ୍ତେ ସୁବିଧା ସୃଷ୍ଟି କରନ୍ତେ ତେବେ ଗୋ ଚାଷୀ ମାନଙ୍କୁ ବାହାର ରାଜ୍ୟକୁ ଯିବାକୁ ପଡନ୍ତା ନାହିଁ, ସବସିଡି ଠିକ ଭାବରେ ପାଇପାରିବେ କିମ୍ବା ଆମ ଜିଲ୍ଲା ଚିକିତ୍ସା ଅଧିକାରୀ ଙ୍କ ଦ୍ୱାରା ଅନୁମୋଦିତ ଭେଣ୍ଡର ମାନଙ୍କୁ ଦାୟିତ୍ୱ ଦେଲେ ଉଚ୍ଚ ଜାତିର ଗାଇ ଓ ମହିଷୀ ଗୋ ଚାଷୀ ମାନେ ପାଇପାରିବେ ଏବଂ ଏହା ଦ୍ୱାରା ଗୋ - ଚାଷୀ ମାନେ ଉପକୃତ ହେବେ ଓ ଉନ୍ନତ ମାନର ଗାଇ ଓ ମହିଷୀ ପାଇ ପାରିବେ ବୋଲି କଂଗେସ ତରଫରୁ କୁହାଯାଇଛି । ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ରେ କଂଗ୍ରେସ ଦଳର ବରିଷ୍ଠ ନେତା ବିଜନ ଦାସ, ପୂର୍ବତନ ଉପସଭାପତି ଅଶୋକ ଅଧିକାରୀ, କଂଗ୍ରେସ ନେତା ଶାନ୍ତନୁ ପାଲ, ପୂର୍ବତନ ମହିଳା ସଭାପତି ସୁସ୍ମିତା ଘୋଷଲ, ନିର୍ମଳ ପ୍ରଧାନ, ଭବାନୀ ଶଙ୍କର ସାହୁ, ଯୁବ ନେତା ନିହାର ରଞ୍ଜନ ମଢୁଆଲ, ରତିକାନ୍ତ ଚୌଧୁରୀ, କ୍ଷେତ୍ର ମୋହନ ମହାନ୍ତ ପ୍ରମୁଖ ସାମିଲ ଥିଲେ ।

## ୪ ଜଣଙ୍କ ଘରକୁ ଉଜାଡ଼ିଦେଲେ ହାତୀପଲ

# ଭୟରେ ପାଣି ଟାଙ୍କିରେ ଆଶ୍ରୟ ନେଲେ ପରିବାର





**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା, ରାସଗୋବିନ୍ଦପୁର ରେଞ୍ଜ, ରାସଗୋବିନ୍ଦପୁର ବ୍ଲକରେ ହାତୀ ଉପଦ୍ରବ ଜାରି ରହିଛି । ଗତକାଲି ଯୋଡପଡା ମୁଖ୍ୟ ରାସ୍ତା ଉପରେ ଦୁଇ ଘଣ୍ଟା ରୁ ଅଧିକ ସମୟ ରହି ଯାତାୟାତ ଠପ୍ କରିଥିଲା ଦନ୍ତାହାତୀ । ସଂନ୍ଧ୍ୟା ବେଳକୁ ହାତୀ ଉଗ୍ର ରୂପ ଧାରଣ କରି ତିନି ଜଣ ଙ୍କ ଘର ଭାଙ୍ଗିଥିଲା । ହାତୀ ପଲ ଙ୍କ ଗର୍ଜନ ଶୁଣି ଘରେ ଥିବା ଲୋକେ ଭୟଭୀତ ଅବସ୍ଥାରେ ଅନ୍ୟତ୍ର ଦୌଡ଼ି ପଳାଇ ଜୀବନ ବଞ୍ଚାଇଥିଲେ । ସୂଚନାଯୋଗ୍ୟ ଯେ ଗତକାଲି ସଂଧ୍ୟାରେ ହାତୀ ପଲ ଦେବଶୋଳ ପଞ୍ଚାୟତ ର ମୂଷାମାରୀ ଗ୍ରାମ ରେ ପ୍ରବେଶ କରି ତିନି ଜଣ ଙ୍କ ଘରକୁ ଆକ୍ରମଣ କରି ଭଙ୍ଗାରୁଜା କରିବା ସହ ବ୍ୟାପକ କ୍ଷୟକ୍ଷତି କରିଛି । ଭୟରେ ପାଟି କରିବାରୁ ପାଖ ପୋଡଶୀ ଲୋକେ ଦୌଡ଼ି ଆସି ପାଟି କରି ଘଉଡାଇବାକୁ ଚେଷ୍ଟା କରିବାରୁ ହାତୀ ରାଗିଯାଇ ପଦନ ହେମ୍ବ୍ରମ ଏବଂ ସୁବୋଧ ଟୁଡୁ ଙ୍କ ଘର କୁ ଭାଙ୍ଗି ନଷ୍ଟ କରି ପକାଇଥିଲା । ପରେ ଫାଗୁ ଟୁଡୁ ଙ୍କ ଘର ର ଝରକା ପାଖରେ ଶୁଣ୍ଢ ବଢାଇ ଟାଣିଥିଲା । ପାଖରେ ଥିବା ଏଜବେଷ୍ଟର ଘର କୁ ହାତୀ ଭାଙ୍ଗି ଧାନ ଖାଉଥିବା ବେଳେ ଦୁଇଟି ହାତୀ ଘର ସାମ୍ନାରେ ଜଗି ରହିଥିଲେ । କିଛି ସମୟ ପରେ ଧାନ ଖାଇସାରି ସେଠାରୁ ହାତୀ ଠାକୁର ପଳାଇଥିଲା ବୋଲି କହିଛନ୍ତି ଗରିବ ଆଦିବାସୀ ଫାଗୁ ହେମ୍ବ୍ରମ । ଆଦିବାସୀ ସଂପ୍ରଦାୟ ଲୋକେ ହାତୀ କୁ ଠାକୁର ବୋଲି କହିଥାନ୍ତି । ତେବେ ହାତୀ ଭୟରେ ଫାଗୁ ଘର ଛାଡ଼ି ଗ୍ରାମରେ ଥିବା ସରକାରୀ ପାଣି ଟାଙ୍କି ଘରେ ଆଶ୍ରୟ ନେଇଥିବା କହିଛନ୍ତି । ପୁଣି ଆଜି ଭୋର ସମୟରେ ରାସଗୋବିନ୍ଦପୁର ବ୍ଲକ ର ବଣକାଟି ଗ୍ରାମ ର ଗୁରୁବାରୀ ମୁର୍ମୁ ଙ୍କ ଘରକୁ ଭଙ୍ଗାରୁଜା କରିଛି । ଅପରପକ୍ଷରେ ୨୭ ଟିକିଆ ହାତୀ ପଲ ଭାଗ ଭାଗ ହୋଇ ବିଭିନ୍ନ ଗ୍ରାମ ଆଡକୁ ଯାଉଥିବା କାରଣରୁ ବନବିଭାଗ କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଥିବାର ଜଣାପଡିଛି । ସମସ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା, ହାତୀ ଉପଦ୍ରବ ର ସ୍ଥାୟୀ ସମାଧାନ ପାଇଁ ଯୁବ ସାମାଜସେବୀ ଉତ୍ତମ ମହାନ୍ତି, ୪୮ ଜୋନ ଜିଲ୍ଲା ପରିଷଦ ସଦସ୍ୟ ଶ୍ୟାମସୁନ୍ଦର ଡାକୁଆ, ସାରୁମୂଳା ପଞ୍ଚାୟତ ସରପଞ୍ଚ ମନୋରଞ୍ଜନ ସିଂ ଏବଂ ଅନ୍ୟମାନେ ଦାବି କରିଛନ୍ତି ।

# 'ଜୀବନରକ୍ଷା ପାଇଁ ସଚେତନତା ହିଁ ସର୍ବୋତ୍ତମ ଉପାୟ'



## ସାପ କାମୁଡ଼ା ସଚେତନତା କାର୍ଯ୍ୟକ୍ରମ

**ବାରିପଦା(ଅମୃତମିଡିଆ):** ବର୍ଷା ଋତୁରେ ସାପ କାମୁଡ଼ା ଘଟଣା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଠିକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବାରିପଦା ମହାରାଜପୁର ସ୍ଥିତ ମୟୁରଭଞ୍ଜ ହାୟାର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ଦେବସ୍ମିତା ବିଶ୍ୱାଳ ସଭାରେ ଅଧ୍ୟକ୍ଷତା କରି ଜୀବନ ରକ୍ଷା ପାଇଁ ସଚେତନତା ହିଁ ସର୍ବୋତ୍ତମ ଉପାୟ । ବୈଜ୍ଞାନିକ ଜ୍ଞାନ ଓ ସମୟୋପଯୋଗୀ ଚିକିତ୍ସା ଦ୍ୱାରା ସାପ କାମୁଡ଼ା ଜନିତ ଅନେକ ଦୁର୍ଘଟଣାକୁ ଏଡ଼ାଯାଇପାରିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଅଭିପ୍ସା ନାୟକ ଓ ଅଣୁଜୀବ ବିଜ୍ଞାନ ବିଭାଗର ମୁଖ୍ୟ ଦୀପାଞ୍ଜଳି ପାତ୍ର ଅତିଥି ଭାବେ ଯୋଗ ଦେଇ ସାପର ବିଭିନ୍ନ ପ୍ରଜାତି, ବିଷଧର ଓ ଅଣ ବିଷଧର ସାପର ପାର୍ଥକ୍ୟ, ସାପ କାମୁଡ଼ିଲେ କରଣୀୟ ଏବଂ ବର୍ଜନୀୟ ବିଷୟ, ତୁରନ୍ତ ଚିକିତ୍ସାଳୟକୁ ରୋଗୀଙ୍କୁ ନେବାର ଆବଶ୍ୟକତା ଓ ଅନ୍ଧବିଶ୍ୱାସରୁ ଦୂରେଇ ରହି ବୈଜ୍ଞାନିକ ପଦ୍ଧତି ଅନୁସରଣ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଅଧ୍ୟାପିକା ସବିତାରାଣୀ ଦାଶ, ରୂପମଞ୍ଜରୀ ବେହେରା, ଦୀପ୍ତିଶ୍ରୀ ବେହେରା, ପ୍ରତିଭା ଦାସ ଓ ମୀରା ସେନାପତି ମଧ୍ୟ ନିଜ ବକ୍ତବ୍ୟରେ ସ୍ୱଚ୍ଛ ପରିବେଶ, ସତର୍କତା, ପ୍ରାଥମିକ ଚିକିତ୍ସା ଜ୍ଞାନ ଏବଂ ବିପଦ ସମୟରେ ଧୈର୍ଯ୍ୟ ଓ ସଠିକ ନିଷ୍ପତ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପ୍ରଶ୍ନୋତ୍ତର ପର୍ବରେ ଛାତ୍ରଛାତ୍ରୀମାନେ ସାପ କାମୁଡ଼ା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିଥିବା ବେଳେ ବକ୍ତାଦ୍ୱୟ ସହଜ ଓ ବୈଜ୍ଞାନିକ କାରଣ ସହ ଉତ୍ତର ଦେଇ ସେମାନଙ୍କ ସନ୍ଦେହ ଦୂର କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ମାନେ ସହଯୋଗ କରିଥିବା ବେଳେ ଅଧ୍ୟାପିକା କବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏଆଇଟିୟୁସି ମୟୂରଭଞ୍ଜ ଜିଲ୍ଲା ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟରତ ନିର୍ମାଣ ଶ୍ରମିକ ସଂଘ, ପାଚିକା ସହାୟିକା ସଂଘ, ମଡର୍ନ ଟେକ୍ନୋ, ଇପିଏଫ ପେନସନଧାରୀ ସଂଘ, ବିଜୁଳି କର୍ମଚାରୀ ସଂଘ, ଓଏଲଆଇସି ସଂଘ, ବିକେଏମୟୁ ସଂଘ ମାନଙ୍କୁ ନେଇ ଆସନ୍ତା ଅଗଷ୍ଟ ୧୫ ତାରିଖରେ ଏଆଇଟିୟୁସି, ମୟୁରଭଞ୍ଜ ଜିଲ୍ଲା ୩ୟ ସମ୍ମିଳନୀ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ରଙ୍କ ସହମତିରେ ବାରିପଦା ଠାରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି । ସାଥୀ ମିଶ୍ର କେରଳ ଗସ୍ତରେ ଥିବାରୁ ପାଲବଣି ଠାରେ ସାଥୀ କାହ୍ନୁଚରଣ ବେହେରାଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଏଆଇଟିୟୁସି ସହବନ୍ଧିତ ସଂଗଠନ ମାନଙ୍କରୁ ୧୫୦ଜଣ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି । ଉକ୍ତ ସମ୍ମିଳନୀରେ ସିପିଆଇର ରାଜ୍ୟ ସମ୍ପାଦକ ସାଥୀ ଡ. ପ୍ରଶାନ୍ତ ମିଶ୍ର, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ସାଥୀ ବିଜୟ ଜେନା ଯୋଗଦେବେ । ଏହି ବୈଠକରେ ସାଥୀ ହୃଷୀକେଶ ସାହୁ, ବସନ୍ତ କୁମାର ନାଏକ, ପ୍ରଦୀପ କୁମାର ମହାନ୍ତ, ସନ୍ତୋଷ ସାହୁ, ଦେବେନ୍ଦ୍ର ବେହେରା, ମୁକେଶ କୁମାର ମହାନ୍ତ, ବରୁଣ କୁମାର ବେହେରା, ବିଜୟ କୁମାର ମହାନ୍ତ, ମଦନମୋହନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।



# ମେଘାସନ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ



## 'କଲେଜ ଜୀବନର ପ୍ରଥମ ଦିନ, ମନେରହିଥିବ ସବୁ ଦିନ'

**ବାରିପଦା /ଉଦଳା(ଅମୃତମିଡିଆ):** ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟରେ ଚଳିତ ବର୍ଷ ନୂଆକରି ନାମ ଲେଖାଇଥିବା +୨ ଓ +୩ର ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ଚଳିତ ଅଗଷ୍ଟ ୬ ତାରିଖ ଗୁରୁବାର ଦିନ ଏକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଛାତ୍ର ଛାତ୍ରୀ ମାନଙ୍କ ସହିତ ଅଭିଭାବକ ମାନେ ମଧ୍ୟ ଉପସ୍ଥିତ ଥିଲେ । କଲେଜ ଜୀବନର ପ୍ରଥମ ଦିନ ଓ ନୂଆ ସହପାଠୀଙ୍କ ମେଳ ଛାତ୍ର ଛାତ୍ରୀ ମାନଙ୍କ ମହଲରେ ଏକ ଭିନ୍ନ ସ୍ୱାଦର ଉତ୍ସାହ ଖେଳାଇ ଦେଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ରାଉତ ଉତ୍ସବରେ ଅଧ୍ୟକ୍ଷତା କରି କଲେଜ ଜୀବନର ପ୍ରଥମ ଦିନଟି କିପରି ସାରା ଜୀବନ ଭୁଲି ହୁଏ ନାହିଁ ବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧାପକ ଡ଼. ନିରଂଜନ ପାଠୀ ପାଠ ପଢ଼ା ସହିତ ଜାତୀୟ ସେବା ଯୋଜନା, ସମର ଶିକ୍ଷାର୍ଥି ବାହିନି, ରେଡ଼କ୍ରସ, ଭାରତ ସ୍କାଉଟ ଏଣ୍ଡ ଗାଇଡ଼ ଇତ୍ୟାଦିରେ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଆଇସିସି ସଭାପତି ଅଧ୍ୟାପିକା ଡ଼. ଶୁଭଦର୍ଶନି ମହାନ୍ତି ଏବଂ ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ସ୍ୱାତି ସୁଚରିତା ପଣ୍ଡା ମହାବିଦ୍ୟାଳୟର ପରିବେଶ, ନିୟମ, ଶୃଙ୍ଖଳା ବିଷୟରେ ଅବଗତ କରାଇଥିଲେ । ଅଧ୍ୟାପକ ସରେଜ କୁମାର ମହାନ୍ତି ଓ ଅଧ୍ୟାପକ ବୃନ୍ଦାବନ ମହାନ୍ତି ମହାବିଦ୍ୟାଳୟରେ ବର୍ଷସାରା ପାଳିତ ହେବାକୁ ଥିବା ବିଭିନ୍ନ ଉତ୍ସବ ସଂପର୍କରେ ଜଣାଇବା ସହ ଧମ ଧାମରେ ଏଗୁଡ଼ିକୁ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଅଧ୍ୟାପିକା ଡ଼. ସାଗରିକା ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଲୋପାମୁଦ୍ରା ପ୍ରଧାନ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ବିଦ୍ୟାଳୟ ନ ଯାଇ ଘରେ ରହୁଛନ୍ତି ପୂଜା, ଅଭି ଓ ବେବି



**ବାରିପଦା / ଉଦଳା(ଅମୃତମିଡିଆ):** ବିଦ୍ୟାଳୟ ଖାତାରେ ପିଲାଙ୍କ ନାମ ଗଡ଼ିଚାଲିଥିବା ଓ ଆଦୌ ପିଲାମାନେ ବିଦ୍ୟାଳୟ ଆସୁନଥିବାର ଦୃଶ୍ୟ ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ବହୁଳ ଭାବରେ ଦେଖିବାକୁ ମିଳୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହିଭଳି ବହୁବନ୍ଧ ପଂଚାୟତର ଅସୁରଖାଲ ଗ୍ରାମର ବାସିନ୍ଦା ବୁଧିଆ ପାତ୍ରଙ୍କର ୧୧ ବର୍ଷ ବୟସର କନ୍ୟା 'ପୂଜା' ଓ ୮ ବର୍ଷ ବୟସର ପୁତ୍ର 'ଅଭି'ଙ୍କ ସମେତ ମଙ୍ଗଲ ପାତ୍ରଙ୍କର ୬ବର୍ଷ ବୟସର କନ୍ୟା 'ବେବି' ଦୀର୍ଘ ବର୍ଷ ଧରି ଆଦୌ ବିଦ୍ୟାଳୟ ଯାଉନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଗୋଧିମରା ପ୍ରାଥମିକ ବିଦ୍ୟାଳୟରେ ଏହି ପିଲାମାନେ ନାମ ଲେଖାଇଥିବାର କଥା କହିଛନ୍ତି । ବିଦ୍ୟାଳୟ ଦୁରରେ ଥିବାରୁ ଜଙ୍ଗଲ ପାରି ହୋଇ ନିୟମିତ ଯିବା ଆସିବା ପିଲାଙ୍କ ପକ୍ଷେ ସମ୍ଭବ ହେଉନାହିଁ । ତେଣୁ ଏହି ପିଲାମାନେ ଆଦୌ ବିଦ୍ୟାଳୟ ଯାଉନଥିବାର ଅଭିଭାବକ ଜଣାଇଛନ୍ତି । ଦୀର୍ଘ ବର୍ଷ ଧରି ଅନୁପସ୍ଥିତ ଥିବା ଏହି ପିଲାଙ୍କ ନାମ ବିଦ୍ୟାଳୟ ଖାତାରେ ଗଡ଼ିଚାଲିଛି କି କଟିଯାଇଛି ତାହା ପରିବାର ଲୋକଙ୍କୁ ଜଣାନଥିବାର କଥା ସେମାନେ କହିଛନ୍ତି । ଅନୁପସ୍ଥିତ ଏହି ପିଲାମାନଙ୍କୁ ବିଦ୍ୟାଳୟ ତରଫରୁ ଥରଟିଏ ବି ଖୋଜା ପଡ଼ିନାହିଁ ବୋଲି ଅଭିଭାବକ କହିଛନ୍ତି । ତାଛଡ଼ା ଏହି ୩ଜଣ ଯାକ ପିଲାଙ୍କର ଆଧାର କାର୍ଡ଼ ମଧ୍ୟ ନାହିଁ । ଫଳରେ ସରକାର ଖାଦ୍ୟ ଯୋଜନାରେ ଯୋଗାଇ ଦେଉଥିବା ମୁଣ୍ଡପିଛା ୫କିଗ୍ର ଚାଉଳ ପାଇବାରୁ ବଂଚିତ ଅଛନ୍ତି । ଆଧାର ପାଇଁ ବାରମ୍ବାର ଫଟୋ ଉଠାଇଥିଲେ ମଧ୍ୟ କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କହିଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ଦୁଇ ପରିବାରର ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଜଣାଇଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ତରଫରୁ ଥରଟିଏ ବି ଖୋଜା ପଡ଼ିନାହିଁ ବୋଲି ଅବିଭାବକ କହିଛନ୍ତି । ତାଛଡ଼ା ଏହି ୩ଜଣ ଯାକ ପିଲାଙ୍କର ଆଧାର କାର୍ଡ଼ ମଧ୍ୟ ନାହିଁ । ଫଳରେ ସରକାର ଖାଦ୍ୟ ଯୋଜନାରେ ଯୋଗାଇ ଦେଉଥିବା ମୁଣ୍ଡପିଛା ୫କିଗ୍ର ଚାଉଳ ପାଇବାରୁ ବଂଚିତ ଅଛନ୍ତି । ଆଧାର ପାଇଁ ବାରମ୍ବାର ଫଟୋ ଉଠାଇଥିଲେ ମଧ୍ୟ କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କହିଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ଦୁଇ ପରିବାରର ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

# ମୁଖ୍ୟ ରାସ୍ତା ଖୋଳିବା ନେଇ ଅଭିଯୋଗ

## ଦୁର୍ଘଟଣା ଆଶଙ୍କା; କାର୍ଯ୍ୟାନୁଷ୍ଠାନ ଦାବି



**ବାରିପଦା /କରଞ୍ଜିଆ(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା, କରଞ୍ଜିଆ ସହରର ମହାବୀର ଛକ ନିକଟସ୍ଥ ସ୍ମାର୍ଟ ଗ୍ୟାରେଜ ସମ୍ମୁଖରେ ଥିବା ମୁଖ୍ୟ ସଡ଼କକୁ ବିନା କୌଣସି ସରକାରୀ ଅନୁମତିରେ ଖୋଳି ଦିଆଯାଇଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଓ ଚିନ୍ତା ପ୍ରକାଶ ପାଇଛି । ଏହି ଘଟଣା କେବଳ ଯାତାୟାତରେ ବାଧା ସୃଷ୍ଟି କରିନାହିଁ, ବରଂ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ମଧ୍ୟ ବଡ଼ ବିପଦ ସୃଷ୍ଟି କରିଥିବା ର ଅଭିଯୋଗ ହେଉଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଜଣେ ଘରମାଲିକ ନିଜ ଘରକୁ ପାଣି ପାଇପ ସଂଯୋଗ କରିବା ଉଦ୍ଦେଶ୍ୟରେ କରଞ୍ଜିଆ ଏନଏସି କିମ୍ବା ସମ୍ପୃକ୍ତ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ କୌଣସି ଅନୁମତି ନ ନେଇ ସିଧାସଳଖ ମୁଖ୍ୟ ରାସ୍ତାକୁ ଖୋଳି ଦେଇଛନ୍ତି । ସରକାରୀ ସଡ଼କକୁ ଏପରି ଭାବେ ଖୋଳିବା ଆଇନ ବିରୋଧୀ ହୋଇଥିବା ବେଳେ, ଏହାକୁ ନେଇ ପ୍ରଶାସନର ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠିଛି । ଉକ୍ତ ରାସ୍ତାଟି କରଞ୍ଜିଆ ସହରର ଏକ ଗୁରୁତ୍ୱପୂର୍ଣ୍ଣ ଓ ବ୍ୟସ୍ତତମ ସଡ଼କ ହୋଇଥିବାରୁ ପ୍ରତିଦିନ ଶତାଧିକ ଦୁଇଚକିଆ, ଚାରିଚକିଆ ଯାନ ସହ ବହୁ ସଂଖ୍ୟକ ପଥଚାରୀ ଏହି ମାର୍ଗ ଦେଇ ଯାତାୟାତ କରିଥାନ୍ତି । ବର୍ଷା ଋତୁ ଯୋଗୁଁ ଖୋଳା ଅଂଶରେ ପାଣି ଓ କାଦୁଅ ଜମି ରହୁଥିବାରୁ ପ୍ରକୃତ ଖାଲ କେଉଁଠି ରହିଛି ତାହା ସହଜରେ ଜଣାପଡୁ ନାହିଁ । ଏପରି ପରିସ୍ଥିତିରେ ଯେକୌଣସି ସମୟରେ ବାଇକ୍ ଚାଳକ, ସାଇକେଲ ଆରୋହୀ କିମ୍ବା ପଥଚାରୀ ଦୁର୍ଘଟଣାର ଶିକାର ହୋଇପାରନ୍ତି ବୋଲି ସ୍ଥାନୀୟ ବାସିନ୍ଦାମାନେ ଆଶଙ୍କା ପ୍ରକାଶ କରିଛନ୍ତି । ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ଯେ, ସରକାରୀ ସମ୍ପତ୍ତିକୁ କ୍ଷତିଗ୍ରସ୍ତ କରିବା ସହ ବିନା ଅନୁମତିରେ ରାସ୍ତା ଖୋଳିବା ଏକ ଗୁରୁତର ବିଷୟ । ଏପରି ଘଟଣାକୁ ଯଦି ପ୍ରଶାସନ ଗୁରୁତ୍ୱର ସହ ନ ନିଏ, ତେବେ ଭବିଷ୍ୟତରେ ଅନ୍ୟମାନେ ମଧ୍ୟ ଏହିଭଳି ନିୟମ ଉଲ୍ଲଂଘନ କରିବାକୁ ସାହସ କରିପାରନ୍ତି । ତେଣୁ ଘଟଣାର ତୁରନ୍ତ ତଦନ୍ତ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଉପଯୁକ୍ତ ଜରିମାନା ଆଦାୟ କରିବା ଏବଂ ରାସ୍ତାକୁ ଶୀଘ୍ର ପୂର୍ବାବସ୍ଥାକୁ ଫେରାଇ ଆଣିବା ପାଇଁ ସେମାନେ ଦାବି କରିଛନ୍ତି । ଏହି ପ୍ରସଙ୍ଗରେ କରଞ୍ଜିଆ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ, ଘଟଣାର ସତ୍ୟାସତ୍ୟ ଯାଞ୍ଚ କରି ପ୍ରଶାସନ କେଉଁ ପଦକ୍ଷେପ ଗ୍ରହଣ କରୁଛି, ତାହା ଉପରେ ସ୍ଥାନୀୟ ଲୋକଙ୍କ ନଜର ରହିଛି । ସାଧାରଣ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।

# ରାଜ୍ୟସ୍ତରୀୟ ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ



**ବାରିପଦା(ଅମୃତମଡିଆ):** ରାଇରଙ୍ଗପୁର ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ୩ ଦିନିଆ ରାଜ୍ୟସ୍ତରୀୟ ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା-୨୦୨୬ ଏକ ଭବ୍ୟ ଓ ଉତ୍ସାହପୂର୍ଣ୍ଣ ପରିବେଶରେ ଉଦ୍‌ଘାଟିତ ହୋଇଛି । ଏହି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ନଗରପାଳ ଅଭିଷେକ ପଟ୍ଟନାୟକ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଉପ ଜିଲ୍ଲାପାଳ ଉଗ୍ରେସନ ଓରାମ, ଆରକ୍ଷୀ ଅଧୀକ୍ଷକ, ରାଇରଙ୍ଗପୁର ସୁରେଶ ଚନ୍ଦ୍ର ପାତ୍ର, ଭାରତର ଏଥେଲେଟିକ ଫେଡେରେସନର ସଭାପତି ତଥା ଓଡିଶା ଆଥେଲେଟିକ ଆସୋସିଏସନର ସଭାପତି ଡ଼ ଜି ଏସ ପଟ୍ଟନାୟକ, ଓଡିଶା ଏଥେଲେଟିକ ଆସୋସିଏସନ ସମ୍ପାଦକ ଅଭିଜିତ ପାଲ, ଉପସଭାପତି ଅଶୋକ ସାହୁ, ମୟୁରଭଞ୍ଜ ଏଥେଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଅନ୍ତର୍ଜାତୀୟ ଅଲମ୍ପିୟାଡ଼ ଖେଳାଳୀ ହାର୍ଡଲସ ରାଣୀ ଅନୁରାଧା ବିଶ୍ୱାଳ ଯୋଗ ଦେଇଥିଲେ । ଅନ୍ୟାନ୍ୟ ଅତିଥି, କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ କ୍ରୀଡ଼ାପ୍ରେମୀମାନେ ଉପସ୍ଥିତ ଥିଲେ । ଉପଜିଲ୍ଲାପାଳ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ତାଙ୍କର ଅଭିବ୍ୟକ୍ତି ରଖିଥିଲେ । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କନିଷ୍ଠ ବର୍ଗର ପ୍ରତିଭାବାନ ଦୌଡ଼କୁଦ ପ୍ରତିଯୋଗୀମାନେ ଅଂଶଗ୍ରହଣ କରୁଛନ୍ତି । ଦୌଡ଼, ଲମ୍ଫ, ନିକ୍ଷେପ ଓ ଅନ୍ୟାନ୍ୟ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ କ୍ରୀଡ଼ାର ଗୁରୁତ୍ୱ ଅତ୍ୟନ୍ତ ଅଧିକ । ଏଭଳି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଯୁବ କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ପ୍ରତିଭା ବିକାଶ ସହିତ ଶୃଙ୍ଖଳା, ଧୈର୍ଯ୍ୟ, ଦଳଗତ ମନୋଭାବ ଓ କ୍ରୀଡ଼ାସୁଲଭ ମନୋଭାବ ସୃଷ୍ଟି କରିଥାଏ । ଏହି ପ୍ରତିଯୋଗିତାରୁ ଆଗାମୀ ଦିନରେ ରାଜ୍ୟ ତଥା ଜାତୀୟସ୍ତରରେ ଓଡ଼ିଶାର ଗୌରବ ବଢ଼ାଇବା ପାଇଁ ଅନେକ ପ୍ରତିଭାବାନ କ୍ରୀଡ଼ାବିତ୍ ସୃଷ୍ଟି ହେବେ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଥିଲେ । ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ସମସ୍ତ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ ଅଧିକାରୀ ମାନଙ୍କୁ ଆୟୋଜକଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା । ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ମହୋତ୍ସବରେ କ୍ରୀଡ଼ାବିତ୍‌ମାନେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ରାଜ୍ୟର କ୍ରୀଡ଼ା କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବେ ବୋଲି ଆଶା ପୋଷଣ କରାଯାଇଛି । ଏହି ଅବସରରେ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ କ୍ରୀଡ଼ାବିତ ପ୍ରବୋଧ କୁମାର ମହାନ୍ତି, ଲାଲମୋହନ ମହାନ୍ତ, ବୀରଧାନ ମାରାଣ୍ଡି, ଶ୍ରୀପ୍ରସାଦ ମହାନ୍ତ, ପୂର୍ଣ୍ଣିମା ହେମ୍ବ୍ରମ, ପୁଙ୍ଗା ସୋରେନ, କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ କୁମାର ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ପ୍ରତିଯୋଗିତାକୁ ଶୁଭାରମ୍ଭ ଉଦେଶ୍ୟରେ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପ୍ରତିଯୋଗିତା ପତାକାକୁ ଉତ୍ତୋଳନ କରାଯାଇଥିଲା ଏବଂ ମୁଖ୍ୟ ଅତିଥି ରାଜ୍ୟସ୍ତରୀୟ ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାର ଶୁଭାରମ୍ଭ ଘୋଷଣା କରିଥିଲେ । ସଭା ଶେଷରେ ଅତିରିକ୍ତ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତା ବିଭିନ୍ନ ବିଭଗୀୟ ଅଧିକାରୀଙ୍କ ସହଯୋଗରେ ସୁଚାରୁ ରୂପେ ଚାଲିଛି ।

# ପଦୋନ୍ନତିପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



## ଚଢ଼େଇଭୋଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ

**ବାରିପଦା /କରଞ୍ଜିଆ(ଅମୃତମିଡିଆ):** ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଚଢେଇଭୋଳର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ମହାନ୍ତ ଓ ସହକାରୀ ଶିକ୍ଷକ ରଘୁନାଥ ବାସ୍କେ ପଦୋନ୍ନତି ପାଇ ଯଥାକ୍ରମେ ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟ, ଡିମ୍ବ ଏବଂ କୁମ୍ଭିରଦା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକ ଭାବେ ଯୋଗଦେଇଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଉଭୟଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲା । ସଭାରେ ସଭାପତି ଏମ୍.ଡି. ସବିର ଅଲ୍ଲୀ ଓ ନବଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମହାନ୍ତ ଉଭୟଙ୍କ ବିଦ୍ୟାଳୟ ପ୍ରତି ଅବଦାନକୁ ପ୍ରଶଂସା କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ବାରିକ ଓ ଖଲିଲୁର ରେହେମାନ ମଧ୍ୟ ଉପସ୍ଥିତ ରହି ଉଭୟଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶେଷରେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ସ୍ମାରକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।

# ପଂଚାୟତ ସମିତି ପକ୍ଷରୁ ମାଛଗଡ଼ ଗ୍ରାମରେ ସ୍ୱଚ୍ଛତା ଅଭିଯାନ

**ବାରିପଦା /ସାହାରପଡ଼ା(ଅମୃତମିଡିଆ):** ସ୍ୱଚ୍ଛ ଓ ସୁନ୍ଦର ପରିବେଶ ଗଠନର ଲକ୍ଷ୍ୟ ନେଇ ସାହାରପଡ଼ା ପଞ୍ଚାୟତ ସମିତି ପକ୍ଷରୁ ମାଛଗଡ଼ ଗ୍ରାମରେ ଏକ ବ୍ୟାପକ ସଫେଇ ଅଭିଯାନ ଆୟୋଜିତ ହୋଇଥିଲା । ଏହି ଅବସରରେ ଗ୍ରାମର ରାସ୍ତାଘାଟ, ସାର୍ବଜନୀନ ସ୍ଥାନ ଓ ପରିବେଶକୁ ସଫା କରାଯିବା ସହ ସ୍ୱଚ୍ଛତା ସମ୍ପର୍କରେ ଲୋକଙ୍କୁ ସଚେତନ କରା ଯାଇଥିଲା । ଏଥିସହ ସାହାରପଡ଼ା ବ୍ଲକ ଅନ୍ତର୍ଗତ ସମସ୍ତ ଶିକ୍ଷାନୁଷ୍ଠାନକୁ ପରିବେଶ ସ୍ୱଚ୍ଛ ରଖିବା ଏବଂ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନାକୁ ପ୍ରୋତ୍ସାହନ ଦେବା ପାଇଁ ଡଷ୍ଟବିନ ବଣ୍ଟନ କରା ଯାଇଥିଲା । ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ସ୍ୱଚ୍ଛତାର ଅଭ୍ୟାସ ଗଢ଼ି ତୋଳିବା ଏବଂ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା, ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ସ୍ୱଚ୍ଛତା ଅଭିଯାନରେ ପଞ୍ଚାୟତ ସମିତିର ଅଧିକାରୀ, କର୍ମଚାରୀ, ଜନପ୍ରତିନିଧି, ଶିକ୍ଷକ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଗ୍ରାମବାସୀ ମାନେ ସକ୍ରିୟ ଭାବେ ଯୋଗଦେଇ ସ୍ୱଚ୍ଛ ଗ୍ରାମ ଓ ସୁସ୍ଥ ପରିବେଶ ଗଠନ ପାଇଁ ସମସ୍ତଙ୍କ ସହଯୋଗର ଆହ୍ୱାନ କରିଥିଲେ ।





## ଏବେ ବି ବହୁ ଚାଷଜମିରେ ପଶି ରହିଛି ବନ୍ୟାଜଳ

# ଚାଷୀଙ୍କ ମୁଣ୍ଡରେ ଚଡ଼କ

**ଧୂଷୁରୀ (ଅମୃତ ମିଡିଆ):** ଧୂଷୁରୀ ବନ୍ୟା ଦୁର୍ଦ୍ଦଶା ଟଳିବା ପରେ ଏବେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି । ଚାନ୍ଦବାଲି ବ୍ଲକର ସୁନ୍ଦରପୁର, ଓଳଗ, ନାନ୍ଦପୁର, ଆରଡ଼ି ଆଦି ପଞ୍ଚାୟତର ୨୪ଟି ଗାଁ, ଧାମନଗର ବ୍ଲକର ପାଳସାହି,ରଇପୁର ପଞ୍ଚାୟତର ୧୩ ଖଣ୍ଡଗାଁର ଚାଷୀ ଫସଲ ନଷ୍ଟ ନେଇ ଚିନ୍ତାରେ ପଡ଼ିଛନ୍ତି । ବନ୍ୟାଜଳ ଅନେକ ଚାଷଜମିରେ ଏବେ ମଧ୍ୟ ଜମି ରହିଥିବାରୁ ଧାନତଳି ପଚିଯିବା ସହ ବୁଣାଧାନ ମଧ୍ୟ ବ୍ୟାପକ ଭାବେ ନଷ୍ଟ ହୋଇଛି । ଫଳରେ ଚଳିତ ଖରିଫ ଚାଷ ଉଜୁଡ଼ିଯିବା ଆଶଙ୍କା ସୃଷ୍ଟି ହୋଇଛି ।



ବନ୍ୟାଜଳ ଦୀର୍ଘଦିନ ଧରି ଜମିରେ ରହିବା ଯୋଗୁଁ ଧାନଗଛ ପଚିବା ଆରମ୍ଭ କରିଛି । ଅନେକ ଚାଷୀଙ୍କ ବିହନ, ଧାନତଳି ଓ ଚାଷଜମି ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ବନ୍ୟା ପାଣି ନିଷ୍କାସନ ହେବା ପରେ ପୁଣି ଚାଷ କରିବାକୁ ପଡ଼ିଲେ ଚାଷୀଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବ ।

ତେବେ ବନ୍ୟାରେ ଫସଲ ନଷ୍ଟ ହୋଇଥିଲେ ମଧ୍ୟ ଅଦ୍ୟାବଧି କୃଷି ବିଭାଗ କିମ୍ବା ତହସିଲ ପକ୍ଷରୁ ଫସଲ କ୍ଷୟକ୍ଷତିର ଆକଳନ କରାଯାଇନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ବନ୍ୟା ପ୍ରଭାବିତ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ତୁରନ୍ତ କ୍ଷୟକ୍ଷତି ଆକଳନ କରି ପ୍ରଭାବିତ ଚାଷୀଙ୍କୁ ଆର୍ଥିକ ସହାୟତା, ଇନ୍‌ପୁଟ୍ ସବସିଡି, ଉନ୍ନତମାନର ବିହନ ଓ ସାର ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି । ଏଥିସହ ଚାଷୀଙ୍କ ଋଣ ଉପରେ ରିହାତି ସହ ପୁନଃ ଚାଷ ପାଇଁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି ।

## ଯୋରକୁ ଗାଧୋଇବାକୁ ଯାଇ ଯୁବକ ନିଖୋଜ

**ହିନ୍ଦୋଳ (ଅମୃତ ମିଡିଆ):** ହିନ୍ଦୋଳ ଉପଖଣ୍ଡ ବାଲିମୀ ଥାନା ଅନ୍ତର୍ଗତ ଦୁଦୁରକୋଟ ମାନପୁର ଗ୍ରାମର କିଶୋର ଗୋଚ୍ଛାୟତଙ୍କ ପୁଅ ଦିନେଶ ଗୋଚ୍ଛାୟତ (୧୫) ନିଜ ପିଉସା ଘର ସରପାକୁ ବୁଲିବାକୁ ଯାଇଥିଲେ । କିନ୍ତୁ ସରପାରେ ଥିବା ଲିଙ୍ଗରା ଯୋରକୁ ଶନିବାର ସକାଳ ସମୟରେ ଦିନେଶ ଗାଧୋଇବାକୁ ଯାଇ ଘରକୁ ଫେରିନଥିଲେ । ଘରକୁ ଫେରିବା ବିଳମ୍ବ ହେବାରୁ ପିଉସା ଘର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ । ଏ ସଂପର୍କରେ ଖବର ପାଇ ବଅଁରପାଳ ବୁଢାପଙ୍କ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ ମଧ୍ୟ ପାଇନଥିଲେ । ସେ ଦଶମ ଶ୍ରେଣୀରେ ପଢୁଥିବାର ଜଣାପଡ଼ିଛି । ଦୀର୍ଘସମୟ ପର୍ଯ୍ୟନ୍ତ ଦମକଳବାହିନୀ ପାଣିରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ । ଯୋରରେ ବହୁ ପାଣି ଚାଲୁଥିବାରୁ ସେ ପାଣିରେ ଭାସିଯାଇଥାଇପାରନ୍ତି ଲୋକମାନେ ଅନୁମାନ କରୁଛନ୍ତି । ପରିବାରଲୋକେ ପୁଅକୁ ନପାଇ ଦୁଃଖରେ ଭାଙ୍ଗି ପଡିଛନ୍ତି । ଖବର ଲେଖିବା ସୁଦ୍ଧା ଦିନେଶଙ୍କର କୌଣସି ସନ୍ଧାନ ମିଳିପାରିନାହିଁ ।

## ଲିଫ୍ଟ ନ ଦେବାରୁ ଯୁବକଙ୍କ ତଣ୍ଟି କାଟିଦେଲେ ଦୁର୍ବୃତ୍ତ

**ବ୍ରହ୍ମପୁର (ଅମୃତ ମିଡିଆ):** ଲିଫ୍ଟ ନଦେବାରୁ ଯୁବକଙ୍କୁ ଆକ୍ରମଣ, ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ ଖଣ୍ଡରା ଗ୍ରାମ ନିକଟରେ । ଖବର ଅନୁଯାୟୀ ଗତକାଲି ରାତିରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଖଣ୍ଡରା ଛକରେ ଉଦ୍ଧବ ପାଢ଼ୀ ନାମକ ଜଣେ ବ୍ୟକ୍ତିଙ୍କୁ କିଛି ଦୁର୍ବୃତ୍ତ ଲିଫ୍ଟ ମାଗିଥିଲେ । ଉଦ୍ଧବ ଲିଫ୍ଟ ନ ଦେବାରୁ ସେମାନେ ଗାଳିଗୁଲଜ କରିବା ସହ ଛୁରୀରେ ତାଙ୍କ ତଣ୍ଟି କାଟିଦେଇଥିବା ଅଭିଯୋଗ ହୋଇଛି । ଆହତଙ୍କୁ ପ୍ରଥମେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ



ସ୍ଥାନାନ୍ତର କରାଯାଇଛି । ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି ।

## ଡିଏଭି ପବ୍ଲିକ ସ୍କୁଲରେ ରକ୍ତଦାନ ଶିବିର




**ବ୍ରହ୍ମପୁର (ଅମୃତ ମିଡିଆ):**ସ୍ଥାନୀୟ ଗାନ୍ଧୀନଗରର ସ୍ଥିତ ଡି.ଏ.ଭି ପବ୍ଲିକ ସ୍କୁଲରେ ରକ୍ତ ଦାନ ମହତ୍ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ର ଅଧ୍ୟକ୍ଷା ଧାରାଶ୍ରୀ ପାଢ଼ୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ସର୍ବମୋଟ ୧୧୧ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ । ଅନୁଷ୍ଠିତ ଏହି ଶିବିର ରେ ମୁଖ୍ୟ ଅତିଥି ରୁପେ ବିଧାୟକ କେ.ଅନିଲ କୁମାର, ସମ୍ମାନିତ ଅତିଥି ଭାବେ ଅର୍ବାନ ବ୍ୟାଙ୍କ ସଭାପତି ଆ଼ର୍.ମୂରଲୀ ମୋହନ,କର୍ପୋରେଟର୍ ଡି.କରୁଣାକର ପ୍ରମୁଖ ଯୋଗ ଦେଇ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ରକ୍ତ ଦାନ ମହତ ଦାନ ହୋଇଥିବା ଯୋଗୁଁ ସମସ୍ତେ ରକ୍ତ ଦାନ କରିବାକୁ ବିଧାୟକ ଅନିଲ କୁମାର ଆହ୍ୱାନ ଦେଇଥିଲେ । ବଡ଼ ମେଡିକାଲ ର ଏମ୍ .ଡି ଜୟନ୍ତ ମିଶ୍ର, ଡ଼ା ଅନୁରାଧା ଚୌଧୁରୀ ପ୍ରମୁଖ ଏହି ଅବସରର ଉପସ୍ଥିତ ଥିଲେ ।ବଡ଼ ଡାକ୍ତରଖାନା ରକ୍ତ ଭଣ୍ଡାରର ବହୁ କର୍ମଚାରୀ, ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,ପର୍ଯ୍ୟବେକ୍ଷକ ଓ କର୍ମଚାରୀ ଏଠାରେ ସହଯୋଗ କରିଥିଲେ । ଏହି ଶିବିରରେ ବହୁ ଅଭିଭାବକ, ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ ।

## ଆର୍ଯ୍ୟପଲ୍ଲୀ ସମୁଦ୍ରକୂଳ ଲଙ୍ଘିବା ଘଟଣା ...

### ସ୍ଥାୟୀ ସମାଧାନ ସହ ବିସ୍ଥାପିତ ନୀତି କାର୍ଯ୍ୟକାରୀ ହେଉ

### ୧୦ ଅଗଷ୍ଟ ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ



**ବ୍ରହ୍ମପୁର /ଛତ୍ରପୁର (ଅମୃତ ମିଡିଆ):** ଆର୍ଯ୍ୟପଲ୍ଲୀ ସମୁଦ୍ର କୂଳ ଲଘିଂବା ଘଟଣାର ସ୍ଥାୟୀ ସମାଧାନ ଓ ବିସ୍ଥାପିତ ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ବ୍ରହ୍ମପୁର ଆରଡ଼ିସି ଓ ଛତ୍ରପୁର ଉପଜିଲ୍ଲାପାଳଙ୍କ ସହ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୦ ତାରିଖ ସୁଦ୍ଧା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ ଦେଲେ ଆର୍ଯ୍ୟପଲ୍ଲୀ ବାସିନ୍ଦା । ଗଞ୍ଜାମ ଜିଲ୍ଲା ଛତ୍ରପୁର ଉପକଣ୍ଠ ଆର୍ଯ୍ୟପଲ୍ଲୀ ସମୁଦ୍ର ଦିନକୁ ଦିନ କୂଳ ଲଂଘୁଛି । ପୂର୍ବରୁ ସମୁଦ୍ର ୨ କିଲୋମିଟର ଦୂରରେ ଥିବା ବେଳେ ଏବେ ମାତ୍ର ଆଉ ୫୦ ମିଟର ଦୂରରେ ରହିଛି । ସମୁଦ୍ର କୂଳରେ ଥିବା ଗଙ୍ଗା ଦେବୀ ମନ୍ଦିର ଓ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିବା ବେଳେ ଭୟଭୀତ ଅବସ୍ଥାରେ ରହିଛନ୍ତି ମତ୍ସ୍ୟଜିବି ମାନେ । ଏହି ଘଟଣାର ସ୍ଥାୟୀ ସମାଧାନ ଓ ବିସ୍ଥାପିତଙ୍କୁ ଥଇଥାନ କରିବା ନିତୀ କାର୍ଯ୍ୟକାରୀ କରିବା ଦାବି ନେଇ ଗତ କିଛି ଦିନ ତଳେ ଦାବି କରିଥିଲେ ସ୍ଥାନୀୟ ମତ୍ସ୍ୟଜିବି ମାନେ । ଗତ ୨୦୧୮ ମସିହାରେ ବିସ୍ଥାପିତ ଙ୍କୁ ଥଇଥାନ କରିବା ଲାଗି ଆରଡିସି ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା । ତାହାକୁ କାର୍ଯ୍ୟକାରୀ ନ କରାଯାଇଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ମତ୍ସ୍ୟଜୀବୀ ମାନେ । ଏପରିକି ଆସନ୍ତା ୧୦ ତାରିଖରେ ଆନ୍ଦୋଳନ କରିବାକୁ ମଧ୍ୟ ସେମାନେ ଚେତାବନୀ ଦେଇଥିଲେ । ଏହାର ସମାଧାନ ନେଇ ଆଜି ପୂର୍ବାହ୍ନରେ ବ୍ରହ୍ମପୁରରେ ଆରଡିସି ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ଆରଡିସି ସେମାନଙ୍କୁ ପ୍ରତିଶୃତି ଦେଇଥିଲେ । ଗଞ୍ଜାମ ଜିଲ୍ଲାପାଳ ଓ ଆବଶ୍ୟକ ହେଲେ ଆଇଆରଇଏଲ କର୍ତ୍ତୃପକ୍ଷଙ୍କ ସହ ବୈଠକ କରି ସମାଧାନ କରିବା ପାଇଁ ଆରଡିସି କହିଥିଲେ । ସେହିପରି ସମୁଦ୍ର କୂଳ ଲଘିଂବା ଘଟଣାର ସ୍ଥାୟୀ ପ୍ରତିକାର ନେଇ ସନ୍ଧ୍ୟାରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆୟୋଜନ କରାଯାଇଥିଲା । ସ୍ଥାୟୀ ସମାଧାନ ଲାଗି ଖୁବ ଶୀଘ୍ର ଡିପିଆର ପ୍ରସ୍ତୁତ ହୋଇଯିବ ଏବଂ ଖୁବଶୀଘ୍ର ଏହାର ସମାଧାନ କରାଯିବ ବୋଲି ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ମତ୍ସ୍ୟଜିବି ମାନଙ୍କ ସହ ଆଲୋଚନା କରିଥିଲେ । ସୂଚନା ଥାଉ କି, ସମୁଦ୍ର କୂଳରେ ପଥର ପକାଇବା ପାଇଁ ଗୋପାଳପୁର ପୋର୍ଟ କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ପୋର୍ଟ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହିଁ । ଯଦି ଏହାର ସମାଧାନ ନ କରାଯାଏ ଆଗାମୀ ଦିନରେ ସମ୍ପୂର୍ଣ୍ଣ ଗ୍ରାମଟି ସମୁଦ୍ର କୂଳରେ ଲୀନ ହୋଇଯିବା ସହିତ ବହୁ ମତ୍ସ୍ୟଜିବିଙ୍କ ଭିଟାମାଟି ନଷ୍ଟ ହୋଇଯିବା ଆଶଙ୍କା ରହିଛି । ସମୁଦ୍ରକୁ ରାତି ରାତି ଧରି ମତ୍ସ୍ୟଜିବି ମାନେ ଜଗି ବସିରହୁଛନ୍ତି । ଏହାର ଖୁବ ଶୀଘ୍ର ସମାଧାନ କରା ନଗଲେ ଆସନ୍ତା ୧୦ ତାରିଖ ଦିନ ଉଭୟ ଆଇଆରଇଏଲ ଓ ପୋର୍ଟ ଗେଟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ମତ୍ସ୍ୟଜିବି ମାନେ । ଗୋଟାଏ ପଟେ ନିଜ ପିତୃ ପୁରୁଷଙ୍କ ଭିଟାମାଟିଙ୍କୁ ବଞ୍ଚାଇ ରଖିବା ପାଇଁ ଗ୍ରାମବାସୀ ମାନେ ସଂଗ୍ରାମ କରୁଥିବା ବେଳେ ଏବେ ଦେଖିବାକୁ ବାକି ରହିଲା ପ୍ରଶାସନିକ ହସ୍ତକ୍ଷେପ ପରେ ସେମାନଙ୍କ ଦୀର୍ଘ ଦିନର ଦାବି ରେ ପୂର୍ଣ୍ଣ ଛେଦ ପଡୁଛି ନା ଆଗାମୀ ଦିନରେ ଆନ୍ଦୋଳନ ହେଉଛି ।

## ସବୁଠି ଶୁଭୁଛି ବୋଲବମ ହର୍ ହର୍ ବମ୍

# ଜଳଭାର ନେଇ ଶୈବପୀଠ ଅଭିମୁଖେ କାଉଡିଆ

## ଦୋକାନରେ କାଉଡିଆଙ୍କ ଭିଡ଼



**ବ୍ରହ୍ମପୁର / ଛତ୍ରପୁର (ଅମୃତ ମିଡିଆ):** ଚାଲିଛି ପବିତ୍ର ଶ୍ରାବଣ ମାସ । କୁହାଯାଏ, ଶ୍ରାବଣ ମାସର ସୋମବାରରେ ଦେବାଧିଦେବ ମହାଦେବଙ୍କ ମସ୍ତକରେ ପାଣି ଢ଼ାଳିଲେ କୋଟି କୋଟି ଜନ୍ମର ପାପ କ୍ଷୟ ହୁଏ । ଭକ୍ତର ମନସ୍କାମନା ପୂର୍ଣ୍ଣ କରନ୍ତି ପ୍ରଭୁ ଆଶୁତୋଷ । ଏହି ଭକ୍ତି ଭାବ କୁ ନେଇ ସମସ୍ତ ଶୈବ ପୀଠ ଅଭିମୁଖେ ଜଳ ନେଇ ବାହାରୁଛନ୍ତି କାଉଡିଆ ମାନେ । ଦେହରେ ଗେରୁଆ ପୋଷାକ, କାନ୍ଧରେ ପାଣି ଭାର ଧରି କାଉଡିଆ ମାନେ ମାଡି ଚାଲନ୍ତି ଶୈବ ପୀଠ ଅଭିମୁଖେ । ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ନଦୀରୁ ପାଣି ଭାର ଉଠେଇ ଛତ୍ରପୁର, ଗଞ୍ଜାମ ସମେତ ଆଖ ପାଖ ଅଞ୍ଚଳରେ ଥିବା ସମସ୍ତ ଶୈବ ପୀଠ ଆଡକୁ ଖରା, ବର୍ଷା ଆଦି ନ ମାନି ଆଗେଇ ଆଗେଇ ଚାଲନ୍ତି । ଖାଲି ଗଞ୍ଜାମ ଜିଲ୍ଲା ନୁହେଁ ଭାରତ ବର୍ଷର ବିଭିନ୍ନ ସ୍ଥାନରେ 'ବୋଲ ବମ', 'ହର ହର ମହାଦେବ' ଏବଂ 'ଓଁ ନମଃ ଶିବାୟ' ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଉଠେ । କାନ୍ଧରେ କାଉଡ଼ି ବୋହି ପବିତ୍ର ନଦୀରୁ ଜଳ ଆଣି ଶିବଲିଙ୍ଗରେ ଜଳାଭିଷେକ କରିବାର ଏହି ପରମ୍ପରାକୁ 'ବୋଲବମ ଯାତ୍ରା' କୁହାଯାଏ । ଏହା କେବଳ ଏକ ଧାର୍ମିକ ଯାତ୍ରା ନୁହେଁ, ବରଂ ଆସ୍ଥା, ତ୍ୟାଗ, ସଂଯମ, ଭକ୍ତି ଓ ଆତ୍ମଶୁଦ୍ଧିର ଏକ ମହାନ ପ୍ରତୀକ । କୁହାଯାଏ, ବୋଲବମ ଯାତ୍ରାର ମୂଳ କଥା ପୁରାଣରେ ବର୍ଣ୍ଣିତ 'ସମୁଦ୍ର ମନ୍ଥନ' ସହ ଜଡ଼ିତ । ଦେବତା ଓ ଅସୁରମାନେ ଅମୃତ ପ୍ରାପ୍ତି ପାଇଁ କ୍ଷୀର ସାଗରକୁ ମନ୍ଥନ କରିଥିଲେ । ସେହି ମନ୍ଥନରୁ ପ୍ରଥମେ ଏକ ଭୟଙ୍କର ବିଷ 'ହଳାହଳ' ବାହାରିଥିଲା । ଏହି ବିଷର ପ୍ରଭାବରେ ସମଗ୍ର ସୃଷ୍ଟି ଧ୍ୱଂସ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା ।ଦେବତା ଓ ଋଷିମାନଙ୍କ ପ୍ରାର୍ଥନାରେ ଭଗବାନ ଶିବ ସୃଷ୍ଟିର ରକ୍ଷା ପାଇଁ ସେହି ହଳାହଳ ବିଷକୁ ପାନ କରିଥିଲେ । ବିଷ କଣ୍ଠରେ ରହିଯିବାରୁ ତାଙ୍କ କଣ୍ଠ ନୀଳବର୍ଣ୍ଣ ହୋଇଯାଇଥିଲା, ଏବଂ ସେହିଠାରୁ ସେ 'ନୀଳକଣ୍ଠ' ନାମରେ ପରିଚିତ ହେଲେ । ପୁରାଣ ଅନୁଯାୟୀ, ବିଷର ତୀବ୍ର ଜ୍ୱାଳାକୁ ଶାନ୍ତ କରିବା ପାଇଁ ଦେବତାମାନେ ଭଗବାନ ଶିବଙ୍କ ମସ୍ତକରେ ଗଙ୍ଗାଜଳ ଅର୍ପଣ କରିଥିଲେ । ସେହି ଘଟଣାକୁ ସ୍ମରଣ କରି ଆଜି ମଧ୍ୟ ଭକ୍ତମାନେ ପବିତ୍ର ନଦୀରୁ ଜଳ ଆଣି ଶିବଲିଙ୍ଗରେ ଜଳାଭିଷେକ କରନ୍ତି । ବୋଲବମ ଯାତ୍ରାର ସବୁଠାରୁ ପ୍ରଚଳିତ ଧାର୍ମିକ ଆଧାର ଏହି କଥା ବୋଲି ମନାଯାଏ । ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ ଲଙ୍କାର ରାଜା ରାବଣ ଭଗବାନ ଶିବଙ୍କ ପରମ ଭକ୍ତ ଥିଲେ । ସେ କଠୋର ତପସ୍ୟା କରି ଶିବଙ୍କୁ ପ୍ରସନ୍ନ କରିଥିଲେ ଏବଂ ପବିତ୍ର ଜଳ ଦ୍ୱାରା ଶିବଙ୍କ ଅଭିଷେକ କରୁଥିଲେ । ଏହି କଥା ମଧ୍ୟ ଭକ୍ତମାନଙ୍କ ମଧ୍ୟରେ ଜଳାଭିଷେକ ପରମ୍ପରାକୁ ପ୍ରେରଣା ଦେଇଛି ବୋଲି କୁହାଯାଏ । ସେହିପରି ଶାସ୍ତ୍ରରେ ଶ୍ରାବଣ ମାସକୁ ଭଗବାନ ଶିବଙ୍କ ଅତ୍ୟନ୍ତ ପ୍ରିୟ ମାସ ବୋଲି ବର୍ଣ୍ଣନା କରାଯାଇଛି । ଏହି ସମୟରେ ପ୍ରକୃତି ସବୁଜିମାରେ ଭରିଯାଏ ଏବଂ ବର୍ଷାଜଳରେ ନଦୀଗୁଡ଼ିକ ପୂର୍ଣ୍ଣ ହୋଇଥାଏ । ଏହି ପବିତ୍ର ଜଳକୁ ଶିବଙ୍କୁ ଅର୍ପଣ କରିବା ଶୁଭ ଓ ପୁଣ୍ୟଦାୟକ ବୋଲି ବିଶ୍ୱାସ କରାଯାଏ । ଅନ୍ୟପଟେ ପାଣି ଢ଼ାଳିବାକୁ ଯାଉଥିବା ବେଳେ କାଉଡିଆ ମାନେ ଉଚ୍ଚାରଣ କରୁଥିବା 'ବୋଲ ବମ'ର ଅର୍ଥ ହେଉଛି 'ଭୋଳେନାଥଙ୍କ ଜୟଧ୍ୱନି କର' । ଏହି ଧ୍ୱନି ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ, ସାହସ ଓ ଆଧ୍ୟାତ୍ମିକ ଶକ୍ତି ସଞ୍ଚାର କରେ । ଦୀର୍ଘ ପଦଯାତ୍ରାର କ୍ଲାନ୍ତିକୁ ଭୁଲାଇ ଭକ୍ତମାନଙ୍କୁ ଆଗକୁ ବଢ଼ିବାର ପ୍ରେରଣା ଦେବା ପାଇଁ ସମସ୍ତେ ଏହି ସ୍ୱର ଉତ୍ତୋଳନ କରି ଭଗବାନ ଶିବଙ୍କ ଭକ୍ତିରେ ନିଜକୁ ଉତ୍ସର୍ଗୀକୃତ କରିଦେଇଥାନ୍ତି। ଶିବଲିଙ୍ଗରେ ଜଳ ଅର୍ପଣ କରିବା ସହିତ କାଉଡିଆ ମାନେ ଅହଂକାର, କ୍ରୋଧ, ଲୋଭ ଓ ନକାରାତ୍ମକ ଭାବନାକୁ ତ୍ୟାଗ କରିଦେଇଥାନ୍ତି । ବେଲପତ୍ର, ଧତୁରା, ଆଖୁରସ, କ୍ଷୀର ଓ ଜଳ ଅର୍ପଣ କରି ଭକ୍ତମାନେ ଭଗବାନ ଶିବଙ୍କ ଆଶୀର୍ବାଦ କାମନା କରନ୍ତି । ବୋଲବମ ଯାତ୍ରା କେବଳ ଧାର୍ମିକ ଆସ୍ଥାର ପ୍ରତୀକ ନୁହେଁ ଏହା ସେବା, ଭାଇଚାରା ଓ ସାମାଜିକ ଏକତାର ମଧ୍ୟ ଏକ ବଡ଼ ଉଦାହରଣ । ଯାତ୍ରାପଥରେ ଅନେକ ସ୍ୱେଚ୍ଛାସେବୀ ସଂଗଠନ ପାନୀୟ ଜଳ, ଖାଦ୍ୟ, ଚିକିତ୍ସା ଓ ବିଶ୍ରାମର ବ୍ୟବସ୍ଥା କରିଥାନ୍ତି । କାଉଡିଆ ମାନଙ୍କ ଏହି ବୋଲବମ ହେଉଛି ଭକ୍ତି, ତ୍ୟାଗ, ଶୃଙ୍ଖଳା ଓ ଆତ୍ମଶୁଦ୍ଧିର ଏକ ମହାପର୍ବ । ସମୁଦ୍ର ମନ୍ଥନରୁ ଆରମ୍ଭ କରି ନୀଳକଣ୍ଠ ମହାଦେବଙ୍କ ମହିମା ପର୍ଯ୍ୟନ୍ତ ଏହାର ପୌରାଣିକ ପରମ୍ପରା ଭାରତୀୟ ସଂସ୍କୃତିରେ ଗଭୀର ଭାବେ ପ୍ରତିଷ୍ଠିତ । ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତଙ୍କ ଅତୁଟ ବିଶ୍ୱାସ ଓ ଭକ୍ତିଭାବ ଏହି ଯାତ୍ରାକୁ ଏକ ଅନନ୍ୟ ଆଧ୍ୟାତ୍ମିକ ମହୋତ୍ସବରେ ପରିଣତ କରିଥାଏ । 'ବୋଲ ବମ' କେବଳ ଏକ ଜୟଧ୍ୱନି ନୁହେଁ, ବରଂ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ଅତୁଟ ବିଶ୍ୱାସ ଓ ସମର୍ପଣର ପ୍ରତୀକ ।

## ପଞ୍ଚାୟତର ରାସ୍ତାରେ ସୁଅ ଛୁଟୁଛି ବନ୍ୟା ପାଣି

**ଚଣ୍ଡିଖୋଲ (ଅମୃତ ମିଡିଆ):** ପୁଣି ଅଦିନିଆ ଲଘୁଚାପ ଯୋଗୁଁ ଗତ ଦୁଇଦିନ ଧରି ଲଗାଣ ବର୍ଷାରେ ବଡ଼ଚଣା ବ୍ଲକବିଭିନ୍ନ ପଞ୍ଚାୟତରେ ବନ୍ୟା ପାଣି ପଶିଛି । ବନ୍ଧାଳ ପଂଚାୟତ ଗଣାଷ, ବନ୍ଦକ୍ଷଳ, ହାଟକରଣ୍ଡା, ଢିଅକାରଣ୍ଡା, ଜଗନ୍ନାଥ ପୁର, ମଙ୍ଗରାଜ ପୁର, ଚମ୍ପାପୁର ପଞ୍ଚାୟତ ଗୋପୀନାଥ ପୁର, ବଉଳା, ସାବୋ, ସାନବନ୍ଦକ୍ଷଳୋ, ନେଳିଆ ପଞ୍ଚଯାତ ଗୋପପୁର, ସୁକୁଦେଇପୁର, ପଦ୍ମନାଭ ପୁର, ରଙ୍ଗୀଦାସ ପୁର, ସପନପୁର, ବଡ଼ଘୁମୁରି ପଞ୍ଚଯାତ ସମସ୍ତ ଗ୍ରାମ, ଶାନ୍ତିପୂର ପଂଚାୟତ, କୁନ୍ଦଲ ପଞ୍ଚାୟତ, ପ୍ରମୁଖ ଗାଁରେ ବନ୍ୟା ପାଣି



ପଶି ରାସ୍ତାରେ ଆଣ୍ଠୁଏ ପାଣି ଚାଲୁଥିବା ଦେଖିବାକୁ ମିଳିଛି । ଉକ୍ତ ଗାଁରେ ବନ୍ୟା ପାଣି ପଶିବାରୁ ଗାଁର ରାସ୍ତାରେ ପାଣି ଚାଲୁଥିବାରୁ ଲୋକେ ଗାଁରୁ ଘରକୁ ବାହାରି ପାରୁନାହାନ୍ତି । ତେଣୁ ତୁରନ୍ତ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପ୍ରତିକାର କରିବାକୁ ଦାବି ହୋଇଛି ।

## ବିଶ୍ୱ ସ୍ତନ୍ୟପାନ ଦିବସ ସପ୍ତାହ ପାଳନ

**ଫୁଲନଖରା (ଅମୃତ ମିଡିଆ):** କଟକ ଜିଲ୍ଲା ଫୁଲନଖରା ନିକଟସ୍ଥ ଅଢାଳିଆ ଠାରେ ଥିବା ନାଇଟ୍ୟାଙ୍ଗଲ ନର୍ସିଂ କଲେଜ ପରିସରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ କଲେଜ ନିର୍ଦ୍ଦେଶକ ଆଫ୍ରୋସ ଖାଁ ଯୋଗ ଦେଇଥିଲେ ।କଲେଜ ଅଧକ୍ଷା କ୍ରିଷ୍ଣାଞ୍ଜଳି ସାମଲ ଯୋଗଦେଇ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ମା ର କ୍ଷୀର ଶିଶୁର ପ୍ରଥମ ଜୀବନ ଗଢିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ମାର କ୍ଷୀର ଶିଶୁକୁ ବିଭିନ୍ନ ପ୍ରକାର ପୋଷଣଯୁକ୍ତ ଭିଟାମିନ ଯୋଗାଇବା ସହିତ ରୋଗମୁକ୍ତ କରି ଶିଶୁକୁ ସୁସ୍ଥ ଓ ସବଳ କରିଥାଏ ।ବଜାରରେ ମିଳୁଥିବା ବିଭିନ୍ନ ପ୍ରକାର ଭିଟାମିନ ପାଉଡର ନଖାଇ ମା ର କ୍ଷୀର ସେବନ କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରିବା ସହିତ ସାଧାରଣ ମହିଳା ମାନଙ୍କୁ ମଧ୍ୟ କଲେଜ ପକ୍ଷରୁ




ସଚେତନତା କରାଯାଇଥିଲା ।ଏହି ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ କଲେଜ ଛାତ୍ରଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଶେଷରେ କୃତି ଛାତ୍ରଛାତ୍ରୀ ମାନଙ୍କୁ କଲେଜ ପକ୍ଷରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ କଲେଜର ଅଧାପକ ବିଶ୍ୱଜିତ ପାଣିଗ୍ରାହୀ,ବିଭୂଦୟାଲ ସାହୁ ଏବଂ ଅଧାପିକା ସୁଶ୍ରୀ ଶୁଭଶ୍ରୀ ତ୍ରିପାଠୀ,ପ୍ରିୟଙ୍କା ପ୍ରିୟଦର୍ଶନୀ ଜେନା,ବର୍ଷା ପ୍ରିୟଦର୍ଶୀନି ସ୍ୱାଇଁ,ରେଶମା ସାହୁ,ସ୍ୱୟଂପ୍ରଭା ବିଶ୍ୱାଳ ଏବଂ ସହକର୍ମୀ ଲକ୍ଷ୍ମୀପ୍ରିୟା ଲେଙ୍କା ,ଲକ୍ଷ୍ମୀପ୍ରିୟା ଜେନା,ସୁଦିପ ରଞ୍ଜନ ରାଉତ,ବିକାଶ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ଟାଇଫଏଡ୍, ମେଲେରିଆ ପରେ ଡେଙ୍ଗୁ ବ୍ୟାପିବା ଆଶଙ୍କା

### ପଚାପାଣି ଦୁର୍ଗନ୍ଧରେ ଜିଇଁଛି ଜୀବନ, ନୀରବ ପ୍ରଶାସନ

**ଯୋଡ଼ା (ଅମୃତ ମିଡିଆ):**କେନ୍ଦୁଝର ଜିଲ୍ଲା ଖଣି ରାଜଧାନୀ ଯୋଡ଼ାରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଟାଇଫଏଡ୍ ଓ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଶହଶହ ଟପିଥିବା ବେଳେ ଏବେ ଡେଙ୍ଗୁର ଆଶଙ୍କା ବଢ଼ି ଯାଇଛି । ଅପରପକ୍ଷେ ଜନ ସ୍ୱାସ୍ଥ୍ୟ ବିଭାଗ ଓ ପୌରପାଳିକାର ଅଣଦେଖା ଯୋଗୁଁ ସାଧାରଣ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି ।ଏତିକିବେଳେ ସହରର ଏକମାତ୍ର ବଡ଼ ଡାକ୍ତଖାନା କମାରଯୋଡ଼ା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ମୁଖ ରାସ୍ତା ଆରପଟର ଦୃଶ୍ୟ ଅତ୍ୟନ୍ତ ଶୋଚନୀୟ ।

ହସ୍ପିଟାଲ୍ ପାଚେରୀ ପାର୍ଶ୍ୱରେ ଆଣ୍ଠୁଏ ବହଳ ପଚା ଓ ଦୂଷିତ ପାଣି ମାସ ମାସ ଧରି ଜମି ରହିଛି । ଚିକିତ୍ସା ପାଇଁ ଆସୁଥିବା ରୋଗୀ,



ଗର୍ଭବତୀ ମହିଳା, ଶିଶୁ ଓ ବୃଦ୍ଧ ବ୍ୟକ୍ତିମାନେ ବସିବାକୁ ଅସହଜ ମନେ କରୁଥିବା କୁହନ୍ତି । ଏକ ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ଏପରି ଅବସ୍ଥା ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିଫଳତାକୁ ସ୍ପଷ୍ଟ କରୁଛି ।ସେମିତି ଦୀନେଶ ଅଗ୍ରୱାଲଙ୍କ ବିଲଡିଙ୍ଗରେ ଥିବା ' ରିଲାଏନ୍ସ ବଜାର' ( ସ୍ମାର୍ଟ ବଜାର )ତଳ ମହଲା ଏବେ ମୃତ୍ୟୁ କୂପ ପାଲଟିଛି । ମାସ ମାସ ଧରି ପାଣି ଜମି ରହି ପଚି ସଡ଼ି ଯାଇଛି । ସେଥିରୁ ବାହାରୁଥିବା ତୀବ୍ର ଦୁର୍ଗନ୍ଧରେ ଗ୍ରାହକ ଓ ଦୋକାନୀମାନେ ନାକ ଧରି ବ୍ୟବସାୟ କରୁଛନ୍ତି । ନିକଟରେ ଥିବା ଦୋକାନୀ ମାନେ କହୁଛନ୍ତି ସକାଳୁ ଦୋକାନ ଖୋଲିଲେ ମଶା ଗୁଡ଼ାଏ ଉଡ଼ନ୍ତି । ଛୋଟ ପିଲାମାନେ ଜ୍ୱରରେ ପଡୁଛନ୍ତି । ବାରମ୍ବାର ଅଭିଯୋଗ କଲେ ବି କେହି ଶୁଣୁନାହାନ୍ତି ।

ସେହି ଅଞ୍ଚଳରର ବସ୍ତି ବାସିନ୍ଦା ରାତିସାରା ମଶା କାମୁଡ଼ା ରେ ସୋଇପାରୁନାହାନ୍ତି ବୋଲି କହିଛନ୍ତି । ଟାଇଫଡ୍ରେରେ ଏତେ ଲୋକ ଆକ୍ରାନ୍ତ ହେଲେଣି, ଏବେ ମେଲେରିଆ ମଧ୍ୟ ବ୍ୟାପିଛି, ଡେଙ୍ଗୁ ଆସିଲେ ଆମେ କଣ କରିବୁ,କେମିତି ରହିବୁ ବୋଲି ପ୍ରଶ୍ନ କରିଛନ୍ତି । ସେମାନଙ୍କ ଉପରେ କଠୋର ଆକ୍ସନ ନିଆଯାଉ ବୋଲି କହିଥିବାବେଳେ, ତେବେ ଏଭଳି ଏକ ସାମ୍ବେଦନସିଳ ଘଟଣା ଉପରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ ନ କଲେ ଯୋଡ଼ାରେ ଏକ ବଡ଼ ମହାମାରୀ ସୃଷ୍ଟି ହେବାର ଆଶଙ୍କା କୁ ଏଡ଼ାଇ ଦିଆଯାଇ ନପାରେ ବୋଲି ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## ||| ୧୩୦ ଦିନରେ ନୀରବ ସତ୍ୟାଗ୍ରହ |||

# ଅଧିକାର ଫେରାଇବା ଦାବିରେ ଅହିଂସା ପଥରେ ଅବିଚଳ ପଦଯାତ୍ରା





**ପୁରୀ (ବ୍ୟୁରୋ):** ପୁରୀବାସୀଙ୍କ ନୀରବ ସତ୍ୟାଗ୍ରହ ପଦଯାତ୍ରା ଶୁକ୍ରବାର ୧୩୦ ଦିନରେ ପହଞ୍ଚିଛି। ଦୀର୍ଘ ଚାରି ମାସରୁ ଊର୍ଦ୍ଧ୍ୱ ସମୟ ଧରି ଶାନ୍ତି, ଶୃଙ୍ଖଳା ଓ ଅହିଂସାର ପଥରେ ଚାଲି ଆସୁଥିବା ଏହି ସତ୍ୟାଗ୍ରହ ଆଜି କେବଳ ଏକ ଆନ୍ଦୋଳନ ନୁହେଁ, ବରଂ ପୁରୀବାସୀଙ୍କ ମନର ଏକ ନୀରବ କଥାରେ ପରିଣତ ହୋଇଛି। ଦର୍ଶନରୁ ଦୂରେଇ ଯିବାର ବେଦନାକୁ ନେଇ ହିଁ ୧୩୦ ଦିନ ଧରି ରାସ୍ତାରେ ଚାଲୁଛନ୍ତି ସତ୍ୟାଗ୍ରହୀ। କେହି ହାତରେ ଦାବିର ପ୍ଲାକାର୍ଡ ଧରିଛନ୍ତି, କେହି ନୀରବତାକୁ ଅସ୍ତ୍ର କରିଛନ୍ତି, ଆଉ କେହି ମହାପ୍ରଭୁଙ୍କ ନାମ ନେଇ ଆଗକୁ ବଢ଼ୁଛନ୍ତି। ସେମାନଙ୍କ ନୀରବତା ମଧ୍ୟରେ ଶୁଭୁଛି ଗୋଟିଏ ମାତ୍ର ଦାବି-"ପୂର୍ବପରି ମହାପ୍ରଭୁଙ୍କ ଦର୍ଶନ ଅଧିକାର ଆମକୁ ଫେରାଇ ଦିଅନ୍ତୁ।" ଋତୁ ବଦଳିଲା, ଦିନ ବଦଳିଲା, କିନ୍ତୁ ସତ୍ୟାଗ୍ରହୀମାନଙ୍କ ଦାବି ବଦଳିନାହିଁ। ପ୍ରତିଦିନ ସେମାନେ ସମାନ ଆଶା ନେଇ ବାହାରୁଛନ୍ତି—ହୁଏତ ଆଜି ନ୍ୟାୟର ଦ୍ୱାର ଖୋଲିବ, ହୁଏତ ଆଜି ସେମାନଙ୍କ ନୀରବତାର ଭାଷା ସରକାର ଓ ପ୍ରଶାସନ ବୁଝିବେ। ଦୀର୍ଘ ସମୟ ବିତିଯାଇଥିବାରୁ ସତ୍ୟାଗ୍ରହୀମାନଙ୍କ ମନରେ ଅସନ୍ତୋଷ ରହିଛି। ତଥାପି ସେମାନେ ହିଂସାର ପଥ ବାଛିନାହାନ୍ତି। ଆଉ କିଛି ମାସ ପରେ ଆସିବ ପବିତ୍ର କାର୍ତ୍ତିକ ମାସ। ଏହି ପବିତ୍ର ମାସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ହବିଷ ପାଳନ ପାଇଁ ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରୁ ହବିଷ୍ୟାଳି ମା'ମାନଙ୍କ ପାଦ ଶ୍ରୀକ୍ଷେତ୍ର ଆଡ଼କୁ ଚାଲିବ। ଦୂରଦୂରାନ୍ତରୁ ଆସୁଥିବା ସେହି ମା'ମାନଙ୍କ ପାଇଁ ରାଜ୍ୟ ସରକାର ଓ ପ୍ରଶାସନ ନିଶ୍ଚିତ ଭାବେ ରହଣି, ଭୋଜନ ଓ ଦର୍ଶନ ଆଦିର ବ୍ୟବସ୍ଥା କରିବେ। କିନ୍ତୁ ଏହି ସମୟରେ ଆଉ ଏକ ହୃଦୟସ୍ପର୍ଶୀ ପ୍ରଶ୍ନ ଉଠୁଛି—ଶ୍ରୀକ୍ଷେତ୍ରରେ ଜନ୍ମ ନେଇ, ଶ୍ରୀମନ୍ଦିରର ଘଣ୍ଟି ଓ ଜୟ ଜଗନ୍ନାଥ ଧ୍ୱନି ଶୁଣି ବଡ଼ ହୋଇଥିବା, ପୁରୀରେ ରହୁଥିବା ସେହି ହବିଷ୍ୟାଳି ମା'ମାନଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନର ସ୍ୱତନ୍ତ୍ର ବ୍ୟବସ୍ଥା ହେବ କି ? କାର୍ତ୍ତିକ ମାସ ଆସିବା ପୂର୍ବରୁ ପୁରୀରେ ବସବାସ କରୁଥିବା ହବିଷ୍ୟାଳି ମା'ମାନଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର, ସୁବ୍ୟବସ୍ଥିତ ଓ ସମ୍ମାନଜନକ ବ୍ୟବସ୍ଥା କରିବାକୁ ସତ୍ୟାଗ୍ରହୀମାନେ ସରକାର ଓ ଶ୍ରୀମନ୍ଦିର ପ୍ରଶାସନଙ୍କ ନିକଟରେ ଦାବି ଜଣାଇଛନ୍ତି। ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "୧୩୦ ଦିନ ଧରି ଆମେ ଶାନ୍ତି ଓ ଅହିଂସାର ପଥରେ ଆମ ଦାବି ଜଣାଇଆସୁଛୁ। ଆମର ଲକ୍ଷ୍ୟ କାହାକୁ ବିରୋଧ କରିବା ନୁହେଁ, ନ୍ୟାୟସଙ୍ଗତ ଅଧିକାରର ପୁନଃସ୍ଥାପନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଆମର ଆସ୍ଥା ଓ ସତ୍ୟ-ଅହିଂସା ପ୍ରତି ଆମର ବିଶ୍ୱାସ ଅତୁଟ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ନୀରବ ସତ୍ୟାଗ୍ରହ ଅବ୍ୟାହତ ରହିବ।" ଆଜିର ପଦଯାତ୍ରାରେ ସର୍ବଶ୍ରୀ ଶିବସୁନ୍ଦର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ପ୍ରକାଶ ଚନ୍ଦ୍ର ନାୟକ, ଶିଶିରକାନ୍ତ ଶତପଥୀ, ଯାଦବାନନ୍ଦ ରାୟ, କିଶୋର ଚନ୍ଦ୍ର ଦାସ, ଗଦାଧର ମହାରଣା, ମନୋରଞ୍ଜନ ରଣସିଂହ, ଲିଙ୍ଗରାଜ ସାହୁ, ସନ୍ଧ୍ୟାରାଣୀ ମିଶ୍ର, ମିନାକ୍ଷୀ ଦାସ, ଅରୁଣା ପଟ୍ଟନାୟକ, ସୋନା ମିଶ୍ର, ନେହା ଦାସ, ବବଲି ନାୟକ, ପ୍ରୀତ ରାଉତ, ମମତା ସ୍ୱାଇଁ, ସନ୍ତୋଷ ସେନାପତି, ଅଭିମନ୍ୟୁ ପ୍ରଧାନ, ସନ୍ଦୀପ କର୍ମାକର, ସୁବାଷ ପଟ୍ଟନାୟକ, ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ବିଭାଗ ମଧ୍ୟରେ ସମନ୍ୱୟ ନାହିଁ

# ସିଦ୍ଧମହାବୀର ଲାଇଟ୍ ଆରୋବି କାମ ଅସମ୍ପୂର୍ଣ୍ଣ

**ପୁରୀ (ବ୍ୟୁରୋ):** ବାହୁଡ଼ାଯାତ୍ରା ପୂର୍ବରୁ ଦୁଇଟି ଅଣ ଉଦଘାଟିତ ରେଲୱେ ଓଭରବ୍ରିଜ କାର୍ଯ୍ୟକ୍ଷମ ହୋଇଛି। ଏଥି ମଧ୍ୟରୁ ସିଦ୍ଧମହାବୀର ଏନସିସି ନିକଟରେ ଥିବା ଲାଇଟି

## ଲୋକେ ହନ୍ତସନ୍ତ

ଆରୋବିର ପ୍ରବେଶ ପଥ ସଠିକ ଭାବେ ସମତଳ ହୋଇନଥିବାରୁ ପାଦଚଲା ବ୍ୟକ୍ତି ଝୁଣ୍ଟୁଥିବା ବେଳେ ବାଇକ ଆରୋହୀ ପଡୁଥିବା ଦେଖିବାକୁ ମିଳୁଛି । ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ନଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରେଲୱେ ବିଭାଗ ବ୍ରିଜ କାମ ଶେଷ କରିଥିଲେ ମଧ୍ୟ ପୂର୍ତ୍ତ ବିଭାଗ ରାସ୍ତା କାମ କରିନାହିଁ । ଓଭରବ୍ରିଜ ତଳେ ଖାଲ ସ୍ଥାନ ଥିବାରୁ ସେଠାରେ ପାଣି ଜମି ରହୁଛି । ସିଦ୍ଧମହାବୀର ଏନସିସି ପାଚେରୀ କୁ ଲାଗି କାର ପାର୍କିଙ୍ଗ ଭାଙ୍ଗି






ରାସ୍ତା ଚଉଡା ହେବା ଯୋଜନା ଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ୱାଟକୋ ବିଭାଗ ମଧ୍ୟ ପାଣି ପାଇପ କାମ କରିନାହିଁ । ବିଦ୍ୟୁତ ବିଭାଗ ଖୁଣ୍ଟ ଅପସାରଣ ଓ ଘୁଞ୍ଚାଇବା କାମ କରିନାହିଁ । ଓଭରବ୍ରିଜ ରୁ ବାଇକରେ ତଳକୁ ଖସିବା ସମୟରେ ଲୁହା ଖୁଣ୍ଟ ପୋତାଯାଇଛି । ଅଳ୍ପ ଗ୍ୟାପ ଥିବାରୁ ବାଇକ ପଛପଟେ ବସିଥିବା ବ୍ୟକ୍ତିଙ୍କ ଗୋଡ ମାଡ ହେଉଛି। ଓଭରବ୍ରିଜରେ ଆଲୋକ ସଂଯୋଗୀକରଣ କରାଯାଇନାହିଁ । ସର୍ବୋଦୟ ନଗର ପଟ ରାସ୍ତା ଖାଲ ଢିପ ହୋଇ ପଡିରହିଛି । ଏହି ସବୁ କାମ ଶୀଘ୍ର ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ତ୍ରିଦିବସୀୟ ଓଡ଼ିଶା ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ

**ପୁରୀ (ବ୍ୟୁରୋ):** ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା ଶାଖା ଓ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସାହିତ୍ୟ ଏକାଡ଼େମୀର ମିଳିତ ସହଯୋଗରେ ତ୍ରିଦିବସୀୟ ଓଡ଼ିଶା ସାହିତ୍ୟ ମହୋତ୍ସବ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ଠାରେ ଉଦ୍ଘାଟିତ ହୋଇଯାଇଛି । ରାଷ୍ଟ୍ର ନିର୍ମାଣ ସହିତ ବ୍ୟକ୍ତି ନିର୍ମାଣ ପାଇଁ ସାହିତ୍ୟ ଉପଯୋଗୀ ଭୂମିକା ନିର୍ବାହ କରିବା ସହିତ ମାନବ ସଭ୍ୟତାର ବିକାଶ ପାଇଁ ବିନିଯୋଗ ହେଉବୋଲି ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଉଚ୍ଚଶିକ୍ଷା ଓ ଯୁବସେବା ବିଭାଗର ମନ୍ତ୍ରୀ ଶ୍ରୀମାନ୍ ସୂର୍ଯ୍ୟବଂଶୀ ସୂରଜ କାଗଜରୁ କ୍ଲାଉଡ଼କୁ ଓଡ଼ିଆ ଭାଷାକୁ ପହଂଚାଇ ପାରିଲେ ଏହାର ଭବିଷ୍ୟତ ସମୃଦ୍ଧ ଓ ସୁରକ୍ଷିତ ହୋଇପାରିବ ବୋଲି ମତ ଦେଇଥିଲେ । ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ସାହିତ୍ୟର ବିନିଯୋଗ ମାଧ୍ୟମରେ ଭବିଷ୍ୟତ ରାଷ୍ଟ୍ର ନିର୍ମାଣ ପାଇଁ ଉପଯୋଗୀ କାର୍ଯ୍ୟ କରାଯାଇପାରିବ ବୋଲି କହିଥିଲେ । ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶୁଦ୍ଧ ଲିଖନ ଉପରେ ଆଜିର ଯୁବପିଢ଼ି ଗୁରୁତ୍ୱ ଦେବା ସହିତ ଓଡ଼ିଆ ଭାଷାର ବିକାଶ ପାଇଁ ସମସ୍ତେ କାର୍ଯ୍ୟ କରିବା ଉଚିତ୍ ବୋଲି ମତ ଦେଇଥିଲେ । ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଷ୍ଟ୍ରୀୟ ମହାମନ୍ତ୍ରୀ ଶ୍ରଯୁକ୍ତ ପବନପୁତ୍ର ବାଦଲ ଓଡ଼ିଆ ଭାଗବତର ପ୍ରଶଂସା କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ଏହିପରି ସାହିତ୍ୟ ଉତ୍ସବ ମାଧ୍ୟମରେ ଯୁବ ଲେଖକମାନଙ୍କୁ ଉତ୍ସାହିତ କରାଯିବ ବୋଲି କହିଥିଲେ । ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକ




ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ଦିଲୀପ କୁମାର ସ୍ୱାଇଁ ସଂଚାଳନ କରିବା ସହ ଶ୍ରୀଯୁକ୍ତ ରାମକୃଷ୍ଣ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରଥମ ଦିବସରେ ଚାରୋଟି ଶୀର୍ଷକରେ ବାରୋଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । କବି ସାରଳା ଦାସ, ଜଗନ୍ନାଥ ଦାସ, ଉପେନ୍ଦ୍ର ଭଞ୍ଜ ଓ ଏକବିଂଶ ଶତାବ୍ଦୀର ସାହିତ୍ୟରେ ରାଷ୍ଟ୍ରବୋଧ ସମ୍ପର୍କରେ ପଚାଶଟି ପ୍ରବନ୍ଧ ପାଠକରାଯାଇଥିଲା । ବିଶିଷ୍ଟ ସାହିତ୍ୟିକ କୈଳାସଚନ୍ଦ୍ର ଟୀକାୟତରାୟ, ହରପ୍ରସାଦ ମିଶ୍ର, ବୈଷ୍ଣବଚରଣ ମହାନ୍ତି, ପଣ୍ଡିତ ସନତ ସୁଜାତାନନ୍ଦ ଦାସ, ଧରଣୀଧର ନାଥ, ପ୍ରକାଶଚନ୍ଦ୍ର ପାଣିଗ୍ରାହୀ, କଲ୍ୟାଣୀ ମିଶ୍ର, ଉପେନ୍ଦ୍ର ବିଶ୍ୱାଳ, ରୀବନ୍ଦ୍ର ବିହାରୀ, ଡ. ଶତ୍ରୁଘ୍ନ ପାଣିଗ୍ରାହୀ ଆଦି ଯୋଗ ଦେଇଥିଲେ । ଏହି ବୈଷୟିକ କାର୍ଯ୍ୟକ୍ରମକୁ ବିଶ୍ୱନାଥ ଶତପଥୀ, ଡ.ରଘୁନାଥ ଓଝା, ଡ. ନିରୋଦ କୁମାର ମନ୍ତ୍ରୀ, ଡ. ଅନୁପ ମାର୍ଥା, ଡ. ଶ୍ରୀଧର ବାରିକ, ଡ. କଲ୍ୟାଣୀ ନନ୍ଦୀ, ଡ. ପ୍ରଭାତ କୁମାର ସାହୁ ପ୍ରମୁଖ ସଂଚାଳନ କରିଥିଲେ । ଆଗାମୀ ଅଗଷ୍ଟ ୯ ତାରିଖରେ ବହୁରାଷ୍ଟ୍ରୀୟ କବିତା ପାଠୋତ୍ସବ ସହିତ ଫକୀରମୋହନ ଓ ଗୋଦାବରୀଶ ମହାପାତ୍ରଙ୍କ ସମ୍ପର୍କରେ ଆଲୋଚନା ଅନୁଷ୍ଠିତ ହେବ ବୋଲି ଆୟୋଜକ ଜଣାଇଛନ୍ତି ।

# ନିଖୋଜ ନାବାଳିକା ଉଦ୍ଧାର, ସଖୀ କେନ୍ଦ୍ରକୁ ହସ୍ତାନ୍ତର



**ପୁରୀ (ବ୍ୟୁରୋ):** ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳରେ ଥିବା ଏକ ଆଶ୍ରୟ ଗୃହ (ଚାଇଲଡ ହୋମ)ରୁ ଗତ ୨୭.୦୭.୨୦୨୬ ତାରିଖରୁ ନିଖୋଜ ଥିବା ଜଣେ ନାବାଳିକାଙ୍କୁ ପୁରୀ ପୋଲିସ୍‌ର ପିସିଆର-୧ ଟିମ୍ ଉଦ୍ଧାର କରିଛି। ଆଜି ତାରିଖ ୦୮.୦୮.୨୦୨୬ ଦିନ ପ୍ରାୟ ଦିବା ୧.୧୦ ମିନିଟ୍ ସମୟରେ ପୋଲିସ୍‌ର Emergency Response Support System (ERSS) – ଡାଏଲ ୧୧୨ ମାଧ୍ୟମରେ ଏ ସମ୍ପର୍କରେ ସୂଚନା ପ୍ରାପ୍ତ ହୋଇଥିଲା। ସୂଚନା ପାଇବା ପରେ ପିସିଆର-୧ ଟିମ୍ ତତ୍କାଳ ଘଟଣାସ୍ଥଳକୁ ପହଞ୍ଚି ନାବାଳିକାଙ୍କୁ ଚିହ୍ନଟ କରି ଉଦ୍ଧାର କରିଥିଲେ। ପ୍ରାଥମିକ ପଚରାଉଚରାରୁ ଜଣାପଡ଼ିଛି ଯେ, ସମ୍ପୃକ୍ତ ନାବାଳିକା ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳସ୍ଥିତ ଏକ ଚାଇଲଡ ହୋମରେ ରହୁଥିଲେ। ସେଠାରୁ ସେ ୨୭.୦୭.୨୦୨୬ ତାରିଖରୁ ନିଖୋଜ ଥିବା ସମ୍ପର୍କରେ ସୂଚନା ମିଳିଛି। ନାବାଳିକାଙ୍କ ସୁରକ୍ଷା, ଯତ୍ନ ଓ ଆବଶ୍ୟକ ସହାୟତାକୁ ପ୍ରାଥମିକତା ଦେଇ ପିସିଆର-୧ ଟିମ୍ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପରେ ପୁରୀ ସାଖୀ ସେଣ୍ଟରକୁ ହସ୍ତାନ୍ତର କରିଛି। ଏହାସହିତ, ନାବାଳିକା ଯେଉଁ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଚାଇଲଡ ହୋମ ରୁ ନିଖୋଜ ହୋଇଥିଲେ, ସେଠାର କର୍ତ୍ତୃପକ୍ଷଙ୍କୁ ମଧ୍ୟ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଆବଶ୍ୟକ ଆଇନଗତ ଓ ପ୍ରଶାସନିକ ପ୍ରକ୍ରିୟା ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯାଉଛି। ପୁରୀ ପୋଲିସ୍ ସର୍ବଦା ନାବାଳକ/ନାବାଳିକା, ମହିଳା ଓ ଅସହାୟ ବ୍ୟକ୍ତିମାନଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସିଛି। ଜରୁରୀ ପରିସ୍ଥିତିରେ ଡାଏଲ ୧୧୨ ମାଧ୍ୟମରେ ତୁରନ୍ତ ପୋଲିସ୍ ସହାୟତା ନେବାକୁ ସାଧାରଣ ଜନତାଙ୍କୁ ପୁରୀ ପୋଲିସ୍ ପକ୍ଷରୁ ଅନୁରୋଧ କରାଯାଉଛି।

# ଅନ୍ଧାରରେ ଷ୍ଟେସନ ସମ୍ମୁଖ ରାସ୍ତା

**ପୁରୀ (ବ୍ୟୁରୋ):** ପୁରୀ ରେଳ ଷ୍ଟେସନ ସାମ୍ନା ରାସ୍ତା ସନ୍ଧ୍ୟା ପରେ ଅନ୍ଧାରରେ ରହୁଛି।ଏଥି ଯୋଗୁ ଷ୍ଟେସନ ଚାରିପାର୍ଶ୍ୱ ଲୁଟିଆଙ୍କ ଚରାଭୂଇଁରେ ପରିଣତ ହୋଇଛି। ଏହି ରାସ୍ତା ଉଚ୍ଛେଦ ପରେ ପାର୍ଶ୍ୱରେ ଥିବା ଷ୍ଟ୍ରିଟ୍ ଲାଇଟ ଜଳୁନାହିଁ। କେବଳ ଷ୍ଟେସନ ପରିସରରେ ଆଲୋକୀକରଣ ବ୍ୟବସ୍ଥା ଠିକ ରହିଛି। ଫଳରେ ରେଳ ଷ୍ଟେସନ ଚାରିପାର୍ଶ୍ୱ ରାସ୍ତାରେ ଅନ୍ଧାର ବିରାଜମାନ କରୁଛି। ରାତିରେ ଫେରୁଥିବା ଯାତ୍ରୀଙ୍କ ପାଇଁ ଏହି ରାସ୍ତା ପ୍ରାଣନାଶକ ସାବ୍ୟସ୍ତ ହେଉଛି। ବର୍ତ୍ତମାନ ଏହି ରାସ୍ତାରେ ଦିନରେ ମଧ୍ୟ ନିଶାଖୋର ଲୁଟିଆ ସକ୍ରିୟ ରହୁଛନ୍ତି। ସୂଚନାଯୋଗ୍ୟ, ପୁରୀ ଏକ ଆଧାତ୍ମିକ କ୍ଷେତ୍ର ହୋଇଥିବାରୁ ପ୍ରତିଦିନ ହଜାର ହଜାର ଯାତ୍ରୀ ଓ ଭକ୍ତ ରେଳ ଯୋଗେ ଶ୍ରୀକ୍ଷେତ୍ରରେ ପହଞ୍ଚିଥାନ୍ତି । ଦିନ ଓ ବିଳମ୍ବିତ ରାତି ପର୍ଯ୍ୟନ୍ତ ରେଳ ଷ୍ଟେସନ ନିକଟରେ ଯାତ୍ରୀଙ୍କ ଚଳପ୍ରଚଳ ଲାଗି ରହିଥାଏ। କିନ୍ତୁ ଷ୍ଟେସନ ଚାରିପାର୍ଶ୍ୱ ଅନ୍ଧାର ଯୋଗୁ ବିଶେଷ କରି ବିଳମ୍ବିତ ରାତିରେ ଫେରୁଥିବା କିମ୍ବା ଯାଉଥିବା ଯାତ୍ରୀଙ୍କ ପାଇଁ ଏହି ରାସ୍ତା ବିପଦପୂର୍ଣ୍ଣ ହୋଇଛି। ଅନ୍ଧାର ଯୋଗୁ ମହିଳାମାନେ ସେ ରାସ୍ତାରେ ଯିବାକୁ ଅସୁରକ୍ଷିତ ମନେ କରୁଛନ୍ତି।ଚଳିତବର୍ଷ ରଥଯାତ୍ରା ପୂର୍ବରୁ ପୁରୀ ମହାନଗର ନିଗମ ପକ୍ଷରୁ ରେଳ ଷ୍ଟେସନ ଚାରିପାର୍ଶ୍ୱରେ ଥିବା ବେଆଇନ ଦୋକାନଗୁଡ଼ିକ ଉଚ୍ଛେଦ କରାଯାଇଥିଲା। ପୂର୍ବରୁ ବିଦ୍ୟୁତ ଖୁଣ୍ଟରେ ଉଜ୍ଜ୍ୱଳ ଆଲୋକ ନିକଟରେ ଥିବା ରେଳ ଷ୍ଟେସନ ପରିସରରେ ହାଇମାଷ୍ଟ ଲାଇଟରେ ଆଲୋକୀକରଣ ବ୍ୟବସ୍ଥା ରହିଥିଲା । କିନ୍ତୁ ଏହି ଉଚ୍ଛେଦ ପ୍ରକ୍ରିୟା ଶେଷ ହେବା ପରେ ମହାନଗର ନିଗମ ପକ୍ଷରୁ ଆଲୋକୀକରଣ ବ୍ୟବସ୍ଥା କରାଯାଇ ନଥିଲା । ତେଣୁ ରେଳ ଷ୍ଟେସନ ଚାରି ପାର୍ଶ୍ୱ ରାସ୍ତା ଅନ୍ଧାରରେ ରହିଛି। ସହରର ଏହି ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ରାସ୍ତା ପାର୍ଶ୍ୱରେ ଆଲୋକୀକରଣ ବ୍ୟବସ୍ଥା ଠିକ୍ କରିବା ପାଇଁ ଦୀର୍ଘ ଦିନ ହେଲା ଦାବି ହେଉଛି । ଛକରେ ଅନ୍ଧାର ବିରାଜମାନ ଯୋଗୁ ରାତ୍ରିକାଳୀନ ପାଟ୍ରୋଲିଂରେ ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ଅନ୍ଧାର ସୁଯୋଗରେ ଲୁଟିଆ ସକ୍ରିୟ ହୋଇ ଯାତ୍ରୀଙ୍କୁ ହଇରାଣ ହରକତ କରୁଛନ୍ତି। ଏହି ରାସ୍ତା ଅନ୍ଧାର ଯୋଗୁ ସାଧାରଣ ଲୋକଙ୍କ ପାଇଁ ମୃତ୍ୟୁ ଯନ୍ତା ପାଲଟିଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁ ଲୁଟିଆଙ୍କ ଭୂସ୍ୱର୍ଗରେ ପରିଣତ ହୋଇଛି । ଏ ସମ୍ପର୍କରେ ପୁରୀ ମହାନଗର ନିଗମ ସହକାରୀ କମିଶନର ଅଭିମନ୍ୟୁ ବେହେରା କହନ୍ତି, ସହରାଞ୍ଚଳର ଆଲୋକୀକରଣ ବ୍ୟବସ୍ଥାରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ।

## ସ୍ୱର୍ଗଦ୍ୱାରରେ ଦାହ-ସଂସ୍କାର

# ବିକଳ୍ପ ବ୍ୟବସ୍ଥା ନ ହେଲେ ସଂକଟ ବଢ଼ିବ: ଡିଏଫ୍‌ଓ

**ପୁରୀ (ବ୍ୟୁରୋ):** ସ୍ୱର୍ଗଦ୍ୱାରରେ ଦାହ ହେଲେ ଆଉ ପୁନର୍ଜନ୍ମ ମିଳେନି । ଏଭଳି ଏକ ବିଶ୍ୱାସ କାହିଁ କେତେ ଦିନରୁ ରହିଆସିଛି । ଯେଉଁଥିପାଇଁ ଶବଦାହ ପାଇଁ ସ୍ୱର୍ଗଦ୍ୱାର ରେ ଭିଡ଼ ଲାଗୁଛି। କ୍ରମାଗତ ଭାବରେ ଶବସଂଖ୍ୟା ବଢ଼ିବଢ଼ି ଚାଲିଛି । ସରକାରୀ ହିସାବ ମୁତାବକ ଗତ ୫ ବର୍ଷ ମଧ୍ୟରେ ଏଠାରେ ଶବ ସଂଖ୍ୟା ତିନିଗୁଣା ହୋଇଛି। କାଠରେ ଶବଦାହ ଆମ ପରମ୍ପରା ସହ ଯୋଡ଼ି ହୋଇ ରହିଥିବାରୁ ଏଠାରେ ଅନ୍ୟ କୌଣସି ବିକଳ୍ପ ସଫଳ ହୋଇ ପାରିନାହିଁ । ଗୋଟିଏ ପଟେ ଶବ ସଂଖ୍ୟା ବଢୁଥିବା ବେଳେ ଅନ୍ୟପଟେ କାଠ ଯୋଗାଣ କମି କମିଯାଉଛି। ଫଳରେ ଅଚଳାବସ୍ଥା ସୃଷ୍ଟି ହେଉଛି। ବିକଳ୍ପ ଦାହ ବ୍ୟବସ୍ଥା ନ ହେଲେ ସଂକଟ ଆହୁରି ବଢ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି ।ପୂର୍ବରୁ ଦିନକୁ ୫୦ରୁ ୬୦ ଶବ ଆସୁଥିବା ବେଳେ ଏବେ ସେହି ସଂଖ୍ୟା ୧୫୦ରୁ ଅଧିକରେ ପହଞ୍ଚିଛି। ଅନ୍ୟପଟେ ହରିଶ୍ଚନ୍ଦ୍ର ଯୋଜନାରେ ସରକାର ମାଗଣାରେ ଦେଢ଼ କ୍ୱିଣ୍ଟାଲ କାଠ ଯୋଗାଉଛନ୍ତି। ଅନେକ ଧନୀ ଘର ଲୋକ ଏହାର ଫାଇଦା ନେଉଛନ୍ତି। ଆଉ ଏକ ବଡ଼କଥା ହେଉଛି ଏଠାରେ ପୂର୍ବାପେକ୍ଷା ବହୁତ ସୁବିଧା ହୋଇଛି। ବର୍ଷା, ଝଡ଼ତୋଫାନରେ ମଧ୍ୟ ଶବଦାହରେ ସମସ୍ୟା ହେଉନାହିଁ। ଦାହସଂସ୍କାର କାମରେ ପରିଜନଙ୍କୁ ମଧ୍ୟ ହାତ ମାରିବାକୁ ପଡୁନାହିଁ। ସାରା ରାଜ୍ୟରୁ ଏବେ ଶବ ଦାହ ପାଇଁ ଏଠାକୁ ଆସୁଛନ୍ତି। ଯେଉଁଥି ପାଇଁ କାଠର ଅଭାବ ସୃଷ୍ଟି ହୋଇଛି। କାଠ ଅଭାବ ନେଇ ଅଭିଯୋଗ ଆସିବା ପରେ ପ୍ରଶାସନ ତତ୍ପର ହୋଇଛି। ବନ ବିଭାଗ କାଠ ଯୋଗାଣ ସ୍ୱାଭାବିକ କରିବା ପାଇଁ ପଦକ୍ଷେପ ନେଇଛି। ଗୋଟିଏ ଶବଦାହ ପାଇଁ ଦେଢ଼ କ୍ୱିଣ୍ଟାଲ କାଠ ଆବଶ୍ୟକ। ହିସାବ ଅନୁସାରେ ଦିନକୁ ୧୦୦ରୁ ଅଧିକ ଶବଦାହ ପାଇଁ ୧୫୦ କ୍ୱିଣ୍ଟାଲରୁ ଅଧିକ କାଠ ଲାଗୁଛି। କିନ୍ତୁ ସ୍ୱର୍ଗଦ୍ୱାର କାଠ ଗୋଦାମରେ ସେତେ ପରିମାଣର କାଠ ମହଜୁଦ ନାହିଁ। ଓଏଫ୍‌ଡିସି ଦ୍ୱାରା ଯୋଗାଣ ହେଉଥିବା କାଠ ଆବଶ୍ୟକତା ତୁଳନାରେ ବହୁତ କମ୍। ଜଣେ ମୃତକଙ୍କ ପରିଜନ ଭଗିଆ ଗୋଛାୟତ କହିଛନ୍ତି, ଆମେ ଅନେକ ସମୟରେ ଲୋକଙ୍କୁ ସହଯୋଗ କରିବା ପାଇଁ ସ୍ୱର୍ଗଦ୍ୱାର ଯାଇ ଶବ ସତ୍କାରରେ ସାହାଯ୍ୟ କରୁଛୁ। ହେଲେ ଏବେ କାଠ ସଙ୍କଟ ଉତ୍କଟ ହୋଇଛି। ପର୍ଯ୍ୟାପ୍ତ କାଠ ନ ଆସିବାରୁ ଶବ ସତ୍କାର ପାଇଁ ବହୁତ ସମୟ ଅପେକ୍ଷା କରିବାକୁ ପଡୁଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ସମାଧାନ କରୁ। କାଠର ବିକଳ୍ପ ସମ୍ପର୍କରେ ବି ଚିନ୍ତା ହେଉ। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, କାଠ ଯୋଗାଣ ସ୍ୱାଭାବିକ କରିବା ପାଇଁ ଆଲୋଚନା ହୋଇଛି। ବିକଳ୍ପ ବ୍ୟବସ୍ଥା ପାଇଁ ମଧ୍ୟ ଯୋଜନା ହେଉଛି। ପୁରୀ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋ କହିଛନ୍ତି, ବର୍ଷା



ଯୋଗୁଁ ବଡ଼ ଗାଡ଼ିରେ କାଠ ଆଣିବାରେ ଅସୁବିଧା ହେଉଛି। ଏଣୁ ଛୋଟ ଗାଡ଼ିରେ କାଠ ଅଣାଯାଉଛି। ଗତ ପାଞ୍ଚ ବର୍ଷରେ ଶବଦାହ ସଂଖ୍ୟା ବହୁତ ବଢ଼ିଛି। ସେଥିପାଇଁ ଯୋଗାଣରେ ସମସ୍ୟା ଦେଖାଦେଇଛି। କାଠର ବିକଳ୍ପ ଭାବେ କ'ଣ କରାଯାଇପାରିବ ସେ ନେଇ ସରକାରଙ୍କୁ କିଛି ପ୍ରସ୍ତାବ ଦିଆଯାଇଛି। ନିର୍ଦ୍ଦେଶ ଆସିବା ପରେ ସ୍ୱର୍ଗଦ୍ୱାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଜଙ୍ଗଲ ସୀମିତ ଥିବା ବେଳେ ଶବଦାହ ବଢ଼ି ଚାଲିଛି। କାଠର ବିକଳ୍ପ ବ୍ୟବସ୍ଥା ନ ହେଲେ ଆଗାମୀ ଦିନରେ ସଙ୍କଟ ଆହୁରି ଗମ୍ଭୀର ହେବ ବୋଲି ଆଶଙ୍କା କରାଯାଉଛି। ଏଠାରେ ସୂଚାଇ ଦିଆଯାଇପାରେ, ପୂର୍ବରୁ ବିଦ୍ୟୁତ୍ ଚୁଲା ବ୍ୟବସ୍ଥା ହୋଇଥିଲା। କିନ୍ତୁ କାଠରେ ଦାହ କରିବା ପାଇଁ ଚାହିଦା ରହିବାରୁ ଏହା ସଫଳ ହେଲାନାହିଁ। ଆଉ ଏକ ପ୍ରସ୍ତାବ ମଧ୍ୟ ଦିଆଯାଇଥିଲା। ମେସିନ୍ ସହାୟତାରେ ପୋଡ଼ାଯିବ, କିନ୍ତୁ କାଠ ବ୍ୟବହାର ହେବ। ଅର୍ଥାତ୍ ଯେତିକି କାଠ ବ୍ୟବହାର ହେବ, ସେଥିରୁ ବାହାରୁଥିବା ଉତ୍ତାପ ଶବଦାହ ପାଇଁ ବ୍ୟବହାର ହେବ। କିଛି ନଷ୍ଟ ହେବ ନାହିଁ। ଏଭଳି ଏକ ପ୍ରସ୍ତାବ ନାଲି ଫିତା ତଳେ ପଡ଼ିଛି। କାଠର ବିକଳ୍ପ ଚିନ୍ତା କରା ନଗଲେ ସ୍ୱର୍ଗଦ୍ୱାରରେ ଶବଦାହ କରିବା ସମସ୍ତଙ୍କ ଭାଗ୍ୟରେ ଜୁଟିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି ।

## ଶ୍ୱେତଗଙ୍ଗା ପୁଷ୍କରିଣୀରେ ବୁଡ଼ି ଯୁବକ ମୃତ



**ପୁରୀ (ବ୍ୟୁରୋ):** ପୁରୀ ଶ୍ୱେତଗଙ୍ଗା ପୁଷ୍କରିଣୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ଭୁବନେଶ୍ୱର ସତ୍ୟଭାମାପୁର ଅଞ୍ଚଳର ସମ୍ବିତ ପ୍ରଧାନ ବୋଲି ଜଣାପଡ଼ିଛି ।ସମ୍ବିତ ନିଜ ସାଙ୍ଗମାନଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ । ଏହି ସମୟରେ ସେ ଶ୍ୱେତଗଙ୍ଗା ପୁଷ୍କରିଣୀରେ ସାଙ୍ଗମାନଙ୍କ ସହ ଗାଧୋଇଥିବାବେଳେ ଅସାବଧାନତାବଶତଃ ପାଣିରେ ବୁଡ଼ି ଯାଇଥିଲେ । ପରେ ତାଙ୍କୁ ଉଦ୍ଧାର କରାଯାଇଥିଲେ ମଧ୍ୟ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ସଙ୍କୁଳସ୍ତରୀୟ ଜ୍ଞାନ-ବିଜ୍ଞାନ ମେଳା



**ପୁରୀ (ବ୍ୟୁରୋ):** ଶନିବାର ଦିନ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଘୋଡ଼ାବଜାର, ପୁରୀ ପରିସରରେ ପାଳନ କରାଯାଇଅଛି । ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅନୁଶ୍ରବ ଗନ୍ତାୟତ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମୁଖ୍ୟ ଅତିଥି ଶିଶୁମାନଙ୍କୁ କହିଥିଲେ ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ ସହିତ ନୂତନ ସପ୍ନକୁ ସାକାର କରି ବୈଜ୍ଞାନିକ ବାତାବରଣକୁ ବଜାୟ ରଖି ନୂତନ ଯୁବ ପିଢି ନିର୍ମାଣର ଆଧାର ହୋଇ ଗଢ଼ିତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ମାନନୀୟ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ପ୍ରଧାନ ଅତିଥି ପରିଚୟ ଏବଂ ସଙ୍କୁଳ ପ୍ରମୁଖ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ସାହୁ ସାଗତ ଭାଷଣ ସହିତ ଏହି ଦିବସର ଆଭିମୁଖ୍ୟ କଥନ ଉପସ୍ଥାପନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ମୋଟ ୨୯୩ ଜଣ ଶିଶୁ ଭାଇଭଉଣୀ ଭାଗ ନେଇ ସେଥିମଧ୍ୟରୁ ୬୭ ଜଣ ଶିଶୁ ପ୍ରତିଭାଗୀ ପୁରସ୍କାର ପାଇଁ ବିବେଚିତ ହେବା ସହିତ ବିଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାକୁ ଉତୀର୍ଣ୍ଣ ହୋଇଥିଲେ। ସେହିପରି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଉଦ୍ୟାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ପୁରୀ ଜିଲ୍ଲା ସହ ପ୍ରମୁଖ --ମାନନୀୟ ଦୀନବନ୍ଧୁ ତ୍ରୀପାଠୀ, ସଙ୍କୁଳ ପ୍ରମୁଖ, ପୁରୀ ବିଭାଗ ନିରୀକ୍ଷକ (ଶିକ୍ଷା ବିକାଶ ସମିତି, ଓଡ଼ିଶା) ମାନନୀୟ ସରୋଜ କୁମାର ପଟ୍ଟନାୟକ ଓ ସଂକୁଳ ସହ ସଂଯୋକ ରବିନ୍ଦ୍ର କୁମାର ନନ୍ଦ, ମହୋଦୟ ଉପସ୍ଥିତ ରହି ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟ ବିଜ୍ଞାନ ବିଭାଗର ବରିଷ୍ଠ ଆର୍ଶ୍ଚର୍ଯ୍ୟ ତଥା ସହ ପ୍ରଧାନାର୍ଯ୍ୟ ଶ୍ରୀଯୁକ୍ତ ସୁଶାନ୍ତ ସାଇଁ ଏହି କାର୍ଯ୍ୟକ୍ରମର ବିବରଣୀ ପଠନ କରିଥିଲେ ।

# ମଙ୍ଗଳାଘାଟରେ ଭଙ୍ଗା ଏରୋପ୍ଲେନ୍‌କୁ ନେଇ ସହରରେ ଚର୍ଚ୍ଚା

- ଏରୋପ୍ଲେନ୍‌ରେ ରେଷ୍ଟୁରାଣ୍ଟ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଇବା ଯୋଜନା
- ଏହାକୁ ନେଇ ବରଗଛ କଟାଯାଇଥିବା ଆପ୍‌ର ଅଭିଯୋଗ

**ପୁରୀ (ବ୍ୟୁରୋ):** ପୁରୀ ମହାନଗର ନିଗମ ମଙ୍ଗଳାଘାଟ ନିକଟରେ ଏକ ଲମ୍ବା ଲରି ଟ୍ରକରେ ଲଦା ହୋଇ ଆସିଛି ଏକ ଭଙ୍ଗା ଏରୋପ୍ଲେନ । ଏହି ଏରୋପ୍ଲେନ ଦେଖିବା ପାଇଁ ସହରରେ ଚହଳ ପଡିଯାଇଛି । ବାଘ ନଦେଖିଲେ ବିଲେଇ ଦେଖ ପରି ପୁରୀରେ ଏୟାରପୋର୍ଟ ହୋଇପାରୁନଥିବା ବେଳେ ଏହି ଭଙ୍ଗା ଉଡାଜାହାଜ ଦେଖାଇ ମନ ବୁଝାଇବା ପାଇଁ ଯୋଜନା ଚାଲିଥିବା କୁହାଯାଉଛି । ଷ୍ଟର୍ଲିଙ୍ଗ ନିକଟ ମଙ୍ଗଳାନଦୀ ଉପରେ ସୁଉଚ୍ଚ ବ୍ରିଜ ନିର୍ମାଣ ଶେଷ ହେଲାଣି । ଏହା ନିକଟରେ ଭଙ୍ଗା ଉଡାଜାହାଜ ରଖି ରେଷ୍ଟୁରାଣ୍ଟ କରି ପର୍ଯ୍ୟଟକଙ୍କ ଠାରୁ ଅଧିକ ଅର୍ଥ ନେବା ପାଇଁ ଯୋଜନା ଚାଲିଥିବା ସ୍ଥାନୀୟ ଲୋକ କହୁଛନ୍ତି । ବ୍ରହ୍ମଗିରି ଓ ସାତପଡାର କିଛି ଲୋକ କହୁଛନ୍ତି ସାତପଡାରେ



ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ରେସ୍ତୋରାଁ ଉଡାଜାହାଜ ରଖାଯିବ। ତେବେ ଏହାକୁ ଅନେକ କଳ୍ପନା ଜଳ୍ପନା ଚାଲିଥିବା ବେଳେ ଏହା ଯୋଗୁ ଏକ ବରଗଛ କଟାଯାଇଥିବା ଆପ୍ ଦଳ ଅଭିଯୋଗ କରିଛି। ଏହାକୁ ଦେଖିବା ପାଇଁ ସେଠାରେ ଲୋକମାନଙ୍କ ଭିଡ ଜମିଛି ।





# ରାଜ୍ୟରେ ଲାଗି ରହିବ ଲଘୁଚାପ ବର୍ଷା



**ଭୁବନେଶ୍ୱର(ବ୍ୟୁରୋ):** ଉତ୍ତର ଓଡ଼ିଶାରେ ବନ୍ୟା ଦୁର୍ଦ୍ଦଶା ଥମିନି । ଏବେ ବି କେତେକ ଅଞ୍ଚଳ ଜଳବନ୍ଦୀ । ଏପଟେ ସାଳନ୍ଦୀ ଉଛୁଳି ମାଡ଼ି ଆସିଲାଣି । ଜଳକା ବି ବିପଦ ସଙ୍କେତ ଉପରେ ବହୁଛି । ବୈତରଣୀ ଜଳସ୍ତର ବିପଦ ସଙ୍କେତ ମୁହାଁ ହେଉଥିବାବେଳେ ବ୍ରାହ୍ମଣୀ ଓ ସୁବର୍ଣ୍ଣରେଖା ଧିମେଇ ଧିମେଇ ଫୁଲୁଛି । ସ୍ଥିତିକୁ ଗମ୍ଭୀର କରିପାରେ ଅବିଶ୍ରାନ୍ତ ବର୍ଷା । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ । ପ୍ରାୟତଃ ମଧ୍ୟମ ଧରଣର ବର୍ଷା ହେବ । କେତେକ ଜାଗାରେ ପ୍ରବଳ ବର୍ଷା ବି ହୋଇପାରେ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି) ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁ ପୂର୍ବାନୁମାନ କରିଛନ୍ତି । ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି, ଗାଙ୍ଗେୟ ପଶ୍ଚିମବଙ୍ଗ ଓ ପାଖ ବାଂଲାଦେଶ ଉପରେ ଥିବା ଘୂର୍ଣ୍ଣି ବଳୟ ଘନୀଭୂତ ହେଉଛି । ଶନିବାରକୁ ଲଘୁଚାପ ରୂପ ନେଇ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ପାର୍ଶ୍ୱବର୍ତ୍ତୀ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଉପରେ ରହିବ । ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗରେ ମୁହାଁଇ ମୌସୁମୀ ଟ୍ରଫ୍ ସହ ସମାନ୍ତରାଳ ଭାବେ ଗାଙ୍ଗେୟ ପଶ୍ଚିମବଙ୍ଗ, ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା, ଝାଡ଼ଖଣ୍ଡ, ଉତ୍ତର ଛତିଶଗଡ଼ ଆଡ଼କୁ ଗତି କରିବ । ଏହା ପ୍ରଭାବରେ ରାଜ୍ୟରେ ବର୍ଷା ଲାଗି ରହିବ । ଶନିବାର ସକାଳ ଭିତରେ ରାଜ୍ୟର ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ପ୍ରବଳତର ବର୍ଷା ଆଶଙ୍କା ରହିଛି । କେନ୍ଦ୍ରୀୟ ଓଡ଼ିଶା ଏବଂ ଦକ୍ଷିଣରେ କେତେକ ଜାଗାରେ ବି ପ୍ରବଳ ବର୍ଷା ସମ୍ଭାବନା ଅଛି । ବିଶେଷ କରି ମୟୂରଭଞ୍ଜ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହୋଇପାରେ। ଶନିବାର ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ସମ୍ଭାବନା ରହିଛି । ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ପ୍ରବଳତର ବର୍ଷା ହୋଇପାରେ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାରେ ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ସମ୍ଭାବନା ଅଛି । ଏହାବାଦ ଅନେକ ଜାଗାରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ । ଆସନ୍ତା ୧୩ ଯାଏ ରାଜ୍ୟରେ ବର୍ଷା ଲାଗି ରହିବା ନେଇ ପାଣିପାଗ ବିଭାଗ ସତର୍କ କରାଇଛି । ତା'ପରେ ବି ବିଶେଷ ପରିବର୍ତ୍ତନ ହେବା ସମ୍ଭାବନା ନଥିବା କୁହାଯାଉଛି । ଚିନ୍ତାର ବିଷୟ ପାଲଟିଛି ଜଳକା, ସାଳନ୍ଦୀ ଓ ବୈତରଣୀ । ଜଳକା ମଥାନୀରେ ବିପଦ ସଙ୍କେତ ଟପି (୬.୫୦ମିଟର) ୬.୫୪ ମିଟରରେ ପହଞ୍ଚି ଯାଇଥିଲା । କିନ୍ତୁ, ଅପରାହ୍ନ ୩ଟାରୁ ଜଳସ୍ତର ୬.୫୨ ମିଟର ରହିଛି । ଗତ କିଛି ଘଣ୍ଟା ହେବ ଜଳସ୍ତର ସ୍ଥିର ରହିଛି । ଜଳକା ନଦୀର ଜଳସ୍ତର ବଢ଼ିବାରୁ ବାଲେଶ୍ୱରରେ ଭୟ ବଢ଼ିଛି । ଅନ୍ୟପଟେ ଭଦ୍ରକର ରାଜଘାଟରେ ସାଳନ୍ଦୀ ନଦୀର ଜଳସ୍ତର ବଢ଼ି ୧୬.୭୦ ଫୁଟ ଛୁଇଁଯାଇଛି । ଏଠାରେ ବିପଦ ସଙ୍କେତ ସ୍ତର ୧୭ ଫୁଟ । ଭଦ୍ରକ ବ୍ଲକର ଅର୍ଣ୍ଣପାଳ ଓ ବିଷ୍ଣୁପୁର ବିନ୍ଧା ପଞ୍ଚାୟତରେ ପୁଣି ବନ୍ୟା ଜଳ ପଶିଛି । ବନ୍ୟା ପାଣି ଆସିବା ଦ୍ୱାରା ସାଳନ୍ଦୀର ଶାଖା ନଦୀ ନାଳିଆ ତାର କରାଳ ରୂପ ଦେଖାଇଛି । ନାଳିଆ ନଦୀର ରାଜମୁକୁନ୍ଦପୁର ପୋଲ ଉପରେ ୩ ଫୁଟର ଜଳ ପ୍ରବାହିତ ହେଉଛି । ରାଜମୁକୁନ୍ଦପୁର ଘାଇ ଦେଇ ବନ୍ୟା ଜଳ ଜନବସତିକୁ ମାଡ଼ି ଆସୁଥିବା ଜଣାପଡ଼ିଛି । ସାଳନ୍ଦୀର ଜଳ ତିହିଡ଼ି ବ୍ଲକର ସର୍ବାଧିକ କ୍ଷତି ଘଟାଇବା ଆରମ୍ଭ କରିଛି । ଏହି ବ୍ଲକର ବିଲଣା ପଞ୍ଚାୟତ ଲଞ୍ଜାତରାଠାରେ ନାଳିଆ ନଦୀର ବନ୍ଧ ଭାଙ୍ଗି ପୁଣି ଜଳ ଗାଁକୁ ପଶିଛି । ଜଳ ସମ୍ପଦ ବିଭାଗ ସୂଚନା ଅନୁସାରେ ଶୁକ୍ରବାର ରାତି ୮ଟାବେଳେ ବୈତରଣୀ ଜଳସ୍ତର ଆଖୁଆପଦାରେ ୧୮.୦୫ ମିଟରରେ ଛୁଇଁଥିଲା । ଏହା ସତର୍କ ସଙ୍କେତ ଉପରେ ଚାଲିଥିବାବେଳେ ବିପଦ ସଙ୍କେତ (୧୮.୩୩ ମି) ପାଖାପାଖି ହୋଇଛି । ବ୍ରାହ୍ମଣୀ ଜଳସ୍ତର କେନ୍ଦ୍ରାପଡ଼ାର ଇନ୍ଦୁପୁରଠାରେ ବଢ଼ିବାରେ ଲାଗିଛି । ଜଳସ୍ତର ସନ୍ଧ୍ୟା ୬ଟାବେଳେ ୬.୯୫ ମିଟର ଥିଲା, ଏଠାରେ ବିପଦ ସଙ୍କେତ ୮.୨୩ ମି । ସୁବର୍ଣ୍ଣରେଖା ଜଳସ୍ତର ୬ଟାବେଳେ ଜାମଶୋଳାଘାଟରେ ୪୪.୮୦ ମିଟର ଓ ରାଜଘାଟରେ ୫.୮୦ ମିଟର ଥିଲା । ଉଭୟ ସ୍ଥାନରେ ବିପଦ ସଙ୍କେତ ଠାରୁ ଯଥେଷ୍ଟ ତଳେ ନଦୀ ପ୍ରବାହିତ ହେଉଥିଲେ ମଧ୍ୟ ଜଳପତନ ବଢୁଛି ।

# ଶୋଇବାକୁ ଜାଗା ନ ଦେବାରୁ ଭିଣୋଇକୁ ହତ୍ୟା କଲା ଶଳା



**ଭୁବନେଶ୍ୱର(ବ୍ୟୁରୋ):** ରାଜଧାନୀରେ ବୀଭତ୍ସ ହତ୍ୟା । ଭିଣୋଇକୁ ଅତି ନିର୍ମମ ହତ୍ୟା କଲା ଶଳା । ଶୋଇବାକୁ ଜାଗା ନ ଦେବାରୁ ଭିଣୋଇକୁ ହତ୍ୟା । ଠେଙ୍ଗାରେ ପିଟିପିଟି ଭିଣୋଇ ହତ୍ୟା । ଚନ୍ଦକା ଥାନା ପାଇକରାପୁର ଭୂତ ବଙ୍ଗଳାରେ ଭିଣୋଇ ହତ୍ୟା ମାମଲାରେ ଅଭିଯୁକ୍ତ ଗିରଫ । ଶାଳକ ବ୍ରଜକିଶୋର ଭୋଇକୁ ଗିରଫ କଲା ଚନ୍ଦକା ଥାନା ପୋଲିସ । ହତ୍ୟା ପରେ କିପରି ଦୁର୍ଘଟଣା ରୂପ ଦେବାକୁ ଚେଷ୍ଟା କରିଥିଲା ଶଳା । ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ପାଇକରାପୁରରେ ଘଟିଛି ଏହି ଘଟଣା । ଭୂତ ବଙ୍ଗଳାରେ ଦେଖାରଖା ଦାୟିତ୍ୱରେ ଥିଲେ ଗିରଫ ଅଭିଯୁକ୍ତ ବ୍ରଜ ଓ ତାଙ୍କ ବାପା । ରାତି ପ୍ରାୟ ୧୧ଟା ସମୟରେ ବ୍ରଜ ଆସି ଦେଖିବାକୁ ପାଇଥିଲେ। ଚାରି ଲୋକ ସେଠି ଶୋଇଥିଲେ ଯେଉଁଠି ବ୍ରଜ ଶୋଇବା ପାଇଁ ଜାଗା ନଥିଲା । ସେମାନଙ୍କୁ ସେଠାରୁ ହଟିବା ପାଇଁ ବ୍ରଜ ସେମାନଙ୍କୁ କହିଥିଲେ । ଉତକ୍ଷିପ୍ତ ହୋଇ ଶୋଇଥିବା ଲୋକଙ୍କୁ ଠେଙ୍ଗାରେ ପିଟି ଉଠାଇବାକୁ ଚେଷ୍ଟା କରିଥିଲେ । ବ୍ରଜକିଶୋରଙ୍କ ଭିଣୋଇ ଠେଙ୍ଗା ମାଡରେ ଗୁରୁତର ଆହତ ହୋଇଥିଲେ । ପରେ ଶାଳକ ବ୍ରଜ କିଶୋର ତାଙ୍କୁ ଛାତରୁ ଗଳିପଡିଥିବା କହି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ମାମଲାର ତଦନ୍ତ କରି ଅଭିଯୁକ୍ତ ବ୍ରଜ କିଶୋର ଭୋଇକୁ ଗିରଫ କରିଛି ।

# ସନ୍ତାନ ପାଇଁ ସ୍ୱାମୀ-ସ୍ତ୍ରୀ ମୁହାଁମୁହିଁ



**ଭୁବନେଶ୍ୱର(ବ୍ୟୁରୋ):** ନିଜ ଛୁଆକୁ ଖୋଜି ଖୋଜି ଛତିଶଗଡ଼ରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଧାଇଁଆସିଲେ ମା'। ତେବେ ଛୁଆକୁ ଫେରାଇନେବାକୁ ଉଦ୍ୟମ କଲାବେଳେ ବିରୋଧ କଲେ ସ୍ୱାମୀ। ଉଭୟ ସ୍ୱାମୀ- ସ୍ତ୍ରୀ ଏହାକୁ ନେଇ ମୁହାଁମୁହିଁ ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଉଭୟଙ୍କୁ ପଚରାଉଚରା କରିବା ପରେ ଘଟଣାଟି ପାରିବାରିକ ହୋଇଥିବାରୁ ପରିବାର ଅଦାଲତର ଦ୍ୱାରସ୍ଥ ହେବାକୁ କହିଛନ୍ତି। ଅନ୍ୟପକ୍ଷରେ ସ୍ୱାମୀ ସନ୍ତୋଷ ସାହୁଙ୍କ ବିରୋଧରେ ପରକୀୟା ପ୍ରୀତି ଅଭିଯୋଗ ଆଣି ଶହୀଦନଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି ପ୍ରାଚୀ ଆପ୍ତା। ମୁତାବକ, ସନ୍ତୋଷ ଓ ପ୍ରାଚୀ ମାଟ୍ରିମୋନି ମାଧ୍ୟମରେ ଦେଖାସାକ୍ଷାତ ହୋଇ ପରସ୍ପରକୁ ଭଲ ପାଇ ବିବାହ କରିଥିଲେ। ୫ ବର୍ଷ ପର୍ଯ୍ୟନ୍ତ ଦୁହେଁ ଜାମସେଦପୁରରେ ହସଖୁସିରେ ସମୟ କାଟିଥିଲେ। ତେବେ ସନ୍ତାନ ହେବା ପରଠାରୁ ସନ୍ତୋଷ କିଛି ବୁଝାଶୁଝା କରି ନ ଥିଲେ, ବରଂ ଛୁଆକୁ ନେଇ ଭୁବନେଶ୍ୱର ପଳାଇ ଆସିଥିଲେ। ପରେ ଛୁଆକୁ ସନ୍ତୋଷ ଆଉ କାହାକୁ ଦେଇଦେଇଥିବା ପ୍ରାଚୀ ଜାଣିବାକୁ ପାଇଥିଲେ। ସେ ମୋବାଇଲ ଷ୍ଟାଟସରେ ଛୁଆର ୟୁନିଫର୍ମ ଦେଖି ପ୍ରଥମେ ସ୍କୁଲ ଓ ପରେ ସନ୍ତୋଷଙ୍କ ଘରେ ପହଞ୍ଚିଥିଲେ। ଛୁଆ ପାଇଁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ସେ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ତେବେ ପରକୀୟା ପ୍ରୀତି ନେଇ ପ୍ରାଚୀଙ୍କ ଅଭିଯୋଗକୁ ସନ୍ତୋଷ ଖଣ୍ଡନ କରିଛନ୍ତି। ସ୍ତ୍ରୀଙ୍କର ଅନ୍ୟ କାହା ସହ ସମ୍ପର୍କ ଥିବାରୁ ଛୁଆକୁ ନେଇ ଚାଲିଆସିଥିଲି ବୋଲି ସନ୍ତୋଷ ପ୍ରକାଶ କରିଛନ୍ତି।

# ପାଣିଘେରରେ ପଳାଶୁଣୀ ଗଙ୍ଗୁଆ ବସ୍ତି

**ଭୁବନେଶ୍ୱର(ବ୍ୟୁରୋ):** ଆବର୍ଜନା ଓ ଜବରଦଖଲ କାରଣରୁ ଦୟା ୱେଷ୍ଟ କେନାଲ୍ ଓ ଗଙ୍ଗୁଆର ଜଳ ନିଷ୍କାସିତ ହୋଇପାରୁନି। ଏଣୁ ଭୁବନେଶ୍ୱର ସହରର ତଳିଆ ଅଞ୍ଚଳ ସବୁ ବୁଡ଼ିବାରେ ଲାଗିଛି। ଗତକାଲି ଦୟା ୱେଷ୍ଟ କେନାଲ୍ ଦୁଇପାର୍ଶ୍ୱ ଅଞ୍ଚଳ ଜଳାର୍ଣ୍ଣବ ହୋଇଥିଲା। ଆଜି ଗଙ୍ଗୁଆର ଜଳ ପଳାଶୁଣୀ ଓ ଆଖପାଖ ଅଞ୍ଚଳକୁ ବୁଡ଼ାଇଛି। ପଳାଶୁଣୀ ଗଙ୍ଗୁଆ ବସ୍ତି ଆଜି ଗଙ୍ଗୁଆର ପଚୁଆ ପାଣିରେ ଉବୁଟୁବୁ ହୋଇଛି। ସବୁ ଘର ବୁଡ଼ିଯାଇଛି ଓ ଘରେ ଅଣ୍ଟାଏ ଉଚ୍ଚରେ ପାଣି ଲହଡ଼ି ମାରୁଛି। ମେୟର ସୁଲୋଚନା ଦାସ, ସ୍ଥାନୀୟ କର୍ପୋରେଟର ବିପ୍ଳବ ବେହେରା ପ୍ରମୁଖ ଏହି ଅଞ୍ଚଳ ପରିଦର୍ଶନ କରିବା ସହ ଅଗ୍ନିଶମ ବିଭାଗ ସହଯୋଗରେ ସମସ୍ତଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ଗଙ୍ଗୁଆର ବନ୍ୟା ପାଣି ଦ୍ୱାରା ପ୍ରଭାବିତ ୬୦ରୁ ଅଧିକ ବିପନ୍ନଙ୍କୁ ପାଣ୍ଡରା ୟୁଜିୟୁପି ବିଦ୍ୟାଳୟରେ ରଖାଯାଇଛି। ମହିଳା, ପୁରୁଷଙ୍କ ସହ ବହୁ ଶିଶୁ ଏଠାରେ ଆଶ୍ରୟ ନେଇଛନ୍ତି। ରନ୍ଧାଖାଦ୍ୟ, ପାଣି ଆଦିର ବ୍ୟବସ୍ଥା କରାଯାଇଛି। କର୍ପୋରେଟର ଶ୍ରୀ ବେହେରା କହିଛନ୍ତି, ଗତକାଲି ପଳାଶୁଣୀ ଗଙ୍ଗୁଆ ବସ୍ତିରେ ଅଳ୍ପ କିଛି ପାଣି ପଶିଥିଲା। କିନ୍ତୁ ଆଜି ସକାଳୁ ଘରେ ଅଣ୍ଟେ ଉଚ୍ଚରେ ପାଣି ଚାଲିଥିଲା। ଶୋଇବା ଖଟ, ଗଦି, ଚାଉଳ ଓ ଅନ୍ୟାନ୍ୟ ଆସବାବ, ଖାଦ୍ୟ ସାମଗ୍ରୀ ସବୁ ପାଣିରେ ବୁଡ଼ିଯାଇଥିଲା। ସମସ୍ତଙ୍କ ବିପନ୍ନଙ୍କୁ ସୁରକ୍ଷିତ ବୋଟ୍‌ରେ ଉଦ୍ଧାର କରାଯାଇଛି। ଖବର ପାଇ ଆଜି ସକାଳେ ମେୟର ଶ୍ରୀମତୀ ଦାସ ସଂପୃକ୍ତ ଅଞ୍ଚଳ ବୁଲିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ମେୟର ଶ୍ରୀମତୀ ଦାସ ଏହି ବନ୍ୟା ବିପନ୍ନଙ୍କ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ବିଏମ୍‌ସି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିଶମ ବାହିନୀ ଏହି ବନ୍ୟା ବିପନ୍ନଙ୍କୁ ଉଦ୍ଧାରରେ ସହଯୋଗ କରିଥିବାରୁ ଶ୍ରୀ ବେହେରା ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସପ୍ତାହକୁ ଥରେ ହାତବୁଣା ବସ୍ତ୍ର ପିନ୍ଧ: ରାଜ୍ୟପାଳ



**ଭୁବନେଶ୍ୱର(ବ୍ୟୁରୋ):** ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ୧୨ତମ ଜାତୀୟ ହସ୍ତତନ୍ତ ଦିବସ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଯୋଗଦେଇ ହସ୍ତତନ୍ତକୁ ଜୀବନଶୈଳୀର ଅଂଶ କରିବା ସହ ସପ୍ତାହକୁ ଅନ୍ତତଃ ଥରେ ହାତବୁଣା ବସ୍ତ୍ର ପରିଧାନ କରି ବୁଣାକାରଙ୍କୁ ସମର୍ଥନ ଦେବା ପାଇଁ ଆହ୍ୱାନ କରିଥିଲେ। ପ୍ରତ୍ୟେକ ହସ୍ତତନ୍ତ ବସ୍ତ୍ରରେ ବୁଣାକାରଙ୍କ ଦକ୍ଷତା, ପରିଶ୍ରମ, ପାରିବାରିକ ପରମ୍ପରା ଓ ସୃଜନଶୀଳତାର କାହାଣୀ ରହିଥାଏ। ହସ୍ତତନ୍ତ କେବଳ ଏକ କପଡ଼ା ନୁହେଁ, ବରଂ ଏହା ଆମ ଐତିହ୍ୟ, ମର୍ଯ୍ୟାଦା, ଦକ୍ଷତା ଏବଂ ସ୍ୱାବଲମ୍ବନର ପ୍ରତୀକ ବୋଲି ରାଜ୍ୟପାଳ କହିଥିଲେ। ସମ୍ମାନିତ ଅତିଥି ଭାବେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ଭିତ୍ତିଭୂମି ବିକାଶ, ବଜାର ପ୍ରୋତ୍ସାହନ, ଡିଜାଇନ୍, ଦକ୍ଷତା ଉନ୍ନତି ଏବଂ ସାମାଜିକ ସୁରକ୍ଷା ପଦକ୍ଷେପ ମାଧ୍ୟମରେ ବୁଣାକାରଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜଗତ୍‌ସିଂହପୁରରେ କଷ୍ଟା ଭବନ, ସୁକିନ୍ଦାରେ ଟସର ସିଲ୍କ ପାର୍କ ଓ ସୁବିଧା କେନ୍ଦ୍ର, ଅଭିମାନପୁରରେ ହସ୍ତତନ୍ତ ଓ କୃତ୍ରିମ ବୁଦ୍ଧିମତ୍ତା ପାର୍କ, ଗୁଜରାଟ, ଅହମ୍ମଦାବାଦ ଓ ରଘୁରାଜପୁରରେ ରେଷମଶ୍ରମ୍ ଓଡ଼ିଶା ସୋ' ରୁମ୍, ଯାଜପୁର, ସୁବର୍ଣ୍ଣପୁର, ବୌଦ୍ଧ, କୋରାପୁଟ, ରାୟଗଡ଼ା, ଗଞ୍ଜାମ, କଳାହାଣ୍ଡିରେ ପ୍ରମୁଖ ପ୍ରାଥମିକ ବୁଣାକାର ସମବାୟ ସମିତିମାନଙ୍କ ପାଇଁ ସାତଟି କ୍ଷୁଦ୍ର ପୋଷାକ ୟୁନିଟ୍, ଯାଜପୁର, କଳାହାଣ୍ଡି ଓ କଟକର ପ୍ରମୁଖ ପ୍ରାଥମିକ ବୁଣାକାର ସମବାୟ ସମିତିମାନଙ୍କ ପାଇଁ ତିନିଟି ବିକ୍ରୟ କେନ୍ଦ୍ରକୁ ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଖୋର୍ଦ୍ଧାର ରାଉତପଡ଼ାରେ ଏକ ଫ୍ୟାବ୍ରିକ୍ କ୍ୟାଲେଣ୍ଡରିଂ ୟୁନିଟ୍ ମଧ୍ୟ ଉଦ୍‌ଘାଟିତ ହୋଇଛି। ସେହିପରି ଗ୍ରାସିମ୍ ଇଣ୍ଡିଆ ଲିମିଟେଡ୍, ଜୁବି'ସ୍ ଡିଜାଇନର ଷ୍ଟୁଡିଓ ଓ ଆମାଜନ କାରିଗର ସହ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ୨୦୨୫-୨୬ ବର୍ଷର କାର୍ଯ୍ୟାବଳୀ ରିପୋର୍ଟ ମଧ୍ୟ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଜୀବନବ୍ୟାପୀ ସାଧନା ପାଇଁ ବରଗଡ଼ର ବୁଣାକାର ଡ. ସୁରେନ୍ଦ୍ର ମେହେରଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ସେହିପରି ଓଡ଼ିଶାରେ ହସ୍ତତନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୬ ଜଣ ବିଶିଷ୍ଟ ବୁଣାକାରଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର ଏବଂ ୪ ଜଣ ବୁଣାକାରଙ୍କୁ ତନ୍ତକୃତି ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ 'କୁସୁମ୍ - ହଜିଯାଇଥିବା ବସ୍ତ୍ରର ପୁନରୁଦ୍ଧାର' ଓ 'କରୁଣା ସିଲ୍କ' ଉପରେ ଭିଡିଓ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ କମିସନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟାକାଣ୍ଡ ମାମଲା, ୬ଜଣଙ୍କୁ ମିଳିଲା ଜାମିନ୍



**ଭୁବନେଶ୍ୱର(ବ୍ୟୁରୋ):** ବାଲିଅନ୍ତା ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟାକାଣ୍ଡ ମାମଲାରେ ୬ଜଣଙ୍କୁ ମିଳିଲା ଜାମିନ୍। ଜାମିନ ମିଳିବା ପରେ ସେମାନେ ଝାରପଡ଼ା ଜେଲରୁ ମୁକୁଳିଛନ୍ତି। ପୂର୍ବରୁ ପୋଲିସ ମାମଲାରେ ୨୦ ଜଣଙ୍କୁ ଗିରଫ କରିଥିଲା। ଏମାନଙ୍କୁ ମଧ୍ୟରୁ ୧୧ ଜଣଙ୍କ ବିରୋଧରେ ପ୍ରମାଣ ଦାଖଲ କରିଥିବାବେଳେ, ଅବଶିଷ୍ଟ ୯ ଜଣଙ୍କ ବିରୋଧରେ ପ୍ରମାଣ ଦାଖଲ ହୋଇଥିଲା। ହେଲେ କ୍ରାଇମବ୍ରାଞ୍ଚକୁ ସେହି ୯ ଜଣଙ୍କ ବିରୋଧରେ ପ୍ରମାଣ ମିଳିନଥିବାରୁ ଚାର୍ଜସିଟରେ ସେମାନଙ୍କ ନାଁ ଦାଖଲ କରିନଥିଲା। ଏମିତିରେ ସେହି ୯ ଜଣଙ୍କ ମଧ୍ୟରୁ ୬ ଜଣଙ୍କୁ କୋର୍ଟ ଜାମିନ ପ୍ରଦାନ କରିବା ପରେ ସେମାନେ ଜେଲରୁ ମୁକୁଳିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ମେ ୭ ତାରିଖରେ ବାଲିଅନ୍ତା ରାମଚନ୍ଦ୍ରପୁର କାଜ ବ୍ରିଜ୍ ନିକଟରେ ଜିଆରପି କନଷ୍ଟେବଲ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ କମିଶନରେଟ ପୋଲିସ ପ୍ରଥମେ ୧୧ଜଣଙ୍କୁ ପରେ କ୍ରାଇମବ୍ରାଞ୍ଚ ୯ ଜଣଙ୍କୁ ଗିରଫ କରିଥିଲା। ଘଟଣାରେ ଆହୁରି ୫ରୁ ୬ ଜଣ ଅଭିଯୁକ୍ତ ଫେରାର ଥିବା କୁହାଯାଉଛି ।

# କ୍ଷୀରଗାଡ଼ିରେ ମଦ, କାଉଡ଼ିଆ ବେଶରେ ଗଞ୍ଜେଇ ଚାଲାଣ

**ଭୁବନେଶ୍ୱର(ବ୍ୟୁରୋ):** କ୍ଷୀର ଗାଡ଼ିରେ ମଦ ଚାଲାଣ । ଭୁବନେଶ୍ୱରରୁ ଧରାପଡ଼ିଲା କ୍ଷୀର ଗାଡ଼ି । ଟାଟା ଏସିରେ ଦେଶୀ ମଦ ଚାଲାଣ ବେଳେ ଧରିଲା ଅବକାରୀ ମୋବାଇଲ୍ ୟୁନିଟ । ଭୁବନେଶ୍ୱରରୁ ଅବକାରୀ ଟିମର ସଫଳତା । ପୋଲିସ ଓ ଅବକାରୀ ବିଭାଗକୁ ଚକମା ଦେଇ ମିଲ୍କ ଭ୍ୟାନରେ ଯାଉଥିଲା ଦେଶୀ ମଦ। ଜାଭିୟର ଛକରୁ ଚାଲାଣ ବେଳେ ଧରାପଡ଼ିଲା । ଅଭିଯୁକ୍ତ ସେକ ଇସମାଇଲ ଖାନକୁ କାବୁ କଲା ଟିମ୍। ଗାଡ଼ିରେ ମିଲ୍କ ଡେଲିଭେରି ଆଳରେ ଚାଲୁଥିଲା କାରବାର । ଏନେଇ ପିଛା କରୁଥିଲା ଅବକାରୀ ଟିମ୍ । ପଟିଆ ଆଡ଼କୁ ଯିବା ବେଳେ ଧରିଥିଲା ଅବକାରୀ ମୋବାଇଲ୍ ୟୁନିଟ । ସେହିପରି କାଉଡ଼ିଆ ବେଶରେ ଗଞ୍ଜେଇ ବେପାର ହେଉଥିଲା । ଗେରୁଆ ବସ୍ତ୍ର ପିନ୍ଧି କାରରେ କରୁଥିଲେ ଗଞ୍ଜେଇ ଚାଲାଣ କରାଯାଉଥିଲା । କନ୍ଧମାଳ ଫିରିଙ୍ଗିଆ ଅଞ୍ଚଳରୁ ବିଶେଷ ସୂତ୍ରରୁ ଖବର ପାଇ ସଦର ଥାନା ପୋଲିସ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ସଙ୍କିକଟାମାଳରେ ପୋଲିସ କାରକୁ ଅଟକାଇ ଯାଞ୍ଚ୍ କରିଥିଲେ । ଯାଞ୍ଚ୍ ବେଳେ ଗାଡି ଭିତରୁ ୬୦ କେଜି ଗଞ୍ଜେଇ ଜବତ କରି ଦୁଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଦୁଇ ଅଭିଯୁକ୍ତ ଉତ୍ତରପ୍ରଦେଶ ବାରବାଙ୍କି ଜିଲ୍ଲାର ।

# ରାସ୍ତାରେ ଲହଡ଼ି ମାରୁଛି ନାଳପାଣି, ଅଧାଗଢ଼ା ନାଳ ପାଇଁ ଦୁର୍ଦ୍ଦଶା



**ଭୁବନେଶ୍ୱର(ବ୍ୟୁରୋ):** ପୁଣି ଦାଉ ସାଧିଛି ଭଙ୍ଗା ଓ ଅଧାଗଢ଼ା ନାଳ। ଅସରାଏ ବର୍ଷାରେ ଉବୁଟୁବୁ ହେଉଛି ରାସ୍ତାଘାଟ। ରାଜପଥ ଉପରେ ଲହଡ଼ି ମାରିଛି ନାଳପାଣି ମିଶା ବର୍ଷା ପାଣି। ଯାହା କେବଳ ଯାତାୟାତକୁ ପ୍ରଭାବିତ କରିନି, ଅସମ୍ଭାଳ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିଛି। ଲକ୍ଷ୍ମୀସାଗର, ବମିଖାଲରୁ ରସୁଲଗଡ଼ ପାର ହେବାକୁ ଘଣ୍ଟା ଘଣ୍ଟା ଲାଗିଯାଇଛି। ଆଜି ଏଭଳି କିଛି ଯନ୍ତ୍ରଣା ଦେଇଛି ବମିଖାଲ ଓ ଲକ୍ଷ୍ମୀସାଗର ରାସ୍ତାର ଜଳାର୍ଣ୍ଣବ ସ୍ଥିତି। କେବଳ ଏହି ଅଞ୍ଚଳ ନୁହେଁ, ରାଜଧାନୀର ଅନେକ ଅଞ୍ଚଳର ରାସ୍ତାରେ ବି ବର୍ଷା ଓ ନାଳ ପାଣିର ସୁଅ ଛୁଟିଛି। ଏହା ରାଜଧାନୀ ଭୁବନେଶ୍ୱରର ଡ୍ରେନେଜ୍ ଅବ୍ୟବସ୍ଥାକୁ ଧରା ପକାଇଦେଇଛି। ଆଜି ଦିନସାରା ପାଗ ମେଘୁଆ ଥିଲେ ବି ବର୍ଷା ହୋଇ ନଥିଲା। ସଂଧ୍ୟା ପ୍ରାୟ ୬ଟାରେ ହଠାତ୍ ବର୍ଷା ଛେଚିଥିଲା। ଦେଢ଼ଘଣ୍ଟା ଧରି ବର୍ଷା ଲାଗି ରହିଥିଲା। ଫଳରେ ବମିଖାଲ, ଲକ୍ଷ୍ମୀସାଗର ଛକ ସହ କଟକ ରୋଡ୍‌ର ଏକାଧିକ ସ୍ଥାନ ଉବୁଟୁବୁ ହୋଇଥିଲା। ରାତିରେ ବର୍ଷା ଛାଡ଼ିଥିଲେ ବି ଘଣ୍ଟାଏର ପ୍ରବଳ ବର୍ଷା ରାଜଧାନୀର ପ୍ରମୁଖ ରାସ୍ତାଘାଟକୁ ବୁଡ଼ାଇଛି। ବମିଖାଲରେ ଆଜି ଦୁଇ ଫୁଟ୍ ଉଚ୍ଚ ପାଣି ଲହଡ଼ି ମାରିଛି। ରାସ୍ତା, ଖାଲଖମା ସବୁକିଛି ସମାନ ହୋଇଯାଇଥିଲା। ନାଳରୁ ଚାଳକ ଓ ପଥଚାରୀଙ୍କୁ ସୁରକ୍ଷା ସୂଚନା ଦେବାକୁ ଘେରାଯାଇଥିବା ବ୍ୟାରିକେଡ୍ ବି ଆଜି ପାଣିରେ ଭାସିଛି। ଅନେକ ଜାଗାରେ ଘେରାଯାଇଥିବା ବାଉଁଶ ବି ଉପୁଡ଼ିଯାଇଛି। ବମିଖାଲ ଓ ଲକ୍ଷ୍ମୀସାଗର ପାର୍ଶ୍ୱରୁ ରାସ୍ତା ଦୁଇପାର୍ଶ୍ୱ ନାଳ ସଂପ୍ରସାରଣ ଚାଲିଛି। ଗୋଟିଏ ପାର୍ଶ୍ୱ ପୂର୍ତ୍ତ ଓ ଅପରପାର୍ଶ୍ୱ ବିଏମ୍‌ସି କରୁଛି। ଏହାକୁ ୧୦ ନମ୍ବର ନାଳରେ ମିଶାଇବାକୁ ଯୋଜନା ହୋଇଛି। ଉଭୟ ପୂର୍ତ୍ତ ବିଭାଗ ଓ ବିଏମ୍‌ସି ଦ୍ୱାରା ନାଳ ନିର୍ମାଣ କାମ ଅଧାପନ୍ତରିଆ ଭାବେ ଥିବାରୁ ବର୍ଷା ଜଳ ନିଷ୍କାସନ ହୋଇ ନପାରି ରାସ୍ତାରେ ଜମା ହୋଇ ରହିଥିଲା। ସେପଟେ ବର୍ଷା ପାଣି ବଢ଼ିବାରୁ ନାଳର ଆବର୍ଜନା ପାଣି ବି ଏହା ସହ ମିଶି ରାସ୍ତାରେ ଭାସିଥିଲା। ରସୁଲଗଡ଼ରୁ ବମିଖାଲ ପର୍ଯ୍ୟନ୍ତ ସଂପୂର୍ଣ୍ଣ ରାସ୍ତା ଜଳାର୍ଣ୍ଣବ ହୋଇଯାଇଥିଲା। ସମାନ ସ୍ଥିତି ଲକ୍ଷ୍ମୀସାଗରରେ ଦେଖିବାକୁ ମିଳିଥିଲା। ବହୁ ସମୟ ଧରି ଏହି ପାଣି ଜମି ରହିବା ସହ ଲୋକଙ୍କୁ କଲବଲ କରିଥିଲା।

# ବନ୍ୟା ପାଇଁ ୨୩ ଜିଲ୍ଲା ପ୍ରଭାବିତ, ଭାଙ୍ଗିଛି ୩୫୬୭ ଘର



**ଭୁବନେଶ୍ୱର(ବ୍ୟୁରୋ):** ବନ୍ୟାର କାରଣ ନେଇ ଜିଲ୍ଲାପାଳମାନେ ସରକାରଙ୍କୁ ବିସ୍ତୃତ ରିପୋର୍ଟ ଦେବେ। ସେହି ଆଧାରରେ ବନ୍ୟା ମୁକାବିଲା ପାଇଁ ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ ହେବ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି। ଆଜି ଲୋକସେବା ଭବନରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ଜିଲ୍ଲାପାଳମାନଙ୍କ ସହ ରାଜସ୍ୱ ମନ୍ତ୍ରୀ ବୈଠକ କରିଥିଲେ। ଏଥିରେ ବନ୍ୟା ମୁକାବିଲା ବ୍ୟବସ୍ଥାର ବିସ୍ତୃତ ଆଲୋଚନା କରାଯାଇଥିଲା। ବନ୍ୟାର ପ୍ରଚ୍ଛଦ ପରିସ୍ଥିତି ଓ କାରଣ, ଚଳିତ ବର୍ଷ ଏକାସାଙ୍ଗରେ ଏକାଧିକ ନଦୀରେ ବନ୍ୟା ଆସିବା, ଜଳ ନିଷ୍କାସିତ ହେବାରେ ରହିଥିବା ସମସ୍ୟା, ଘେରି ବନ୍ଧର ଆବଶ୍ୟକତା ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳମାନେ ସେମାନଙ୍କ ରିପୋର୍ଟରେ ଏସବୁ ତଥ୍ୟ ରଖିବାକୁ କୁହାଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଭାବିତ ଜିଲ୍ଲାମାନଙ୍କର ରିପୋର୍ଟ ଇତିମଧ୍ୟରେ ସରକାରଙ୍କ ହସ୍ତଗତ ହୋଇଛି। କିଛି ଜିଲ୍ଲାରେ ସମ୍ପୂର୍ଣ୍ଣ ରୂପେ ବନ୍ୟାଜଳ ପ୍ରଭାବ ହ୍ରାସ ହୋଇନଥିବାରୁ ପରିସ୍ଥିତିରେ ସୁଧାର ଆସିବା ପରେ ଯଥାଶୀଘ୍ର ସେହି ଜିଲ୍ଲାର ରିପୋର୍ଟ ପଠାଇବାକୁ ସମ୍ପୃକ୍ତ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟାରେ ୨୩ ଜିଲ୍ଲା ଆଂଶିକ ବା ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ବର୍ତ୍ତମାନ ସୁଦ୍ଧା ହସ୍ତଗତ ରିପୋର୍ଟ ଅନୁଯାୟୀ, ୩୫୬୭ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୩୭,୨୯୭ ହେକ୍ଟର ଚାଷଜମି ନଷ୍ଟ ହୋଇଛି। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ଏହା ଅଧିକ ହୋଇପାରେ। ଜିଲ୍ଲାପାଳମାନେ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ ସହ ବନ୍ୟା ମୁକାବିଲା ପାଇଁ ପ୍ରଦତ୍ତ ଆର୍ଥିକ ସହାୟତାରୁ ତ୍ୱରିତ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ ଦିଆଯାଇଛି। ଅଧିକ ଅର୍ଥ ଆବଶ୍ୟକ ହେଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତାହା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାର ଏହା ମଧ୍ୟରେ ୧୧୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ସେହିପରି ଯେଉଁ ଜାତୀୟ ରାଜପଥ ତଥା ଅନ୍ୟାନ୍ୟ ରାସ୍ତା ବନ୍ୟା ଜଳ ଆସିଲେ ପ୍ରଭାବିତ ହେଉଛନ୍ତି, ସେହିସବୁ ରାସ୍ତାର ମରାମତି ତଥା ଅନ୍ୟ ସମାଧାନ ବ୍ୟବସ୍ଥା ନିମନ୍ତେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ସହ ଆଲୋଚନା କରାଯାଇଛି। ସେହି ରାସ୍ତା ସମ୍ପର୍କରେ ଜିଲ୍ଲା ପ୍ରଶାସନ ରିପୋର୍ଟ ଦେବା ପରେ ସେଥିନିମନ୍ତେ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ ଭିତ୍ତିଭୂମି ସୁଦୃଢ଼ ଲାଗି ପାଣ୍ଠି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଶକ୍ତି ବିଭାଗ, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତିରାଜ ବିଭାଗ ଏବଂ ଅନ୍ୟ ବିଭାଗଗୁଡ଼ିକୁ ସେମାନଙ୍କର କ୍ଷୟକ୍ଷତି ରିପୋର୍ଟ ଦେବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ପ୍ରସ୍ତୁତ ରିପୋର୍ଟ ମୁତାବକ ଆଗାମୀ ବଜେଟରୁ ଏଥିପାଇଁ ଅର୍ଥ ରାଶି ଭରଣା କରାଯିବ। ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିସନର ରାଜେଶ ପ୍ରଭାକର ପାଟିଲ୍, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଗ୍ରାମ୍ୟ ଉନ୍ନୟନ ବିଭାଗର ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ଶାସନ ସଚିବ ପ୍ରେମଚନ୍ଦ୍ର ଚୌଧୁରୀ, ପଞ୍ଚାୟତିରାଜ ବିଭାଗର ଶାସନ ସଚିବ ଗିରିଶ ଏସ୍. ଏନ୍, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଗୁହା ପୁନମ ତାପସ କୁମାର, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମହିଳା ସଂରକ୍ଷଣ ସହ ସୀମା ପୁନଃନିର୍ଦ୍ଧାରଣ ବିଲ୍ ପ୍ରସଙ୍ଗ

# ରାହୁଲ ଗାନ୍ଧୀ ବନାମ କିରଣ ରିଜିଜୁ ବାକ୍ୟୁଦ୍ଧ

### ❑ କେନ୍ଦ୍ର ସରକାର ଯୋଡ଼ିଥିବାରୁ ବିବାଦ

**ନୂଆଦିଲ୍ଲୀ,୮।୮:** ସୋଶାଲ ମିଡିଆରେ ମୁହାଁମୁହିଁ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଦୁଇ ରାଜନେତାଙ୍କ ମଧ୍ୟରେ ବାକଯୁଦ୍ଧ ଦେଖିବାକୁ ମିଳିଛି। ମହିଳା ସଂରକ୍ଷଣ ବିଲ ସହ ସୀମା ପୁନଃ ନିର୍ଦ୍ଧାରଣ ବିଲକୁ କେନ୍ଦ୍ର ସରକାର ଯୋଡ଼ିଥିବାରୁ ଏହାକୁ ନେଇ ବିବାଦ ଦେଖାଯାଇଛି। ଏସବୁ ଭିତରେ ରାହୁଲ ଗାନ୍ଧିଙ୍କ ଗୋଟିଏ ଭିଡିଓ ଉପରେ ରିଜିଜୁ ବୟାନ ଦେବାରୁ ବାକଯୁଦ୍ଧ ଆରମ୍ଭ ହୋଇଛି। ଭିଡିଓରେ ରାହୁଲ ଗାନ୍ଧି ମହିଳାଙ୍କ ବାକ ସ୍ୱାଧୀନତା ଉପରେ ମତ ରଖିଥିଲେ। ଏହା ଉପରେ ପ୍ରତିକ୍ରିୟା ଦେଇ ରିଜିଜୁ କଂଗ୍ରେସକୁ ମହିଳା ସଂରକ୍ଷଣ ବିଲକୁ ସମର୍ଥନ କରିବାକୁ ଚ୍ୟାଲେଞ୍ଜ ଦେଇଥିଲେ। ଏହାର ଜବାବରେ ସୀମା ପୁନଃ ନିର୍ଦ୍ଧାରଣକୁ କାହିଁକି ଯଥାରେ ମହିଳା ସଂରକ୍ଷଣ ସହ ଯୋଡ଼ା ଯାଉଛି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଜୁଲାଇ ୨୦ରୁ ସଂସଦର ମୌସୁମୀ ଅଧିବେଶନ ପ୍ରାୟ ଅଚଳ ହୋଇଥିବା ବେଳେ ସୀମା ପୁନଃ ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ସହ ଜଡ଼ିତ ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ରିଜିଜୁ ଦୁଇ ଥର ରାହୁଲ ଗାନ୍ଧିଙ୍କ ସହ ଯୋଗାଯୋଗ କରିଥିଲେ। ଏହା ଏକ ସମ୍ବିଧାନ ସଂଶୋଧନ ବିଲ୍ ହୋଇଥିବାରୁ ସଂସଦରେ ଏହା ପାରିତ କରିବା ପାଇଁ ଦୁଇ-ତୃତୀୟାଂଶ ଅଧିକାଂଶ ଆବଶ୍ୟକ। ଏନ୍‌ଡିଏ ପାଖରେ ଏହି ସଂଖ୍ୟା ନଥିବାରୁ ସରକାର ବିରୋଧୀଙ୍କ ସମର୍ଥନ ପାଇଁ ଉଦ୍ୟମ କରୁଛନ୍ତି। ଶନିବାର ରିଜିଜୁ ପୁଣିଥରେ ରାହୁଲ ଗାନ୍ଧିଙ୍କୁ ଏହି ପ୍ରସଙ୍ଗରେ ଅପିଲ୍ କରିଛନ୍ତି। ଏଥିପାଇଁ ସେ ଉପଯୁକ୍ତ ସମୟ ବି ବାଛିଛନ୍ତି। ମହିଳାମାନଙ୍କ ପାଇଁ ଅଧିକ ବାକ୍ ସ୍ୱାଧୀନତା ଦାବି କରୁଥିବା ରାହୁଲଙ୍କ ଗୋଟିଏ ଭିଡିଓ ଶେୟାର କରି ରିଜିଜୁ କହିଥିଲେ ଯେ "କଂଗ୍ରେସ ପକ୍ଷରୁ ଏହା ଏକ ସକାରାତ୍ମକ ସନ୍ଦେଶ ଭଳି ଲାଗୁଛି। ମହିଳାମାନଙ୍କ ପ୍ରତି ରାହୁଲ ଗାନ୍ଧିଙ୍କ ଆଭିମୁଖ୍ୟରେ ଏକ ସ୍ପଷ୍ଟ ପରିବର୍ତ୍ତନ ଦେଖାଯାଉଛି।" ସେ କଂଗ୍ରେସକୁ ମହିଳା ସଂରକ୍ଷଣ ବିଲ୍‌କୁ ବିନା ସର୍ତ୍ତରେ ସମର୍ଥନ କରିବାକୁ ମଧ୍ୟ ଆହ୍ୱାନ କରିଥିଲେ। ଏହାର ଦୁଇ ଘଣ୍ଟା ମଧ୍ୟରେ ରାହୁଲ ଗାନ୍ଧି ଏହାର ଜବାବ ଦେଇଛନ୍ତି। ସେ କହିଛନ୍ତି, "ଏହି ବିଲ୍ ୨୦୨୩ରେ ସର୍ବସମ୍ମତିକ୍ରମେ ଓ କଂଗ୍ରେସର ସମ୍ପୂର୍ଣ୍ଣ ସମର୍ଥନ ସହ ପାରିତ ହୋଇସାରିଛି। ପ୍ରଶ୍ନ ହେଉଛି ଯେ ୩ ବର୍ଷ ପରେ ମଧ୍ୟ ଏହା କାହିଁକି ଲାଗୁ ହୋଇନାହିଁ? ଏବେ ଏହାକୁ ସୀମା ପୁନଃ ନିର୍ଦ୍ଧାରଣ ସହ ଅନାବଶ୍ୟକ ଭାବେ କାହିଁକି ଯୋଡ଼ିବାକୁ ଚାହୁଁଛନ୍ତି ? ୨୦୨୩ରେ ପାରିତ ହୋଇଥିବା ଆଇନକୁ ବିନା କୌଣସି ସର୍ତ୍ତରେ ଲାଗୁ କରନ୍ତୁ।" ମହିଳା ସଂରକ୍ଷଣ ବିଲ୍ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଭାବେ ୨୦୨୩ରେ ସଂସଦର ଉଭୟ ସଦନରେ ପାରିତ ହୋଇଥିଲା।



### ❑ ଭାରତକୁ ପୁଣି ଆମେରିକାର ଝଟକା

# ରୁଷ୍‌ରୁ ତେଲ କିଣୁଥିଲେ ଲାଗିବ ୧୦୦% ଟାରିଫ୍

### ➤ ସିନେଟ ନେଲା ବଡ଼ ପଦକ୍ଷେପ

**ନୂଆଦିଲ୍ଲୀ,୮।୮:** ଭାରତକୁ ପୁଣି ଝଟକା ଦେଇଛି ଆମେରିକା। ଦେଶର ସଂସଦ ବା ସିନେଟ ନେଇଛି ବଡ଼ ପଦକ୍ଷେପ। ୟୁକ୍ରେନ ସହ ଯୁଦ୍ଧ କରୁଥିବା ରୁଷକୁ ଆର୍ଥିକ ସ୍ତରରେ ଦୁର୍ବଳ କରିବାକୁ ଆମେରିକା ଗୋଟିଏ ବିଲ୍ ପାରିତ କରିଛି। ଏହି ବିଲ୍‌ରେ ୧୦୦% ଟାରିଫ ବ୍ୟବସ୍ଥା ରହିଛି। ରୁଷକୁ ଦଣ୍ଡିତ କରିବା ସହ ମସ୍କୋ ଠାରୁ ପେଟ୍ରୋଲିୟମ୍ ଉତ୍ପାଦ କିଣୁଥିବା ପ୍ରମୁଖ ଦେଶ ଗୁଡ଼ିକ ଉପରେ ଏଣିକି ଆମେରିକା ୧୦୦% ଟାରିଫ ଲଗାଇବ। ଏହି ପ୍ରମୁଖ ଦେଶଗୁଡ଼ିକ ଭିତରେ ଚାଇନା, ଭାରତ, ଅଜରବୈଜାନ, ହଙ୍ଗେରୀ ଓ ସ୍ଲୋଭାକିଆ ଭଳି ୫ ଦେଶ ରହିଛନ୍ତି। ରୁଷ ଠାରୁ ବିଭିନ୍ନ ଦେଶ ପେଟ୍ରୋଲିୟମ ସାମଗ୍ରୀ କିଣୁଥିବାରୁ ମସ୍କୋର ଆର୍ଥିକ ସ୍ଥିତି ମଜବୁତ ହେଉଛି ଓ ଏହା ୟୁକ୍ରେନ୍ ଯୁଦ୍ଧକୁ ପ୍ରୋତ୍ସାହିତ କରୁଥିବା ଆମେରିକା ଦାବି କରିଛି। ଏଥିପାଇଁ ରୁଷ ବିରୋଧୀ ବିଲ୍‌କୁ ଆମେରିକା ସିନେଟ୍‌ରେ ବିପୁଳ ସମର୍ଥନ ମିଳିଛି। 'ଲିଣ୍ଡସେ ଓ. ଗ୍ରାହାମ୍ ସ୍ୟାଙ୍କସନିଂ ରୁଷ ଆଣ୍ଡ ଇରାନ୍ ଆକ୍ଟ ଅଫ୍ ୨୦୨୬' ନାମରେ ପୁନଃନାମିତ ଏହି ବିଲ୍ ସିନେଟ୍‌ରେ ୮୬-୧୧ ଭୋଟ୍‌ରେ ପାରିତ ହୋଇଛି। ବିଲ୍ ଅନୁସାରେ, ରୁଷର ତେଲ ଓ ଗ୍ୟାସ୍ କିଣୁଥିବା ଶୀର୍ଷ ୫ ଆମଦାନିକାରୀ ରାଷ୍ଟ୍ରରୁ ଆମେରିକା ଆସୁଥିବା ସାମଗ୍ରୀ ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଣିକି ୧୦୦% ଟାରିଫ୍ ଲଗାଇପାରିବେ। ରୁଷ ବିରୋଧରେ ପ୍ରସ୍ତାବିତ ପ୍ରତିବନ୍ଧ ସହିତ ଏହି ବିଲ୍ ୧୯୯୬ର 'ଇରାନ୍ ସ୍ୟାଙ୍କସନ୍ସ ଆକ୍ଟ'ର ମିଆଦକୁ ୨୦୩୧ ପର୍ଯ୍ୟନ୍ତ ବଢ଼ାଇବାକୁ ମଧ୍ୟ ପ୍ରସ୍ତାବ ରଖାଯାଇଛି। ଇରାନ୍‌ର ଶକ୍ତି କ୍ଷେତ୍ରରେ ନିବେଶ କରୁଥିବା କମ୍ପାନୀଗୁଡ଼ିକ ଉପରେ ଏହି ଆଇନ ଅନୁସାରେ ଆମେରିକା କଟକଣା ଲଗାଇ ପାରିବ।




## ଚୁଟ୍‌କୀରେ...

### ପାକିସ୍ତାନକୁ ସୂଚନା ଦେଇ ଗିରଫ ହେଲେ ବାୟୁସେନା ୱିଙ୍ଗ କମାଣ୍ଡର

**ନୂଆଦିଲ୍ଲୀ,୮।୮:** ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ଭାରତୀୟ ବାୟୁସେନାର ଜଣେ ୱିଙ୍ଗ କମାଣ୍ଡରଙ୍କୁ ପ୍ରତିରକ୍ଷା କାଗଜପତ୍ର ଲିକ୍ କରିବା ଅଭିଯୋଗରେ ଗିରଫ କରିଛି। ପୋଲିସର କହିବା ଅନୁଯାୟୀ, ଜଣେ ମହିଳା ସୋସିଆଲ ମିଡିଆ ମାଧ୍ୟମରେ ଏହି ଅଧିକାରୀଙ୍କୁ ହନିଟ୍ରାପ୍ କରିଥିଲେ ଏବଂ ତାଙ୍କଠାରୁ ସମ୍ବେଦନଶୀଳ ସାମରିକ ସୂଚନା ବାହାର କରିବାକୁ ଚେଷ୍ଟା କରିଥିଲେ। ଏହି ମାମଲାରେ ୱିଙ୍ଗ କମାଣ୍ଡରଙ୍କ ବିରୋଧରେ ସୁରକ୍ଷା ଅଧିନିୟମ ଅର୍ଥାତ ଅଫିସିଆଲ ସିକ୍ରେଟ୍ ଆକ୍ଟ ଅନୁସାରେ ମାମଲା ରୁଜୁ କରାଯାଇଛି। ୱିଙ୍ଗ କମାଣ୍ଡର ଏବେ ନ୍ୟାୟିକ ହେପାଜତରେ ଅଛନ୍ତି। ପୋଲିସକୁ ସନ୍ଦେହ ରହିଛି ୱିଙ୍ଗ କମାଣ୍ଡରର ଏକମାତ୍ର ନୁହେଁ, ବଂର ଏଭଳି ବହୁ ଲୋକ ଏଭଳି ଗୁପ୍ତଚରୀ ଷଡଯନ୍ତ୍ରରେ ସାମିଲ ହୋଇପାରନ୍ତି। ମିଳିଥିବା ସୂଚନା ଅନୁସାରେ, ଏୟାର ଫୋର୍ସର ୱିଙ୍ଗ କମାଣ୍ଡରର ନିଜ ବ୍ୟକ୍ତିଗତ ଜୀବନର ଖରାପ ସମୟ ଦେଇ ଗତି କରୁଥିଲେ। ଏହି ସମୟରେ ସୋସିଆଲ ମିଡିଆରେ ତାଙ୍କର ସାକ୍ଷାତ ଜଣେ ମହିଳାଙ୍କ ସହ ହୋଇଥିଲା। ମହିଳା ଏବଂ ୱିଙ୍ଗ କମାଣ୍ଡରଙ୍କ ଭିତରେ ଆଲୋଚନ ଚାଲିଥିଲା ଓ ଭରସାର ଫାଇଦା ଉଠାଇ ମହିଳା ଜଣକ ବହୁ ପ୍ରକାର ପ୍ରତିରକ୍ଷା ସୂଚନା ହାସଲ କରିନେଇଥିଲେ। ଏହି ସମୟରେ କଥା ଜଣାପଡିଛି ଯେତେବେଳେ ମହିଳା ଜଣକ ନିଜର ସାଥି ୱିଙ୍ଗ କମାଣ୍ଡରଙ୍କ ସହ ପ୍ରତିରକ୍ଷା ୟୁନିଟକୁ ଯିବା ଆସିବା କରୁଥିଲେ।

### ଘାଟୀରେ ଖସିଲା ବସ୍ : ୭ ମୃତ, ୧୧ ଆହତ

**ନୂଆଦିଲ୍ଲୀ,୮।୮:** ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ମର୍ମନ୍ତୁଦ ଦୁର୍ଘଟଣା। ଶନିବାର ସକାଳେ ତୀସା-ବୈରାଗଡ଼ ରାସ୍ତାରେ ଚାଲୁଜ ବୁଲାଣି ନିକଟରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି। ସମସ୍ତ ମୃତାହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବସ୍ ? ରେ ୨୦ ରୁ ୨୫ ଜଣ ଯାତ୍ରୀ ଥିବା ସୂଚନା ମିଳିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, ଶର୍ମା ଟ୍ରାଭେଲ୍ସ ନାମକ ଏକ ବସ୍ ଶନିବାର ସକାଳ ସାଢେ ୬ଟା ବେଳେ ବୈରାଗଡ଼ ରୁ ଚମ୍ବା ଅଭିମୁଖେ ଯାଉଥିଲା। ଯାତ୍ରା ଆରମ୍ଭ କରିବାର ୩ କିମି ପରେ ଚାଲୁଜ ମୋଡ଼ରେ ଅଚାନକ ଭାରସାମ୍ୟ ହରାଇ ବସଟି ଓଲଟି ପଡିଥିଲା। ଏହି ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ କରାଯାଇଛି। ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ। ପୁଲିସ ଏହି ଘଟଣାର ତଦନ୍ତ ଚଳାଇଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ଡିଜି କହିଛନ୍ତି।

### କିଭ୍‌ରେ ରୁଷ୍‌ର ଭୟଙ୍କର ଆକ୍ରମଣ ୩ ବର୍ଷର ଶିଶୁ ସମେତ ୪ ମୃତ

**କିଭ୍,୮।୮:** ଶନିବାର ୟୁକ୍ରେନ୍ ରାଜଧାନୀ କିଭ୍ ଓ ଏହାର ଆଖପାଖ ଅଞ୍ଚଳରେ ରୁଷିଆ ପକ୍ଷରୁ କରାଯାଇଥିବା ଭୟଙ୍କର ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣରେ ଜଣେ ୩ ବର୍ଷର ଶିଶୁ ଏବଂ ତାଙ୍କ ଜେଜେବାପା-ଜେଜେମା'ଙ୍କ ସମେତ ମୋଟ ୪ ଜଣ ପ୍ରାଣ ହରାଇଛନ୍ତି। କିଭର ବ୍ରୋଭାରୀ ଜିଲ୍ଲାରେ ରୁଷୀୟ ଡ୍ରୋନ୍ ମାଡ଼ରେ ଏକ ଆବାସିକ ଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର୍ ହୋଇଯାଇଛି। ଏହାସହ ଅନ୍ୟ ୪ ଜଣ ଗୁରୁତର ଆହାତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ରାଜଧାନୀ କିଭରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ରେ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭ୍ଲାଦିମିର୍ ଜେଲେନସ୍କି ସୂଚନା ଦେଇଛନ୍ତି। ରୁଷିଆ ରାତିସାରା ୧୫୧ଟି ଡ୍ରୋନ୍ ଏବଂ ୬ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଥିଲା, ଯେଉଁଥିରୁ ୧୩୫ଟି ଡ୍ରୋନକୁ ନଷ୍ଟ କରାଯାଇଛି। ଆମେରିକା ନିର୍ମିତ ପାଟ୍ରିଅଟ୍ ଆଣ୍ଟି-ମିସାଇଲ୍ ସିଷ୍ଟମର କ୍ଷେପଣାସ୍ତ୍ର ଅଭାବରୁ ୟୁକ୍ରେନ୍ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ବାଲିଷ୍ଟିକ୍ ମିସାଇଲ୍‌ଗୁଡ଼ିକୁ ରୋକିବାରେ ସମସ୍ୟାର ସମ୍ମୁଖୀନ ହେଉଛି। ଏହି ସଙ୍କଟକୁ ଏଡ଼ାଇବା ପାଇଁ ଜେଲେନସ୍କି ପାଶ୍ଚାତ୍ୟ ଦେଶଗୁଡ଼ିକୁ ଅଧିକ କ୍ଷେପଣାସ୍ତ୍ର ଯୋଗାଇବାକୁ ଆହ୍ୱାନ ଦେବା ସହ ରୁଷିଆର କ୍ଷେପଣାସ୍ତ୍ର ଉତ୍ପାଦନ ରୋକିବା ପାଇଁ ଅଧିକ କଟକଣା ଲଗାଇବାକୁ ନିବେଦନ କରିଛନ୍ତି।

### ମୋଦୀ ଓ ସୁଖବୀର ସିଂହ ବାଦଲଙ୍କ ବୈଠକ

# ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ଅକାଳୀ ଦଳର ସମର୍ଥନ

**ନୂଆଦିଲ୍ଲୀ,୮।୮:** ହଠାତ ଆଭିମୁଖ୍ୟ ବଦଳାଇଛି ପଞ୍ଜାବର ଶିରୋମଣି ଅକାଳୀ ଦଳ। କେନ୍ଦ୍ର ସରକାରଙ୍କ ମହିଳା ସଂରକ୍ଷଣ ସହ ଜଡ଼ିତ ସୀମା ପୁନଃ ନିର୍ଦ୍ଧାରଣ ବିଲକୁ ଅକାଳୀ ଦଳ ଆଜି ସମର୍ଥନ ଘୋଷଣା କରିଛି। ଦିନକ ତଳେ ଅକାଳୀ ଦଳର ସଭାପତି ସୁଖବୀର ସିଂହ ବାଦଲ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ଏହାପରେ ୨୦୨୭ ବିଜେପି ଓ ଅକାଳୀ ଦଳ ମେଣ୍ଟ କରିବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏସବୁ ଭିତରେ ଶନିବାର ଅକାଳୀ ଦଳର ନେତା ସଂସଦରେ ମହିଳା ସଂରକ୍ଷଣ ବିଲ୍ ଓ ପ୍ରସ୍ତାବିତ ସୀମା ପୁନଃ ନିର୍ଦ୍ଧାରଣ ବିଲକୁ ସମର୍ଥନ ଘୋଷଣା କରିଛନ୍ତି। ଲୋକସଭାରେ ଦଳର ଜଣେ ମାତ୍ର ସାଂସଦ ରହିଛନ୍ତି। ରାଜ୍ୟସଭାରେ ଦଳର କୌଣସି ସଦସ୍ୟ ନାହାନ୍ତି। ତଥାପି ଅକାଳୀ ଦଳ କେନ୍ଦ୍ରର ପ୍ରସ୍ତାବିତ ଦୁଇ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ସମର୍ଥନ କରିଛି। ଚଣ୍ଡିଗଡ଼ରେ ଦଳର ବରିଷ୍ଠ ନେତାମାନଙ୍କ ସହ ବୈଠକ କରିବା ପରେ ବାଦଲ କହିଛନ୍ତି ଯେ ବିନା ବିଳମ୍ବରେ ମହିଳା ସଂରକ୍ଷଣ ବିଲ ଲାଗୁ ହେବା ଦରକାର ଓ ମହିଳାଙ୍କୁ ସେମାନଙ୍କ ଭାଗ ବିଧାନସଭାରେ ଯଥାଶୀଘ୍ର ଦେବା ଦରକାର। ବାଦଲ ଏକ୍ସରେ କହିଛନ୍ତି, "ମହିଳାମାନଙ୍କ ମର୍ଯ୍ୟାଦା, ସମାନତା ଓ ସମାନ ଅଧିକାରର ସମର୍ଥନ କରୁଥିବା ଶିଖ ଗୁରୁମାନଙ୍କ ଠାରୁ ଶିରୋମଣି ଅକାଳି ଦଳ ଅନୁପ୍ରାଣିତ। ନିଜ ଗୃହରେ ମହିଳାମାନଙ୍କୁ ସଂରକ୍ଷଣ ଦେଇ ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି ପୂର୍ବରୁ ହିଁ ଉଦାହରଣ ସୃଷ୍ଟି କରିସାରିଛି।" ୨୦୧୧ ଜନଗଣନା ସହ ସୀମା ପୁନଃ ନିର୍ଦ୍ଧାରଣକୁ ଯୋଡ଼ିବା ପରିବର୍ତ୍ତେ ସମସ୍ତ ରାଜ୍ୟ ପାଇଁ ଲୋକସଭା ଆସନରେ ସମାନ ୫୦ ପ୍ରତିଶତ ବୃଦ୍ଧି ପାଇଁ କେନ୍ଦ୍ରର ପ୍ରସ୍ତାବକୁ ମଧ୍ୟ ଅକାଳୀ ସମର୍ଥନ କରିଛି। ମହିଳା ସଂରକ୍ଷଣ ଓ ସୀମା ପୁନଃ ନିର୍ଦ୍ଧାରଣ ତୁରନ୍ତ ଲାଗୁ କରାଯିବା ଉଚିତ ବୋଲି ଦଳ ଗୁରୁତ୍ୱାରୋପ କରିଛି। ଅକାଳୀ ଦଳ ନେତା ଦଲଜିତ୍ ସିଂହ ଚୀମା କହିଛନ୍ତି ଯେ ଦଳ ପୂର୍ବରୁ ୨୦୧୧ ଜନଗଣନା ଆଧାରରେ ସୀମା ନିର୍ଦ୍ଧାରଣକୁ ବିରୋଧ କରିଥିଲା, କିନ୍ତୁ ବିଚାରବିମର୍ଶ ପରେ ସମସ୍ତ ରାଜ୍ୟ ପାଇଁ ସମାନ ଭାବେ ଆସନ ବୃଦ୍ଧି କରିବା ପାଇଁ କେନ୍ଦ୍ରର ପ୍ରସ୍ତାବକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି। ଦଳ ଏକ ନିରପେକ୍ଷ ବ୍ୟବସ୍ଥା ଚାହୁଁଛି ଯାହା ସମସ୍ତ ରାଜ୍ୟ ପାଇଁ ସମାନ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବ ବୋଲି ସେ କହିଛନ୍ତି।



### ବିଜୟ ସରକାରଙ୍କୁ ଝଟ୍‌କା

# ବୈଠକକୁ ଆସିଲେନି ୩୭ ସାଂସଦ

**ଚେନ୍ନାଇ,୮।୮:** ତାମିଲନାଡୁ ରାଜନୀତିରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଦେଖିବାକୁ ମିଳିଛି। ରାଜ୍ୟର ମୁଖ୍ୟମନ୍ତ୍ରୀ ବିଜୟ ଥଲପତିଙ୍କ ଦ୍ୱାରା ସୀମା ପୁନଃନିର୍ଦ୍ଧାରଣ ବା ପରିସୀମନ ପ୍ରସଙ୍ଗ ଉପରେ ଡକାଯାଇଥିଲା ସର୍ବଦଳୀୟ ସାଂସଦଙ୍କ ବୈଠକ। ଏଥିରେ ବିରୋଧି ଦଳ ଡିଏମ୍‌କେ ଓ ଏଆଇଏଡିଏମ୍‌କେ ସହିତ ବହୁ ଦଳର ସାଂସଦ ଯୋଗ ଦେଇନଥିଲେ। ରାଜ୍ୟର ମୋଟ ୫୭ ସାଂସଦଙ୍କ ଭିତରୁ ୩୭ ଜଣ ଏହି ବୈଠକକୁ ବହିଷ୍କାର କରିବାର ନିଷ୍ପତ୍ତି ନେଇଥିଲେ, ଯାହାକି ମୁଖ୍ୟମନ୍ତ୍ରୀ ବିଜୟଙ୍କ ପାଇଁ ବଡ଼ ଝଟକା ବୋଲି କୁହାଯାଉଛି। ଏହି ବୈଠକ ଶନିବାର ମଧ୍ୟାହ୍ନ ୩ଟା ବେଳେ ଡକାଯାଇଥିଲା। ବୈଠକରେ କେବଳ ମାତ୍ର ୨୦ ଜଣ ସାଂସଦ ଯୋଗ ଦେଇପାରନ୍ତି। ଏଥିରେ ମୁଖ୍ୟରୂପରେ କଂଗ୍ରେସ ଏବଂ ତା'ର ଛୋଟ ସହଯୋଗୀ ଦଳର ସାଂସଦ ରହିଛନ୍ତି। ତାଙ୍କ ଭିତରେ କଂଗ୍ରେସର ୧୨, ଭିସିକେର ୨, ସିପିଆଇର ୨, ସିପିଆଇଏମ୍‌ର ୨, ଏଡିଏମକେର ୧ ଓ ଆଇୟୁଏମ୍‌ଏଲର ଜଣେ ସାଂସଦ ରହିଛନ୍ତି। ଅନ୍ୟପକ୍ଷେ ବୟକଟ୍ କରିଥିବା ସାଂସଦଙ୍କ କମାଣ୍ଡ ଡିଏମକେ ପାଖରେ ରହିଛି। ଯାହାର ୩୦ ସାଂସଦ ବୈଠକକୁ ବହିଷ୍କାର କରିଛନ୍ତି। ଏହାଛଡା ବିରୋଧି ଦଳ ଏଆଇଏଡିଏମ୍‌କେର ୪ ଓ ପିଏମ୍‌କେ, ଏମ୍‌ଏନଏମ ଓ ଡିଏମ୍‌ଡିକେର ଜଣେ ଲେଖାଏଁ ସାଂସସ ଏଥିରେ ଯୋଗ ନଦେବାର ନିଷ୍ପତ୍ତି ନେଇଛନ୍ତି।



# ଆସୁଛି ଭାରତୀୟ ସ୍ୱଦେଶୀ ଡ୍ରୋନ୍ 'କାଲ୍'




**ନୂଆଦିଲ୍ଲୀ, ୮।୮:** ଯୁଦ୍ଧର ରୂପରେଖ ସମ୍ପୂର୍ଣ୍ଣ ବଦଳି ଯାଇଛି । ଆଜିକାଲି ଶତ୍ରୁ ଉପରେ ଆକ୍ରମଣ ସେମାନଙ୍କ ସୀମା ଭତରକୁ ଯାଇ ନୁହେଁ, ବରଂ ଦୂରରୁ କରାଯାଉଛି । ଆଧୁନିକ ଯୁଦ୍ଧରେ 'ଡ୍ରୋନ୍' ସବୁଠାରୁ କାର୍ଯ୍ୟକାରୀ ହତିଆର ଭାବେ ଉଭା ହୋଇଛି । ଋଷ-ୟୁକ୍ରେନ ଯୁଦ୍ଧ ହେଉ ଅବା ପଶ୍ଚିମ ଏସିଆର ସଂଘର୍ଷ, ସବୁଠାରେ ଡ୍ରୋନ୍‌ର ବ୍ୟାପକ ବ୍ୟବହାର ଦେଖିବାକୁ ମିଳିଛି । ଏହି ପୃଷ୍ଠଭୂମିରେ ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଏକ ବଡ଼ ସଫଳତା ହାତେଇଛି । ଓଡ଼ିଶାର 'ଆଇଜି ଡିଫେନ୍ସ' ଦ୍ୱାରା ନିର୍ମିତ 'କାଲ' ଡ୍ରୋନ୍ ବର୍ତ୍ତମାନ ପ୍ରତିରକ୍ଷା ଜଗତରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ଡ୍ରୋନ୍‌କୁ ଇରାନର 'ସାହେଦ' ଏବଂ ଆମେରିକାର 'ଲୁକାସ' ଡ୍ରୋନ୍ ଭଳି ବିକଶିତ କରାଯାଇଛି । ଏହାର ଅପରେସନାଲ୍ କ୍ଷମତା ୧୦୦୦ କିଲୋମିଟର ପର୍ଯ୍ୟନ୍ତ ରହିଛି । ଥରେ ଉଡ଼ାଣ ଭରିବା ପରେ ଏହା ଆକାଶରେ ୭ରୁ ୮ ଘଣ୍ଟା ପର୍ଯ୍ୟନ୍ତ ରହିପାରିବ । ଏହା ନିଜ ସହିତ ୫୦ କିଲୋଗ୍ରାମ ପର୍ଯ୍ୟନ୍ତ ବାରୁଦ ନେଇପାରିବ । ଏହାର ସାଧାରଣ ଗତି ଘଣ୍ଟାପ୍ରତି ୧୬୦ କିଲୋମିଟର ଥିବାବେଳେ ସର୍ବାଧିକ ଗତି ଘଣ୍ଟାପ୍ରତି ୨୦୦ କିଲୋମିଟର ପର୍ଯ୍ୟନ୍ତ ରହିଛି । ସମୁଦ୍ର ପତ୍ତନରୁ ୫୦୦୦ ମିଟର ଉଚ୍ଚତାରେ ଉଡ଼ି ଏହା ଶତ୍ରୁର ଠିକଣା ଧ୍ୱଂସ କରିପାରିବ । 'କାଲ' ଡ୍ରୋନ୍‌ର କ୍ଷମତାକୁ ଦୃଷ୍ଟିରେ ରଖି ଖାଡ଼ି ଏବଂ ଅନ୍ୟାନ୍ୟ ରଣନୈତିକ ଦେଶଗୁଡ଼ିକ ଏହାକୁ କିଣିବା ପାଇଁ ଗଭୀର ଆଗ୍ରହ ପ୍ରକାଶ କରିଛନ୍ତି । ଆଇଜି ଡିଫେନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅନେକ ଦେଶ ସହିତ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଏକ ବଡ଼ ଚୁକ୍ତି ସ୍ୱାକ୍ଷରିତ ହେବାର ଆଶା କରାଯାଉଛି ।

# କାୟା ବିସ୍ତାର କଲାଣି ଲେପ୍ଟୋସ୍ପାଇରୋସିସ୍

### ୧୩୫୨ ସଂକ୍ରମିତ, ୫୮ ମୃତ

**ଥିରୁଅନନ୍ତପୁରମ୍, ୮।୮:** ବର୍ଷା ଋତୁରେ କେରଳରେ 'ଲେପ୍ଟୋସ୍ପାଇରୋସିସ୍' ବା 'ରାଟ୍ ଫିଭର' ଆତଙ୍କ ଦେଖାଯାଇଛି । ସାଧାରଣତଃ ଘରର ବଗିଚା କାମ, କ୍ଷେତ କିମ୍ବା ବାହାର ଜାଗାରେ ଦୈନନ୍ଦିନ କାମ କରିବା ସମୟରେ ଏହି ସଂକ୍ରମଣ ବ୍ୟାପିବାର ଆଶଙ୍କା ଅଧିକ ରହିଥାଏ । ସରକାରୀ ତଥ୍ୟ ଅନୁଯାୟୀ, ୨୦୨୬ ମସିହା ଜୁଲାଇ ୨୯ ତାରିଖ ସୁଦ୍ଧା କେରଳରେ ମୋଟ୍ ୧,୩୫୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୫୮ ଜଣ ପ୍ରାଣ ହରାଇଛନ୍ତି । ହସ୍ପିଟାଲ୍ ରିପୋର୍ଟ ଏବଂ ଡେଥ୍ ଅଡିଟ୍ ତଥ୍ୟରୁ ଜଣାପଡ଼ିଛି ଯେ ଶାରୀରିକ ପରିଶ୍ରମ କରୁଥିବା ଶ୍ରମିକମାନେ ଏହି ରୋଗର ଶିକାର ସବୁଠାରୁ ଅଧିକ ହେଉଛନ୍ତି । ୪୦ ରୁ ୬୯ ବର୍ଷ ବୟସ୍କ ବ୍ୟକ୍ତିମାନେ ଏଥିରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି । ୫ ବର୍ଷରେ ୪ ଗୁଣରୁ ଅଧିକ ବୃଦ୍ଧି ପାଇଛି ମୃତ୍ୟୁସଂଖ୍ୟା । ୨୦୧୬-୨୦ ମଧ୍ୟରେ ମୋଟ୍ ୩୧୯ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୨୧-୨୫ରେ ଏହି ସଂଖ୍ୟା ବୃଦ୍ଧି ପାଇ ୧,୪୫୫ ରେ ପହଞ୍ଚିଛି । ଏହି ଅବଧିରେ ମୃତ୍ୟୁହାର ପ୍ରାୟ ୪.୨%ରୁ ବୃଦ୍ଧି ପାଇ ୬% ହୋଇଯାଇଛି । ଲେପ୍ଟୋସ୍ପାଇରୋସିସ୍ କ'ଣ ଏବଂ ଏହା କିପରି ବ୍ୟାପେ ? ଏହା ଏକ ବ୍ୟାକ୍ଟେରିଆ ଜନିତ ସଂକ୍ରମଣ, ଯାହା 'ଲେପ୍ଟୋସ୍ପାଇରା' ନାମକ ବ୍ୟାକ୍ଟେରିଆ ଦ୍ୱାରା ହୋଇଥାଏ । ସଂକ୍ରମିତ ମୂଷା ଏହି ରୋଗର ମୁଖ୍ୟ ବାହକ । ପ୍ରାଣୀମାନଙ୍କ ପରିସ୍ରା ଦ୍ୱାରା ଦୂଷିତ ହୋଇଥିବା ପାଣି କିମ୍ବା ମାଟି ସଂସ୍ପର୍ଶରେ ଆସିଲେ ଏହି ରୋଗ ହୁଏ । ଶରୀରର କଟା ସ୍ଥାନ, ଆଖି, ନାକ ଏବଂ ପାଟି ଦ୍ୱାରା ଏହି ବ୍ୟାକ୍ଟେରିଆ ଭିତରକୁ ପ୍ରବେଶ କରିଥାଏ। ଏହି ରୋଗର ମୁଖ୍ୟ ଲକ୍ଷଣଗୁଡ଼ିକ ବିଷୟରେ ଆସନ୍ତୁ ଜାଣିବା । ପ୍ରାରମ୍ଭିକ ଅବସ୍ଥାରେ ଏହା ସାଧାରଣ ଭାଇରାଲ୍ ଜ୍ୱର ପରି ଜଣାପଡ଼ିଥାଏ । ପ୍ରବଳ ଜ୍ୱର ଏବଂ ମୁଣ୍ଡବିନ୍ଧା, ମାଂସପେଶୀରେ ଜୋରଦାର ଯନ୍ତ୍ରଣା, ଥଣ୍ଡା ଲାଗିବା ଏବଂ ଦୁର୍ବଳତା, ବାନ୍ତି ଲାଗିବା, ନିଦରେ ଆଖି ଲାଗିଯିବା, କିଡନୀ ଓ ଯକୃତ କ୍ଷତିଗ୍ରସ୍ତ ହେବା, ଜଣ୍ଡିସ୍ ଏବଂ ନିଶ୍ୱାସ ନେବାରେ କଷ୍ଟ ହେବା ପରି ଲକ୍ଷଣ ଦେଖାଯାଏ ।




# ପଛକୁ ହଟିବାର ପ୍ରଶ୍ନ ଉଠୁନି : ଇରାନ

**ତେହରାନ,୮।୮:** ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିଆନ ଇରାନ, ଇସ୍ରାଏଲ ଏବଂ ଆମେରିକା ସହିତ ଦୀର୍ଘକାଳୀନ ସଂଘର୍ଷ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଦେଇଛନ୍ତି। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଇରାନ ଏହି ଯୁଦ୍ଧ ଆରମ୍ଭ କରିନାହିଁ। ପେଜେଶକିଆନଙ୍କ ଅନୁଯାୟୀ, ଶତ୍ରୁମାନେ ସାମରିକ ଚାପ ମାଧ୍ୟମରେ ଇରାନକୁ ଦୁର୍ବଳ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ସେମାନଙ୍କର ଉଦ୍ଦେଶ୍ୟ ହାସଲ କରିବାରେ ବିଫଳ ହୋଇଥିଲେ। ସେ ଦୃଢ଼ ଭାବରେ କହିଛନ୍ତି ଯେ ଚ୍ୟାଲେଞ୍ଜିଂ ପରିସ୍ଥିତି ସତ୍ତ୍ୱେ, ଇରାନ ଆଜି ଦୃଢ଼ ରହିଛି ଏବଂ ସ୍ଥିରତାର ସହିତ ଆଗକୁ ବଢ଼ିବ। ସେ ଶୁକ୍ରବାର, ଅଗଷ୍ଟ ୭ରେ ଇରାନର ସରକାରୀ ଟେଲିଭିଜନରେ ପ୍ରସାରିତ ଏକ ସାକ୍ଷାତକାରରେ ଏହି ପ୍ରସଙ୍ଗଗୁଡ଼ିକ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସେ ମୁସଲିମ ରାଷ୍ଟ୍ରଗୁଡ଼ିକୁ ଏକତ୍ର ହେବାକୁ ଆହ୍ୱାନ କରିଥିଲେ, ଏହା ଉପରେ ଜୋର ଦେଇ କହିଥିଲେ ଯେ ଯେତେବେଳେ ମୁସଲମାନମାନେ ଏକାଠି ଠିଆ ହୁଅନ୍ତି, ସେମାନେ ବାହ୍ୟ ଶକ୍ତି ଦ୍ୱାରା ସୃଷ୍ଟି ହୋଇଥିବା ଷଡ଼ଯନ୍ତ୍ର ଏବଂ ଚ୍ୟାଲେଞ୍ଜକୁ ପ୍ରଭାବଶାଳୀ ଭାବରେ ମୁକାବିଲା କରିପାରିବେ। ପେଜେଶକିଆନ ପୁନରାବୃତ୍ତି କରିଥିଲେ ଯେ ଇରାନ ଏହି ସଂଘର୍ଷ ଆରମ୍ଭ କରିନାହିଁ। ସେ ଉଲ୍ଲେଖ କରିଥିଲେ ଯେ ଶତ୍ରୁତା ଆରମ୍ଭ ହେବା ପୂର୍ବରୁ, ତାଙ୍କ ସରକାର ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାକୁ ଚେଷ୍ଟା କରୁଥିଲେ, କିନ୍ତୁ ପରିସ୍ଥିତି ଧୀରେ ଧୀରେ ଯୁଦ୍ଧ ଆଡ଼କୁ ବଢ଼ିଥିଲା। ସେ ଦାବି କରିଥିଲେ ଯେ ସାମରିକ ଚାପ ଏବଂ ଅବନତିଶୀଳ ଆଭ୍ୟନ୍ତରୀଣ ପରିସ୍ଥିତି ଯୋଗୁଁ ଇରାନ ପତନ ହେବ ବୋଲି ବିରୋଧୀମାନେ ଆଶା କରିଥିଲେ; କିନ୍ତୁ, ଏହା ହୋଇନଥିଲା। ରାଷ୍ଟ୍ରପତି ଦୃଢ଼ ଭାବରେ କହିଛନ୍ତି ଯେ ଇରାନ ସ୍ଥିର ଭାବରେ ତା'ର ପଥରେ ଚାଲିବ ଏବଂ ଭବିଷ୍ୟତରେ ଆହୁରି ଶକ୍ତିଶାଳୀ ହେବ। ସେ ଦାବି କରିଛନ୍ତି ଯେ ପ୍ରତିଦ୍ୱନ୍ଦ୍ୱୀମାନେ ସିରିଆର ପରିସ୍ଥିତିକୁ ପ୍ରତିଫଳିତ କରି ୪୮ ଘଣ୍ଟା ମଧ୍ୟରେ ଇରାନକୁ ନିୟନ୍ତ୍ରଣ କରିବା ପାଇଁ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରିଛନ୍ତି।







# କୁନି ବୈଜ୍ଞାନିକଙ୍କ ପ୍ରକଳ୍ପରେ ଚମକିଲା ସରସ୍ୱତୀ ଶିଶୁମନ୍ଦିର

## ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିବା ମେଳାର ମୁଖ୍ୟଲକ୍ଷ୍ୟ



**କାକଟପୁର/ଅସ୍ତରଙ୍ଗ (ଅମୃତ ମିଡିଆ):** ଜ୍ଞାନ ଆହରଣ ସହ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶନିବାର ଦିନ ପୁରୀ ଜିଲ୍ଲା କାକଟପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାର ଶୁଭାରମ୍ଭ କରି ମୁଖ୍ୟ ଅତିଥି ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରିବା ସହ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ସେ କହିଥିଲେ , 'ବହି ପାଠ ବାହାରେ ପିଲାମାନେ ବିଜ୍ଞାନକୁ କେମିତି ବ୍ୟବହାର କରିପାରିବେ ଦେଖାଇବା ପାଇଁ ହିଁ ଏହି ଜ୍ଞାନ ବିଜ୍ଞାନ ମେଳାର ଆୟୋଜନ। ଏଠାରେ ପିଲାମାନେ ନିଜେ ପ୍ରକଳ୍ପ କରି ଶିଖୁଛନ୍ତି, ପ୍ରଶ୍ନ ପଚାରୁଛନ୍ତି। ଏହା ସେମାନଙ୍କ ମଧ୍ୟରେ ଯୁକ୍ତିବାଦୀ ଚିନ୍ତା ଓ ସମସ୍ୟା ସମାଧାନ ଦକ୍ଷତା ବୃଦ୍ଧି କରିବ। ଆଗାମୀ ଦିନରେ ଏହି ମାନେ ହିଁ ଓଡ଼ିଶାର ବୈଜ୍ଞାନିକ ହୋଇ ରାଜ୍ୟର ନାମ ଉଜ୍ଜ୍ୱଳ କରିବେ।'ବିଦ୍ୟାଳୟ ସଭାପତି ପୀତବାସ ଦୀକ୍ଷିତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂକୁଳ ପ୍ରମୁଖ ସୁରେନ୍ଦ୍ର କୁମାର ମାଣିକ, ଉପସଭାପତି ମନୋଜ କୁମାର ସାହୁ, ଶୈକ୍ଷିକ ପରାମର୍ଶଦାତା ପ୍ରମୋଦ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ପିଲାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ।ଏହି ମେଳାରେ କାକଟପୁର ସଂକୁଳର ୬ଟି ବିଦ୍ୟାଳୟ- କାକଟପୁର, ଅସ୍ତରଙ୍ଗ, ବାଲିଦୋକାନ, ଯୋଗେଶ୍ୱରପୁର, ଓଥକା ଓ ଆମପଡାର ପ୍ରାୟ ୭୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପିଲାମାନେ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରକଳ୍ପ, ଗଣିତ ପ୍ରୟୋଗ ସହ ବିଭିନ୍ନ ପ୍ରଶ୍ନମଞ୍ଚରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଜଳ ସଂରକ୍ଷଣ, ସୌର ଶକ୍ତି, ପ୍ଲାଷ୍ଟିକ ବର୍ଜ୍ୟର ପ୍ରତିକାର, କୃଷିରେ ବିଜ୍ଞାନର ବ୍ୟବହାର ଭଳି ବିଷୟକୁ ନେଇ ପ୍ରକଳ୍ପ ଗୁଡିକ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସଂକୁଳ ବିଜ୍ଞାନ ପ୍ରମୁଖ ନିବେଦିତା ପଣ୍ଡା ଓ ପ୍ରଦୀପ୍ତ କୁମାର ମିଶ୍ର ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହ ପ୍ରଧାନଆଚାର୍ଯ୍ୟା ଜୟନ୍ତୀ ବାଳା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଗୁରୁଜୀ ଓ ଗୁରୁମାମାନେ ମଧ୍ୟ ସହଯୋଗ କରିଥିଲେ।ଏଭଳି ମେଳା ପିଲାଙ୍କ ପାଠ୍ୟକ୍ରମ ବାହାରର ଜ୍ଞାନକୁ ବୃଦ୍ଧି କରିବା ସହ ସେମାନଙ୍କ ମଧ୍ୟରେ ନୂଆ ଆବିଷ୍କାର ପାଇଁ ଆଗ୍ରହ ସୃଷ୍ଟି କରୁଛି ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଥିଲେ।

# ଅସ୍ତରଙ୍ଗରେ 'ସବୁଜିମା' ନାମରେ ଝାଉଁଚାରା ରୋପଣ ସ୍କାମ୍

- ସରକାରୀ ଷ୍ଟାଇଲ୍‌ରେ ପ୍ରମାଣ ନଷ୍ଟ
- କୋଟି କୋଟି ଟଙ୍କା ଡକାୟତି
- ବନଖଣ୍ଡ ଅଧିକାରୀଙ୍କ ନୀରବତା ପଛରେ 'ଭାଗ'ର ଖେଳ ?
- ଖବର ପରେ ପ୍ରମାଣ ନଷ୍ଟ କରିବାକୁ ସକାଳୁ ରୋପଣର ଷଡଯନ୍ତ୍ର





**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** 'ସବୁଜ ଓଡ଼ିଶା' କହି ସରକାର ବଡ ବଡ ଭାଷଣ ଦେଉଛନ୍ତି। ଆଉ ତଳେ ତାଙ୍କ ବନବିଭାଗ କରୁଛି ଜନତାଙ୍କ ଟଙ୍କାରେ ନିଜ ପାଣ୍ଠି ବୃଦ୍ଧି କର୍ମଚାରୀ ନିଜ ପକେଟ ଗରମ । ପୁରୀ ଜିଲ୍ଲା ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳର ଛୁରୀଆନାରୁ ଗଙ୍ଗାଦେବୀ ପର୍ଯ୍ୟନ୍ତ ସମୁଦ୍ର କୂଳରେ ଏବେ ଖୋଲିଛି ସ୍ୱାଧୀନ ଭାରତର ସବୁଠୁ ବଡ 'ସବୁଜ ସ୍କାମ'। ୨୦୨୪-୨୫ ରେ କାମ୍ପା ଓ ମନରେଗାରୁ କୋଟି କୋଟି ଟଙ୍କା ଉଠିଗଲା। ଫାଇଲରେ ଲେଖାହେଲା ୮୦ ହଜାର ଝାଉଁ ଚାରା ରୋପଣ ସରିଲା। ବିଲ୍ ପାସ୍ ହେଲା, ଅଫିସରଙ୍କ ପକେଟ ଗରମ ହେଲା। କିନ୍ତୁ ସତ କ'ଣ? ରାସ୍ତାକଡ଼ରେ ଫଟୋ ପାଇଁ କିଛି ଗଛ ଠିଆ କରାଯାଇଛି। ଆଉ ଭିତରେ ହଜାର ହଜାର ଏକର ଜମିରେ ଶୁଖିଲା କାଠି ପଡିଛି। ମାନେ ସିଧା କଥା - ଟଙ୍କା ଲୁଟିଲେ,ପାଣି ଅଭାବରୁ ଜଙ୍ଗଲ ମାରିଦେଲେ, ଆଉ ସମୁଦ୍ର କୂଳକୁ ବାତ୍ୟା ମୁହଁରେ ଠେଲିଦେଲେ। ପୁରା ବନବିଭାଗର ମିଳିତ ଲୁଟ। ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ରଙ୍କ ସମୟରେ ଲୁଟ୍ ହେଲା, ତାଙ୍କ ତଦାରକୀରେ ଗଛ ମଲା। ଆଉ କହିଛନ୍ତି 'ଚାରା ମରିନାହିଁ, ୱାଟର ଲଗିଙ୍ଗ ହୋଇଛି'। ଲୋକଙ୍କୁ ବୋକା ଭାବୁଛନ୍ତି କି ? ଯଦି ଚାରା ମରିନାହିଁ ତେବେ ଖବର ଛପିବା ପରେ ରାତି ରେ ଚାରା କାହିଁକି ଆସିଲା ? ସକାଳୁ ତଡାତଡି ହୋଇ ରୋପଣ କାହିଁକି ହେଲା ? ଏହା ସବୁଜିମା ନୁହେଁ, ଏହା ଆପଣଙ୍କ 'ପ୍ରମାଣ ନଷ୍ଟ ଅଭିଯାନ'। ଯଦି ମାଟି ଖରାପ ଥିଲା ତେବେ କୋଟି ଟଙ୍କା ଖର୍ଚ୍ଚ କରିବା ପୂର୍ବରୁ ଟେଷ୍ଟ କଲେନି କାହିଁକି ? ନାଁ ଟେଷ୍ଟ କଲେ ତ ଆପଣଙ୍କ କମିଶନ ବନ୍ଦ ହୋଇଯାଇଥାନ୍ତା ! ତଦାରଖ ଦାୟିତ୍ୱରେ ବନପାଳ। ଏମାନଙ୍କ କାମ ହେଲା ଫିଲ୍ଡ ବୁଲିବା। କିନ୍ତୁ ଏମାନେ କରୁଛନ୍ତି କ'ଣ ? ଅଫିସରେ ବସି ଭୂତୁଡି ଶ୍ରମିକଙ୍କ ନାଁରେ ମଷ୍ଟର ରୋଲ କରୁଛନ୍ତି। ଘରେ ଶୋଇଥିବା ଲୋକଙ୍କ ଆକାଉଣ୍ଟକୁ ଦୈନିକ ୨୫୯ ଟଙ୍କା ପଶୁଛି। ଆଉ ନିଜେ ମୋଟା ଅଙ୍କର 'କମିଶନ' ଖାଉଛନ୍ତି। ଏହା ହିଁ ଏମାନଙ୍କ ଦେଶସେବା। ଏବେ ଅଞ୍ଚଳରେ ଜୋରସୋରରେ ଚର୍ଚ୍ଚା ହେଉଛି ଯେ ବନବିଭାଗର ଏହି କୋଟି କୋଟି ଟଙ୍କାର କମିଶନର ଏକ ବଡ ଅଂଶ ଯୁବ କୁଜି ନେତାଙ୍କ ହାତ ଦେଇ ସିଧା ଶାସକ ଦଳର ବଡ ବଡ ନେତାଙ୍କ ପାଖକୁ ଯାଉଛି। ଏଥିପାଇଁ ତ ଉପରୁ ତଳ ପର୍ଯ୍ୟନ୍ତ ସମସ୍ତେ ଚୁପ୍। ତେଣୁ ଏହି କମିଶନର ଲେଣଦେଣ ବି ତଦନ୍ତ ପରିସରକୁ ଆସିବା ଆବଶ୍ୟକ। କାହା ପାଖକୁ କେତେ ଟଙ୍କା ଗଲା ତାର ହିସାବ ଜନତା ମାଗୁଛନ୍ତି । ସ୍ଥାନୀୟ ଅଭିଯୋଗ ଅନୁସାରେ ବନାଞ୍ଚଳ ଅଧିକାରିଣୀ ଓ ବନପାଳଙ୍କ ଦୁଇ ବର୍ଷ ପୂର୍ବର ସମ୍ପତି ଓ ବର୍ତ୍ତମାନର ସମ୍ପତି ଆକାଶ ପାତାଳ ତଫାତ୍। ତୁରନ୍ତ ତାଙ୍କର ବ୍ୟାଙ୍କ ଷ୍ଟେଟମେଣ୍ଟ ଓ ସମ୍ପତି ବିବରଣୀ ଯାଞ୍ଚ କରାଯାଉ। ଟଙ୍କା କେଉଁଠୁ ଆସୁଛି ଜନତା ଜାଣିବାକୁ ଚାହୁଁଛନ୍ତି ।ପୁରୀ ବନଖଣ୍ଡ ଅଧିକାରୀ। ତାଙ୍କୁ କିଛି ଜଣାନଥିଲା କି ? ତାଙ୍କ ଦସ୍ତଖତ ବିନା ବିଲ୍ ପାସ୍ ହୋଇପାରିବ କି ? ସେ ଜାଣିଥିଲେ ବି ଚୁପ୍ ରହିଲେ କାହିଁକି ? ନାଁ ତଳ ଲେବଲରୁ ଉପର ପର୍ଯ୍ୟନ୍ତ 'ଭାଗ' ସେଟ୍ ହୋଇ ସାରିଥିଲା ? ଆପଣ ଜବାବ ଦିଅନ୍ତୁ - ଆପଣଙ୍କ ନିଦ୍ରା ପାଇଁ କୋଟି ଟଙ୍କା ଜଳାଞ୍ଜଳି ଗଲା କି ? ସ୍ଥାନୀୟ ବାସିନ୍ଦା ଫିଲୁ ବେହେରା କହିଛନ୍ତି 'ଖବର ଛପିଲା ପରେ ରାତିରେ ଚାରା ଆସିଲା। ଏହା ସିଧା ଲୁଟ୍‌କୁ ଘୋଡାଇବା ପାଇଁ ବନବିଭାଗର ନାଟକ।'ଶୋଭନୀ ବେହେରା କହିଛନ୍ତି 'ଯେଉଁମାନଙ୍କ ହାତରେ ଜଙ୍ଗଲର ଚାବି ସେମାନେ ହିଁ ଜଙ୍ଗଲ ଟଙ୍କାରେ ସମ୍ପତି ଓ ପାଣ୍ଠି ବୃଦ୍ଧି କରୁଛନ୍ତି। ଏହା ବନବିଭାଗ ହେଲା ବିନାଶ ବିଭାଗ।' ବିଜେଡି ନେତା ତଥା ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ଚେତାବନୀ ଦେଇଛନ୍ତି, 'ବନଖଣ୍ଡ ଅଧିକାରୀ ସବୁ ଜାଣିଲେ ବି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଏମାନଙ୍କ ଅବହେଳା ଯୋଗୁଁ ସରକାରୀ ଟଙ୍କା ଆତ୍ମସାଥ ହେଉଛି। ଆଗାମୀ ଦିନରେ ଛୁରୀଆନା ବାସୀ ଗଛ କାଟିବାକୁ ଦେବୁ ନାହିଁ। ଆବଶ୍ୟକ ପଡିଲେ ବନବିଭାଗ କାର୍ଯ୍ୟାଳୟ ଘେରାଉ ହେବ।' ଆମର ଦାବି ଗୋଟିଏ - ତୁରନ୍ତ ଭିଜିଲାନ୍ସ ତଦନ୍ତ। ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର, ବନପାଳ, ଓ ବନଖଣ୍ଡ ଅଧିକାରୀ ଙ୍କୁ ତୁରନ୍ତ ନିଲମ୍ବନ ନଚେତ ଅନ୍ୟତ୍ର ବଦଳି କରାଯାଉ। ଲୁଟ୍ ହୋଇଥିବା କୋଟି ଟଙ୍କା ଆଦାୟ ହେଉ। ସରକାର ଏବେ ବି ଶୋଇଥିଲେ ମନେ ରଖନ୍ତୁ - ଆଗାମୀ ବାତ୍ୟାରେ ଯେତେବେଳେ ଝାଉଁ ଜଙ୍ଗଲ ନଥିବାରୁ ଗାଁ ଭାସିଯିବ, ସେଦିନର ଦାୟିତ୍ୱ ଆପଣଙ୍କ ବନବିଭାଗ ନେବ। ସରକାର ଜବାବ ଦିଅ, ନଚେତ ଜନତା ରାସ୍ତାକୁ ଓହ୍ଲାଇବ।

**ଶ୍ରାବଣ ଦ୍ୱିତୀୟ ସୋମବାର**

# ପ୍ରାଚୀନଦୀରୁ ଜଳ ନେବାକୁ କାଉଡ଼ିଆଙ୍କ ଭିଡ଼

## ବିଶ୍ୱାମିତ୍ର ଘାଟରୁ ଜଳ ନେଇ ଲୋକନାଥ, ଲିଙ୍ଗରାଜ, ବାଲିକପିଳେଶ୍ୱର ଅଭିମୁଖେ ଯାତ୍ରା



**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଥିବାରୁ ଶନିବାର ଦିନ ତମାମ୍ ପୁରୀ ଜିଲ୍ଲା କାକଟପୁର ବିଶ୍ୱାମିତ୍ର ଆଶ୍ରମ ତଥା ଦେଉଳି ମଠ ନିକଟରେ ପ୍ରବାହିତ ହେଉଥିବା ପ୍ରାଚୀ ନଦୀ କୂଳରେ ଲାଗିଥିଲା କାଉଡିଆଙ୍କ ଲମ୍ବା ଲାଇନ୍। ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ହଜାର ହଜାର ଶୈବ ଭକ୍ତ ପ୍ରାଚୀର ପବିତ୍ର ଜଳ ଉଠାଇ ନେଇଛନ୍ତି ବିଭିନ୍ନ ଶୈବ ପୀଠକୁ। ଗେରୁଆ ବସ୍ତ୍ର, କାନ୍ଧରେ ସୁସଜ୍ଜିତ କାଉଡ, ହାତରେ ତ୍ରିଶୂଳ ଓ ଡମ୍ବରୁ। ମୁହଁରେ କେବଳ 'ବୋଲ ବମ୍ - ହର ହର ମହାଦେବ' ଧ୍ୱନି। ପ୍ରାଚୀର ଶୀତଳ ଜଳରେ ବୁଡ ପକାଇ କଳସ ଜଳ ପୂରାଇ କାଉଡିଆମାନେ ବାହାରିଲେ ଦୂର ଦୂରାନ୍ତର ଯାତ୍ରାରେ। ଏଠାରୁ ପାଣି ନେଇ କିଏ ଯାଉଛି ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ପାଖକୁ, କିଏ ପୁରୀ ଲୋକନାଥ ତ କୋଣାର୍କ ବାଲିକପିଳେଶ୍ୱର, ତ ଆଉ କିଏ ଜଗତସିଂହପୁର ଗୋରେଖନାଥ, ତରାସାହି ବୁଧେସ୍ୱର ଙ୍କ ନିକଟକୁ। ଅନେକ କାଉଡିଆ ନିଜ ନିଜ ଗ୍ରାମର ଶୈବ ପୀଠକୁ ମଧ୍ୟ ପ୍ରାଚୀ ଜଳ ନେଇ ଯାଇଛନ୍ତି। ସେମାନଙ୍କ ବିଶ୍ୱାସ, ପ୍ରାଚୀର ଜଳ ମହାଦେବଙ୍କୁ ଅତି ପ୍ରିୟ ଓ ଏହା ଅର୍ପଣ କଲେ ମନସ୍କାମନା ପୂର୍ଣ୍ଣ ହୁଏ। ସ୍ଥାନୀୟ ଲୋକ ଓ ପୂଜକମାନେ କହିଛନ୍ତି , ଶ୍ରାବଣ ମାସରେ ମୁଖ୍ୟତଃ ଦ୍ୱିତୀୟ ଓ ତୃତୀୟ ସୋମବାର ଦିନ ବିଶ୍ୱାମିତ୍ର ଘାଟରେ ସବୁଠୁ ଅଧିକ ଭିଡ଼ ହୋଇଥାଏ। ଆଗକୁ ସେହି ଦ୍ୱିତୀୟ ସୋମବାର ଥିବାରୁ ଭୋର ୩ଟାରୁ ରାତି ପର୍ଯ୍ୟନ୍ତ ଘାଟରେ ଭକ୍ତଙ୍କ ସୁଅ ଲାଗିଥିଲା।କିନ୍ତୁ ଦୁଃଖ ପରୀତାପ ବିଷୟ ପ୍ରଶାସନ ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇନାହିଁ । ମେଡିକାଲ ଟିମ୍ ନାହିଁ କି, ପାନୀୟ ଜଳ ଓ ଅସ୍ଥାୟୀ ଶୌଚାଳୟର ବ୍ୟବସ୍ଥା ମଧ୍ୟ ନାହିଁ। କଟକରୁ ଆସିଥିବା କାଉଡିଆ ସନ୍ତୋଷ ବେହେରା କହିଥିଲେ 'ଗତ ୧୦ ବର୍ଷ ହେଲା ଶ୍ରାବଣ ସୋମବାରରେ ପ୍ରାଚୀରୁ ଜଳ ନେଇ ଲିଙ୍ଗରାଜଙ୍କୁ ଜଳାଭିଷେକ କରୁଛି। ଏହା ମୋର ବ୍ରତ।' ଖୋର୍ଦ୍ଧାରୁ ଆସିଥିବା ମହିଳା କାଉଡିଆ ମିନତି ସାହୁ କହିଛନ୍ତି 'ପାଦ ଫୁଲିଯାଉଛି, କିନ୍ତୁ ବାବାଙ୍କ ପାଇଁ ଏ କଷ୍ଟ କିଛି ନୁହେଁ।' ଘାଟର ଦୁଇ ପାର୍ଶ୍ୱରେ ଥିବା ଦୋକାନରେ କାଉଡ, କଳସ, ବେଲପତ୍ର ଓ ପ୍ରସାଦ ବିକ୍ରି ହେଉଥିଲା। ସୂର୍ଯ୍ୟ ଅସ୍ତ ପରେ ମଧ୍ୟ କାଉଡିଆଙ୍କ ଯାତ୍ରା ଥମିନଥିଲା। ପ୍ରତ୍ୟେକଙ୍କ ଲକ୍ଷ୍ୟ ଗୋଟିଏ - କାନ୍ଧରେ ବହିଥିବା ପ୍ରାଚୀର ପବିତ୍ର ଜଳକୁ ଶିବଲିଙ୍ଗରେ ଅର୍ପଣ କରି ଜୀବନକୁ ସଫଳ କରିବା।

# ବିଜେପି ଯୁବମୋର୍ଚ୍ଚା ପକ୍ଷରୁ କାଉଡ଼ି ଭକ୍ତସେବା ଶିବିର

- ସାମିଲ ହେଲେ ସାଂସଦ-ବିଧାୟକ
- ପାଦସେବା କଲେ, ଭଜନ ଗାଇଲେ





**ପିପିଲି(ଅମୃତ ମିଡିଆ):** କାଉଡ଼ିଆ ଭକ୍ତ ମାନଙ୍କୁ ସେବା କଲେ ଓ ଖାଦ୍ୟ ପରସିଲେ ସାଂସଦ ଓ ବିଧାୟକ। ପବିତ୍ର ଶ୍ରାବଣ ମାସ ଅବସରରେ ଡେଲାଙ୍ଗ-ପିପିଲି ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ପ୍ରଥମ କରି ସ୍ଥାନୀୟ ମଙ୍ଗଳପୁରଠାରେ ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜିତ ହୋଇଛି ପଥ ପ୍ରାନ୍ତ ଶ୍ରଦ୍ଧାଳୁ ଭକ୍ତଙ୍କ ସେବା ଶିବିର। ପୁରୀ ଲୋକନାଥ ଦେବଙ୍କ ସମେତ ବିଭିନ୍ନ ଶୈବପୀଠ ଅଭିମୁଖେ ପଦଯାତ୍ରା କରୁଥିବା ବୋଲବମ୍ ଓ ମାନସିକଧାରୀ କାଉଡ଼ିଆ ଭକ୍ତଙ୍କୁ ଶ୍ରଦ୍ଧାର ସହ ସ୍ୱାଗତ କରାଯାଇଥିଲା। ଶିବିରରେ ପ୍ରାତଃ ଜଳପାନ, ମଧ୍ୟାହ୍ନ ଭୋଜନ ଏବଂ ବିଶ୍ରାମର ସୁବିଧା ସହ ଥକି ପଡ଼ିଥିବା ଭକ୍ତଙ୍କୁ ଆଶୁ ଚିକିତ୍ସା ସହ ପାଦ ସେବା ଯୋଗାଇ ଦିଆ ଯାଇଥିଲା। ଏହି କ୍ରମରେ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ଓ ସ୍ଥାନୀୟ ବିଧାୟକ ଆଶ୍ରୀତ ପଟ୍ଟନାୟକ ଉଭୟ ଯୁବମୋର୍ଚ୍ଚା ସଦସ୍ୟମାନଙ୍କ ସହ ସାମିଲ ହୋଇ କାଉଡ଼ିଆ ଭକ୍ତ ମାନଙ୍କୁ ସେବା କାର୍ଯ୍ୟ କରିଥିଲେ । ପୂର୍ବାହ୍ନରେ ସାଂସଦ ଓ ବିଧାୟକ ଉଭୟ ଭକ୍ତଙ୍କୁ ଜଳପାନ ବଣ୍ଟନରେ ସହଯୋଗ କରିବା ସହ ନିଜ ହାତରେ କାଉଡ଼ିଆଙ୍କ ପାଦ ସେବା ସହ ଆଶୁ ଚିକିତ୍ସା କରିଥିଲେ। ମଙ୍ଗଳପୁର ବଜାର ଦେଇ ଯାଉଥିବା କାଉଡ଼ିଆ ଭକ୍ତଙ୍କୁ 'ହର ହର ମହାଦେବ' ଧ୍ୱନି ଉଚ୍ଚାରଣ କରି ପୁଷ୍ପବର୍ଷା କରି ଶିବିରକୁ ପାଛୋଟି ଆଣିଥିଲେ ଉଭୟ । ଭକ୍ତ ଶ୍ରଦ୍ଧାଳୁ ମାନଙ୍କୁ ଖାଦ୍ୟ ପରସା ସହ ବିଶ୍ରାମ କକ୍ଷରେ ସମସ୍ତ ଙ୍କ ସହ ନାମ ସଂକୀର୍ତ୍ତନ ଗାନ କରି ବିମୋହିତ ହୋଇଥିଲେ ସାଂସଦ ଡକ୍ଟର ସମ୍ବିତ ପାତ୍ର ଓ ବିଧାୟକ ଆଶ୍ରୀତ ପଟ୍ଟନାୟକ। ଡେଲାଙ୍ଗ-ପିପିଲି ବିଜେପି ଯୁବମୋର୍ଚ୍ଚାର ସମସ୍ତ ସଦସ୍ୟ ଏହି ସେବା କାର୍ଯ୍ୟରେ ସାମିଲ ହୋଇଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆଶୀର୍ବାଦ ପାଇବା ଏବଂ ମାନବ ସେବା ହିଁ ମାଧବ ସେବାକୁ ପାଥେୟ କରି ଏହି ସେବା କାର୍ଯ୍ୟ କରାଯାଇଛି ବୋଲି ବିଧାୟକ ଶ୍ରୀଯୁକ୍ତ ପଟ୍ଟନାୟକ କହିଛନ୍ତି। ଏଥିସହ ଆଗାମୀ ଦିନରେ ପ୍ରତିବର୍ଷ ଏଭଳି ନିଃସ୍ୱାର୍ଥପର ସେବା କାର୍ଯ୍ୟ ଜାରି ରଖିବ ବୋଲି ଯୁବମୋର୍ଚ୍ଚା ଦାଣ୍ଡ ମୁକୁନ୍ଦପୁର ମଣ୍ଡଳ ସଭାପତି ଦେବୀପ୍ରସାଦ ମଳିକ କହିଛନ୍ତି।

## ଶିଶୁ ସମାଚାରର ଉନବିଂଶ ସ୍ୱନକ୍ଷତ୍ର ସମାରୋହ

# ୫୦୦ରୁ ଊର୍ଦ୍ଧ୍ୱ ଶିଶୁ ଶିଳ୍ପୀଙ୍କ ନାଚଗୀତରେ ଝୁମିଲେ ଦର୍ଶକ







**ପୁରୀ (ବ୍ୟୁରୋ):** ପିଲାଙ୍କ ମାସିକ ଖବର କାଗଜ ଶିଶୁ ସମାଚାରର ଉନବିଂଶ ସ୍ୱନକ୍ଷେତ୍ର ସମାରୋହ ଓ ରାଜ୍ୟ ସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ଅଗଷ୍ଟ ୮ ତାରିଖରେ ପୌର ସଦନ ପୁରୀ, ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ବରେ ଶ୍ରୀଯୁକ୍ତ ସନ୍ତୋଷ କୁମାର ସେଠୀ, ମୁଖ୍ୟ ଅତିଥି ଉପନିର୍ଦ୍ଦେଶକ ଓ ଜିଲ୍ଲା ସୂଚନା ଲୋକ ସଂପର୍କ ବିଭାଗ ଓଡିଶା, ମନୋଜ କୁମାର ତ୍ରିପାଠୀ ଜିଲ୍ଲା ସୁରକ୍ଷା ଅଧିକାରୀ, କୈଳାସ ଚନ୍ଦ୍ର ଟିକାୟତ ରାଏ, ଚକ୍ରଧର ମହାପାତ୍ର, ଗୋବିନ୍ଦ ଚାନ୍ଦ, ପ୍ରମୋଦ କୁମାର କର, ମନୋଜ କୁମାର ରଥ, ସିଦ୍ଧାର୍ଥ ରାଏ, ସଂଘମିତ୍ରା ଦାସ, ଅବନିଶ ରଥ, ପୁଷ୍ପା ପାତ୍ର, ଅତିଥି ଭାବେ ଯୋଗ ଦେଇ ଶିଶୁ ମାନଙ୍କ ବିକାଶରେ ରାଷ୍ଟ୍ରର ବିକାଶ ହେବ । ଶିଶୁଙ୍କ ସୃଜନଶୀଳତାର ବିକାଶ ପାଇଁ ସବୁସ୍ତରରେ ଉଦ୍ୟମ ହେବା ଉଚିତ୍ । ଏଥିପାଇଁ ସେମାନଙ୍କୁ ଉପଯୁକ୍ତ ସୁଯୋଗ ଯୋଗାଇଦେବା ଦରକାର ବୋଲି କହିଥିଲେ । ପ୍ରାରମ୍ଭରେ ଉତ୍ସବ କମିଟି ଅଧକ୍ଷ ଡ. ମନୋଜ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିଶୁ ସମାଚାର ର ସଂପାଦକ ସୁକାନ୍ତ ପଣ୍ଡା ସଂପାଦକୀୟ ବିବରଣୀ ପାଠ କରିଥିଲେ । ସଂଧ୍ୟା ପର୍ବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ ମୁଖ୍ୟ ଅତିଥି , ଶ୍ରୀ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରାକ୍ତନ ବିଧାୟକ ସମ୍ମାନୀତ ଅତିଥି , ସୌଭାଗ୍ୟ କୁମାର ସାହୁ ମୁଖ୍ୟ ବକ୍ତା, ଇଂ ରାଜେଶ କୁମାର ମିଶ୍ର, ଅମରେନ୍ଦ୍ର ପାଇକରାୟ, ଭଗବାନ ସୁଆର, ଗିରିଶ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଶିଶୁମାନେ ଦେଶର ଭବିଷ୍ୟତ ସେମାନଙ୍କ ଉନ୍ନତି ତଥା ବିକାଶରେ ରାଷ୍ଟ୍ରର ବିକାଶ ହେବା ସହ ଶିଶୁମାନଙ୍କ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଶିଶୁ ସମାଚାର ର ଅଗଷ୍ଟ ସଂଖ୍ୟା ଓ ମୁଖଶାଳା- ୨୦୨୬ ଲୋକାର୍ପିତ ହୋଇଥିଲା। ଉତ୍ସବରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କୁ ସାରସ୍ୱତ ସମ୍ମାନ, ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡ଼ା.ବିରେନ୍ ପଟ୍ଟନାୟକଙ୍କୁ ସ୍ୱାସ୍ଥ୍ୟସେବା ସମ୍ମାନ, ଦେବସ୍ମିତା ଖୁଣ୍ଟିଆଙ୍କୁ ପ୍ରତିଭା ସମ୍ମାନ ଓ ପ୍ରିୟଙ୍କା ମହାପାତ୍ରଙ୍କୁ ମେଧା ସମ୍ମାନ, ଅନାମ ଚନ୍ଦ୍ର ସାହୁଙ୍କୁ ସଂଗଠକ ସମ୍ମାନ, ଭରତ କୁମାର ନାୟକଙ୍କୁ ନାଟ୍ୟକଳା ସମ୍ମାନ, ମାନସ କୁମାର ସାହୁଙ୍କୁ ଚାରୁକଳା ସମ୍ମାନ, ପୁରୀ ଜିଲ୍ଲାସ୍ଥିତ ବାଲିପୁଟର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଗୋପର ପ୍ରତିତପାବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସବୁଜ ବିଦ୍ୟାଳୟ ସମ୍ମାନରେ ସମ୍ମାନିତ କରାଯିବା ସହ ପିଏମ୍ ଶ୍ରୀ ପୁରୀ ଜିଲ୍ଲା ସ୍କୁଲ ପୁରାତନ ଛାତ୍ର ସଂଗଠନ (ପଞ୍ଚସଖା ଶିକ୍ଷା ସେତୁ)ଙ୍କୁ ଉତ୍କର୍ଷ ବିଦ୍ୟାଳୟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଶିକ୍ଷକ- ଶିକ୍ଷୟିତ୍ରୀ, ସଙ୍ଗୀତ ଗୁରୁ, ନୃତ୍ୟ ଗୁରୁ ଓ ଶିଶୁ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ହିତ ପୂର୍ବରୁ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ୫୦୦ ରୁ ଊର୍ଦ୍ଧ୍ୱ ଶିଶୁ ପ୍ରତିଭା ନିଜର ପ୍ରତିଭା ପ୍ରଦର୍ଶନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ଉତ୍ସବ କମିଟି ଓ ଶିଶୁ ସମାଚାର ପରିଚାଳନା ମଣ୍ଡଳୀର ସମସ୍ତ ସଦସ୍ୟ-ସଦସ୍ୟା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ପରିଚାଳନା ମଣ୍ଡଳୀ ସଦସ୍ୟ ଶିବ ସୁନ୍ଦର ମିଶ୍ର ଏବଂ ଶରତ କୁମାର ରାୟଗୁରୁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଶେଷରେ ଉତ୍ସବ କମିଟି ଉପାଧକ୍ଷ ବିଜୟକୃଷ୍ଣ ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଶାମୁକ୍ତ ଭାରତ ଗଠନ ପାଇଁ ପ୍ରତିଜ୍ଞାପାଠ

# ବ୍ରହ୍ମକୁମାରୀଙ୍କ ୧୦ କୋଟି ନିଶାମୁକ୍ତି ପ୍ରତିଜ୍ଞା ମହାଅଭିଯାନ



**ପିପିଲି(ଅମୃତ ମିଡିଆ):** ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ପ୍ରଜାପିତା ବ୍ରହ୍ମ କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଥିବା ୧୦ କୋଟି ନିଶାମୁକ୍ତି ପ୍ରତିଜ୍ଞା ମହାଅଭିଯାନ ପିପିଲିସ୍ଥିତ ପିଏମଶ୍ରୀ ଜବାହର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିପିଲି ଇଶ୍ୱରୀୟ ମହାବିଦ୍ୟାଳୟ ଶାଖାର ମୁଖ୍ୟ ପରିଚାଳିକା ବ୍ରହ୍ମା କୁମାରୀ ପ୍ରଭା ଭଉଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।ନିଶା ଦ୍ୱାରା ବ୍ୟକ୍ତି, ପରିବାର ଓ ସମାଜ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ସେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ନିଶା ଠାରୁ ଦୂରେଇ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ନିଶା ବିରୋଧରେ ସଚେତନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଶାମୁକ୍ତ ଜୀବନଯାପନ ପାଇଁ ସାମୂହିକ ପ୍ରତିଜ୍ଞା ପାଠ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟିତ୍ରୀ ଭକ୍ତିସୁଧା ମଲ୍ଲିକ, ନିଳୀମା ଯାଦବ, କଳ୍ପଲତା ସେଠୀଙ୍କ ସମେତ ସହକାରୀ ଶିକ୍ଷକ ସୁଶାନ୍ତ କୁମାର ଦାଶ, ଶଶିକାନ୍ତ ବିଶ୍ୱାଳ, ପ୍ରଶାନ୍ତ କୁମାର ସାହୁ, ରାମକୃଷ୍ଣ ବାରିକ ଓ ନ୍ୟାୟବ୍ରତ ବେହେରା ପ୍ରମୁଖ ଉପସ୍ଥିତ ରହି ନିଶାମୁକ୍ତି ଅଭିଯାନକୁ ସମର୍ଥନ ଜଣାଇଥିଲେ। ସେହିପରି ବ୍ରହ୍ମ କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପିପିଲି ଶାଖାର ବିକେ ପ୍ରଦୀପ୍ତ, ବିକେ ଅକ୍ଷୟ, ବିକେ ପ୍ରଶାନ୍ତ ଓ ବିକେ କାଜଲ ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବ୍ରହ୍ମ କୁମାରୀ ପିପିଲି ଶାଖାର ମୁଖ୍ୟ ପରିଚାଳିକା ପ୍ରଭା ଭଉଣୀଙ୍କ ସୂଚନା ଅନୁଯାୟୀ, ଅଗଷ୍ଟ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ନିଶାମୁକ୍ତି ପାଇଁ ପ୍ରତିଜ୍ଞା ପାଠ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରଖିବା ସହ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ।



# ପିଏମ୍‌ଶ୍ରୀ ଗୋପବନ୍ଧୁ ଉଚ୍ଚବିଦ୍ୟାଳୟ କମିଟି, ଅଭିଭାବକ ବୈଠକ



**ପୋଲସରା (ଅମୃତ ମିଡିଆ):** ପୋଲସରା ଅଞ୍ଚଳର ସର୍ବପ୍ରଥମ ପ୍ରତିଷ୍ଠିତ ଏବଂ ଶିକ୍ଷାକ୍ଷେତ୍ରରେ ନିଜର ଗର୍ବ ଓ ଗୌରବ ବଜାୟ ରଖିଥିବା ପିଏମଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଓ ଅଭିଭାବକ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ କେ. ମମତା କୁମାରୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ରବିନ୍ଦ୍ର କୁମାର ସାହୁ (ଟିକିନା) ଓ ଉପ ସଭାନେତ୍ରୀ ଖୋଜନୀ ବିଶୋୟୀଙ୍କ ସମେତ ଶତାଧିକ ଅଭିଭାବକମାନେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷୟତ୍ରୀ ଉପସ୍ଥିତ ସମସ୍ତଙ୍କୁ ଅନୁଷ୍ଠାନ ତରଫରୁ ସ୍ୱାଗତ ଏବଂ ଶୁଭେଚ୍ଛା ଜଣାଇଥିଲେ।ପରେ ଅଭିଭାବକବୃନ୍ଦ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ଓ ବିଦ୍ୟାଳୟର ଦୈନନ୍ଦିନ କାର୍ଯ୍ୟ ସୂଚୀ ସମ୍ପର୍କରେ ଅବଗତ ହେବାସହ ନିଜର ମତାମତ ରଖିଥିଲେ। ପ୍ରଧାନ ଶିକ୍ଷୟତ୍ରୀ ଛାତ୍ରଛାତ୍ରୀମାନେ ନିୟମିତ ବିଦ୍ୟାଳୟକୁ ଆସିବା ଏବଂ ଏଥିପାଇଁ ନିଜର ପିଲାମାନଙ୍କୁ ନିଜର କର୍ତ୍ତବ୍ୟ ପାଳନ କରିବାକୁ ଅଭିଭାବକମାନଙ୍କୁ ଅନୁରୋଧ କରିଥିବା ବେଳେ ସଭାପତି ସରକାରଙ୍କ ପକ୍ଷରୁ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗକୁ ଉପସ୍ଥାପନ କରିଥିଲେ। ଏଥିସହ ବିଦ୍ୟାଳୟର ଉତ୍ତମ ଶୈକ୍ଷିକ ବାତାବରଣ ଏବଂ ପିଲାମାନେ ବିଦ୍ୟାଳୟକୁ ଆସି ଶୃଙ୍ଖଳାତାର ସହିତ କିଭଳି ଜ୍ଞାନ ଅର୍ଜନ କରିପାରିବେ ସେଥି ଉପରେ ପ୍ରାଞ୍ଜଳଭାବେ ବୁଝାଇଥିଲେ ଏବଂ ନିଜ ନିଜର ପିଲାମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଗଠନ ଦିଗରେ ଆଗେଇଆସି ବିଦ୍ୟାଳୟକୁ ସହଯୋଗ କରିବାକୁ ନିବେଦନ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟତ୍ରୀ ଉପସ୍ଥିତ ସମସ୍ତଙ୍କୁ ବିଦ୍ୟାଳୟ ତରଫରୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।



## ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନମେଳା ଉଦ୍‌ଯାପିତ



**ହିନ୍ଦୋଳ (ଅମୃତ ମିଡିଆ):** ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ ରାସୋଳ ପର୍ଶୁରାମପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦଯାପିତ ହୋଇଯାଇଛି। ଏହି ସଂକୁଳ ଜ୍ଞାନ ବିଜ୍ଞାନ ମେଳା ଦୁଇଦିନ ଧରି ଚାଲିଥିବାବେଳେ ଶନିବାର ଥିଲା ତାର ଅନ୍ତିମ ଦିବସ। ଉଦଯାପନୀ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ସାହୁ, ମୁଖ୍ୟ ବକ୍ତାଭାବେ ପ୍ରଭାକର ଦ୍ୱିବେଦୀ, ଶିଶୁ ବିଦ୍ୟା ମନ୍ଦିର ସଭାପତି ରବିନାରାୟଣ ପତି, ପ୍ରଧାନ ଆଚାର୍ଯ୍ୟ ଦିଲ୍ଲୀପ କୁମାର କୁମାର ପଣ୍ଡା ଓ ପ୍ରଦୀପ ରାଉତ ପ୍ରମୁଖ ଅତିଥିମାନେ ଯୋଗଦେଇଥିଲେ। ଆଖପାଖ ଅଞ୍ଚଳର ସମସ୍ତ ବିଜ୍ଞାନ ଶିକ୍ଷକ ମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କ ପ୍ରକଳ୍ପ ପରିଦର୍ଶନ ଓ ମୂଲ୍ୟାଙ୍କନ କରାଯାଇଥିଲା। ପରିଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ସମ୍ଭାଗ ସ୍ତରକୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ତାଲିକା ପ୍ରକାଶ କରାଯାଇଥିଲା।

# ଘଟଣା/ଦୁର୍ଘଟଣା

## ପୂର୍ବଶତ୍ରୁତାରୁ ମରଣାନ୍ତକ ଆକ୍ରମଣ

### ଯୁବକଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁଲଗାଇ ହତ୍ୟା ଉଦ୍ୟମ

**ଲହୁଣୀପଡା (ଅମୃତ ମିଡିଆ):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଗଣିଘସା ଗ୍ରାମରେ ଶନିବାର ସକାଳ ପ୍ରାୟ ସାଢ଼େ ୫ଟା ସମୟରେ ଜଣେ ଯୁବକଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରାଯାଇଥିବା ଜଣାପଡ଼ିଛି। ଘଟଣା ପରେ ଦୁଇ ଜଣ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଗୁରୁତର ଆହତ ଯୁବକ ହେଲେ ଗଣିଘସା ଗ୍ରାମର କାହ୍ନୁ ଚରଣ ମହାନ୍ତ (୩୫)। ସୂଚନା ଅନୁଯାୟୀ, କାହ୍ନୁ ଚରଣ ମହାନ୍ତ ଶନିବାର ସକାଳୁ ଶୌଚ ପାଇଁ ଘର ନିକଟସ୍ଥ ନାଳକୁ ଯାଉଥିଲେ। ଏହି ସମୟରେ ମୁହଁରେ କପଡ଼ା ବାନ୍ଧିଥିବା ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକ୍ ?ରେ ଆସି କାହ୍ନୁଙ୍କ ଉପରେ ଜୋରଜବରଦସ୍ତ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ପରେ ଉଭୟେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

ଏଥିରେ କାହ୍ନୁ ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ ପରିବାର ଲୋକେ ଓ ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ଶରୀରର ପ୍ରାୟ ୮୦ ପ୍ରତିଶତ ପୋଡ଼ିଯାଇଥିବାରୁ ଅବସ୍ଥା ଗୁରୁତର ଥିଲା। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ଜମିବାଡ଼ି ସମ୍ପର୍କିତ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଆକ୍ରମଣ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ଆକ୍ରମଣର ପ୍ରକୃତ କାରଣ ଓ ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ପରିଚୟ ଜାଣିବା ପାଇଁ ଲହୁଣୀପଡ଼ା ପୋଲିସ ତଦନ୍ତ ଚଳାଇଛି।

## ଅନ୍ଧବିଶ୍ୱାସରୁ ହିଂସାକାଣ୍ଡ, ୫ ଗିରଫ

**ଯୋଡା (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକର ଅସେଇଁକଲା ଗ୍ରାମରେ ଅନ୍ଧ ବିଶ୍ୱାସକୁ ନେଇ ହିଂସାକାଣ୍ଡ ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ପଂଚାନନପୁର ବିରଜା ମୁଣ୍ଡା, ଏମ୍‌ଏଲ୍ ତୁରୀ ମୁଣ୍ଡା, କ୍ରିଷ୍ଣ ଗାଗରାଇ, ଗଣେଶ ମୁମ୍ଡା, ଦିଗରାଜ ଗାଗରାଇ । ଏ ନେଇ ଯୋଡା ଥାନାରେ ଏକ ମାମଲା (ନଂ.୨୫୯/ ୨୬) ରୁଜୁ ହୋଇଛି । ଯୋଡା ଥାନା ଆଇଆଇସି ପ୍ରଶାନ୍ତ ସାମଲ କହିଛନ୍ତି, ଡାହାଣି ସନ୍ଦେହ କରି ଉକ୍ତ ଗ୍ରାମର ମହିଳା ସରୁ ମୁଣ୍ଡାଙ୍କୁ ମରାଣାନ୍ତକ ଆକ୍ରମଣ କରିଥିଲେ । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଶୁକ୍ରବାର ସନ୍ଧ୍ୟାରେ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

## ଆଳି ଯାଦବ ମହାସଭା ସଂଗଠକଙ୍କ ପରଲୋକ

**ଆଳି (ଅମୃତ ମିଡିଆ):** ନବେ ଦଶକରେ ଆଳି ଯାଦବ ମହାସଭାର ଛାମୁଆ ସଂଗଠକ ଭୀମସେନ ବାରିକଙ୍କର ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ଆଳି ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ଭୀମସେନ ଜଣେ ଦକ୍ଷ ସଂଗଠକ ଥିଲେ । ଗତ କିଛିଦିନ ହେବ ବୟସାଧିକ୍ୟ ଯୋଗୁ ସେ ଶଯ୍ୟାଶାୟୀ ଥିଲେ । ତାଙ୍କର ପରଲୋକ ଖବର ପାଇ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲ୍ଲା ପରିଷଦ ଉପାଧକ୍ଷ ହବୀଷ୍ମ ମହାନ୍ତି, କେନ୍ଦ୍ରାପଡା ଜିଲ୍ଲା ଯୁବ ଯାଦବ ସବାପତି ମନୋଜ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଭୀମସେନଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ । ତାଙ୍କ ବିୟୋଗରେ ଆଳି ଯାଦବ ମହାସଭାର ସଦସ୍ୟମାନେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଶୁକ୍ରବାର ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଭୀମସେନଙ୍କ ମଝିଆ ପୁଅ ରତ୍ନାକର ବାରିକ ମୁଖାଗ୍ନି ଦେଇଥିଲେ ।

## ହୃଦ୍‌ଘାତରେ ଆଶିଷ କୁମାର କାର୍ଜିଙ୍କ ପରଲୋକ



**ଚଣ୍ଡିଖୋଲ (ଅମୃତ ମିଡିଆ):** ଯାଜପୁର ଜିଲ୍ଲା ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଆଶିଷ କୁମାର କାର୍ଜି (୪୫)ଙ୍କ ଶନିବାର ସକାରେ ହୃଦଘାତରେ ପରଲୋକ ହୋଇଯାଇଛି । ହଠାତ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପରିବାର ଲୋକେ ତାଙ୍କୁ କଟକ ମେଡିକାଲକୁ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପ୍ରଚାରିତ ହେବାମାତ୍ରେ ବଡ଼ଚଣା ଡାକ୍ତରଖାନାର ଡାକ୍ତର ଇନ୍ଦିରା ପ୍ରିୟଦର୍ଶିନୀ ମାହାଲା, ଡାକ୍ତର ସୁରଞ୍ଜନ ମହାପାତ୍ର, ଡାକ୍ତର ସୁରଜ କୁମାର ଦଣ୍ଡପାଟ, ଡାକ୍ତର ଆମ୍ବୁଜ ବେହେରା, ଡାକ୍ତର ନରୋତ୍ତମ ରଥ, ଡାକ୍ତର ଅମିତାଂଶୁ ସ୍ୱାଇଁ ପ୍ରମୁଖ ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଡାକ୍ତର ସ୍ୱର୍ଗତ କାର୍ଜିଙ୍କ ବିୟୋଗରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ତାଙ୍କ ଶେଷ ଦର୍ଶନ କରି ଶୋକପ୍ରକାଶ କରିଥିଲେ ।

# ବାଦାମପାହାଡ଼, କେନ୍ଦୁଝର ରେଳରାସ୍ତାକୁ କରଞ୍ଜିଆ, ଠାକୁରମୁଣ୍ଡାକୁ ସମ୍ପ୍ରସାରଣ ପାଇଁ ରାଷ୍ଟ୍ରପତିଙ୍କୁ ଦାବି



**ବାରିପଦା (ଅମୃତ ମିଡିଆ):** ବାଦାମପାହାଡ଼, କେନ୍ଦୁଝର ରେଳ ପଥକୁ କରଞ୍ଜିଆ, ଠାକୁରମୁଣ୍ଡା ସହିତ ସଂଯୋଗ କରିବା ପାଇଁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରେ ଦାବି ଉପସ୍ଥାପନ କରାଯାଇଛି । ରାଷ୍ଟ୍ରପତିଙ୍କ ଗତ ଓଡିଶା ଗସ୍ତ ବେଳେ ଭୁବନେଶ୍ୱର ରାଜଭବନ ଠାରେ ତାଙ୍କୁ ଦେବବ୍ରତ ମେମୋରିଆଲ ଟ୍ରଷ୍ଟର ଅଧକ୍ଷା ଫୁଲମଣୀ ମାଝୀଙ୍କ ନେତୃତ୍ୱରେ ରାଜଗାଳ ଜାହେର ଆୟ ମହିଳା ସମିତି, ଫାଗୁନ ପତ୍ରିକା ର କର୍ମକର୍ତ୍ତା ମାନେ ସାକ୍ଷାତ କରି ଏହି ସ୍ମାରକପତ୍ର ପ୍ରଦାନ କରିଥିବାର ଜଣାଯାଇଛି । ରେଳ ମନ୍ତ୍ରୀଙ୍କ ସହିତ ରେଳପଥର ଏହି ସମ୍ପ୍ରସାରଣ ବାବଦରେ ରାଷ୍ଟ୍ରପତି ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଗତ ୩ ତାରିଖ ଦିନ ଏହି ପ୍ରତିନିଧି ଦଳ ଭୁବନେଶ୍ୱର ରାଜଭବନ ଠାରେ ମହାମହିମ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ଅନ୍ୟ ସମସ୍ୟା ସହିତ ଏହି ରେଳପଥ ସମ୍ପ୍ରସାରଣ ପାଇଁ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ,ଏହାପୂର୍ବରୁ ଗତ ଫେବୃଆରୀ ମାସ ରେ ନୂଆଦିଲ୍ଲୀ, ରାଷ୍ଟ୍ରପତି ଭବନ ରେ ରାଷ୍ଟ୍ରପତିଙ୍କୁ ଭେଟି ଏହି ରେଳପଥ ସମ୍ପ୍ରସାରଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ ବୋଲି ଦେବବ୍ରତ ମେମୋରିଆଲ ଟ୍ରଷ୍ଟ ର ଅଧକ୍ଷା ଫୁଲମଣୀ ମାଝୀଙ୍କ ଠାରୁ ପ୍ରକାଶ ।

## ଶିଶୁ ମନ୍ଦିରର ୪୨ତମ ପ୍ରତିଷ୍ଠା ଦିବସ

**ଚମ୍ପୁଆ (ଅମୃତ ମିଡିଆ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରାତଃ ସମୟରେ ବୈଦିକ ରୀତିରେ ଯଜ୍ଞ କାର୍ଯ୍ୟ ସମାପନ କରାଯାଇଥିଲା।ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯିବା ସହିତ ସାଂସ୍କୃତିକ ନୃତ୍ୟ ସଙ୍ଗୀତ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ସମୟରେ ପୂର୍ବତନ ପରିଚାଳନା ସମିତିର ସଦସ୍ୟ, ବର୍ତ୍ତମାନ ପରିଚାଳନା ସମିତିର ସଦସ୍ୟ, ପୂର୍ବତନ ଛାତ୍ରଛାତ୍ରୀ, ମାତୃଭାରତୀର ସଦସ୍ୟା, ଶୁଭେଚ୍ଛୁ ଅଭିଭାବକ ଅଭିଭାବିକା ତଥା ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା ମାନଙ୍କୁ ଏକ ସଭା ଅନୁଷ୍ଠିତ ହୋଇଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ତଥା ପ୍ରଥମ ପରିଚାଳନା ସମିତିର ସଂପାଦକ ତଥା ବରିଷ୍ଠ ଆଇନଜୀବୀ କ୍ରିଷ୍ଣଚନ୍ଦ୍ର ରାମ, ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡିଶା, ଉତ୍ତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର, ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ଆଦି ମଞ୍ଚାସୀନ ଥିଲେ । ସମ୍ପାଦକ ଶ୍ରୀଯୁକ୍ତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ରାମ କଥା ଛଳରେ ବିଦ୍ୟାଳୟର ପ୍ରତିଷ୍ଠା ସମୟର ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ ।

# ଜିନ୍ଦଲ ଷ୍ଟିଲ୍ ପ୍ରତିଷ୍ଠାତା ଓ.ପି ଜିନ୍ଦଲଙ୍କ ୯୬ତମ ଜୟନ୍ତୀ

## ପ୍ଲାଣ୍ଟ, ମାଇନସ୍ ୟୁନିଟ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି



**ଯୋଡା/ବଡବିଲ (ଅମୃତ ମିଡିଆ):** ଜିନ୍ଦଲ ଷ୍ଟିଲର ପ୍ରତିଷ୍ଠାତା ଶ୍ରୀ ଓ.ପି ଜିନ୍ଦଲ (ବାଉଜୀ)ଙ୍କ ୯୬ତମ ଜୟନ୍ତୀ ଅଗଷ୍ଟ ୭ ତାରିଖରେ ଜିନ୍ଦଲ ଷ୍ଟିଲର ବଡବିଲ ପେଲେଟ୍ ପ୍ଲାଣ୍ଟ, ଟେନ୍ସା, କାସିଆ ଏବଂ ରୋଇଡା- ଓ (ବିକେଟିଆର) ଖଣି ଅଞ୍ଚଳରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିନ୍ଦଲ ପରିବାର ପକ୍ଷରୁ ବାଉଜୀ ଶ୍ରୀ ଓ.ପି ଜିନ୍ଦଲଙ୍କୁ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ, ବିଭିନ୍ନ ୟୁନିଟରେ ଆଧ୍ୟାତ୍ମିକ, ସାଂସ୍କୃତିକ, କ୍ରୀଡା ଏବଂ ସମାଜସେବା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ବଡବିଲ ପେଲେଟ ପ୍ଲାଣ୍ଟ ସ୍ଥିତ ଶ୍ରୀ ଦେବେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଶ୍ରୀ ଓ. ପି. ଜିନ୍ଦଲଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରଯାଇଥିଲା। କାର୍ଯ୍ୟକ୍ରମରେ ୟୁନିଟ୍ ହେଡ୍ ଶ୍ରୀ ସତୀଶ ସିନ୍ଦୁରିଆ, ଭାଇସ୍ ପ୍ରେସିଡେଣ୍ଟ ଶ୍ରୀ ଏସ୍.କେ ଶର୍ମା, ମାନବ ସମ୍ବଳ ମୁଖ୍ୟ ଶ୍ରୀ ବିକାଶ ଘୋଷଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ସେମାନଙ୍କ ପରିବାରବର୍ଗ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଟାଉନସିପ୍ ପରିସରରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ବାଉଜୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜଣାଇ ଜିନ୍ଦଲ ନଗର ଲେଡିଜ୍ କ୍ଲବ ପକ୍ଷରୁ କମ୍ୟୁନିଟି ହଲ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥି ସହିତ କାସିଆ ଆଇରନ ଖଣି ଟାଉନସିପ୍ ମନ୍ଦିର ପରିସରରେ ମଧ୍ୟ ପୂଜା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ବିକେଟିଆର ୟୁନିଟ୍‌ର କ୍ଲଷ୍ଟର ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ସାମିଲ ହୋଇଥିଲେ। ଟାଉନସିପ୍ ପରିସରରେ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଟେନ୍ସା ୟୁନିଟ୍ ପକ୍ଷରୁ ମଧ୍ୟ ଟାଉନ୍ ?ସିପ୍ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ୟୁନିଟ୍ ହେଡ୍ ଶ୍ରୀ ରାଜେଶ ପଟେଲଙ୍କ ସମେତ ୟୁନିଟର ବରିଷ୍ଠ ଅଧିକାରୀ ଏବଂ ସେମାନଙ୍କ ପରିବାରବର୍ଗ ସାମିଲ ହୋଇଥିଲେ। ଏହି ଅବସରରେ ସି.ଏସ୍.ଆର୍ ଟିମ୍ ପକ୍ଷରୁ ଡେଙ୍ଗୁଲା ସରକାରୀ ୫୫ଉ ହାଇସ୍କୁଲର ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ କରାଯାଇଥିଲା। ୟୁନିଟ୍ ହେଡ୍ ?ଙ୍କ ସମେତ ବରିଷ୍ଠ ଗ୍ରାମବାସୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବାଉଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ କୁରୁକ୍ଷେତ୍ର ସାଂସଦ ତଥା ଜିନ୍ଦଲ ଷ୍ଟିଲର ଅଧକ୍ଷ ଶ୍ରୀ ନବୀନ ଜିନ୍ଦଲ କହିଛନ୍ତି, "ସଫଳତା ପାରିପାର୍ଶ୍ୱିକ ପରିସ୍ଥିତି ଦ୍ୱାରା ନିର୍ଦ୍ଧାରିତ ହୁଏ ନାହିଁ, ବରଂ ସଂକଳ୍ପ, ସାହସ, ଏବଂ ନିଜର କର୍ମ ଦ୍ୱାରା ନିର୍ଦ୍ଧାରିତ ହୁଏ"। ବାଉଜୀ, ଆପଣଙ୍କ ଚିନ୍ତାଧାରା ଓ ମୂଲ୍ୟବୋଧ ଆଜି ମଧ୍ୟ ଆମକୁ ପଥପ୍ରଦର୍ଶନ କରୁଛି। ସେ ଆହୁରି କହିଛନ୍ତି ଯେ, "ପୂଜ୍ୟ ବାଉଜୀ ଶ୍ରୀ ଓମ୍ ପ୍ରକାଶ ଜିନ୍ଦଲଜୀଙ୍କ ୯୬ତମ ଜୟନ୍ତୀରେ ମୁଁ ତାଙ୍କୁ ହୃଦୟରୁ ଶ୍ରଦ୍ଧାଞ୍ଜଳି ଜଣାଉଛି। ତାଙ୍କର ଚିନ୍ତାଧାରା ଏବଂ ଆଦର୍ଶ ଜିନ୍ଦଲ ପରିବାର ସହ ଲକ୍ଷ ଲକ୍ଷ ଭାରତୀୟଙ୍କୁ ଦେଶ ନିର୍ମାଣ ପଥରେ ପ୍ରେରଣା ଦେଉଛି"।

## ବିଶିଷ୍ଟ ରାଜନେତା ଚରଣ ଦାସଙ୍କୁ ଶ୍ରଦ୍ଧାଞ୍ଜଳି



**ଚାନ୍ଦବାଲି (ଅମୃତ ମିଡିଆ):** ଚାନ୍ଦବାଲି ଅଞ୍ଚଳର ମୁରବି,ବିଶିଷ୍ଟ ସମାଜସେବୀ ତଥା ଚାନ୍ଦବାଲି ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଚରଣ ଦାସଙ୍କ ଏକାଦଶାହ ସ୍ମୃତିସଭା ସ୍ଥାନୀୟ ବିଜୁ ସ୍ମୃତି ଭବନ ପରିସରରେ ସ୍ମୃତି ଚାରଣ ସଭା ଆଡଭୋକେଟ ତ୍ରିଲୋଚନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ବିଜେପି ନେତା ପୂର୍ଣ୍ଣ ଚନ୍ଦ୍ର ପାଣି,କଂଗ୍ରେସ ବ୍ଲକ ସଭାପତି ଶୁଭାଶିଷ ମଲ୍ଲିକ, ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳ,କଂଗ୍ରେସ ନେତା ଦ୍ୱିଗମ୍ବର ଦାସ,ମନୋଜ କୁମାର ବିଶ୍ୱାଳ, ଶିକ୍ଷାବିତ ଅମୁଲ୍ୟ କୁମାର ରାଉତ,ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ,ସମାଜସେବୀ ବ୍ରଜସୁନ୍ଦର ମହାନ୍ତି, ସତ୍ୟାନନ୍ଦ ରାଉତ,ପ୍ରଫୁଲ୍ଲ ସାହୁ , ଆଇନୀଜୀବି ପ୍ରଭାସ ଶୁଭଦର୍ଶନ ମହାନ୍ତି,ପ୍ରଭାସ ନାୟକ,ପ୍ରଶାନ୍ତ ଦାଶ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେଇ ସମାଜସେବୀ ଚରଣ ଦାସଙ୍କ ଦୀର୍ଘ ଅର୍ଦ୍ଧ ଶତାବ୍ଦୀର ସ୍ମୃତି କିର୍ତ୍ତୀ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ ଜଣେ ନୀତି ନିଷ୍ଠ ବ୍ୟକ୍ତି ଥିଲେ ବୋଲି ମତ ବ୍ୟକ୍ତ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଅଶୋକ କୁମାର ରାୟ,ରାଜ ନାରାୟଣ ନୟକ, ସଂଗ୍ରାମ କେଶରୀ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ଜ୍ୱାଇଁ ବସନ୍ତ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡ୍ରାଗନଫ୍ରୁଟ କରିଛି ପ୍ରଦୀପଙ୍କୁ ସ୍ୱାବଲମ୍ବୀ



**ଜି.ଉଦୟଗିରି (ଅମୃତ ମିଡିଆ):** କନ୍ଧମାଳ ଜିଲାର ଜି.ଉଦୟଗିରି ବଜାର ଫୁଟପାଥରେ ଡ୍ରାଗନ ଫ୍ରୁଟ ବିକ୍ରି ହେଉଛି। ଏହାର କିଲୋ ୨୦୦ ଟଙ୍କା ରହିଥିଲେ ମଧ ଗ୍ରାହକଙ୍କ କିଣି ନେଉଥିବା ଦେଖିବାକୁ ମିଳିଛି। ଜି. ଉଦୟଗିରିଠାରୁ ୨୫ କି.ମି. ଦୂର ବେହେରା ଗାଁର ଚାଷୀ ପ୍ରଦୀପ ଦିଗାଳ (୫୦) ପାରମ୍ପରିକ ଚାଷରୁ ନିବୃତ୍ତ ହୋଇ ନୂତନ ଭାବେ ଲାଭଦାୟକ ଫସଲ ଡ୍ରାଗନ ଫ୍ରୁଟ ଚାଷ କରି ଲାଭନ୍ୱିତ ହୋଇଛନ୍ତି। ଏଥିରୁ ସେ ସ୍ୱାବଲମ୍ବୀ ହେବା ସହ ଭଲ ଆୟ ହେଉଥିବା କହିଛନ୍ତି । ଅଳ୍ପ ଜମିରେ ମଧ ଉନ୍ନତ ପ୍ରଣାଳୀରେ ଚାଷ କରି ଅଧିକ ଲାଭ ମିଳିପାରେ ଏହା ସେ ଅନ୍ୟମାନଙ୍କୁ ଦେଖାଇ ଦେଇଛନ୍ତି। ପୂର୍ବରୁ ପ୍ରଦୀପ ପାରମ୍ପରିକ ଫସଲ ଚାଷ କରୁଥିଲେ। ଏଥିରେ ପାଣିପାଗର ଅନିଶ୍ଚିତତା, ଖର୍ଚ୍ଚ ବୃଦ୍ଧି ଏବଂ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ନ ମିଳିବା ହେତୁ ତାଙ୍କୁ ଆଶାନୁରୂପ ଲାଭ ମିଳୁ ନ ଥିଲା। ଡ୍ରାଗନ ଫ୍ରୁଟ ଚାଷ ସମ୍ପର୍କରେ ଜାଣିବା ପରେ ସେ ଏହି ଚାଷ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ନିଜ ଗାଁରେ ଏହି ଚାଷ କରିବାକୁ ଯୋଜନା କରି ପ୍ରଦୀପ ଲିଜ ସୂତ୍ର ରେ ଜଣଙ୍କଠାରୁ ଏକ ଏକର ଜମି ଆଣି ଚାଷ ଆରମ୍ଭ କରିଥିଲେ। ସମାନ ବ୍ୟବଧାନରେ କଂକ୍ରିଟ ଖୁଣ୍ଟ ପୋତି ସେଥିରେ ୨ହଜାର ଡ୍ରାଗନ ଫ୍ରୁଟ ଗଛ ଲଗାଇଥିଲେ। ସେଗୁଡ଼ିକର ନିୟମିତ ଯତ୍ନ, ଜଳସେଚନ, ଜୈବସାର ପ୍ରୟୋଗ ଓ ରୋଗ ପୋକ ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନେଉଥିଲେ। ଗଛ ଗୁଡ଼ିକର ରକ୍ଷଣାବେକ୍ଷଣ କରିଥିଲେ। ପ୍ରାୟ ବର୍ଷେ ପରେ ସେହି ଗଛରେ ଫଳ ଆସିବା ଆରମ୍ଭ କରିଥିଲା । ଚାଷ ଆରମ୍ଭ କରିବାର ଦ୍ୱିତୀୟ ବର୍ଷରୁ ସେ ଡ୍ରାଗନ ଫଳ ବିକ୍ରି କରିବା ଆରମ୍ଭ କରିଥିଲେ। ଏଥିରୁ ସେ ଗତ ୪ ବର୍ଷ ହେବ ବାର୍ଷିକ ୧.୭ ଲକ୍ଷରୁ ଉର୍ଦ୍ଧ୍ୱ ଆୟ କରୁଛନ୍ତି। ଜମିର ରକ୍ଷଣା ବେକ୍ଷଣ ଦିଗରେ ବାର୍ଷିକ ୫୦ରୁ ୬୦ ହଜାର ଖର୍ଚ୍ଚ କରୁଛନ୍ତି ପ୍ରଦୀପ । ଡ୍ରାଗନ ଫ୍ରୁଟ୍ର ଚାହିଦା ସ୍ଥାନୀୟ ବଜାର ସମେତ ସହରାଞ୍ଚଳରେ ମଧ ରହିଥିବାରୁ ଉତ୍ପାଦିତ ଫଳ ବିକ୍ରି କରି ପ୍ରଦୀପ ଭଲ ମୂଲ୍ୟ ପାଇପାରୁଛନ୍ତି। ଏଥିସହ ସେ ଅନ୍ୟ ଚାଷୀଙ୍କୁ ମଧ ଡ୍ରାଗନ ଫ୍ରୁଟ ଚାଷ ସମ୍ପର୍କରେ ଜଣାଇବା ସହ ନୂତନ କୃଷି ପଦ୍ଧତି ଆପଣାଇବାକୁ ପ୍ରୋତ୍ସାହିତ କରୁଛନ୍ତି। ଆଗାମୀ ଦିନରେ ଚାଷର ପରିମାଣ ବଢ଼ାଇବା ସହ ଅନ୍ୟ ଚାଷୀଙ୍କୁ ଏଥିରେ ସାମିଲ କରିବାର ଲକ୍ଷ୍ୟ ରଖିଛନ୍ତି ସେ। ଅଞ୍ଚଳର ଜଳବାୟୁ ଓ ମାଟିର ଉପଯୋଗିତା ଅନୁଯାୟୀ ଉଚିତ ପ୍ରଣାଳୀ ଓ ବଜାର ବ୍ୟବସ୍ଥା ସହିତ ଡ୍ରାଗନ ଫ୍ରୁଟ ଭଳି ଉଚ୍ଚମୂଲ୍ୟର ଫସଲ ଚାଷ କଲେ ଚାଷୀଙ୍କ ଆୟ ବୃଦ୍ଧି ପାଇବ ବୋଲି ତାଙ୍କର ମତ। କନ୍ଧମାଳ ର ଜଣେ ସାଧାରଣ ଚାଷୀଙ୍କ ଏହି ସଫଳତା ଏବେ ଅନ୍ୟ ଚାଷୀଙ୍କ ମନରେ ନୂଆ ଆଶା ସୃଷ୍ଟି କରିବ। ଚାଷୀ ଅଧିକ ଆୟ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ରମାକାନ୍ତ ମହାପାତ୍ର କହିଛନ୍ତି ।






# ତାଳଦଣ୍ଡା କେନାଲ ସଫେଇ ନାମରେ ଲକ୍ଷାଧିକ ଆତ୍ମସାତ

## ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାକୁ ନେଇ ପ୍ରଶ୍ନ



**କୁଜଙ୍ଗ (ଅମୃତ ମିଡିଆ) :** କେନାଲ ସଫେଇ ଆଳରେ ଲକ୍ଷାଧିକ ଟଙ୍କାର ଅର୍ଥ ଆତ୍ମସାତ କରିବା ପାଇଁ ଚାଲିଛି ମସୁଧା। ଲାଗି ରହିଛି ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା। ସବୁ ଜାଣି ଶୁଣି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛନ୍ତି ସମାଗୋଳ ଜଳ ସମ୍ପଦ ବିଭାଗର ଉପଖଣ୍ଡ ଅଧିକାରୀ। ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ସମାଗୋଳ ଜଳ ସମ୍ପଦ ବିଭାଗ ପକ୍ଷରୁ ତାଳଦଣ୍ଡା କେନାଲ ସଫେଇ କରିବା ପାଇଁ ପ୍ରତ୍ୟେକ ବର୍ଷ ଏକ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଉଛି କୁହାଯାଉଛି ଏହି ଠିକାଦାରଙ୍କ ଠାରୁ ବିଭାଗୀୟ ଯନ୍ତ୍ରୀ ମାଛ, ମାଂସ ଖାଇ ତାଙ୍କୁ କାର୍ଯ୍ୟ ସମ୍ପାଦନ କରିବା ପାଇଁ ପ୍ରତିବର୍ଷ ଅନୁମତି ଦେଉଛନ୍ତି। ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇ ଠିକାଦାର ଜଣକ ତାଳଦଣ୍ଡା କେନାଲରୁ ମିଛି ମିଛିକା ଭାବେ ଏକ ମେସିନ୍ ଲଗାଇ ପରିପୂର୍ଣ୍ଣ ଥିବା କଳକତୀ ଦଳ ଗୁଡ଼ିକ କେନାଲର ଉଭୟ ପାର୍ଶ୍ୱରେ ଫିଙ୍ଗି ଦେଉଛନ୍ତି। ଯାହା ଫଳରେ ପୁନରାବର୍ତ୍ତୀ ଏହି ଦଳ ଗୁଡ଼ିକ କେନାଲରେ ଖସି ପଡୁଥିବା ଅନେକ ସମୟରେ ପରିଲକ୍ଷିତ ହୋଇଛି। ଏହି ସଫେଇ କାର୍ଯ୍ୟ ଅବଧି ଶେଷ ହେବା ପରେ ନାମକୁ ମାତ୍ର ଲୋକ ଦେଖାଣିଆ ଭାବେ ଏକ ମେସିନ୍ ଓ ଦୁଇ ତିନୋଟି ଶ୍ରମିକରେ ସଫେଇ କରାଯାଉଥିବା ଦେଖିବାକୁ ମିଳିଛି। ଏଠି ପ୍ରଶ୍ନ ଉଠେ ବାରମ୍ବାର ଏହି କେନାଲ ସଫେଇ କାହିଁକି ଏକ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଦିଆଯାଉଛି। କାରଣ ଏଇଆ ଯେ ରାଧେ ରାଧେ ତୁମର ଅଧେକୁ ଆମର ଅଧେ କରିବା ପାଇଁ ସମାଗୋଳ ଜଳ ସମ୍ପଦ ବିଭାଗର ଯନ୍ତ୍ରୀ ଓ ଉପଖଣ୍ଡ ଅଧିକାରୀ ଲାଗି ପଡିଛନ୍ତି। ଏଥିସହିତ ଯଦି ଏହି ତାଳଦଣ୍ଡା କେନାଲ ସଫେଇ କାର୍ଯ୍ୟକୁ ଆକଳନ କରାଯାଏ ତାହେଲେ ମେସିନ୍ ଭଡ଼ା ବାବଦକୁ ଦୈନିକ ୩ ଘଣ୍ଟାରେ ୩୬ଶହ ଟଙ୍କା ଓ ତିନି ଜଣ ଶ୍ରମିକଙ୍କୁ ୭ଶହ ଟଙ୍କା ମଜୁରୀରେ ୨୧ଶହ ଟଙ୍କା ହେଉଛି ତାହାଲେ ମୋଟ୍ ଦୈନିକ ୫ହଜାର ୭ଶହ ଟଙ୍କା ଖର୍ଚ୍ଚ ହେଉଥିବା ଆକଳନ କରାଯାଇଛି। ତେବେ ୮ରୁ ୧୦ଦିନ ଧରି ସଫେଇ କଲେ ୫୦ରୁ ୬୦ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଲକ୍ଷାଧିକ ଟଙ୍କାର କିପରି ବିଲ୍ କରାଯାଏ ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠି ପ୍ରଶ୍ନ ଉଠେ କୁଜଙ୍ଗ ସମାଗୋଳରେ ଥିବା ଜଳସମ୍ପଦ ବିଭାଗରେ ଦୀର୍ଘ ବର୍ଷ ଧରି କାମ କରୁଥିବା ଯନ୍ତ୍ରୀଙ୍କ କେବେ ହେବ ବଦଳି ତାହା ସର୍ବସାଧାରଣରେ ଜୋର୍ ଧରିଛି।

## ବାଲୁଗାଁ ପୋଲିସର ମହାନତା

# ନିଶାସକ୍ତ ଯୁବକକୁ ଚିକିତ୍ସା ପରେ ଘରକୁ ପଠାଇଲା



**ବାଲୁଗାଁ (ଅମୃତ ମିଡିଆ) :** ସମୟ ବଦଳୁଥିଲେ ମଧ୍ୟ ଆଜିବି ବଞ୍ଚି ରହିଛି ମାନବିକତା। ଯାହାର ଜ୍ୱଳନ୍ତ ଉଦାହରଣ ସାଜିଛି ବାଲୁଗାଁ ପୋଲିସ। ଖବର ଅନୁସାରେ ଗୁରୁବାର ମଧ୍ୟାହ୍ନରେ ଜଣେ ବ୍ୟକ୍ତି ଗାନ୍ଧୀ ଛକ ନିକଟରେ କ୍ଷତବିକ୍ଷତ ଅବସ୍ଥାରେ ପଡି ସାଧାରଣ ଜନତାଙ୍କୁ ଗାଳିଗୁଲଜ କରୁଥିବା ଦେଖି ସ୍ଥାନୀୟ ଲୋକେ ୧୧୨କୁ ଫୋନ କରିଥିଲେ। ଖବର ପାଇ ବାଲୁଗାଁ ଥାନା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ଚିକିତ୍ସା କରୁଥିବା ବେଳେ ସଂପୃକ୍ତ ଯୁବକ ଜଣକ ଡାକ୍ତର ଓ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀଙ୍କୁ ଗାଳି ଗୁଲଜ କରିଥିବା ବେଳେ ଉପସ୍ଥିତ ରୋଗୀ ମାନଙ୍କୁ ହଇରାଣ ହରକତ କରିବାସହ ମେଡିକାଲ ପରିସରରେ ତାଣ୍ଡବ ରଚିଥିଲା। ଯାହାଫଳରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଯୁବକ ଜଣକ ବର୍ତ୍ତମାନ ନିଶାଶକ୍ତ ଅବସ୍ଥାରେ ରହିଛି। ତେଣୁ ନିଶା ଛାଡିବା ପର୍ଯ୍ୟନ୍ତ ତାକୁ ଏଠାରେ ରହିବାକୁ ପଡିବ ବୋଲି କହିଥିଲେ।ବାରମ୍ୱାର ତାଣ୍ଡବ ରଚୁଥିବା ସମ୍ପୃକ୍ତ ଯୁବକଙ୍କ ଯୋଗୁଁ ରୋଗୀ ସେବାରେ ବ୍ୟତିକ୍ରମ ହେବାରୁ ମେଡିକାଲ କର୍ମଚାରୀ, ପୋଲିସ କର୍ମଚାରୀ ଓ ଉପସ୍ଥିତ ରୋଗୀଙ୍କ ସମ୍ପର୍କୀୟ ମାନେ କାବୁ କରି ଦୀର୍ଘ ଦୁଇ ଘଣ୍ଟା ଧରି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରଖିଥିଲେ। ପରେ ନିଶା ଛାଡିବା ସହ ଅବସ୍ଥା ସ୍ଥିର ହେବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଚିକିତ୍ସା ପରେ ସମ୍ପୃକ୍ତ ଯୁବକଙ୍କ ଠାରୁ ସୂଚନା ମିଳିବା ମାତ୍ରେ ବାଲୁଗାଁ ପୋଲିସ ପକ୍ଷରୁ ତୁରନ୍ତ ଘର ଲୋକଙ୍କୁ ଯୋଗାଯୋଗ କରାଯାଇଥିଲା। ଠିକଣା ଅନୁଯାୟୀ ସଂପୃକ୍ତ ବ୍ୟକ୍ତି ଜଣକୁ ଥାନା ଅଧିକାରିଣୀ ଶ୍ରଦ୍ଧା ନାୟକଙ୍କ ସହଯୋଗରେ ଖାଦ୍ୟପେୟ ଦେବାସହ ବସ୍ ଯୋଗେ ଘରକୁ ପଠାଯାଇଥିଲା। ଏଥିସହିତ ସମ୍ପୃକ୍ତ ଯୁବକଙ୍କ ପରିସ୍ଥିତି କିଭଳି ରହିଛି ସେ ସମ୍ପର୍କରେ ଶୁକ୍ରବାର ସକାଳେ ବାଲୁଗାଁ ପୋଲିସ ପକ୍ଷରୁ ଯୁବକଙ୍କ ଘରକୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିବା ସୂଚନା ମିଳିଛି। ପୋଲିସର ଏଭଳି ତ୍ୱରିତ ମହାନ କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ଭୂୟସୀ ପ୍ରଶଂସା କରିବାସହ ସ୍ଥାନୀୟ ବାସିନ୍ଦା ସାଧୁବାଦ ଜଣାଇଛନ୍ତି। ସମ୍ପୃକ୍ତ ଯୁବକ ଜଣକ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅନ୍ତର୍ଗତ ଛାଡ଼ିଆପଲ୍ଲୀ ଗ୍ରାମର ଧବଳେଶ୍ୱର ଦାସଙ୍କ ପୁଅ ସତ୍ୟବ୍ରତ ଦାସ ବୋଲି ଜଣାପଡିଛି।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

**ଓଡ଼ିଶାର...**

ଓଡ଼ିଶାରେ ଉତ୍ପାଦନ, ଶିଳ୍ପ ଭିତ୍ତିଭୂମି, ଆନୁଷଙ୍ଗିକ ବିକାଶ ଏବଂ ଯୋଗାଣ ଶୃଙ୍ଖଳା ଏକତ୍ରୀକରଣ ନେଇ ଆଲୋଚନା ହୋଇଥିଲା। ନୋଏଡ଼ା ଆପାରେଲ୍ ଏକ୍ସପୋର୍ଟ କ୍ଲଷ୍ଟରର ସହଯୋଗରେ ନୋଏଡ଼ା ଶିଳ୍ପ ପ୍ରତିନିଧିମାନଙ୍କ ସହିତ ଟେକ୍ସଟାଇଲ୍ ଏବଂ ପୋଷାକ ସମ୍ପର୍କିତ ରାଉଣ୍ଡ ଟେବୁଲରେ ବୟନଶିଳ୍ପ ଓ ପୋଷାକ ଉତ୍ପାଦନ, ରପ୍ତାନି ସୁଯୋଗ, ଦକ୍ଷ କର୍ମଚାରୀ ଏବଂ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ନାଲକୋ ର ସହଯୋଗରେ ଆୟୋଜିତ ଆଲୁମିନିୟମ୍ ଆନୁଷଙ୍ଗିକ ଏବଂ ଡାଉନଷ୍ଟ୍ରିମ୍ ରାଉଣ୍ଡ ଟେବଲରେ ଓଡ଼ିଶାରେ ଆଲୁମିନିୟମ୍ ମୂଲ୍ୟ ସଂଯୋଜନା, ଡାଉନଷ୍ଟ୍ରିମ୍ ଉତ୍ପାଦନ, ଆନୁଷଙ୍ଗିକ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ର ଅଂଶଗ୍ରହଣକୁ ପ୍ରସାର କରିବା ପାଇଁ ଥିବା ସୁଯୋଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଆମର ପ୍ରାଥମିକତା ହେଉଛି ନିବେଶକମାନଙ୍କୁ ସୁବିଧା ପ୍ରଦାନ କରିବା, କ୍ଷେତ୍ର-ନିର୍ଦ୍ଦିଷ୍ଟ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା। ଦିଲ୍ଲୀ-ଏନ୍‌ସିଆର ରେ ଦୁଇ ଦିନିଆ ନିବେଶ ଅଭିଯାନରେ 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬' ରୋଡ୍ ସୋ ବ୍ୟତୀତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ୪୬ଟି ଉଚ୍ଚସ୍ତରୀୟ ବୈଠକ ଏବଂ ମୋଟ ୨୦୮ଟି ଶିଳ୍ପ ଆଲୋଚନା ଅନ୍ତର୍ଭୁକ୍ତ ରହିଛି। ଶନିବାର ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ କ୍ଷେତ୍ରର ପ୍ରମୁଖ ନିବେଶକ ଏବଂ ଶିଳ୍ପ ପ୍ରତିନିଧିମାନଙ୍କ ସହିତ ୱାନ୍-ଅନ୍-ୱାନ୍ ବୈଠକ କରିଥିଲେ। ମୁଖ୍ୟମନ୍ତ୍ରୀ ନୋଏଡ଼ାସ୍ଥିତ ହାୟର୍ ଉତ୍ପାଦନ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ। ହାୟର୍ ଉତ୍ପାଦନ କେନ୍ଦ୍ରର ବରିଷ୍ଠ କମ୍ପାନୀ କର୍ମକର୍ତ୍ତା ଏବଂ ଇଂଜିନିଅର ମାନଙ୍କ ସହ ଆଲୋଚନା କରିଥିଲେ ଏବଂ କମ୍ପାନୀର ଉତ୍ପାଦନ ପ୍ରକ୍ରିୟା ଏବଂ ବ୍ୟବସ୍ଥାଗୁଡ଼ିକୁ ଅନୁଧ୍ୟାନ କରିଥିଲେ। ହାୟର୍ କମ୍ପାନୀର ଉନ୍ନତ ଉତ୍ପାଦନ ପଦ୍ଧତିଗୁଡ଼ିକୁ ବୁଝିବା ଏବଂ ବିଶେଷକରି ଇଲେକ୍ଟ୍ରୋନିକ୍ସ, ଗୃହୋପକରଣ, ସପ୍ଲାଏ ଚେନ୍ ଏବଂ ଆନୁଷଙ୍ଗିକ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଉତ୍ପାଦନ ପରିବେଶକୁ ସୁଦୃଢ଼ କରିବା ପାଇଁ ଏବଂ ସମ୍ଭାବ୍ୟ ସୁଯୋଗଗୁଡ଼ିକୁ ବାସ୍ତବତାରେ ପରିଣତ କରିବା ପାଇଁ ଏହି ପରିଦର୍ଶନ ଏକ ସୁଯୋଗ ପ୍ରଦାନ କରିଥିଲା।

**ନିଖୋଜ...**

ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନଥିଲେ। ଏହାପରେ ବୁଧବାର ସସ୍ମିତାଙ୍କ ବାପଘର ପକ୍ଷରୁ ଆମପାଣି ଥାନାରେ ଏକ ନିଖୋଜ ଏତଲା ଦାୟର କରାଯାଇଥିଲା। ମୃତ ସସ୍ମିତାଙ୍କର ଦୁଇଟି ସନ୍ତାନ ଥିବାବେଳେ ସେ ଦୀର୍ଘ ଦିନ ହେବ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଥିଲେ ଏବଂ ତାଙ୍କର ଚିକିତ୍ସା ମଧ୍ୟ ଚାଲିଥିଲା। ଅସୁସ୍ଥତା କାରଣରୁ ସେ ନିଜ ଦୁଇ ପିଲାଙ୍କୁ ଧରି ବାପଘର ବଡ଼କେନ୍ଦୁଗୁଡ଼ା ଗ୍ରାମରେ ରହୁଥିଲେ। ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହୁଥିବାରୁ ସେ ମାନସିକ ଚାପରେ ରହୁଥିବା ପରିବାରଲୋକେ ପ୍ରକାଶ କରିଛନ୍ତି। ଅନ୍ୟପଟେ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ତାଙ୍କ ସ୍ୱାମୀ ଦୈତାରୀ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଛନ୍ତି।

**ମଧ୍ୟପ୍ରଦେଶକୁ ...**

ଜୋରଦାର କରିଥିଲା । ୪୫ତମ ମିନିଟରେ ଦଳର ଅଧିନାୟକ ଦୀପକ ପ୍ରଧାନ ଏକ ଦମଦାର ଗୋଲ ସ୍କୋର କରି ଓଡ଼ିଶାକୁ ୨-୧ରେ ଆଗୁଆ କରିଥିଲେ । ଶେଷ ପର୍ଯ୍ୟନ୍ତ ଓଡ଼ିଶା ଦଳ ନିଜର ଆଗୁଆ ସ୍ଥିତି ବଜାୟ ରଖି ବିଜୟୀ ହୋଇଥିଲା ।

**ଯୁବକଙ୍କ...**

ଓ ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ଶରୀରର ପ୍ରାୟ ୮୦ ପ୍ରତିଶତ ପୋଡ଼ିଯାଇଥିବାରୁ ଅବସ୍ଥା ଗୁରୁତର ଥିଲା। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ଜମିବାଡ଼ି ସମ୍ପର୍କିତ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଆକ୍ରମଣ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ଆକ୍ରମଣର ପ୍ରକୃତ କାରଣ ଓ ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ପରିଚୟ ଜାଣିବା ପାଇଁ ଲହୁଣୀପଡ଼ା ପୋଲିସ ତଦନ୍ତ ଚଳାଇଛି।

**ଆଜିଠୁ ...**

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୬୦ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ କରାଯାଇ ସମସ୍ତ ଜିଲ୍ଲାମାନଙ୍କୁ ବଣ୍ଟନ କରାଯିବ। ଅଗଷ୍ଟ ୧୪ ତାରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଜୟଦେବ ଭବନ ଠାରେ ରାଜ୍ୟ ସ୍ତରୀୟ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯିବ। ସମସ୍ତ ଜିଲ୍ଲାରେ ମଧ୍ୟ ଏହି ସ୍ମୃତି ଦିବସ ପାଳନ କରାଯିବ। ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ବିଭାଜନ ବିଭୀଷିକା ସ୍ମୃତିକୁ ଆଧାର କରି ଫଟୋଚିତ୍ର ପ୍ରଦର୍ଶନୀ, କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ହେବା ସହ ନାଟକ ପରିବେଷଣ କରାଯିବ। ବିଭାଜନ ସମୟରେ ପ୍ରଭାବିତ ପରିବାର ବର୍ଗଙ୍କୁ ନିମନ୍ତ୍ରଣ କରାଯାଇ ସେମାନଙ୍କର ଅନୁଭୂତି ଶୁଣିବା ସହ ସେମାନଙ୍କୁ ସମ୍ମାନିତ କରାଯିବ। ସଭାକାର୍ଯ୍ୟ ଶେଷରେ ଉପସ୍ଥିତ ସମସ୍ତ ଅତିଥି ଓ ଜନସାଧାରଣଙ୍କୁ ନେଇ ନୀରବ କ୍ୟାଲେଣ୍ଡର ଶୋଭାଯାତ୍ରାର ଆୟୋଜନ କରାଯିବ। ଅଗଷ୍ଟ ୧୫ ତାରିଖରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବିନ୍ଦ୍ର ମଣ୍ଡପରେ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ 'ଭାରତୀୟମ୍'ର ଆୟୋଜନ କରାଯିବ। ଏଥିସହ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ କନସର୍ଟର ଆୟୋଜନ କରାଯିବ।

**୧୨ରେ...**

ମସିହାରେ ମଧ୍ୟ ଏଭଳି ୧୫ ଦିନ ବ୍ୟବଧାନରେ ଗୋଟିଏ ସୂର୍ଯ୍ୟପରାଗ ଓ ଗୋଟିଏ ଚନ୍ଦ୍ରଗ୍ରହଣ ଅନୁଷ୍ଠିତ ହୋଇଥିଲା।ଫଳରେ ଯୁଦ୍ଧ,ମାରଣାସ୍ତ୍ର,କଳହ ଓ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି ହେବ ବୋଲି ଜ୍ୟୋତିର୍ବିଦ ହରିଶଙ୍କର ମିଶ୍ର ଶାସ୍ତ୍ର ଓ ଇତିହାସ ଆଧାରରେ ଏହା କହିଛନ୍ତି । ତେବେ ଆସନ୍ତା ୧୨ ତାରିଖରେ ସମଗ୍ର ବିଶ୍ୱ ଏହି ମହାଜାଗତିକ ଦୃଶ୍ୟ ଦେଖିବାକୁ ପାଇବେ ।

# ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ୧୭୬ତମ ଜୟନ୍ତୀ



**ମାହାଙ୍ଗା (ଅମୃତ ମିଡ଼ିଆ) :** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ। ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଜନ୍ମପୀଠ ପଶୁଲୁଣ୍ଡାଠାରେ ତାଙ୍କ ନାମରେ ପ୍ରତିଷ୍ଠିତ ପ୍ୟାରୀମୋହନ ବିଦ୍ୟାନିକେତନ। ପରିସରରେ ଓଡ଼ିଶା ରାଜ୍ୟ କୃଷକ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ପ୍ରଥମେ ମହାତ୍ମା ପ୍ୟାରୀ ମୋହନ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତୀରେ ଅତିଥି ମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତାଙ୍କ ଉଦ୍ୟମରେ କଟକ ଠାରେ ପ୍ୟାରୀମୋହନ ଏକାଡେମୀ ପ୍ରତିଷ୍ଠିତ ହୋଇଅଛି। ସେତେବେଳେ ସ୍କୁଲ ଓ କଲେଜ୍ ଏତେ ପରିମାଣରେ ନ ଥିବାରୁ ତାଙ୍କ ଅନୁଷ୍ଠାନରେ ବହୁ ଛାତ୍ରଛାତ୍ରୀ ପାଠ ପଢି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ତାଙ୍କର ଦୁଃସାହସିକ ପଦକ୍ଷେପ ଓ ଇଂରେଜମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଏବଂ ଓଡ଼ିଆ ଜାତି ଓ ଓଡ଼ିଆ ସଂସ୍କୃତି ଶିକ୍ଷାକୁ ସୁରକ୍ଷା ଦେବା କ୍ଷେତ୍ରରେ ତାଙ୍କର ଭୂମିକା ଅତୁଳନୀୟ। ଅନ୍ୟମାନଙ୍କ ମଧ୍ୟରେ ମାହାଙ୍ଗା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ବିଜୟ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଜନାର୍ଦ୍ଦନ ରାଉତ, କବି ପ୍ରଫୁଲ୍ଲ କୁମାର ସିଂହ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୀତବାସ ବେହେରା, ମମତା ମହାପାତ୍ର, ଅରୁନ୍ଧତୀ ସାହୁ, ପ୍ରିୟଙ୍କା ତ୍ରିପାଠୀ, ଜଗଦୀଶ ମହାନ୍ତି, ରାମଚନ୍ଦ୍ର ମହାପାତ୍ର, ନାହାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାଗବତ ସେଠୀ ପ୍ରମୁଖ ଯୋଗଦେଇ ପ୍ୟାରୀ ମୋହନ ଆଚାର୍ଯ୍ୟ ଜଣେ ସମାଜ ସଂସ୍କାରକ ଥିଲେ। ଅର୍ଥ ପ୍ରତି ତାଙ୍କର ଲୋଭ ନ ରଖି ମଧ୍ୟ ଓଡ଼ିଆ ଜାତିକୁ ସୁରକ୍ଷା ଦେବା ପାଇଁ ସଂଗ୍ରାମ କରି ସ୍ୱଳ୍ପ ବେତନରେ ଚାକିରି କରି ଶେଷରେ ବହିଷ୍କୃତ ହୋଇଥିଲେ। ଶେଷରେ ରାକେଶ କୁମାର ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣିଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ଜଣେ ମୃତ, ଜଣେ ଗୁରୁତର

**ମାହାଙ୍ଗା (ଅମୃତ ମିଡ଼ିଆ) :** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ବିରୂପା ଗେଙ୍ଗୁଟି ଦ୍ୱିପାଞ୍ଚଳ କୁମୁଡା ଜୟପୁର ଫାଣ୍ଡି ଅଂଚଳରେ ଘଟିଛି ଅଭାବନୀୟ ଘଟଣା। କୋଠପଦା ବ୍ୟାଙ୍କ ଅଫ ଇଣ୍ଡିଆ ପରିସରରେ ଥିବା ଏକ ସେପ୍ଟି ପାଣି ଟାଙ୍କି ଭିତରକୁ ପ୍ରବେଶ ପରେ ଘନଶ୍ୟାମ ସାହୁ ନାମକ ଜନୈକ ଯୁବକ ଅଣ ନିଶ୍ୱାସୀ ହୋଇ ଜୀବନ ବଂଚେଇବାକୁ ଉଦ୍ୟମ କରି ବିଫଳ ହେବାରୁ, ସେ ବଞ୍ଚିବାର ଆଶା ଛାଡିଦେଇଥିଲେ। ତେବେ ଘଟଣାସ୍ଥଳୀରୁ ଅଳ୍ପ ଦୂରରେ ଥିବା ଏକ ସିମେଣ୍ଟ ନନ୍ଦ ଫ୍ୟାକ୍ଟ୍ରିରେ କାର୍ଯ୍ୟ କରୁଥିବା ବନଗୁରୀଆ ଗ୍ରାମର ପ୍ରମୋଦ ଯେନା ସାହସିକତାର ସହିତ ସେହି ସେପ୍ଟି ପାଣି ଟାଙ୍କି ଭିତରକୁ ମୁହଁ ପୁରାଇ ଘନଶ୍ୟାମ ସାହୁଙ୍କୁ ଉଦ୍ଧାର କରୁଥିବା ବେଳେ,ଆକସ୍ମିକ ଭାବେ ଘନାଶ୍ୟାମ ପ୍ରମୋଦର ବେକକୁ ଜାବୁଡି ଧରିବାରୁ, ପ୍ରମୋଦ ପାଣି ଭର୍ତ୍ତି ଟାଙ୍କି ଭିତରକୁ ମୁହଁମାଡି ଖସି ପଡିଥିଲେ। ଉଭୟେ ପ୍ରମୋଦ ଏବଂ ଘନଶ୍ୟାମ ଜୀବନ ମୃତ୍ୟୁ ସହିତ ସଂଘର୍ଷ କରୁଥିବା ବେଳେ ଆଖ ପାଖରୁ ଲୋକମାନେ ପହଂଚି ଘନ ଶ୍ୟାମକୁ ଉଦ୍ଧାର କରିଥିଲେ। କିନ୍ତୁ ପ୍ରମୋଦକୁ ଟାଙ୍କି ଭିତରୁ ବାହାର କରିବାରେ ବହୁ ବିଳମ୍ବ ହୋଇସାରିଥିଲା। ସେହିଠାରେ ହିଁ ' ପାଣି ଭିତରେ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ହେବା କୁହାଯାଉଛି। ଉଭୟଙ୍କୁ ଆମ୍ବୁଲାନ୍ସ ସାହାଯ୍ୟରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ବେଳେ ଡାକ୍ତର ପ୍ରମୋଦକୁ ମୃତ ଘୋଷଣା କରିଥିଲେ। ପୋଲିସ ପହଂଚି ଶବ ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାପଡିଛି। ଅନ୍ୟ ପକ୍ଷରେ ଘନ ଶ୍ୟାମକୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ପ୍ରମୋଦ ଅଳ୍ପଦିନ ତଳେ ବିବାହ କରିଥିବା ବେଳେ ତାଙ୍କ ମୃତ୍ୟୁରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ପରିବାରରେ ସେ ଏକମାତ୍ର ରୋଜଗାରକ୍ଷମ ଯୁବକ ଥିଲେ। ପିତା ରବୀନ୍ଦ୍ର ଯେନା ଜଣେ ଟ୍ରଲି ଚାଳକ ଅଟନ୍ତି। ସେମାନେ ଦିନ ମଜୁରୀଆ ଓ ଅତ୍ୟନ୍ତ ଗରୀବ ପରିବାର। ତେବେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଏବଂ କ୍ଷତି ପୂରଣ ପାଇଁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି। କଟକରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ପ୍ରଭାକର ସାହୁଙ୍କ ପୁତ୍ର ଘନଶ୍ୟାମଙ୍କ ଅବସ୍ଥା ଶଙ୍କଟାପନ୍ନ ଥିବା ସୂଚନା ମିଳିଛି। ଏହି ଅଭାବନୀୟ ଘଟଣା ମାହାଙ୍ଗା ବ୍ଲକ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

# ସମାଜ ସଂସ୍କାରକ ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ପୁସ୍ତକ ଉନ୍ମୋଚିତ



**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ଚୌଦ୍ୱାର ଓଟିଏମ୍ କଲୋନୀ ସ୍ଥିତ ସତ୍ୟନାରାୟଣ ପଡ଼ିଆରେ ଆୟୋଜିତ ଭାଗବତ ସପ୍ତାହ ଉତ୍ସବରେ ବିଶିଷ୍ଟ ଲେଖକ ତଥା ପ୍ରକାଶକ ଚନ୍ଦ୍ରମି ଭୂୟାଁଙ୍କ ସ୍ୱରଚିତ "ସମାଜ ସଂସ୍କାରକ ବୈକୁଣ୍ଠନାଥ ବ୍ରହ୍ମଚାରୀ" ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ଏହି ପୁସ୍ତକକୁ ଅନ୍ତଃରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ବାବା ସତ୍ୟାନନ୍ଦ ଦାସଙ୍କ କରକମଳରେ ଶୁଭ ଉନ୍ମୋଚିତ ହୋଇଥିବା ବେଳେ ସାଧୁସନ୍ଥଙ୍କ ଜୀବନୀ ପାଠ କରିବା ଦ୍ୱାରା ଆଧ୍ୟାତ୍ମିକ ପ୍ରେରଣା ମିଳିଥାଏ ବୋଲି ପ୍ରକାଶ କରିଥିଲେ । ବିଶିଷ୍ଟ ସମ୍ବକାର ଦିବ୍ୟଜ୍ୟୋତି ପାଣିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାବା ଚେତନାନନ୍ଦ ଦାସ, ବାବା ନିର୍ଭୟାନନ୍ଦ ଦାସ, ଚୌଦ୍ୱାର ଜଗନ୍ନାଥ ଭକ୍ତ ସମାଜର ସଂଯୋଜକ ସନ୍ତୋଷ କୁମାର ଧର, ଓଡ଼ିଶା ସଂସ୍କୃତି ଏକାଡ଼େମୀର ଆବାହକ ପ୍ରଶାନ୍ତ କୁମାର ବେହେରା, ସାଇ ଯମୁନା ପ୍ରକାଶନର ସତ୍ତ୍ୱାଧିକାରୀ ସୌମ୍ୟରଞ୍ଜନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍ଯ୍ୟବର୍ତ୍ତ ଆନ୍ସିଏଣ୍ଟ ଏକାଡେମୀର ୩୧ତମ ସ୍ୱନକ୍ଷତ୍ର ଦିବସ

## ଛାତ୍ରଛାତ୍ରୀଙ୍କ ଦ୍ୱାରା ୨ଶହରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶନ



**ଖୋର୍ଦ୍ଧା (ଅମୃତ ମିଡିଆ) :** ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆର୍ଯ୍ୟବର୍ତ୍ତ ଆନସିଏଣ୍ଟ ଏକାଡେମୀ (ଟ୍ରିପଲ 'ଏ')ର ୩୧ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ଡ଼ା. ନନ୍ଦକିଶୋର ପଟ୍ଟନାୟକ, ଅଧ୍ୟକ୍ଷା ତଥା ଡିନ୍ ଡ. ଦିପ୍ତିମୟୀ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଐତିହାସିକ ସତ୍ୟବାଦୀ ବଳିଆରସିଂହ, ନର୍ସିଙ୍ଗ ବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ୱର୍ଣ୍ଣଲତା ପାତ୍ର, ଏନ ଡ଼ି ଏ ପ୍ରଶିକ୍ଷକ ସୁଶାନ୍ତ କୁମାର ମହାନ୍ତି, ଏକାଡେମି ମୁଖ୍ୟ ଡ଼. ଶଶିକାନ୍ତ ସେନାପତି, ଡାଇରେକ୍ଟର ମିତାଲି ପରିଡା ଓ ଇଷ୍ଟେଟ ମ୍ୟାନେଜର ଚିତ୍ତରଂଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱନକ୍ଷତ୍ର ଦିବସର ପ୍ରତୀକ କେକ୍ କଟାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଆବାହନ ସଙ୍ଗୀତ ଗାନ ପରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜ୍ଞାନ, କଳା, ବାଣିଜ୍ୟ, ସାହିତ୍ୟ ଓ ଚିତ୍ରକଳାକୁ ନେଇ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ପରେ ପରେ ବିଭିନ୍ନ ବିଭାଗରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ମଧ୍ୟ ପରିବେଷଣ କରାଯାଇଥିଲା। ଦୀର୍ଘ ୮ଘଣ୍ଟା ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ବେଶ ମନମୁଗ୍ଧକର ଓ ହୃଦୟସ୍ପର୍ଶୀ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଏକାଦଶ ଶ୍ରେଣୀର ବର୍ଷା, ଆଦ୍ୟାଶା, ଶରଣ୍ୟା ଓ ଆୟୁଷୀ ପରିଚାଳନା କରିଥିବାବେଳେ ସୋନାଲିସା ଧନ୍ୟବାଦ ଅର୍ପଣ କରିଥିଲେ।

# ନାଚୁଣୀ ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଉତ୍ସବ ପାଳିତ



**ଚିଲିକା(ଅମୃତ ମିଡିଆ)** ନାଚୁଣୀ ମହାବିଦ୍ୟାଳୟର ୪୬ ତମ ପ୍ରତିଷ୍ଠା ଉତ୍ସବ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇ ଯାଇଅଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସୁନୀଲ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବ ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚିଲିକାର ପୂର୍ବତନ ବିଧାୟକ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ପରିଚାଳନା କମିଟିର ସଭାପତି ତଥା ଖୋର୍ଦ୍ଧା ଉପଜିଲ୍ଲାପାଳ ସଙ୍କଳ୍ପ ସ୍ୱସ୍ତିକ ସାହୁ, ସମ୍ମାନିତ ଅତିଥି ଭାବେ ନାଚୁଣୀ ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମନ୍ତସିଂହାର, ଚିଲିକା ବ୍ଲକର ଅଧ୍ୟକ୍ଷା ଜ୍ୟୋସ୍ନା ବେହେରା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟୟନ ଶୀଳ ହେବା ସହ ଆଗାମୀ ଭବିଷ୍ୟତରେ ବଳିଷ୍ଠ ବ୍ୟକ୍ତିତ୍ୱ ସମ୍ପନ୍ନ ନାଗରିକ ହେବା ଉପରେ ଉଦ୍‌ବୋଧନ ଦେଇଥିଲେ। ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ ପରେ ଅଜିତ୍ ମିଶ୍ରଙ୍କ ନିର୍ଦ୍ଦେଶନାରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଅଧ୍ୟାପିକା ଲୀନା ନଦିଜା ମଞ୍ଚାସୀନ ଯୋଜନା କରିଥିଲେ। ଏହି ଉତ୍ସବରେ ମହାବିଦ୍ୟାଳୟ ଅବସର ପ୍ରାପ୍ତ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ଯଥା - ଡଃ ରାଜକିଶୋର ସାହୁ, ଅଧ୍ୟାପିକା କଲ୍ୟାଣୀ ମହାନ୍ତି, ଅଧ୍ୟାପିକା ସଙ୍ଘମିତ୍ରା ପଟ୍ଟନାୟକ, ଡଃ କବିତା ଦେବୀ, ଅଧ୍ୟାପକ ପ୍ରକୃତି ରଞ୍ଜନ ମିଶ୍ର, ଡେମୋନ୍‌ଷ୍ଟ୍ରେଟର ବସନ୍ତ କୁମାର ପ୍ରଧାନ, ରଜନୀକାନ୍ତ ପ୍ରଧାନ, ସଂଗ୍ରାମ କେଶରୀ ହରିଚନ୍ଦନ, ପି.ଇଟି ପ୍ରଦୀପ କୁମାର ସାମନ୍ତସିଂହାର, ମୁଖ୍ୟ କିରାଣୀ ପୀତାମ୍ବର ଶତପଥୀ, ଦେବେନ୍ଦ୍ରନାଥ ମହାରଥୀ, ଦପ୍ତରୀ ରମେଶଚନ୍ଦ୍ର ଦାଶ ଓ ରାମଚନ୍ଦ୍ର ବାରିକ ପ୍ରମୁଖଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଉକ୍ତ ସଭାକୁ ଅଧ୍ୟାପିକା ଲୀନା ନଦୀଜା ସଂଯୋଜନା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ସି.ମଞ୍ଜୁଲତା ଏହି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# କିରୋସିନ ତେଲର ନୂତନ ଖୁଚୁରା ଓ ପାଇକାରୀ ଦର ନିର୍ଦ୍ଧାରଣ

**କଟକ (ବ୍ୟୁରୋ) :** କିରୋସିନ ତେଲର ପାଇକାରୀ ଓ ଖୁଚୁରା ବିକ୍ରୟ ଦର ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଦେଶ ଜାରି କରାଯାଇଛି। ଖାଦ୍ୟ ଯୋଗାଣ ଓ ଉପଭୋକ୍ତା କଲ୍ୟାଣ ବିଭାଗର ପତ୍ର ସଂଖ୍ୟା ୧୧୨୮୨, ତାରିଖ ୦୨/୦୭/୨୦୨୬ ଅନୁସାରେ ଏବଂ ଏସ୍ ?.କେ. ତୈଳ ଡିପୋର ସ୍ଥିତିକୁ ଆଧାର କରି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ କିରୋସିନ ତୈଳର ପାଇକାରୀ ଦର ନିର୍ଦ୍ଧାରଣ କରିଛନ୍ତି। ଏହି ଆଦେଶ ଅନୁଯାୟୀ, ବିଭିନ୍ନ ସ୍ଥାନ ପାଇଁ ପାଇକାରୀ ଓ ଖୁଚୁରା ବିକ୍ରୟ ଦର ସଂଲଗ୍ନ ତାଲିକା ଅନୁସାରେ ଲାଗୁ ହେବ। ନୂତନ ଏକ୍ସ-ଡିପୋ ଦରରେ ପାଇକାରୀ ବ୍ୟବସାୟୀମାନେ ଷ୍ଟକ୍ ଉଠାଇବା ପରେ ୧ ଜୁଲାଇ ୨୦୨୬ରୁ ଏହି ଦର କାର୍ଯ୍ୟକାରୀ ହେବ।

# ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

**କଟକ (ବ୍ୟୁରୋ) :** ଅଗଷ୍ଟ ୧୦ ତାରିଖ ସୋମବାର କଟକସଦର ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୧୦ଘଟିକା ସମୟରେ ଆରମ୍ଭ ହୋଇ ଅପରାହ୍ନ ୧ଘଟିକା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡିକ ପଞ୍ଜିକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡିକ ମଧ୍ୟ ସକାଳ ୧୦ ଘଟିକାଠାରୁ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।





## ପଡିକଲ୍ଙ୍କ ଶତକ, ଦ୍ୱିତୀୟ ଦିନ ଶେଷସୁଦ୍ଧା ଭାରତ ୩୫୭/୬



**କଲମ୍ବୋ :** ଶ୍ରୀଲଙ୍କା ଏକାଦଶ ବିପକ୍ଷରେ ଚାଲିଥିବା ୱାର୍ମଅପ୍ ମ୍ୟାଚର ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଦେବଦତ୍ତ ପଡିକଲଙ୍କ ଅପରାଜିତ ଶତକ ବଳରେ ଭାରତ ୬ ଉଇକେଟ ହରାଇ ୩୫୭ ରନ କରିଛି । ଷ୍ଟମ୍ପ ଅପସାରଣ ବେଳକୁ ପଡିକଲ ୧୪୨ ଓ ଗୁରନୁର ବ୍ରାର ୩୬ ରନରେ ଅପରାଜିତ ରହିଛନ୍ତି । ଘରୋଇ ଶ୍ରୀଲଙ୍କା ଏକାଦଶ ପୂର୍ବ ଦିନର ସ୍କୋର ୩୬୩/୮ରେ ପାଳି ଘୋଷଣା କରିଥିଲା । ଭାରତ ପାଇଁ ଓପନର ଯଶସ୍ୱୀ ଜୟସ୍ୱାଲ ଖାତା ଖୋଲିବାକୁ ବିଫଳ ହୋଇଥିଲେ । ଅନ୍ୟତମ ଓପନର ଲୋକେଶ ରାହୁଲ ଓ ପଡିକଲ ୨୩ ଓଭର ଧରି ଧୈର୍ଯ୍ୟର ସହ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟରେ ୯୬ ରନ ଯୋଡ଼ିଥିଲେ । ରାହୁଲ (୪୦) ହେବା ପରେ ତାଙ୍କ ସ୍ଥାନରେ ଆସିଥିବା ରବୀନ୍ଦ୍ର ଜାଡେଜା (୬୩) ଅର୍ଦ୍ଧଶତକୀୟ ଇନିଂସ ଖେଳିବା ପରେ ରିଟାୟର୍ଡ ହର୍ଟ ହୋଇଥିଲେ । ଉଇକେଟକିପର ରିଷଭ ପନ୍ତ (୨) ଓ ଧ୍ରୁବ ଜୁରେଲ (୧) ଫେଲ ମାରିଥିବା ବେଳେ ମାନବ ସୁଥାର ୪୧ ରନ କରିଥିଲେ । କୁଲଦୀପ ଯାଦବ ଓ ସାରାଂଶ ଜୈନ କ୍ରିଜ୍‌ରେ କିଛି ସମୟ ବିତାଇବା ପରେ ରିଟାୟର୍ଡ ହର୍ଟ ହୋଇ ପାଭିଲିଅନ ଫେରି ଯାଇଥିଲେ । ଏହାପରେ ପଡିକଲ ଓ ଗୁରନୁର ବ୍ରାର ଆଟାକିଂ ବ୍ୟାଟିଂ କରି ଦଳୀୟ ସ୍କୋରକୁ ଦ୍ରୁତ ଗତିରେ ଆଗେଇ ନେଇଥିଲେ । ଶ୍ରୀଲଙ୍କା ପାଇଁ ରମେଶ ମେଣ୍ଡିସ ଓ ଆଶାଙ୍କା ମଜୋନ ୨ ଲେଖାଏ ଉଇକେଟ ନେଇଥିଲେ । ଭାରତ ଏବେ ଶ୍ରୀଲଙ୍କା ଏକାଦଶର ପ୍ରଥମ ଇନିଂସ ସ୍କୋରଠାରୁ ୬ ରନ ପଛରେ ରହିଛି ।

# ପାକ୍ କ୍ରିକେଟରଙ୍କ ପସନ୍ଦ ରୋହିତ ଶର୍ମା



**ମୁମ୍ବାଇ :** ପାକିସ୍ତାନର ଷ୍ଟାର ଅଲରାଉଣ୍ଡର ଶାଦାବ ଖାନ ନିଜ ପରଫେକ୍ଟ ଟି-୨୦ ଟିମ୍ ଚୟନ କରି ଚର୍ଚ୍ଚାକୁ ଆସିଯାଇଛନ୍ତି । ପାକିସ୍ତାନୀ ଫ୍ୟାନ୍ସ ତାଙ୍କୁ ଟ୍ରୋଲ୍ କରିବା ଆରମ୍ଭ କରି ଦେଇଛନ୍ତି । ପ୍ରକାଶ ଯେ, ତାଙ୍କର ଏକ ସାକ୍ଷାତକାର ଭିଡ଼ିଓ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ ନିଜ ପରଫେକ୍ଟ ଟି-୨୦ ଟିମ୍ କରିବା ସମୟରେ ଜଣେ ବି ପାକିସ୍ତାନୀ ଖେଳାଳୀଙ୍କୁ ସ୍ଥାନ ମିଳିପାରିନାହିଁ । ପ୍ରକାଶ ଯେ, ଏକ ସାକ୍ଷାତକାରରେ ତାଙ୍କୁ ଓପନିଂରୁ ନେଇ ଅଧିନାୟକ ଏବଂ ୱିକେଟକିପର ଭଳି ଅନ୍ୟ ପଜିଶନ ଲାଗି ନିଜ ପରଫେକ୍ଟ ଟି-୨୦ ଖେଳାଳୀ ଚୟନ ଲାଗି କୁହାଯାଇଥିଲା । ଆଶ୍ଚର୍ଯ୍ୟର କଥା ଏହା କି ସେ ରୋହିତ ଶର୍ମାଙ୍କୁ ନିଜ ଟିମର ଅଧିନାୟକ କରିଛନ୍ତି । ରୋହିତଙ୍କ ଅଧିନାୟକତ୍ୱରେ ଭାରତୀୟ ଟିମ୍ ୨୦୨୪ ଟି-୨୦ ବିଶ୍ୱକପର ତାଜ୍ ଜିତିଥିଲା । ଶାଦାବ ଖାନ ନିଜ ପରଫେକ୍ଟ ଟି-୨୦ ଓପନର ରୋହିତ ଶର୍ମାଙ୍କୁ ଚୟନ କରିଛନ୍ତି । ପାୱାର ହିଟିଂର ଦାୟିତ୍ୱ ସେ ୱେଷ୍ଟଇଣ୍ଡିଜର ନିକୋଲସ ପୂରନଙ୍କୁ ଦେଇଛନ୍ତି ଏବଂ ଅଲରାଉଣ୍ଡର ଡିପାର୍ଟମେଣ୍ଟ କିରନ ପୋଲାର୍ଡଙ୍କୁ ଦିଆଯାଇଛି । ପୋଲାର୍ଡ ନିଜ ଓଭେରାଲ ଟି-୨୦ କ୍ୟାରିୟରରେ ୧୪୮୦୩ରନ୍ କରିବା ସହ ୩୩୬ୱିକେଟ ନେଇଛନ୍ତି । ଶାଦାବ ଦ୍ରୁତ ବୋଲର ଭାବେ ନ୍ୟୁଜିଲାଣ୍ଡର ଭେଟରାନ ଶେନ ବଣ୍ଡଙ୍କୁ ଚୟନ କରିଛନ୍ତି । ଯିଏ ନିଜ କ୍ୟାରିୟରରେ କେବଳ ୪୦ ଟି-୨୦ ମ୍ୟାଚ୍ ଖେଳିଛନ୍ତି । କିନ୍ତୁ ଶାଦାବ କହିଛନ୍ତି କି ବଣ୍ଡଙ୍କ ବୋଲିଂର ଆକ୍ସନ ତାଙ୍କୁ ବହୁତ ପସନ୍ଦ ଅଟେ । ସ୍ପିନରର ପାଳି ଆସିଲା ତ ପୁଣି ଥରେ ୱେଷ୍ଟଇଣ୍ଡିଜର ସୁନୀଲ ନରେନଙ୍କୁ ଚୟନ କରିଛନ୍ତି । ସେ ଟି-୨୦ରେ କ୍ୱିଣ୍ଟନ ଡିକକଙ୍କୁ ପରଫେକ୍ଟ ୱିକେଟକିପର ଚୟନ କରିଛନ୍ତି ଏବଂ ଅଧିନାୟକ ଦାୟିତ୍ୱ ରୋହିତ ଶର୍ମାଙ୍କୁ ଦେଇଛନ୍ତି । ଓପନର- ରୋହିତ ଶର୍ମା, ପାୱାର ହିଟର- ନିକୋଲସ ପୂରନ, ଅଲରାଉଣ୍ଡର- କିରୋନ ପୋଲାର୍ଡ, ପେସର – ଶେନ ବଣ୍ଡ, ସ୍ପିନର – ସୁନିଲ ନରେନ, ୱିକେଟକିପର- କ୍ୱିଣ୍ଟନ ଡିକକ, ଅଧିନାୟକ- ରୋହିତ ଶର୍ମା । ଶାଦାବ ଖାନ ୱେଷ୍ଟଇଣ୍ଡିଜର ସବୁଠାରୁ ଅଧିକ ଖେଳାଳୀଙ୍କୁ ଚୟନ କରିଛନ୍ତି । ସେ ନିକୋଲସ ପୂରନ, କିରନ ପୋଲାର୍ଡ ଏବଂ ସୁନୀଲ ନରେନଙ୍କୁ ଟି-୨୦ରେ କ୍ରମଶଃ ପରଫେକ୍ଟ ପାୱାର ହିଟର, ଅଲରାଉଣ୍ଡର ଏବଂ ସ୍ପିନର କହିଛନ୍ତି । ନରେନ ଟି-୨୦ କ୍ୟାରିୟରରେ ୬୪୬ୱିକେଟ ନେଇଛନ୍ତି ଏବଂ ଏହି ଫର୍ମାଟରେ ରଶିଦ ଖାନଙ୍କ ପରେ ଦ୍ୱିତୀୟ ସବୁଠାରୁ ଅଧିକ ୱିକେଟ ନେଇଥିବା ବୋଲର ଅଟନ୍ତି । ଶାଦାବ ଖାନ ନିଜ ପରଫେକ୍ଟ ଟି-୨୦ ଟିମରେ ଜଣେ ବି ପାକିସ୍ତାନୀଙ୍କୁ ଚୟନ କରିନାହାନ୍ତି । ଯାହାକି ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ସବୁଠାରୁ ଅଧିକ ରନ୍ ବାବର ଆଜମଙ୍କ ନାଁରେ ରହିଛି, ଯିଏ ଏବେ ପର୍ଯ୍ୟନ୍ତ ୪୫୯୬ ରନ୍ କରିଛନ୍ତି । ସେହିଭଳି ଅଲରାଉଣ୍ଡର ଶୋଏବ ମଲ୍ଲିକ ଟି-୨୦ରେ ଖୁବ୍ ସଫଳତା ହାସଲ କରିଛନ୍ତି, ଯିଏ ଏହି ଫର୍ମାଟରେ ୧୩୫୭୧ରନ୍ କରିବା ବ୍ୟତୀତ ୧୮୭ୱିକେଟ ନେଇଛନ୍ତି । ନିଜେ ଶାଦାବ ଖାନ ଟି-୨୦ରେ ୪୦୦ରୁ ଅଧିକ ୱିକେଟ ନେଇଛନ୍ତି ।

## ୩୯ତମ ଜାତୀୟ ଓପନ ୧୧ ବର୍ଷରୁ କମ୍ ଚେସ୍ ଚମ୍ପିଆନସିପ୍

# ରନର୍ସ ଅପ୍ ହେଲେ ସାତ୍ତ୍ୱିକ ସ୍ୱାଇଁ




**ପୁରୀ(ବ୍ୟୁରୋ):** ଓଡ଼ିଶା ପାଇଁ ପୁଣି ଚେସ୍‌ରେ ଇତିହାସ ରଚିଲେ ସାତ୍ୱିକ । ସେ ୩୯ତମ ଜାତୀୟ ଓପନ ୧୧ ବର୍ଷରୁ କମ୍ ଚେସ୍ ଚମ୍ପିଆନସିପ୍ ୨୦୨୬ ଯାହା ମାଙ୍ଗାଲୋର ଠାରେ ଅନୁଷ୍ଠିତ ହୋଇଥିଲା । ସେଠାରେ ଓଡ଼ିଶାର ସର୍ବକନିଷ୍ଠ ଚେସ୍ ଖେଳାଳି ସାତ୍ୱିକ ସ୍ୱାଇଁ ରନର୍ସ ଅପ ହୋଇ ଓଡ଼ିଶା ପାଇଁ ଆଣିଛନ୍ତି ଗର୍ବ ଓ ଗୌରବ । ସାତ୍ୱିକଙ୍କୁ ପୁରସ୍କାର ଭାବରେ ୬୦ ହଜାର ଟଙ୍କାର ଚେକ୍ ସହ କପ୍ ପ୍ରଦାନ କରାଯାଇଛି । ଉପସ୍ଥିତ ଅତିଥିମାନେ ତାଙ୍କୁ ପୁରସ୍କାର ପ୍ରଦାନ କରିବା ସହ ତାଙ୍କର ଉତୋରତର କାମନା କରିଥିଲେ ବୋଲି ସୂଚନା ଦେଇଛନ୍ତି କିଙ୍ଗ ଚେସ୍ ସେଂଟରର ପ୍ରତିଷ୍ଠାତା ତଥା ସାତ୍ୱିକଙ୍କ କୋଚ୍ ବିଶ୍ୱଜିତ୍ ରାୟ । ସେ ପୂର୍ବରୁ ମଧ୍ୟ ଅନେକ ଜାତୀୟ ସ୍ତରୀୟ ଚମ୍ପିଆନସିପ୍‌ରେ ପଦକ ହାସଲ କରିଥିଲେ । ନିକଟରେ ବିଶ୍ୱ କ୍ୟାଡେଡ୍ ଚମ୍ପିଆନସିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ସେ କମନ ୱେଲ୍‌ଥ ଗେମ୍‌ରେ ସିଲ୍‌ଭର ଏବଂ ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଛନ୍ତି । ସୂଚନାଯୋଗ୍ୟ, ସର୍ବକନିଷ୍ଠ ଚେସ୍ ଖେଳାଳି ଭାବେ ବିଜୁପଟ୍ଟନାୟକ କ୍ରୀଡ଼ା ସମ୍ମାନ ପାଇଛନ୍ତି ସାତ୍ୱିକ । ତାଙ୍କର ଏହି ସଫଳତା ନେଇ ପୁରୀ ଜିଲ୍ଲା ଚେସ୍ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଓ ଶ୍ରୀ ବିଶ୍ୱଜିତ ରାୟଙ୍କ ସହ ବହୁ ଚେସ୍ ଖେଳପ୍ରେମୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ବିଶ୍ୱକପ୍ ପାଇଁ କ୍ୱାଲିଫାଏ କଲା ଆଫଗାନିସ୍ତାନ



**ନୂଆଦିଲ୍ଲୀ ;** ଆୟର୍ଲାଣ୍ଡ ଏବଂ ଆଫଗାନିସ୍ତାନ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ଅଗଷ୍ଟ ୭ ତାରିଖରେ ଖେଳାଯାଇଥିଲା । ଆୟର୍ଲାଣ୍ଡର ବ୍ରାଡି କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ଏହି ମୁକାବିଲା ଖେଳାଯାଇଥିଲା । ଏହି ମ୍ୟାଚରେ ଆଫଗାନିସ୍ତାନ ୯୨ ରନରେ ବିରାଟ ବିଜୟ ହାସଲ କରି ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରିଛି । ଆୟୋଜକ ଆୟର୍ଲାଣ୍ଡକୁ ୩୦୦ରନର ଟାର୍ଗେଟ ଦେଇଥିଲା ଆଫଗାନିସ୍ତାନ । ଦଳ ୩୩ .୪ ଓଭରରେ ୨୦୭ ରନ କରିବାକୁ ସକ୍ଷମ ହୋଇଥିଲା । ଆଫଗାନ ଟିମର ଏହି ବିଜୟର ହିରୋ ଥିରେ ସ୍ପିନ ବୋଲର ରାସିଦ ଖାନ । ସେ ୩୪ରନ୍ ଦେଇ ୬ ୱିକେଟ୍ ନେଇଥିଲେ । ୨୦୨୭ ବିଶ୍ୱକପରେ ୧୪ ଟିମ୍ ଭାଗ ନେବେ । ୯ ଟିମର ନିଷ୍ପତ୍ତି ହୋଇ ସାରିଛି । ୨ ଥରର ବିଶ୍ୱ ବିଜୟୀ ଦଳ ୱେଷ୍ଟଇଣ୍ଡିଜକୁ କ୍ୱାଲିଫାୟର ଖେଳିବାକୁ ପଡିପାରେ । ସେପ୍ଟେମ୍ବର ୩୦ କଟଅପ୍ ତାରିଖ ପୂର୍ବରୁ ୱେଷ୍ଟଇଣ୍ଡିଜ ପାଖରେ କେବଳ ୨ଟି ଦିନିକିଆ ମୁକାବିଲା ବାକି ଅଛି । ଏହି ଦୁଇଟି ମ୍ୟାଚରେ ବିଜୟ ୱେଷ୍ଟଇଣ୍ଡିଜ ବି ହୁଏତ ସିଧାସଳଖ ଯୋଗ୍ୟତା ଅର୍ଜନ କରିନପାରେ । ଆୟର୍ଲାଣ୍ଡ ବିପକ୍ଷରେ ଏହି ବିଜୟ ସହ ଟିମ୍ ଆଫଗାନ ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରି ସାରିଛି । କ୍ୱାଲିଫାୟ କରିଥିବା ୯ମ ଟିମ୍ ହୋଇଛି । ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଶ୍ରୀଲଙ୍କା ପ୍ରଥମରୁ ବିଶ୍ୱକପରେ ସ୍ଥାନ ସୁନିଶ୍ଚିତ କରି ସାରିଛନ୍ତି । ଏହା ସହିତ ସାଉଥ୍ ଆଫ୍ରିକା ଏବଂ ଜିମ୍ବାୱେକୁ ଆୟୋଜିତ ଦେଶ ଭାବେ ସିଧାସଳକ ଯୋଗ୍ୟତା ହାସଲ କରି ସାରିଛନ୍ତି । ବିଶ୍ୱକପରେ ଡାଇରେକ୍ଟ ଏଣ୍ଟ୍ରୀ ପାଇଁ କେବଳ ଗୋଟିଏ ସ୍ଥାନ ଖାଲି ରହିଛି । ଯାହାପାଇଁ ବାଂଲାଦେଶ ଏବଂ ୱେଷ୍ଟଇଣ୍ଡିଜ ରେସରେ ଅଛନ୍ତି । ୨ ଥରର ଚାମ୍ପିଅନ ଇଣ୍ଡିଜ ପ୍ରାୟ ଏହି ରେସରୁ ବାହାରେ ଅଛି । ୧୦ ସ୍ଥାନରେ ରହିଛି ।

## ଟିମ୍ ଇଣ୍ଡିଆର ଏକାସାଙ୍ଗେ ୧୩ ପ୍ଲେୟାର ଆହତ



**ନୂଆଦିଲ୍ଲୀ ;** ଭାରତୀୟ କ୍ରିକେଟରେ ବର୍ତ୍ତମାନ ସବୁଠାରୁ ବଡ଼ ଚିନ୍ତା କେବଳ ଜଣେ ଖେଳାଳିଙ୍କ ଆଘାତ ନୁହେଁ, ବରଂ ବାରମ୍ବାର ଦେଖାଯାଉଥିବା ଏକ ପ୍ରକାରର ଘଟଣା । ଯଶପ୍ରୀତ ବୁମରା, ହାର୍ଦ୍ଦିକ ପାଣ୍ଡ୍ୟା, ନୀତିଶ କୁମାର ରେଡ୍ଡୀ ଏବଂ ବରୁଣ ଚକ୍ରବର୍ତ୍ତୀ, ଯେଉଁମାନେ ଆଇପିଏଲରେ ନିଜ ନିଜ ଫ୍ରାଞ୍ଚାଇଜ୍ ପାଇଁ ନିୟମିତ ଭାବରେ ଖେଳିଥିଲେ । ସେମାନେ ଏବେ କୌଣସି ନା କୌଣସି ଶାରୀରିକ ଅସୁସ୍ଥତା ସହ ଲଢେଇ କରୁଛନ୍ତି । କିଛି ଭାରତୀୟ ଦଳରୁ ବାହାରେ ଅଛନ୍ତି, ଆଉ କେବି ସମ୍ପୂର୍ଣ୍ଣ ଫିଟ୍ ନୁହଁନ୍ତି । ଭାରତୀୟ କ୍ରିକେଟର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଏବଂ କାର୍ଯ୍ୟଭାର ପରିଚାଳନା ପୁଣି ଥରେ ଚିନ୍ତାର କାରଣ ପାଲଟିଛି । ବର୍ତ୍ତମାନ ୧୩ ଜଣ ପ୍ରମୁଖ ଭାରତୀୟ ଖେଳାଳି ଆହତ ସମସ୍ୟା ସହିତ ସଂଘର୍ଷ କରୁଛନ୍ତି । ଭାରତୀୟ କ୍ରିକେଟ୍ ଦଳର ଆହତ ସଙ୍କଟ ବର୍ତ୍ତମାନ ଚରମ ସୀମାରେ ରହିଛି । ବର୍ତ୍ତମାନର ଟିମ୍ ସେଟ୍ ଅପ୍ ଏବଂ ଭବିଷ୍ୟତ ରୋଡମ୍ୟାପ୍ ସହିତ ଜଡିତ ମୋଟ ୧୩ ଜଣ ଖେଳାଳି ଆହତ ହେବା ପରେ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ)ରେ ସେମାନଙ୍କର ରିହାବିଲେଟସନ୍ ପ୍ରକ୍ରିୟା ଚାଲିଛନ୍ତି । ଏହି ଖେଳାଳିଙ୍କ ସୁସ୍ଥ କରି ପଡ଼ିଆକୁ ଫେରିବା ଆଣିବାକୁ ବିସିସିଆଇର ଡାକ୍ତରୀ ଦଳ ଦିନରାତି କାର୍ଯ୍ୟ କରୁଛନ୍ତି । ଯାହା ବର୍ତ୍ତମାନ ଭାରତ ପାଇଁ ସବୁଠାରୁ ବଡ଼ ଟେନସନ୍ ବୋଲି ପ୍ରମାଣିତ ହୋଇଛି । ଶ୍ରୀଲଙ୍କା ଗସ୍ତରେ ଆହତ ହେତୁ ଅନେକ ଖେଳାଳି ଦଳ ସହିତ ନାହାଁନ୍ତି ।

# ବିବାହ କଲେ କେକେଆର ଷ୍ଟାର ରମନ୍‌ଦୀପ



**ନୂଆଦିଲ୍ଲୀ :** ଭାରତୀୟ କ୍ରିକେଟର ରମନଦୀପ ଲୁଚାଛପା ବିବାହ କରିଛନ୍ତି । ପଞ୍ଜାବ କିଙ୍ଗସର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ରମନଦୀପ ସିଂ ଏବଂ ଚାର୍ଲିଙ୍କ ବିବାହ ଫଟୋ ସେୟାର ହୋଇଛି । ଉଭୟଙ୍କ ଫଟୋ ଦେଖି ଫ୍ୟାନ୍ସ ଶୁଭେଚ୍ଛା ଜଣାଇଛନ୍ତି । କୈସି ଯେ ୟାରିୟାଁର ଫେମଙ୍କ ସହିତ ବିବାହ କରିଛନ୍ତି । କ୍ରିକେଟର ରମନଦୀପ ସିଂ ୨୯ ବର୍ଷରେ ଅଭିନେତ୍ରୀ ଚାର୍ଲିଙ୍କୁ ବିବାହ କରିଛନ୍ତି । ଦୁହେଁ ଗୁରୁଦ୍ୱାରରେ ପାରମ୍ପରିକ ଶିଖ ବିବାହ କରିଛନ୍ତି । ବିବାହରେ କେବଳ ଦୁଇଟି ପରିବାରର ସଂପର୍କୀୟ, ବନ୍ଧୁବାନ୍ଧବ ଏବଂ ପରିବାର ଲୋକ ସାମିଲ ଥିଲେ । ରମନଦୀପ ଏବଂ ଚାର୍ଲିଙ୍କ ବିବାହରେ କ୍ରିକେଟର ଅର୍ଶଦୀପ ସିଂ ବରଯାତ୍ରୀରେ ପହଞ୍ଚିଥିଲେ । ଫ୍ୟାନ୍ସ ଦୁହିଁଙ୍କ ଫଟୋ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ଏବେ ଦୁହେଁ ପରସ୍ପର ହାତ ଧରିଛନ୍ତି । ଏ ଦୁହେଁ ନିଜ ସଂପର୍କକୁ ସମସ୍ତଙ୍କୁ ଗୋପନ ରଖିଥିଲେ । ରମନଦୀପ ଏବଂ ଚାର୍ଲି ଦୁହେଁ ବିବାହ ଡ୍ରେସରେ ବହୁତ ସୁନ୍ଦର ନଜର ଆସିଛନ୍ତି । ବିବାହ ପରେ ଦୁହେଁ ପରସ୍ପର ସହିତ ଡ୍ୟାନ୍ସ କରୁଛନ୍ତି । ବିବାହରେ ଫ୍ୟାନ୍ସ ଏବଂ ସେଲିବ୍ରିଟମାନେ ଶୁଭେଚ୍ଛା ଜଣାଇଛନ୍ତି । ଚାର୍ଲି ଚୌହ୍ୱାନ ପ୍ରଥମେ ଏମଟିଭି ରୋଡିଜ୍ ୭ରେ ନଜର ଆସିଥିଲେ । ଶୋରେ ତାଙ୍କ ପରିଚୟ ଭିନ୍ନ ରହିଥିଲା । ଏହାହପରେ କୈସି ଯେ ୟାରିୟାଁ ଶୋରେ ନଜର ଆସିଥିଲେ । ଚାର୍ଲି ନିଜ ବୟଫ୍ରେଣ୍ଡ କୁଓ୍ୱର ଅମର ସହିତ ନଚ୍ ବଲିୟେରେ ନଜର ଆସିଥିଲେ । କିନ୍ତୁ ପରେ ତାଙ୍କର ବ୍ରେକଅପ୍ ହୋଇଯାଇଥିଲା । ସେପଟେ ରମନଦୀପ ଘରୋଇ କ୍ରିକେଟରେ ପଞ୍ଜାବ ପାଇଁ ଖେଳୁଥିଲେ । ଆଇପିଏଲରେ ଶାହରୁଖ ଖାନଙ୍କ କୋଲକତା ନାଇଟ ରାଇଡର୍ସ ଟିମରେ ରହିଛନ୍ତି । ଆଉ ଏବେ ବିବାହକୁ ନେଇ ବହୁତ ଚର୍ଚ୍ଚାରେ ରହିଛନ୍ତି ।

# ଆଇପିଏଲ୍ ସିଜିନ୍ ୨୦ ଖେଳିବେନି ଅଷ୍ଟ୍ରେଲିଆର ଷ୍ଟାର ଖେଳାଳି କମିନ୍ସ



**ନୂଆଦିଲ୍ଲୀ ;** ଆଗାମୀ ଆଇପିଏଲରେ ଅନେକ ଅଷ୍ଟ୍ରେଲିଆ ଖେଳାଳିଙ୍କୁ ଦେଖିବାକୁ ମିଳିବ ନାହିଁ । ବିଶେଷ କରି ଜାତୀୟ ଦଳର ସ୍ଥାୟୀ ସଦସ୍ୟମାନେ ଆଇପିଏଲ୍ ଅନୁପସ୍ଥିତ ରହିବେ । ଆଇପିଏଲ୍ ଫ୍ରାଞ୍ଚାଇଜମାନେ ମଧ୍ୟ ଏହାର ଫାଇଦା ଉଠାଇବାକୁ ଯୋଜନା କରୁଛନ୍ତି । ସନରାଇଜର୍ସ ଅଧିନାୟକ ପ୍ୟାଟ୍ କମିନ୍ସ, ଓପନର ଟ୍ରେଭିସ୍ ହେଡ୍, କୋଲକାତା ନାଇଟ ରାଇଡର୍ସର କାମେରନ ଗ୍ରୀନ, ଦିଲ୍ଲୀ କ୍ୟାପିଟାଲ୍ସ ଖେଳାଳି ମିଚେଲ ଷ୍ଟାର୍କ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବୋଲର ଜୋସ ହାଜେଲଉଡ୍, ଚେନ୍ନାଇ ସୁପରକିଙ୍ଗ୍ସର ନାଥାନ ଏଲିସ୍ ପ୍ରମୁଖ ଆଇପିଏଲ୍ରୁ ବିରତି ନେଇ ଦିନିକିଆ ବିଶ୍ୱକପ୍ ପାଇଁ ପ୍ରସ୍ତୁତି କରିବେ ବୋଲି ଜଣା ପଡ଼ିଛି । ଆସନ୍ତା ବର୍ଷ ଦିନିକିଆ ବିଶ୍ୱକପ୍ ରହିଥିବାରୁ ଅଷ୍ଟ୍ରେଲିଆ ଖେଳାଳିମାନେ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି । ଅଷ୍ଟ୍ରେଲିଆ ଆସନ୍ତା ଜାନୁଆରୀରେ ଭାରତ ଗସ୍ତରେ ଆସି ୫ଟେଷ୍ଟ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫି ଖେଳିବ । ମାର୍ଚ୍ଚରେ ଏହି ସିରିଜ ଶେଷ ହେବ । ଏହାପରେ ଆରମ୍ଭ ହେବ ଆଇପିଏଲ୍ । ତେଣୁ ଉପରୋକ୍ତ ଖେଳାଳିମାନେ ୩ମାସର ଲମ୍ବା ଟେଷ୍ଟ ସିରିଜ ପରେ ବିଶ୍ରାମ ନେବାକୁ ଚାହୁଁଛନ୍ତି । ଆଇପିଏଲ୍ ଫ୍ରାଞ୍ଚାଇଜମାନେ ମିନି ନିଲାମ ପୂର୍ବରୁ ଏହି ଖେଳାଳିମାନଙ୍କୁ ବିଦାୟ ଦେବାକୁ ମଧ୍ୟ ଯୋଜନା କରୁଛନ୍ତି । କାରଣ ୨୦୨୮ ଆଇପିଏଲ୍ ପୂର୍ବରୁ ମେଗା ନିଲାମ ଆୟୋଜନ କରାଯିବ । ତେଣୁ ୨୦୨୭ ସଂସ୍କରଣରୁ ବିରତି ନେବାକୁ ଚାହୁଁଥିବା ଖେଳାଳିମାନଙ୍କୁ ବିଦା କରି ନିଜ ନିଜ ପର୍ସରେ ଅର୍ଥ ବଢ଼ାଇବା ସୁଯୋଗକୁ ଫ୍ରାଞ୍ଚାଇଜମାନେ ହାତଛଡ଼ା କରିବେ ନାହିଁ । ଗତ ସିଜନରେ ଗ୍ରୀନ ସବୁଠୁ ଦାମୀ ଖେଳାଳି ବିବେଚିତ ହୋଇଥିଲେ । ହେଲେ ତାଙ୍କ ପ୍ରଦର୍ଶନ ସେଭଳି ଉନ୍ନତ ରହିନଥିଲା । କୋଲକାତା ନାଇଟ ରାଇଡର୍ସ ତାଙ୍କୁ ଏଥର ବିଦା କରି ଏହି ଅର୍ଥରେ କିଛି ପ୍ରତିଭାବାନ ଖେଳାଳିଙ୍କୁ କିଣିବାକୁ ଚେଷ୍ଟା କରିବ । ଷ୍ଟାର୍କ ଗତ ସିଜନରେ ୮ଟି ମ୍ୟାଚ ଖେଳି ନଥିଲେ । ସେହିପରି କମିନ୍ସ ମଧ୍ୟ ଫିଟ୍ ନଥିବାରୁ ପ୍ରଥମାର୍ଦ୍ଧରେ ଅନୁପସ୍ଥିତ ରହିଥିଲେ । ତାଙ୍କ ସ୍ଥାନରେ ଇଶାନ କିଷନ ସନରାଇଜର୍ସ ଦଳର ନେତୃତ୍ୱ ନେଇ ଚମତ୍କାର ପ୍ରଦର୍ଶନ କରିଥିଲେ । ତେଣୁ କମିନ୍ସଙ୍କୁ ଏଥର ବାଦ ଦେଇ କିଷନଙ୍କୁ ସ୍ଥାୟୀ ଅଧିନାୟକ ଭାବେ ନିଯୁକ୍ତି ଦେବାକୁ ସନରାଇଜର୍ସ ଚିନ୍ତା କରୁଛି ।

# ଟେଷ୍ଟ ସିରିଜରୁ ବାଦ୍‌ପଡ଼ିଲେ ସାଇ ସୁଦର୍ଶନ



**ନୂଆଦିଲ୍ଲୀ :** ଶ୍ରୀଲଙ୍କା ବିପକ୍ଷରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ହେବା ପୂର୍ବରୁ ଟିମ୍ ଇଣ୍ଡିଆକୁ ବଡ଼ ଝଟକା ଲାଗିଛି । ଟିମ୍ ଇଣ୍ଡିଆର ବାମହାତୀ ଓପନର ବ୍ୟାଟର ସାଇ ସୁଦର୍ଶନ ଆଘାତ ଯୋଗୁଁ ଟେଷ୍ଟରୁ ବାଦ ପଡ଼ିଛନ୍ତି । ସେ ଆହତ ଥିବାରୁ ସିରିଜ ପାଇଁ ଟିମ୍ ଇଣ୍ଡିଆ ସହ ଶ୍ରୀଲଙ୍କା ଗସ୍ତ କରିନଥିଲେ । ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ଥିଲେ । ତାଙ୍କ ସ୍ଥାନରେ ଦେବଦତ୍ତ ପାଡିକଲଙ୍କୁ ସୁଯୋଗ ମିଳିପାରେ । ଦେବଦତ୍ତ ଅଭ୍ୟାସ୍ ମ୍ୟାଚରେ ଶତକ ହାସଲ କରିଛନ୍ତି । ସାଇ ସୁଦର୍ଶନ ନିଜର ଫିଟନେସ୍ ସହ ପଡିଆକୁ ଫେରିବା ଏବଂ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସଲେନ୍ସ ରେ କିଛି ସମୟ ଧରି କଠିନ ପରିଶ୍ରମ କରୁଥିଲେ । ହେଲେ ଶେଷରେ ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପୂର୍ବରୁ ଟିମରୁ ବାଦ୍ ପଡିଛନ୍ତି । ତେବେ ବିସିସିଆଇ ପକ୍ଷରୁ ଏନେଇ ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ । ନିକଟରେ ସାଇ ସୁଦର୍ଶନ ଭାରତ ଏ ଦଳ ସହିତ ଶ୍ରୀଲଙ୍କା ଗସ୍ତରେ ଯାଇଥିଲେ । ଯେଉଁଠାରେ ସେ ୪ଟି ଇନିଂସରେ ୧୬୬.୦୦ ହାରରେ ୩୩୨ ରନ୍ କରିଥିଲେ । ଏହି ଗସ୍ତରେ ତାଙ୍କ ଗୋଡରେ ଆଘାତ ଲାଗିଥିଲା । ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ଜସପ୍ରୀତ ବୁମରା ଏହି ଟେଷ୍ଟ ସିରିଜରୁ ବାଦ୍ ପଡ଼ିଛନ୍ତି । ଏବେ ସାଇ ସୁଦର୍ଶନଙ୍କ ବିଦାୟ ମଧ୍ୟ ଟିମ୍ ଇଣ୍ଡିଆ ପାଇଁ ଏକ ବଡ଼ ଝଟକା ସାଜିଛି । ତେବେ ଅଭ୍ୟାସ ମ୍ୟାଚରେ ଦେବଦତ୍ତ ପାଡିକଲ ୩ ନମ୍ବରରେ ଖେଳୁଥିବା ବେଳେ ଶତକ ହାସଲ କରିଛନ୍ତି । ଅଗଷ୍ଟ ୧୫ରୁ ପ୍ରଥମ ଟେଷ୍ଟ ଆରମ୍ଭ ହେବ । ଦ୍ୱିତୀୟ ଟେଷ୍ଟ ଅଗଷ୍ଟ ୨୩ରୁ ଖେଳାଯିବ । ଏହି ଶୃଙ୍ଖଳା ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ । ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳ : ଶୁବମନ ଗିଲ (ଅଧିନାୟକ), କେଏଲ ରାହୁଲ, ଯଶସ୍ୱୀ ଜୟସୱାଲ, ରିଷଭ ପନ୍ତ, (ୱିକେଟ କିପର), ଦେବଦତ୍ତ ପାଡିକ୍କଲ, ଧ୍ରୁବ ଜୁରେଲ, ରବିନ୍ଦ୍ର ଜାଡୋଜା, କୁଲଦୀପ ଯାଦବ, ମାନବ ସୁଥାର, ଆକିବ ନବି, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନର ବ୍ରାର ଏବଂ ସାରାଂଶ ଜୈନ ।

# ଅବସର ପରେ ବି, ବିରାଟ-ଧୋନିଙ୍କୁ ଟକ୍କର ଦେଉଛନ୍ତି ସଚିନ




**ନୂଆଦିଲ୍ଲୀ :** ସଚିନ ତେନ୍ଦୁଲକର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାର ଏକ ଦଶନ୍ଧିରୁ ଅଧିକ ସମୟ ବିତିଗଲାଣି; ସେ ନଭେମ୍ବର ୧୬, ୨୦୧୩ରେ ଖେଳକୁ ବିଦାୟ ଦେଇଥିଲେ । ବର୍ଷ ବର୍ଷ ବିତିବା ସତ୍ତ୍ୱେ, ସଚିନଙ୍କ ଲୋକପ୍ରିୟତା ଏବଂ ରୋଜଗାର ବୃଦ୍ଧି ପାଇଛି । ଖେଳ ଛାଡିବା ପରେ ମଧ୍ୟ ସେ ବିଶ୍ୱର ସବୁଠାରୁ ଧନୀ କ୍ରିକେଟରଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି । ସଚିନ ତେନ୍ଦୁଲକର ବିରାଟ କୋହଲି ଏବଂ ଏମଏସ ଧୋନିଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି । ୨୦୨୫ ପାଇଁ ସଦ୍ୟ ପ୍ରକାଶିତ ସେଲିବ୍ରିଟି ବ୍ରାଣ୍ଡ ମୂଲ୍ୟ ରିପୋର୍ଟ ଅନୁଯାୟୀ, ସଚିନ ତେନ୍ଦୁଲକରଙ୍କ ବ୍ରାଣ୍ଡ ମୂଲ୍ୟ ୧୨୫.୯ ନିୟୁତ ଡଲାର ଆକଳନ କରାଯାଇଛି । ସେ କେବଳ ବିରାଟ କୋହଲିଙ୍କୁ ପଛରେ ପକାଇ ସବୁଠାରୁ ଧନୀ କ୍ରିକେଟରଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ବିରାଟ କୋହଲି ୧୫୮.୪ ନିୟୁତ ଡଲାର ବ୍ରାଣ୍ଡ ମୂଲ୍ୟ ସହିତ ତାଲିକାର ଶୀର୍ଷରେ ଅଛନ୍ତି, ଯାହା ପ୍ରାୟ ୧,୫୦୦ କୋଟି ଟଙ୍କା ସମାନ । ସଚିନ ତେନ୍ଦୁଲକର ୧୨୫.୯ ନିୟୁତ ଡଲାର ବ୍ରାଣ୍ଡ ମୂଲ୍ୟ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି, ଯେତେବେଳେ ଏମଏସ ଧୋନି ତୃତୀୟ ସ୍ଥାନରେ ଅଛନ୍ତି । ଏମାନେ କେବଳ ତିନି ଜଣ ଭାରତୀୟ କ୍ରିକେଟର ଯାହାଙ୍କ ବ୍ରାଣ୍ଡ ମୂଲ୍ୟ ୧୦୦ ନିୟୁତ ଡଲାର ଅତିକ୍ରମ କରିଛି । ବିରାଟ କୋହଲି – ୧୫୮.୪ ନିୟୁତ, ସଚିନ ତେନ୍ଦୁଲକର – ୧୨୫.୯ ନିୟୁତ, ଏମଏସ ଧୋନି – ୧୧୫.୩ ନିୟୁତ । ଅବସର ନେବା ପରଠାରୁ, ସଚିନ ତେନ୍ଦୁଲକରଙ୍କ ଆୟର ପ୍ରାଥମିକ ଉତ୍ସ ହେଉଛି ବ୍ରାଣ୍ଡ ସମ୍ପାଦନ ଏବଂ ବ୍ୟବସାୟିକ ନିବେଶ । ସେ ତାଙ୍କର ନିଜସ୍ୱ କମ୍ପାନୀ, ଝଜଞ୍ଜ ସ୍ପୋର୍ଟସ ମ୍ୟାନେଜମେଣ୍ଟ, ଚଳାଉଛନ୍ତି, ଯାହାକୁ ସେ ଅଗଷ୍ଟ ୨୦୧୫ ରେ ପ୍ରତିଷ୍ଠା କରିଥିଲେ । ତାଙ୍କୁ ପ୍ରାୟତଃ ଟେଲିଭିଜନ ବିଜ୍ଞାପନରେ ବିଭିନ୍ନ ବ୍ରାଣ୍ଡର ପ୍ରଚାର କରିବାକୁ ଦେଖାଯାଏ, ଯେପରିକି ଲ୍ୟୁମିନାସ ଟେକ୍ନୋଲୋଜି (ଇନଭର୍ଟର ଏବଂ ବ୍ୟାଟେରୀ) ଠାରୁ ଆରମ୍ଭ କରି ଜିଲେଟ ଏବଂ ବ୍ୟାଙ୍କ ଅଫ ବରୋଦା ପର୍ଯ୍ୟନ୍ତ, ଏହି କାର୍ଯ୍ୟ ପାଇଁ ସେ କୋଟି କୋଟି ଟଙ୍କା ରୋଜଗାର କରନ୍ତି । ରିପୋର୍ଟଗୁଡ଼ିକ ସୂଚିତ କରେ ଯେ ସଚିନ କେବଳ ବ୍ରାଣ୍ଡ ସମ୍ପାଦନରୁ ବାର୍ଷିକ ୧୮ କୋଟିରୁ ୨୦ କୋଟି ଟଙ୍କା ରୋଜଗାର କରନ୍ତି । ଏହି ତାଲିକାରେ ତାଙ୍କର ଅନ୍ତର୍ଭୁକ୍ତି ବିଶେଷ ଭାବରେ ଆଶ୍ଚର୍ଯ୍ୟଜନକ କାରଣ ବିରାଟ କୋହଲି ଏବଂ ଏମଏସ ଧୋନି ଉଭୟ ଏବେ ବି ଖେଳର ବିଭିନ୍ନ ଫର୍ମାଟରେ ସକ୍ରିୟ ଅଛନ୍ତି; ବିରାଟ ODI ଏବଂ IPL ଖେଳନ୍ତି, ଯେତେବେଳେ ଧୋନି ଇଣ୍ଡିଆନ ପ୍ରିମିୟର ଲିଗରେ ସକ୍ରିୟ ଅଛନ୍ତି । କିନ୍ତୁ ସଚିନ ବର୍ଷ ବର୍ଷ ପୂର୍ବରୁ କ୍ରିକେଟକୁ ବିଦାୟ ଦେଇଥିଲେ ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
**Editor: Niranjan Patra**




# ଉନ୍ନୟନ କାର୍ଯ୍ୟକୁ ନେଇ ତେଜିଲା ବିବାଦ



**ବେଗୁନିଆପଡା (ଅମୃତ ମିଡିଆ) :** ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକରେ ଉର୍ନ୍ନୟନ କାର୍ଯ୍ୟକୁ ନେଇ ଦେଖା ଦେଇଛି ବିବାଦ। ସମିତିସଭ୍ୟଙ୍କ ନେତୃତ୍ୱରେ ଗ୍ରାମର ଗୋଟିଏ ଗୋଷ୍ଠୀ କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ କରିଥିବା ବେଳେ ଏହି କାର୍ଯ୍ୟ ରେ କୌଣସି ଅନିୟମିତତା ହୋଇନାହିଁ ବୋଲି ଦାବି କରିଛି ଅନ୍ୟ ଏକ ଗୋଷ୍ଠୀ। ଏହି ଭଳି ଏକ ଘଟଣା ଦେଖିବାକୁ ମିଳିଛି ବେଗୁନିଆପଡା ବ୍ଲକ ଅଙ୍ଗାରଗାଁ ପଞ୍ଚାୟତ ନୂଆଗଡ ଗ୍ରାମରେ। ଏହି ଗ୍ରାମର କାଳୀ ମନ୍ଦିରକୁ ରାସ୍ତା ନିର୍ମାଣ କୁ ନେଇ ଏହି ବିବାଦ ଦେଖାଦେଇଛି। ଚଳିତ ମାସ ୩ ତାରିଖରେ ସମିତି ସଭ୍ୟଙ୍କ ସହିତ ଏହି ଗ୍ରାମର କିଛି ବ୍ୟକ୍ତି ବେଗୁନିଆପଡା ବ୍ଲକକୁ ଆସି ଅଭିଯୋଗ କରିଥିଲେ ଯେ ଭକ୍ତମାନଙ୍କ ସୁବିଧା ପାଇଁ ସ୍ଥାନୀୟ କାଳୀ ମନ୍ଦିରକୁ ରାସ୍ତା ନିର୍ମାଣ ନିମନ୍ତେ ବାରମ୍ବାର ପ୍ରଶାସନ ଏବଂ ରାଜନେତାଙ୍କୁ ଅନୁରୋଧ କରି କୌଣସି ସୁଫଳ ନ ମିଳିବାରୁ ଗ୍ରାମର କିଛି ସ୍ୱେଚ୍ଛାସେବୀ ନିଜସ୍ୱ ଖର୍ଚ୍ଚରେ ଗତ ୩ ମଇରେ ଜେସିବି ଲଗାଇ ରାସ୍ତା ନିର୍ମାଣ କଲେ। ସ୍ୱେଚ୍ଛାସେବୀଙ୍କ ଦ୍ୱାରା ନିର୍ମିତ ସେହି ରାସ୍ତାକୁ ବର୍ତମାନ ଉକ୍ତ ସ୍ଥାନକୁ ଯାଇ କିଛି ଲୋକ କାମ ନ କରି କେବଳ ଫଟୋ ଉଠାଇ ବିଲ କରି ଆସୁଛନ୍ତି। ବିଭାଗୀୟ ଅଧିକାରୀ ଓ ସହାୟକ ଯନ୍ତ୍ରୀଙ୍କ ଜାଣତରେ ଦୁର୍ନୀତି ହେଉଥିବା ଅଭିଯୋଗ କରି ଏବିଡ଼ିଓ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ପ୍ରତିବାଦ ସ୍ୱରୂପ ଶୁକ୍ରବାର ଏହି ଗ୍ରାମର ବହୁ ପୁରୁଷ ଓ ମହିଳା ବ୍ଲକ କାର୍ଯ୍ୟାଳୟକୁ ଆସି ପୁଣି ଏକ ଦାବି ପତ୍ର ଏବିଡ଼ିଓ ନିରଞ୍ଜନ ବେହେରା ଙ୍କୁ ପ୍ରଦାନ କରିଛନ୍ତି। ସେମାନଙ୍କ କହିବା ପ୍ରକାରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବିଧାୟକଙ୍କୁ ଅନୁରୋଧ କରିଥିଲେ। ବର୍ତମାନ 'ଭିଜି ରାମ ଜୀ' ଯୋଜନାରେ ଟଙ୍କା ମଞ୍ଜୁରୀ ହୋଇଛି। ଆମେ ଶ୍ରମିକ ଭାବେ ଉକ୍ତ କାମ କରୁଛୁ ଏବଂ ଆମ ଖାତାକୁ ଟଙ୍କା ଆସୁଛି। କେବଳ ଫୋଟ ଉଠାଇଲେ କିଏ ପଇସା ଦେଉଛି କି ? ବୋଲି ଓଲଟା ପ୍ରଶ୍ନ କରିଥିଲେ। ସମିତି ସଭ୍ୟ କେବେ ପଂଚାୟତକୁ ଯାଆନ୍ତି ନାହିଁ କିମ୍ବା ଗ୍ରାମର କୌଣସି ଉର୍ନ୍ନୟନ ମୂଳକ କାର୍ଯ୍ୟ ପାଇଁ ଚେଷ୍ଟା କରି ନାହାନ୍ତି। କେବଳ ମିଥ୍ୟା ଅଭିଯୋଗ କରି କାମ ବନ୍ଦ କରିବା ଅଭ୍ୟାସ ରହିଛି। ଏହି କାମରେ କୌଣସି ଦୁର୍ନୀତି ହୋଇନାହିଁ। କାମ ହେଉଥିବା ସ୍ଥାନକୁ ଆସି ତଦନ୍ତ କରନ୍ତୁ ବୋଲି କହିଥିଲେ। କାହାରି ମିଛ କଥାରେ ନ ପଡି ଆମ୍ଭ ଗ୍ରାମର ଉନ୍ନତି ମୂଳକ କାର୍ଯ୍ୟ ବନ୍ଦ ନ କରିବା ପାଇଁ ବିଡ଼ିଓଙ୍କୁ ଅନୁରୋଧ କରିଥିଲେ। ନଚେତ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଥିଲେ ଗ୍ରାମବାସୀ। ପ୍ରକାଶ ଥାଉ କି ପ୍ରଥମ ପକ୍ଷ୍ୟଙ୍କ ଦୁର୍ନୀତି ଓ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗର ମାତ୍ର ଗୋଟିଏ ଦିନ ପରେ ବିଭାଗୀୟ ଅଧିକାରୀ ସହାୟକ ଯନ୍ତ୍ରୀ ପ୍ରଦୀପ କୁମାର ସାହୁଙ୍କ ବୁଗୁଡ଼ା ବ୍ଲକକୁ ବଦଳି ହୋଇଯାଇଥିବା ଜଣାପଡିଛି।

## ବାଲିଅନ୍ତା-ପାହାଲ-ଧଉଳି କାର୍ଯ୍ୟରତ ସାମ୍ବାଦିକ ସଂଘର ବାର୍ଷିକୋତ୍ସବ

# 'ସାମ୍ବାଦିକମାନେ ସମାଜର ଆଇନା'




**ବାଲିଅନ୍ତା (ଅମୃତ ମିଡିଆ) :** ଅଟଳା ସ୍ଥିତ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ଅଡିଟୋରିୟମରେ ବାଲିଅନ୍ତା-ପାହାଲ-ଧଉଳି କାର୍ଯ୍ୟରତ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଅତ୍ୟନ୍ତ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା କିଶୋର ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ ପରେ ପ୍ରଦୀପ ପ୍ରଜ୍ୱଳନ ଦ୍ୱାରା ଉତ୍ସବର ଶୁଭାରମ୍ଭ ହୋଇଥିଲା। ଏଥିରେ ଜୟଦେବ ବିଧାୟକ ନବକିଶୋର ମଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ, ମେୟର ସୁଲୋଚନା ଦାସ, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ପ୍ରୀୟଦର୍ଶୀ ମିଶ୍ର, ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢ଼ାଲି, ସ୍ଥାନୀୟ ସରପଞ୍ଚ କୃଷ୍ଣଚନ୍ଦ୍ର ଆପଟ, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର, ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ବିଧୁଭୂଷଣ ପଟ୍ଟନାୟକ, ଆସ୍ଥା କଲେଜର ଅଧକ୍ଷ ବିଜୟ କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରେ ସାମ୍ବାଦିକତାର ଭୂମିକା ଉପରେ ଆଲୋକପାତ କରିଥିଲେ। ସାମ୍ବାଦିକ ମାନେ ହେଉଛନ୍ତି ସମାଜର ଆଇନା। ଆଇନା ଯେମିତି ସ୍ୱଚ୍ଛ ଏବଂ ନିର୍ମଳ ସେହିଭଳି ଭାବେ କାହାର ଚାପଗ୍ରସ୍ତ ନ ହୋଇ ଖବର ପରିବେଷଣ କରିବା ଆବଶ୍ୟକ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ଅତିଥିମାନଙ୍କ ଦ୍ୱାରା ଉପଢ଼ୌକନ ଓ ସ୍ମାରକବସ୍ତୁ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଶେଷରେ ସଂଘର ସଦସ୍ୟ ପିତବାସ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିନାଶିଷ୍ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଡିଜିଟାଲ ସାକ୍ଷରତା ଓ ଶିକ୍ଷାର ପ୍ରସାର ପାଇଁ ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ଦ୍ୱାରା ଇ-ଶିକ୍ଷା ଏକ୍ସପ୍ରେସ୍ ଶୁଭାରମ୍ଭ



**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡିଜିଟାଲ ସାକ୍ଷରତା ବୃଦ୍ଧି କରିବା ଏବଂ ଗ୍ରାମାଂଚଳରେ ଶିକ୍ଷାର ଅପହଂଚକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ପକ୍ଷରୁ ଚୌଦ୍ୱାର ଠାରେ ଏକ ଅଭିନବ ଭ୍ରାମ୍ୟମାଣ ଶିକ୍ଷା ଯୋଜନା 'ଇ-ଶିକ୍ଷା ଏକ୍ସପ୍ରେସ୍'ର ଶୁଭାରମ୍ଭ ହୋଇଯାଇଛି। ଏହା ଏକ ଆଧୁନିକ ଜ୍ଞାନ କୌଶଳ ସମ୍ପନ୍ନ ଭ୍ରାମ୍ୟମାଣ ଶିକ୍ଷା ଯାନ, ଯାହା ଟାଙ୍ଗୀ-ଚୌଦ୍ୱାର ଅଂଚଳର ଗ୍ରାମାଂଚଳକୁ ଯାଇ ଛାତ୍ରଛାତ୍ରୀମାନଙ୍କୁ କମ୍ପ୍ୟୁଟର ଶିକ୍ଷା, ଡିଜିଟାଲ ସାକ୍ଷରତା ଏବଂ ଆଧୁନିକ ଶିକ୍ଷାଗତ ସମ୍ବଳ ଯୋଗାଇବାରେ ସାହାଯ୍ୟ କରିବ। ଏହି କାର୍ଯ୍ୟକ୍ରମକୁ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଏବଂ ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍‌ର ଉପସଭାପତି ଧର୍ମେଶ ଗୋହେଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ଇ-ଶିକ୍ଷା ଏକ୍ସପ୍ରେସ୍‌ର ବିଭିନ୍ନ କାର୍ଯ୍ୟକଳାପ ଓ ଆଗାମୀ ଯୋଜନା ସମ୍ପର୍କରେ ପଚାରି ବୁଝିବା ସହ ଇମ୍ଫାର ଏହି ଜନକଲ୍ୟାଣକାରୀ ଓ ପ୍ରଶଂସନୀୟ ପଦକ୍ଷେପକୁ ସାଧୁବାଦ ଜଣାଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଇମ୍ଫା ଅଧିକାରୀମାନଙ୍କ ମଧ୍ୟରେ ଲଲାଟ ମହାପାତ୍ର, ପ୍ରଦ୍ୟୁମ୍ନ ମହାନ୍ତି, ଦେବାଶିଷ ତ୍ରିପାଠୀ, ବବିତ ନନ୍ଦ, ଶଭୁଦୀପ ଦାସ, ନିରଞ୍ଜନ ସାହୁ, ମାନସ ପ୍ରଧାନ, ଇମ୍ଫା ଲୋକସମ୍ପର୍କର ଅଧିକାରୀ ଅଭିଷେକ ଘୋଷ, ସୁଶାନ୍ତ ନାୟକ, ରଂଜିତ୍ ବେହେରା, ବିଷ୍ଣୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଇମ୍ଫାର ଲୋକସମ୍ପର୍କ ବିଭାଗର ବରିଷ୍ଠ ପ୍ରବନ୍ଧକ ମାନସ ବସନ୍ତିଆ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍‌ର ମୟନାକ ସର୍କାର ଓ ଅନନ୍ୟା ମହାନ୍ତି ସଂଯୋଜନା କରିଥିଲେ।

# ଶହ ଶହ ଏକର ଚାଷଜମି ଜଳମଗ୍ନ, ଚାଷୀମୁଣ୍ଡରେ ଚଡକ



ବାଲିଚନ୍ଦ୍ରପୁର (ଅମୃତ ମିଡିଆ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡିଆ, ବରଦା, ପଲାଇ, ଭରତପୁର ଓ ବିକ୍ରମତିରଣ ପଂଚାୟତର ଶହ ଶହ ଏକର ଚାଷଜମି ଗୋବରୀ ନଦୀର ବନ୍ୟା ଜଳରେ ଜଳମଗ୍ନ ହୋଇଅଛି। ଦୁଇତିନି ଦିନ ହେବ ପ୍ରବଳ ଲଗାଣ ବର୍ଷା ଫଳରେ ମାତକାତପୁର ଡ୍ରେନେଜ କଟରେ ଜଳ ନିଷ୍କାସନ ହୋଇପାରୁନାହିଁ। ଯାହାଫଳରେ ଧାନରୁଆ ଚାଷଜମି ମାନଙ୍କରେ ଫୁଟରୁ ଦୁଇ ଫୁଟ ପାଣି ଜମିରହିଛି। ଧାନରୁଆ ସହିତ ତଳି ଘେରା ସମ୍ପୂର୍ଣ ନଷ୍ଟ ହୋଇଯାଇଛି। ଗୋବରୀ ନଦୀ ସରକାରୀ ସ୍ଥରରେ ନଦୀର ମାନ୍ୟତା ପାଇ ନଥିବାରୁ ଚାଷୀ ମାନଙ୍କୁ ସରକାରୀ ସ୍ଥରରେ ସହଯୋଗ ମିଳୁନାହିଁ। ଚାଷୀମାନେ ସମବାୟ ସମିତିରୁ ଋଣ କରିବାସହ ଧାର କରଜ କରି ଚାଷ କାମ କରିଥିଲେ। ଏବେ ନୂତନ ଭାବେ ତଳି ପକାଇ ଧାନ ରୋଇ କୌଣସି ପ୍ରକାର ଧାନଚାଷ କରିବା ସମ୍ଭବପର ନୁହେଁ। ଏଭଳି ପରିସ୍ଥିତିରେ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ତେବେ ଆଗାମୀ ଦିନଗୁଡ଼ିକରେ ପ୍ରବଳ ବର୍ଷା ହେବାର ପାଣିପାଗ ପକ୍ଷରୁ ସୂଚନା ମିଳିବା ପରେ ଚାଷୀ ମୁଣ୍ଡରେ ଚଡକ ପଡିଛି। ଉପରୋକ୍ତ ପଂଚାୟତ ଗୁଡିକରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ନକୁଳ ପ୍ରଧାନ ପହଂଚି ଜଳମଗ୍ନ ଚାଷଜମି ଗୁଡିକୁ ବୁଲି ଦେଖିଥିଲେ। ସେଠାରେ ଉପସ୍ଥିତ ଚାଷୀମାନଙ୍କୁ ଏହି ପଂଚାୟତ ଗୁଡିକୁ ବନ୍ୟାପ୍ଲୀତ ଘୋଷଣା କରାଯିବ ବୋଲି ତହସିଲଦାର ଶ୍ରୀଯୁକ୍ତ ତ୍ରିପାଠୀ କହିଥିଲେ। ପୂର୍ବତନ ସରପଂଚ ଦମୟନ୍ତୀ ସାମଲ, ରବୀନ୍ଦ୍ର କୁମାର ବେହୁରା, ଦେବେନ୍ଦ୍ର କୁମାର ସାମଲ, ରମାକାନ୍ତ ପ୍ରଧାନ, ଦେବଦତ ସାମଲ, ଗଗନ ବିହାରୀ ସ୍ୱାଇଁ, ଶ୍ରୀକାନ୍ତ ସାମଲ, ଦିପ୍ତୀରଂଜନ ବେହୁରା, ବସନ୍ତରାଜ ସାମଲ, ଅଜିତ କୁମାର ପ୍ରଧାନ, ମହେନ୍ଦ୍ର ସିଂ, ଉମେଶ ଚନ୍ଦ୍ର ସାମଲ, ପ୍ରମୋଦ ମଲିକ, ନାରାୟଣ ମଲିକ, ବାବୁରାମ ମଲିକ, ନିକୁଞ୍ଜ ପ୍ରଧାନ, ମନୋରଞ୍ଜନ ବେହୁରା, ମନୋଜ ପ୍ରଧାନ, କିଶୋର ଚନ୍ଦ୍ର ନାୟକ ପ୍ରମୁଖ ଚାଷୀମାନେ କୃଷି ଋଣ ଛାଡ କରିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ବୁଲା କୁକୁରଙ୍କ ଆକ୍ରମଣରେ ଆଶାକର୍ମୀଙ୍କ ମୃତ୍ୟୁ

**ବାରିପଦା (ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। କେଶଡିହା ପଞ୍ଚାୟତ ଅନ୍ତର୍ଗତ କଦଳୀବାଡ଼ି ଗ୍ରାମର ଆଶାକର୍ମୀ ମିନି ସୟ ବୁଲା କୁକୁରଙ୍କ ଆକ୍ରମଣ ଯୋଗୁଁ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ସୂଚନା ଅନୁସାରେ, ଗତକାଲି ଅପରାହ୍ନରେ ମିନି ସୟ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଜର କାର୍ଯ୍ୟ ସମାପ୍ତ କରି ଏକ ବାଇକଯୋଗେ ଘରକୁ ଫେରୁଥିଲେ। ବାଇକରେ ସେ ପଛପଟେ ବସିଥିବା ବେଳେ ବ୍ଲକ ରୋଡର ପାତ୍ରସାହି ନିକଟରେ ହଠାତ୍ ତିନୋଟି କୁକୁର ବାଇକ ପଛରେ ଦୌଡ଼ି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। କୁକୁର ମାନଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ବାଇକ ଚାଳକ ଗାଡ଼ିର ବେଗ ବଢ଼ାଇଥିଲେ। କିନ୍ତୁ କୁକୁରମାନେ ପିଛା ଛାଡ଼ିନଥିଲେ। ଏହି ସମୟରେ ଗୋଟିଏ କୁକୁର ମିନି ସଏଙ୍କ ଶାଢ଼ୀକୁ ଟାଣି ଧରିବାରୁ ସେ ବାଇକରୁ ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଥିଲା।

## ଜାତୀୟ ରାଜପଥରେ ଖାଲଖମା ଯୋଗୁଁ ଘଟୁଛି ଦୁର୍ଘଟଣା

### ଖାଲରେ ବସି କଂଗ୍ରେସ କର୍ମୀଙ୍କ ନିଆରା ପ୍ରତିବାଦ



**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ୫୫ ଓ ୧୬ନମ୍ବର ଜାତୀୟ ରାଜପଥର ସଂଯୋଗୀସ୍ଥଳ ମଙ୍ଗୁଳି ଛକ ରେଲୱେ ଓଭରବ୍ରିଜ୍ ତଳେ ବଡ଼ ବଡ଼ ଗାତ ହୋଇଯିବା ଫଳରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣାଘଟି ବହୁ ଲୋକ ଆହତ ହେଉଥିଲେ। ସ୍ଥାନୀୟ ଲୋକେ ଏହାକୁ ନେଇ ପୁଲିସ୍ ଓ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନଥିଲା। ଏହାପରେ ଆଜି ସ୍ଥାନୀୟ କିଛି ଅଧିବାସୀ ଓ କଂଗ୍ରେସ କର୍ମୀ ପ୍ରତିବାଦସ୍ୱରୂପ ପାଣି ଭର୍ତ୍ତି ହୋଇଥିବା ଗାତରେ ବସି ରହି ନିଆରା ପ୍ରତିବାଦ କରିଥିଲେ। ସ୍ଥାନୀୟଲୋକ ଧାନତଳି ନେଇ ରାଜପଥରେ ପୋତିବା ଘଟଣା କିଛି ସମୟ ପାଇଁ ଯାଆସ କରୁଥିବା ଯାତ୍ରୀମାନଙ୍କ ପାଇଁ ଏକ କୌତୁହଳ ସୃଷ୍ଟି କରିଥିଲା। ୫୫ନମ୍ବର ଜାତୀୟ ରାଜପଥ କିଛି ସମୟ ପାଇଁ ଅବରୋଧ ହୋଇଯିବା ପରେ ଘଟଣାସ୍ଥଳରେ ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ସେଠୀ ଓ ଜାତୀୟ ରାଜପଥ କର୍ମଚାରୀ ଘଟଣାସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରିବା ସହ ରାଜପଥରେ ଯାତାୟତକୁ ସ୍ୱାଭାବିକ କରିଥିଲେ। ଆଜି ସନ୍ଧ୍ୟାରେ ଜାତୀୟ ରାଜପଥ ଦାୟିତ୍ୱରେ ଥିବା ଠିକାସଂସ୍ଥା ତରଫରୁ ଖାଲ ହୋଇଥିବା ସ୍ଥାନଗୁଡ଼ିକରେ ଢଳେଇ ପକାଯାଇଥିବାର ଜଣାପଡ଼ିଛି।

# 'ହାତୀକୁ ସୁରକ୍ଷା ନାହିଁ, ମଣିଷକୁ ବି ସୁରକ୍ଷା ନାହିଁ'

## ପାଟଣା ବନାଞ୍ଚଳରେ ଗୋଟିଏ ପରେ ଗୋଟିଏ ଅଘଟଣ



### ହାତୀ ଓ ମଣିଷ ସହାବସ୍ଥାନ ନେଇ ବଢୁଛି ଚିନ୍ତା

### ସକ୍ରିୟ ବ୍ୟବସ୍ଥା ପାଇଁ ଉଠିଲା ଦାବି

**ବାରିପଦା/ସାହାରପଡ଼ା (ଅମୃତ ମିଡିଆ) :** କେନ୍ଦୁଝର ଜିଲ୍ଲା, ପାଟଣା ବନାଞ୍ଚଳରେ ଗତ କିଛି ଦିନ ଧରି ଘଟୁଥିବା କ୍ରମାଗତ ଘଟଣା କେବଳ ଏକାଧିକ ଦୁର୍ଘଟଣାର କାହାଣୀ ନୁହେଁ, ବରଂ ମଣିଷ ଓ ବନ୍ୟଜନ୍ତୁଙ୍କ ସହାବସ୍ଥାନ ବ୍ୟବସ୍ଥାକୁ ନେଇ ଏକ ବଡ଼ ପ୍ରଶ୍ନ ଛିଡ଼ା କରିଛି। ଏକପଟେ ହାତୀ ସୁରକ୍ଷା ପାଇଁ ବିଭିନ୍ନ ସରକାରୀ ଯୋଜନା ଓ ସଚେତନତା ଅଭିଯାନର କଥା କୁହାଯାଉଥିବା ବେଳେ, ଅନ୍ୟପଟେ ହାତୀ ଫସିବା, ହାତୀ ଆକ୍ରମଣରେ ମଣିଷ ଆହତ ଓ ମୃତ୍ୟୁ, ଏପରିକି ହାତୀଙ୍କୁ ହଇରାଣ କରାଯିବା ପରି ଘଟଣା ପରପରି ସାମ୍ନାକୁ ଆସୁଛି। ଫଳରେ ସାଧାରଣ ଲୋକଙ୍କ ମନରେ ଏବେ ଗୋଟିଏ ପ୍ରଶ୍ନ ଜୋର ଧରିଛି 'ହାତୀକୁ ସୁରକ୍ଷା ନାହିଁ, ମଣିଷକୁ ମଧ ନାହିଁ' ପ୍ରଥମେ ବାଉଁଶୁଳି ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତା ହାତୀ କାଦୁଅରେ ଫସି ଦୀର୍ଘ ସମୟ ଧରି ଜୀବନ ସହ ସଂଘର୍ଷ କରୁଥିବା ଘଟଣା ସାରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା। ହାତୀଟିକୁ ଉଦ୍ଧାର କରିବାକୁ ବନ ବିଭାଗକୁ ବେଶ ପରିଶ୍ରମ କରିବାକୁ ପଡ଼ିଥିଲା। ଏହି ଘଟଣାର କିଛି ଦିନ ପରେ ଜାମନାଳିଆ ସଂରକ୍ଷିତ ଜଙ୍ଗଲ ନିକଟରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ଏହାପରେ ପଦ୍ମପୁର ସଂରକ୍ଷିତ ଜଙ୍ଗଲରେ ଦୁଇ ଯୁବକ ହାତୀଙ୍କୁ ହଇରାଣ କରୁଥିବା ଅଭିଯୋଗରେ ବନ ବିଭାଗ ସେମାନଙ୍କୁ ଗିରଫ କରିଥିଲା। ଘଟଣା ଏତିକିରେ ଅଟକି ନଥିଲା, ଡଳଙ୍ଗପାଣି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ୨୬ ବର୍ଷୀୟ ଯୁବକଙ୍କ ମୃତ୍ୟୁ ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ଏହି ଘଟଣା ପରେ ସ୍ଥାନୀୟ ଲୋକଙ୍କ ଭିତରେ ଭୟ ଓ ଅସନ୍ତୋଷ ଆହୁରି ବଢ଼ିଯାଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବନାଞ୍ଚଳ ସଂଲଗ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକେ ଏବେ ପ୍ରତିଦିନ ଅନିଶ୍ଚିତତା ମଧ୍ୟରେ ଜୀବନ ବିତାଉଛନ୍ତି। ବର୍ତ୍ତମାନ ପ୍ରାୟ ୧୯ଟି ହାତୀଙ୍କ ଏକ ପଲ ପାଟଣା ବନାଞ୍ଚଳର ବିଭିନ୍ନ ଗ୍ରାମ ନିକଟରେ ବିଚରଣ କରୁଥିବା ସୂଚନା ମିଳିଛି। ଫଳରେ ସନ୍ଧ୍ୟା ହେଲେ ଗ୍ରାମବାସୀଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହେଉଛି। ଅନେକ ସନ୍ଧ୍ୟା ପରେ ଘରୁ ବାହାରିବାକୁ ସାହସ କରୁନାହାନ୍ତି। ଚାଷଜମିକୁ ଯିବା, ପଶୁ ଚରାଇବା, ଜଙ୍ଗଲରୁ ଜାଳେଣି କିମ୍ବା ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ସଂଗ୍ରହ କରିବା ମଧ୍ୟ ବିପଦପୂର୍ଣ୍ଣ ହୋଇପଡ଼ିଛି। ଅନେକ ସ୍ଥାନରେ ଫସଲ ନଷ୍ଟ ହେବା ସହ ଘରବାଡ଼ିର କ୍ଷତି ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, ହାତୀପଲର ଗତିବିଧି ସମ୍ପର୍କରେ ସମୟୋପଯୋଗୀ ସୂଚନା, ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ ସନ୍ଦେଶ, ଗ୍ରାମସ୍ତରରେ ସଚେତନତା ଅଭିଯାନ ଏବଂ ବିପଦପୂର୍ଣ୍ଣ ଅଞ୍ଚଳରେ ନିୟମିତ ନଜରଦାରି ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ସେମାନଙ୍କ ମତରେ, ହାତୀପଲର ଅବସ୍ଥାନ ସମ୍ପର୍କରେ ସମୟରେ ସୂଚନା ମିଳିଥାନ୍ତା ଏବଂ ବିପଦପୂର୍ଣ୍ଣ ଅଞ୍ଚଳରେ ବନ କର୍ମଚାରୀଙ୍କ ତତ୍ପରତା ବଢ଼ିଥାନ୍ତା, ତେବେ କିଛି ଅଘଟଣକୁ ଏଡ଼ାଇବା ସମ୍ଭବ ହୋଇ ପାରିଥାନ୍ତା। ବନ୍ୟଜନ୍ତୁ ବିଶେଷଜ୍ଞଙ୍କ ମତରେ, ଜଙ୍ଗଲ ସଂକୁଚିତ ହେବା, ଖାଦ୍ୟର ଅଭାବ ଓ ମଣିଷ-ହାତୀ ସଂଘର୍ଷ ବଢ଼ିବା ଫଳରେ ଏପରି ଘଟଣା ବୃଦ୍ଧି ପାଉଛି। ତେଣୁ କେବଳ ହାତୀଙ୍କୁ ଘଉଡ଼ାଇବା କିମ୍ବା କ୍ଷତିପୂରଣ ଦେବାରେ ସମସ୍ୟାର ସମାଧାନ ନାହିଁ। ଦୀର୍ଘମିଆଦି ଯୋଜନା, ବୈଜ୍ଞାନିକ ମନିଟରିଂ, ହାତୀ ଚଳପ୍ରଚଳ କରିଡରର ସୁରକ୍ଷା ଓ ସ୍ଥାନୀୟ ଲୋକଙ୍କ ସକ୍ରିୟ ସହଯୋଗ ହିଁ ଏହାର ସ୍ଥାୟୀ ସମାଧାନ ବୋଲି ମତ ପ୍ରକାଶ ପାଉଛି। ବର୍ତ୍ତମାନ ଲଗାତାର ଘଟୁଥିବା ଏହି ଘଟଣା ପରେ ସ୍ଥାନୀୟ ଲୋକେ ପାଟଣା ବନାଞ୍ଚଳରେ ହାତୀ ଓ ମଣିଷ ଉଭୟଙ୍କ ସୁରକ୍ଷା ପାଇଁ ଅଧିକ ପ୍ରଭାବଶାଳୀ ବ୍ୟବସ୍ଥା, ୨୪ ଘଣ୍ଟିଆ ମନିଟରିଂ, ଆଗୁଆ ସତର୍କ ସୂଚନା ବ୍ୟବସ୍ଥା, ଡାକବାଜି ଯନ୍ତ୍ରର ବ୍ୟବହାର, ନିୟମିତ ସଚେତନତା ଅଭିଯାନ ଓ ବନ ବିଭାଗ ସହ ଗ୍ରାମବାସୀଙ୍କ ସମନ୍ୱୟକୁ ଅଧିକ ସୁଦୃଢ଼ କରିବାକୁ ଦାବି କରିଛନ୍ତି। ତେବେ ଏହି କ୍ରମାଗତ ଘଟଣା ସମ୍ପର୍କରେ ପାଟଣା ରେଞ୍ଜ ପକ୍ଷରୁ ପ୍ରତିକ୍ରିୟା ଜାଣିବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ, କୌଣସି ପ୍ରକାର ପ୍ରତିକ୍ରିୟା ମିଳୁ ନାହିଁ। ଫଳରେ ସାଧାରଣ ଲୋକଙ୍କ ମନରେ ଉଠୁଥିବା ପ୍ରଶ୍ନ ଆହୁରି ଜୋରଦାର ହେଉଛି 'ହାତୀକୁ ସୁରକ୍ଷା ନାହିଁ, ମଣିଷକୁ ମଧ ନାହିଁ'।





# ୨ ବ୍ରାଉନ ସୁଗର୍ ବେପାରୀଙ୍କୁ ଗିରଫ ପରେ କୋର୍ଟଚାଲାଣ



**ଫୁଲବାଣୀ (ଅମୃତ ମିଡିଆ) :** ସଦର ଥାନା ପୋଲିସ ଦୁଇ ଜଣ ବ୍ରାଉନ ସୁଗର୍ ମାଫିଆ କୁ ଗିରଫ କରି ଅଭିଯୁକ୍ତ ମାନଙ୍କ ଠାରୁ ୨୨ କେଜି ଗଞ୍ଜେଇ ଓ ୫.୨ ଗ୍ରାମ ବ୍ରାଉନ ସୁଗର୍ ଜବତ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସୂଚନାଯୋଗ୍ୟ କନ୍ଧମାଳ ପୁଲିସ ବେଆଇନ ନିଶାଦ୍ରବ୍ୟ ଚାଲାଣ ବିରୋଧରେ ତୀବ୍ର ଅଭିଯାନ ଜାରି ରଖିଛି । ଗଞ୍ଜେଇ ଚାଷ ଓ ଗଞ୍ଜେଇ ଚୋରଚାଲାଣ ସମ୍ପୂର୍ଣ୍ଣ ଭାବେ ରୋକିବା ପାଇଁ କନ୍ଧମାଳ ଏସ୍‌ପି ରାମେନ୍ଦ୍ର ପ୍ରସାଦଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଜାରି ରଖିଛି । ପର୍ବରୁ ଫୁଲବାଣୀ ଟାଉନ୍ ଥାନା ପୋଲିସ୍ ୧୭ ଜଣ ବ୍ରାଉନ ସୁଗାର ମାଫିଆକୁ ଗିରଫ କରିଥିଲା। ପୁଣି ଥରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । କନ୍ଧମାଳରେ ଗଞ୍ଜେଇ ଚୋରା ଚାଲାଣ ବହୁତ ମାତ୍ରାରେ ଚାଲିଥିବା ବେଳେ ଏବେ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏବଂ ଫୁଲବାଣୀ ସହର ରେ ଅଧିକ ଭାବେ ଚାଲିଛି ବ୍ରାଉନ ସୁଗାର ଓ ହିରୋନ୍ କାରବାର ଚାଲିଛି । ବର୍ତ୍ତମାନ ଫୁଲବାଣୀ ସହର ରେ ବ୍ରାଉନ ସୁଗାର ବିକ୍ରି ହେଉଛି ।ଏହି ବ୍ରାଉନ ସୁଗାର ଖାଇ ଯୁବକ, ଛାତ୍ର, କମ୍ ବୟସର ନାବାଳକମାନେ ସଦାବେଳେ ନିଶା ଶକ୍ତ ରିହି ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ଘଟାଇ ଥାଆନ୍ତି । ଏହି ଯୁବକମାନଙ୍କ ଯୋଗୁଁ ମହିଳା ସହର ବାସି ସୁରକ୍ଷିତ ମଣୁ ନାହାନ୍ତି । ଏହା ମୁଖ୍ୟ ସମସ୍ୟା ହୋଇଛି । ଏହି ସମସ୍ୟା ପୁଲିସ୍ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ପୁଲିସ ଜନସାଧାରଣଙ୍କୁ ସୁରକ୍ଷା ଦେବା ଏବଂ ଏହି ସମସ୍ୟାର ସମାଧାନ କରିବା ପାଇଁ ଅହରହ ଉଦ୍ୟମ ଜାରି ରଖିଛି । କନ୍ଧମାଳ ଜିଲ୍ଲା ପୁଲିସ ଏହି ନିଶାଡିମାନଙ୍କୁ ସାବାଡ଼ କରିବା ପାଇଁ ଅହରହ ଚଢ଼ାଉ ଜାରି ରଖିଛି । ପୋଲିସ୍ ଗଳି ବସ୍ତି ଯାଇ ଚଢ଼ାଉ କରି ବ୍ରାଉନ ସୁଗାର ମାଫିଆ ନିଶାଡିମାନଙ୍କୁ ଗିରଫ କରୁଛି । ଏବେ ବ୍ରାଉନ ସୁଗାର ଗଞ୍ଜେଇ ମାଫିଆ ୨ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସ୍‌ପି କନ୍ଧମାଳ ରାମେନ୍ଦ୍ର ପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପୋଲିସ୍ ଗିରଫ କରିଥିବା ଦୁଇ ଜଣ ବ୍ରାଉନ ସୁଗର୍ ଓ ଗଞ୍ଜେଇ ମାଫିଆକୁ ଗିରଫ କରି ସଦର ଥାନା ପୋଲିସ ସେମାନଙ୍କ ନିକଟରୁ ୨୨ କେଜି ଗଞ୍ଜେଇ ଓ ୨.୫ ଗ୍ରାମ ବ୍ରାଉନ ସୁଗର୍ ଜବତ କରିବା ସହ ସଦର ଥାନା କେସ୍ ନଂ-୧୬୮/୨୦୨୬, ବେ ଆଇନ୍ ଗଞ୍ଜେଇ ଓ ବ୍ରାଉନ ସୁଗର୍ ଚାଲାଣ ଦଫା ରୁଜୁ କରି ଆଜି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ପୋଲିସ୍ ଘଟଣାସ୍ଥଳରୁ ଗୋଟିଏ ପ୍ୟାକେଟରେ ଥିବା ମୋଟ ୨୨ କିଲୋଗ୍ରାମ ଗଞ୍ଜେଇ, ୫.୨ ଗ୍ରାମ ବ୍ରାଉନ୍ ସୁଗାର୍ ଥିବା ଏକ ପଲିଥିନ୍ ପ୍ୟାକେଟ୍ ଏବଂ ଗୋଟିଏ ହୋଣ୍ଡା ଆକ୍ଟିଭା ସ୍କୁଟି ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଖଜୁରିପଡ଼ା ଥାନା ଅନ୍ତର୍ଗତ ତିଳକପଡ଼ା ଗ୍ରାମ ଟିକୁ ଓରଫ୍ ସୁରଜ ଦିଗାଲ ଏବଂ ଟାଉନ୍ ଥାନା ଅନ୍ତର୍ଗତ ଫୁଲବାଣୀ ସାହିର ସାଗର ଓରଫ୍ ସୁଶାନୁ ନାୟକ। ଆଜି ପର୍ଯ୍ୟନ୍ତ ୧୯ ଜଣ ବ୍ରାଉନ ସୁଗର୍ ମାଫିଆ ଗିରଫ ହେଲେଣି ବୋଲି ଏସ୍ ପି ରାମେନ୍ଦ୍ର ପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ରସାବଳି ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ରସାବଳୀ ଦିବସ ପାଳନ ଉପଲକ୍ଷେ ଶ୍ରୀବଳଦେବଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ତିନିମୁହାଣୀସ୍ଥିତ ଶ୍ରୀରାମମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଉମାଶଙ୍କର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ରସାବଳୀ ଦିବସ ପାଳନ ପାଇଁ ସବିଶେଷ ଆଲୋଚନା କରାଯାଇଥିଲା। ଆସନ୍ତା ୨୭ତାରିଖ ଶ୍ରୀବଳଦେବଜୀଉଙ୍କ ଜନ୍ମ ଦିବସ ଅବସରରେ ରସାବଳୀ ଦିବସ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା । ଏହି ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ୨୨ତାରିଖରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ସ୍ଥିର କରାଗଲା । ଉକ୍ତଦିନ ରଥଦାଣ୍ଡସ୍ଥିତ ଯାତ୍ରୀନିବାସରେ ଏକ ଉତ୍ସବ ଅନୁଷ୍ଠିତ ହୋଇ ସେଥିରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବାକୁ ସ୍ଥିର କରାଯାଇଥିଲା । ଏଥିନିମନ୍ତେ ଏକ କମିଟି ଗଠନ କରାଯାଇ ସର୍ବସମ୍ମତିକ୍ରମେ ସଭାପତି ଭାବେ ରାଜେଶ ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ନାୟକ, ଉପସଭାପତି ଆଶିଷ ମେକାପ ଓ ଜାନକିବଲ୍ଲଭ ସାମନ୍ତରାୟ, ସମ୍ପାଦକ ଉମାଶଙ୍କର ଜେନା, କୋଷାଧ୍ୟକ୍ଷ ଗୋଲଖ ଚନ୍ଦ୍ର ପଢିଆରୀ, ସାଂସ୍କୃତିକ ସମ୍ପାଦକ ରାଜେନ୍ଦ୍ର ମହାପାତ୍ର, ଗଣମାଧ୍ୟମ ସଂଯୋଜକ ଭାବେ ଚିତ୍ତରଞ୍ଜନ ଦାସ ଓ ଦୁର୍ଗା ପ୍ରସାଦ ପତି, ସହ ସମ୍ପାଦକ ଭାବଗ୍ରାହୀ ସାହୁ ଓ ଆଦିତ୍ୟ ପତିଙ୍କୁ ମନୋନୟନ କରାଯାଇଥିଲା । ଏକ ଉପଦେଷ୍ଟାକମିଟି ଗଠନ କରାଯାଇ ସେଥିରେ ଭକ୍ତପ୍ରିୟ ଦାଶ, ମହେନ୍ଦ୍ର ରାଉତ, ରାଜକିଶୋର ସାହୁ, ଗୌତମ ମଲ୍ଲିକ, ଶଶୀକାନ୍ତ ବଳ, ମନୋଜ କୁମାର ସ୍ୱାଇଁ, ପ୍ରଦୀପ୍ତ କୁମାର ଜେନା, ବିବେକାନନ୍ଦ ମହାରଣା ଓ ଫକିର ଚରଣ ସାହୁ ପ୍ରମୁଖଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା ।

# ଝାରକଟା ଉପ୍ରାବିଦ୍ୟାଳୟରେ ଅବସରକାଳୀନ ସ୍ୱାଗତ ସମ୍ବର୍ଦ୍ଧନା



**ଫୁଲନଖରା (ଅମୃତ ମିଡ଼ିଆ) :** ବୟାଳିଶ ମୌଜା ଅନ୍ତର୍ଗତ ଝାରକଟା ଉପ୍ରା ବିଦ୍ୟାଳୟରେ ବିଦ୍ୟାଳୟର ମୁଖ୍ୟ ପାଚିକା ତଥା ମାତୃସ୍ଥାନୀୟା ବଇନା ବେହେରା ଓ ବିଦାୟୀ ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରଧାନ ଶିକ୍ଷକ ଜିତେନ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ସିଆରସିସି ଆରତ ଭଞ୍ଜନ ସାହୁ ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ଦାସ ସମ୍ମାନିତ ଅତିଥି ସମାଜ ସେବୀ ଜ୍ୟୋତି ରଞ୍ଜନ ଜେନା ଶରତ ଚନ୍ଦ୍ର ଦାସ ପ୍ରଭାତ କୁମାର ଖଟୁଆ କଳ୍ପତରୁ ପାଗଳ ସୁକାନ୍ତ କୁମାର ପାତ୍ର ପ୍ରଭୃତି ଯୋଗ ଦେଇ ଉଭୟଙ୍କର କାର୍ଯ୍ୟ ଦକ୍ଷତା ବିଦ୍ୟାଳୟ ପ୍ରତି ଥିବା ଆନ୍ତରିକତାର ପ୍ରଶଂସା କରିଥିଲେ । ପ୍ରଧାନ ଶିକ୍ଷକ ଜିତେନ କୁମାର ଦାଶ ଉଭୟ ପ୍ରତିଭା ବିଦ୍ୟାଳୟର ଉନ୍ନତି ପାଇଁ କରିଥିବା ବିଭିନ୍ନ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ । ମିନତୀ ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ଗୌରୀ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଭାତ କୁମାର ମହାପାତ୍ର ମାନପତ୍ର ପାଠ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ରୀ ତଥା ଏବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ଗାୟତ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏସଏମସିର ସଭ୍ୟ ସଭ୍ୟା ଓ ଅଭିଭାବକମାନେ ଉପସ୍ଥିତ ଥିଲେ । ଏହି ପୂଜ୍ୟ ପୂଜା କାର୍ଯ୍ୟକ୍ରମକୁସମାଜର ପ୍ରତ୍ୟେକ ସ୍ତରରେ ସ୍ୱାଗତ କରାଯାଇଥିଲା ।

# ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ତିରୋଧାନ ଦିବସ ପାଳିତ



**କୁଜଙ୍ଗ (ଅମୃତ ମିଡିଆ) :** ଉତ୍କଳ ଗ୍ରାମ ସ୍ୱରାଜ୍ୟ ଓ ସରକାରୀ ଉଚ୍ଚବିଦ୍ୟାଳୟ ପଣ୍ଡୁଆ ମିଳିତ ଆନୁକୂଲ୍ୟରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କର ପଞ୍ଚାଅଶୀତମ ତିରୋଧାନ ଦିବସରେ ଉଚ୍ଚବିଦ୍ୟାଳୟ ପରିସରରେ ଉତ୍କଳ ଗ୍ରାମ ସ୍ୱରାଜ୍ୟର ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବାଶିଷ ଲେଙ୍କାଙ୍କ ସଭାପତିତ୍ୱରେ ସ୍ମୃତିସଭାକୁ ଶିକ୍ଷାବିତ ତଥା ନବକାକଳୀର ସମ୍ପାଦକ ଡକ୍ଟର ସୁରେନ୍ଦ୍ରନାଥ ତ୍ରିପାଠୀ ଉଦଘାଟନ କରିଥିଲେ । ସମସ୍ତ ଅତିଥିମାନଙ୍କ ସହିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ । ଏହି ମହାନ ଶ୍ରାଦ୍ଧଉତ୍ସବରେ ମୁଖ୍ୟଅତିଥି ଭାବେ ଶାରଳା ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଅଜୟ କୁମାର ମୁଦୁଲି, ମୁଖ୍ୟବକ୍ତା ଚୈତନ୍ୟ କୁମାର ରାଉତ, ସମ୍ମାନିତ ବକ୍ତା ଦ୍ୱିତୀୟ ଭଞ୍ଜ ଗୋଲକ ପ୍ରଧାନ ସାହିତ୍ୟ ସଂସ୍କୃତି ସଂସଦର ସଂପାଦକ ଗୌତମ ଚରଣ ଜେନା, ସମ୍ମାନିତ ଅତିଥି ପ୍ରାକ୍ତନ ଆରକ୍ଷୀ ଅଧୀକ୍ଷକ ତଥା ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହୀ ସଦସ୍ୟ କବି ରାଜକିଶୋର ସ୍ୱାଇଁ, ଶିକ୍ଷାବିତ ତଥା ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହୀ ସଦସ୍ୟା ବୈଜୟନ୍ତୀବାଳା ଶତପଥୀ, ଅଧ୍ୟାପିକା ଡକ୍ଟର ମୀରା ବେଉରା, ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ସମ୍ପାଦିକା ଡକ୍ଟର ବସନ୍ତ ମଞ୍ଜରୀ ଦାସ, ଶିକ୍ଷାବିତ ଭାଗ୍ୟଧର ସ୍ୱାଇଁ, ଆକାଶବାଣୀର ପ୍ରାକ୍ତନ ନିର୍ଦ୍ଦେଶକ ଡକ୍ଟର ତପନ କୁମାର ଦତ୍ତ, ଲୋକଶିକ୍ଷକ ଡକ୍ଟର ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ଡକ୍ଟର ଅରୁଣ କୁମାର ପାଣି, ଡକ୍ଟର ଆରତୀ ମହାପାତ୍ର, ଡକ୍ଟର ମନୋରମା ଦାଶ,ଶିକ୍ଷାବିତ ମାଧୁରୀ ମହାନ୍ତି, ଶିକ୍ଷାବିତ ଡକ୍ଟର ସଫଳା ଦାସ, ସୁଶ୍ରୀ ଅର୍ପିତା ଦାସ ପ୍ରମୁଖ ବିଶ୍ୱକବିଙ୍କର ବିଭିନ୍ନ କୃତିତ୍ୱର ସ୍ମୃତିଚାରଣ କରିବା ସହିତ ଭଲ ମଣିଷ ହେବାକୁ ବୁଝାଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଏବଂ ସମସ୍ତ ଛାତ୍ରଛାତ୍ରୀମାନଙ୍କ ଉପସ୍ଥିତିରେ ସ୍ମୃତିସଭାଟି ସାଫଲ୍ୟ ମଣ୍ଡିତ ହୋଇଥିଲା । ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ପରିସରରେ ବୃକ୍ଷରୋପଣ କରାଯାଇଥିଲା । ଶିକ୍ଷୟିତ୍ରୀ ସରୋଜିନୀ ଦାସ ସମସ୍ତ ଅତିଥିମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ପୁନରୁଦ୍ଧାର କାର୍ଯ୍ୟରେ ଠକେଇ ମାମଲା
## ୨ ଯନ୍ତ୍ରୀ ଓ ଜଣେ ଠିକାଦାର ଗିରଫ

**କଟକ (ବ୍ୟୁରୋ) :** ପାରଳାଖେମୁଣ୍ଡି ପଟ୍ଟନାୟକ ଟ୍ୟାଙ୍କ ପୁନରୁଦ୍ଧାର କାର୍ଯ୍ୟରେ ପ୍ରାୟ ୫୫ ଲକ୍ଷ ୬୯ ହଜାର ଟଙ୍କାର ହେରଫେର ହୋଇଥିବା ଅଭିଯୋଗରେ ଭିଜିଲାନ୍ସର ବଡ଼ କାର୍ଯ୍ୟାନୁଷ୍ଠାନ । ମାମଲାରେ ପୂର୍ବତନ ଜୁନିୟର ଇଞ୍ଜିନିୟର ଡି. ଯୁଧିଷ୍ଠିର, ସହକାରୀ ଯନ୍ତ୍ରୀ ସଞ୍ଜୀବ ଚମ୍ପତି ଏବଂ ଠିକାଦାର ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ଗିରଫ କରାଯାଇଛି । କାର୍ଯ୍ୟରେ ଅନିୟମିତତା ଓ ସରକାରୀ ଅର୍ଥର ଅପବ୍ୟବହାର ତଦନ୍ତରେ ସାମ୍ନାକୁ ଆସିଥିବା ଭିଜିଲାନ୍ସ କହିଛି । ଘଟଣାରେ ଅଧିକ ତଦନ୍ତ ଜାରି ରହିଛି । ଏହି ମାମଲାରେ ଆଉ କେହି ସଂପୃକ୍ତ ଅଛନ୍ତି କି ନାହିଁ, ସେ ଦିଗରେ ମଧ୍ୟ ଭିଜିଲାନ୍ସ ଖୋଳତାଡ଼ କରୁଛି ।

# ଲଗାଣ ବର୍ଷା ଯୋଗୁଁ ଯାନବାହନ ଚଳାଚଳ ଠପ୍



**ବାରିପଦା (ଅମୃତ ମିଡିଆ) :** ଗତ କିଛି ଦିନ ହେବ ଲଗାଣ ବର୍ଷା ହେବା ଫଳରେ ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ବାରିପଦା-ଚିତ୍ରଡା-ଅମର୍ଦା ୬୧ ନମ୍ବର ରାଜ୍ୟ ରାଜପଥର ଚିତ୍ରଡା ରାଜାବନ୍ଧ ପୋଲ ଉପରେ ବର୍ଷା ଜଳ ପ୍ରବାହିତ ହେଉଛି । ଫଳରେ ଦୀର୍ଘ ସମୟ ଧରି ଉକ୍ତ ପୋଲ ଉପରେ ଯାତାୟାତ ବାଧା ପ୍ରାପ୍ତ ହୋଇଛି । ପୋଲ ଉପରେ ପାଣିର ସ୍ରୋତ ଅତ୍ୟଧିକ ଥିବାରୁ ଯାନବାହାନ ଚଳାଚଳ ବନ୍ଦ ହୋଇଯାଇଛି । ବ୍ଲକ କାର୍ଯ୍ୟାଳୟ, କୃଷି ବିଭାଗ, ଲ୍ୟାମ୍ପ୍ସ, ଯୋଗାଣ ନିରୀକ୍ଷିକ, ତହସିଲ, ସବ ରେଜିଷ୍ଟ୍ରାର ଅଫିସ, ଭତ୍ତା, ବ୍ଲକ ସମ୍ପ୍ରସାରଣ ଅଧିକାରୀ, ଆଧାର କେନ୍ଦ୍ର, ମତ୍ସ୍ୟ ବିଭାଗ, ଶିଶୁ ସମନ୍ୱୟ ବିଭାଗ, ଉଦ୍ୟାନ ବିଭାଗ ଓଏଲଏମ, ମିଶନ ଶକ୍ତି କାର୍ଯ୍ୟାଳୟ, ଚିତ୍ରଡା ମହାବିଦ୍ୟାଳୟ ତଥା ଦୈନନ୍ଦିନ କାର୍ଯ୍ୟରେ ବଜାରକୁ ଆସୁଥିବା ଲୋକେ, ଛାତ୍ରୀଛାତ୍ର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳିଛି । ତେବେ ବର୍ଷା ଜାରି ରହିଲେ ପରିସ୍ଥିତି ଆହୁରି ଗୁରୁତର ହେବାର ସମ୍ଭାବନା ରହିଛି ।

# ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



**ଦଶରଥପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅଧିନସ୍ଥ ଥାଲକୁଡ଼ି ପ୍ରକଳ୍ପ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମନୋରମା ପରିଡ଼ାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇବା ଉଦେଶ୍ୟରେ ଶିକ୍ଷକ ମଳୟ କୁମାର ନାୟକଙ୍କ ସଭାପତିତ୍ୱରେ ଆଜି ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅତିଥିମାନେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ଜ୍ୱଳନ କରିବା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଓ ସମ୍ବର୍ଦ୍ଧନା କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଶିକ୍ଷକ ରଜତ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଇଓ ଅନ୍ନଦା ପ୍ରସାଦ ରଣା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ରାୟ, ସମ୍ମାନିତ ଅତିଥି ଭାବେ ଥାଲକୁଡ଼ି ସରପଞ୍ଚ ଗୀତାଞ୍ଜଳି ସେଠୀ,ଏବିଇଓ ନୃସିଂହ ଚରଣ ମହାନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ପୃଷ୍ଟି, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ପୃଷ୍ଟି, ବିଜୟ କୁମାର ନାୟକ, ଭାଗିରଥି ପୃଷ୍ଟି, ସନାତନ ନାୟକ, ରବୀନ୍ଦ୍ର ରାୟ, ବିଶ୍ୱ ରଞ୍ଜନ ପୃଷ୍ଟି, ଦୁର୍ଗା ଶଙ୍କର ଦାସ, ସନ୍ତୋଷ କୁମାର ଦାସ, ଶିଶୁ ସାହିତ୍ୟିକ ଡ଼ ଧୀରେନ୍ଦ୍ର କୁମାର ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷି ପାତ୍ର ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ବିଦ୍ୟାଳୟ ପ୍ରତି ଥିବା ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ । ବିଦାୟୀ ଶିକ୍ଷୟିତ୍ରୀ ମନୋରମା ପରିଡ଼ା ଜଣେ ସ୍ନେହୀ, ମେଳାପୀ, ମିଷ୍ଟଭାଷୀ, ଦରଦୀ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଥିଲେ ବୋଲି ଉପସ୍ଥିତ ସମସ୍ତ ଅଭିଭାବକ, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ମାନେ କୋହଭରା କଣ୍ଠରେ କହିଥିଲେ । ବିଦ୍ୟାଳୟର ଶିକ୍ଷକ ମୁକ୍ତେଶ୍ୱର ବାରିକ୍, ଶିକ୍ଷୟିତ୍ରୀ ସିପ୍ରା ରାୟ, ପ୍ରତିକ୍ଷା ଜେନା, ରଞ୍ଜୁକ୍ତା ମଲ୍ଲିକ, ଅନିନ୍ଦିତା ରାଉତ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ଶିକ୍ଷୟିତ୍ରୀ ଅହଲ୍ୟା ଭଞ୍ଜ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ‘ଦିଲ୍ଲୀ ଚାଲ’ ଅଭିଯାନ ସଫଳ ପାଇଁ ସିପିଆଇର ଜନସମ୍ପର୍କ ପଦଯାତ୍ରା




**ଜୟପୁର (ଅମୃତ ମିଡିଆ) :** ଜନ ଦାବି ଓ ମୋଦୀ ସରକାରର ସାମ୍ପ୍ରଦାୟିକତାବାଦୀ ନିତୀ ବିରୁଦ୍ଧରେ ସମଗ୍ର ଦେଶରେ ପଦଯାତ୍ରା କରି ଜନ ସମ୍ପର୍କ ପଦଯାତ୍ରା ଚାଲିଛି । ମୋଦୀ ସରକାରକୁ ହଟେଇ ବାମ ଗଣତାନ୍ତ୍ରିକ ଶକ୍ତି କୁ ମଜବୁତ୍ କରିବା ପାଇଁ ଆଗାମୀ ସେପ୍ଟେମ୍ବର -୧ ଦେଶର ରାଜଧାନୀ ଦିଲ୍ଲୀର ରାମଲୀଳା ମୈଦାନରେ ‘ପରିବର୍ତ୍ତନ ଜରୁରୀ ମହାସମାବେଶ’ ସଫଳ କରିବା ପାଇଁ ବ୍ୟାପକ ପ୍ରଚାର ଅଭିଯାନ ଚାଲିଛି । ଦରଦାମ୍ ବୃଦ୍ଧି ପ୍ରତିବାଦରେ, ସମସ୍ତ ଙ୍କୁ ମାଗଣା ବିଜ୍ଞାନ ଭିତ୍ତିକ ସମାନ ଶିକ୍ଷା ଏବଂ ଶିକ୍ଷା ପରେ ରୋଜଗାର , ସମସ୍ତ ଙ୍କୁ ସମୁଚିତ ସ୍ୱାସ୍ଥ୍ୟ ସେବା ପ୍ରଦାନ, ମହିଳାଙ୍କ ପାଇଁ ସଂରକ୍ଷଣ ଆଇନ ଲାଗୁ କରିବା, ଶ୍ରମିକ ବିରୋଧୀ ଶ୍ରମ କୋଡ଼ ବାତିଲ୍, କୃଷକଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଦେବା ପାଇଁ ଦାବି କରାଯାଉଛି । ଏଥି ସହିତ ଗତ ବାର ବର୍ଷ ଭିତରେ ମୋଦୀ ସରକାର ଏ ଦେଶର ସାମ୍ପ୍ରଦାୟିକ ବାତାବରଣ କୁ ଘୃଣା, ଆତଙ୍କ ଓ ହିଂସା ଦ୍ୱାରା ସମାଜକୁ ଭାଗ ଭାଗ କରି କେବଳ ବହୁ ସଂଖ୍ୟକବାଦୀ ରାଜନିତୀ ଚଲେଇଛି । ଦେଶର ସକଳ ସମ୍ପଦ କତିପୟ ପୁଞ୍ଜିପତିଙ୍କ ହାତରେ । ପୁଞ୍ଜିପତି ଓ ସାମ୍ପ୍ରଦାୟିକ ଶକ୍ତି ମାନଙ୍କ ଗଠବନ୍ଧନ ଏ ଦେଶକୁ ଶାସନ ଓ ଶୋଷଣ କରିବା ପାଇଁ ଯେଉଁ ହୀନ ଷଡ଼ଯନ୍ତ୍ର ଚଲେଇଛନ୍ତି ତାକୁ ଜନ ସାଧାରଣ ଙ୍କ ପାଖରେ ପହୁଞ୍ଚେଇ ଜନ ଆନ୍ଦୋଳନ ସୃଷ୍ଟି କରିବା ଏ ଅଭିଯାନର ଲକ୍ଷ । ତା ସହିତ ଅବିଭକ୍ତ କୋରାପୁଟ ଜିଲ୍ଲାର ଆଦିବାସୀ ମାନଙ୍କୁ ଜମି ଜଳ ଜଙ୍ଗଲ ଅଧିକାରରୁ ବଞ୍ଚିତ କରି ସମସ୍ତ ଖଣି ଖାଦାନ ଆଦାନୀ, ଡ଼ାଲମିଆଁ ଆଦି ପୁଞ୍ଜିପତି ମାନଙ୍କୁ ଟେକି ଦିଆଗଲାଣି । ରେଳବାଇ ପାଇଁ ଜମି ଅଧିଗ୍ରହଣ ବେଳେ କୋରାପୁଟ ଜିଲ୍ଲାର ଚାଷୀମାନଙ୍କ ଜମିକୁ ଅତି ଅଳ୍ପ ଦର ଦିଆଯାଉଛି, ଯେତେବେଳେ କି ଅନ୍ୟ ଜିଲ୍ଲା ଓ ରାଜ୍ୟ ମାନଙ୍କ ରେ ଅଧିକ ଦର ଦିଆଯାଉଛି । କୋରାପୁଟ ଜିଲ୍ଲାର ଖଣିରୁ ଏଠି କାରଖାନା ପ୍ରତିଷ୍ଠା କରି ବେକାରୀ ସମସ୍ୟା ଦୂର କରିବା, ବନ୍ଦ ଥିବା ସେବା କାଗଜ କଳକୁ ପୁର୍ଣ୍ଣ କାର୍ଯ୍ୟକ୍ଷମ କରି ଚଲେଇବା, ଜଗନ୍ନାଥ ସାଗର, ନୀଳକଣ୍ଠ ସାଗରର ପୁନରୁଦ୍ଧାର କରିବା ସହ ବ୍ୟବସାୟ ଭିତ୍ତିକ କରିବା ପାଇଁ ମଧ ଦାବି ରହିଛି । ଦେଶର ଯୁବସମାଜ ମୋଦୀ ସରକାରର ଫନ୍ଦି ଫିକର ଠିକ୍ ବୁଝିଲେଣି । ଜନ ଆନ୍ଦୋଳନ, ଯୁବ ଆନ୍ଦୋଳନ ମୋଦୀ ସରକାର ସମସ୍ତ ଗର୍ବ ଅହଙ୍କାରକୁ ଚୁରମାର୍ କରି ନିଟ୍ -ଯୁଜିସି ଘୋଟାଲାରେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗାଦିଚ୍ୟୁତ କରିବାରେ ସଫଳ ହୋଇଛନ୍ତି । ଗାନ୍ଧୀ ଗୋପବନ୍ଧୁଙ୍କ ଦେଶ ଆମେରିକାର ଦୟାର ପାତ୍ର ନୁହେଁ, ଏ ଦେଶକୁ ମୋଦୀ ସରକାର ଆମେରିକାର ଗୋଲାମ କରେଇବା ତିଳେମାତ୍ର ସଙ୍କୋଚ ଅନୁଭବ ନକରିବାର କାରଣ ଯୁବ ସମାଜ ବୁଝୁଛନ୍ତି । ଆନ୍ଦୋଳନର ଜୁଆର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଖରୁ ଆରମ୍ଭ ହେଲାଣି । ସେତିକି ବେଳେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଆହ୍ୱାନ ସମୟୋପଯୋଗୀ । ଏହି କ୍ରମରେ ଆଜିର ପଦଯାତ୍ରା ବୈପାରିଗୁଡ଼ା ହାଟରେ ଅନୁଷ୍ଠିତ ହୋଇଛି । ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି, ଏଆଇଟିୟୁସି ଜିଲ୍ଲା ସଭାପତି ଯୁଧିଷ୍ଠିର ରାଉଳ, ସହ ସମ୍ପାଦକ ବୁଦ୍ରା ବଡନାୟକ, ଯୁବ ସଂଘ ନେତା ନନ୍ଦ ହରିଜନ, ଶ୍ରମିକ ନେତା ସୁଦର୍ଶନ ବିଷୋୟୀ, ରାମ ଖିଲ ପ୍ରମୁଖ ପ୍ରବଳ ବର୍ଷା ସତ୍ତ୍ୱେ ପ୍ରଚାର ପତ୍ର ବାଣ୍ଟି ଅଭିଯାନ ଜାରି ରଖିଛନ୍ତି । ଆଗାମୀ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ ।



# ଜାତୀୟ ହସ୍ତତନ୍ତ ଦିବସରେ 'ଦ ୱେୟାର ସ୍ୱଦେଶୀ ଶୋ'

## ଉନ୍ମୋଚିତ ହେବ ଓଡ଼ିଶା ଫ୍ୟାଶନ ୱିକ୍ ସିଜନ-୪ ପୋଷ୍ଟର

**ଭୁବନେଶ୍ୱର (ବ୍ୟୁରୋ) :** ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଓଡ଼ିଶାର ହସ୍ତତନ୍ତ ପରମ୍ପରା ଓ ବୁଣାକାରଙ୍କ ଅଦ୍ୱିତୀୟ କଳାକୃତିକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଫାୱେଲ୍ ପ୍ରଡକ୍ଟ ଆଣ୍ଡ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଓଡ଼ିଶା ଫ୍ୟାଶନ ୱିକ୍ ଆୟୋଜନ କରୁଛି 'ଦ ୱେୟାରସ୍ୱଦେଶୀ ଶୋ'। ଏହି ଅବସରରେ ସମ୍ବଲପୁରର ହ୍ୟାଣ୍ଡଲୁମ୍‌ର ବିଶିଷ୍ଟ ଡିଜାଇନର ମଞ୍ଜୁଶ୍ରୀ ମେହେର,ଡିଜାଇନର ନବ୍ୟା ବେହେରାଙ୍କ ସ୍ୱତନ୍ତ୍ର ହସ୍ତତନ୍ତ ପୋଷାକ ସଂଗ୍ରହକୁ ନେଇ ଏକ ଆକର୍ଷଣୀୟ ଫ୍ୟାଶନ ଶୋ' ଆୟୋଜିତ ହେବ। ଓଡ଼ିଶାର ପାରମ୍ପରିକ ବୁଣାକଳାକୁ ଆଧୁନିକ ଫ୍ୟାଶନ ସହ ଯୋଡ଼ି ଏହି ସଂଗ୍ରହକୁ ଉପସ୍ଥାପନ କରାଯିବ। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ସ୍ୱରୂପ ଶିଶୁ ଓ ବରିଷ୍ଠ ମଡେଲମାନେ ଏକାସାଙ୍ଗରେ ରାମ୍ପରେ ହସ୍ତତନ୍ତ ପରିଧାନ ପ୍ରଦର୍ଶନ କରିବେ। ଏହା ମାଧ୍ୟମରେ ହସ୍ତତନ୍ତ କେବଳ ଏକ ପୋଷାକ ନୁହେଁ, ବରଂ ପିଢ଼ି ପିଢ଼ିକୁ ଯୋଡ଼ି ରଖିଥିବା ଏକ ସାଂସ୍କୃତିକ ଐତିହ୍ୟ ବୋଲି ବାର୍ତ୍ତା ଦିଆଯିବ। ଫ୍ୟାଶନ ଶୋ' ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଫ୍ୟାଶନ ୱିକ୍ ସିଜନ-୪ର ଅଫିସିଆଲ୍ ପୋଷ୍ଟର ଉନ୍ମୋଚନ କରାଯିବ। ସେହି ସହ ସିଜନ-୪ର ତାରିଖ ଓ ଭେନ୍ୟୁ ସମ୍ପର୍କରେ ମଧ ଘୋଷଣା କରାଯିବ। ଆୟୋଜକ ସଂଯୋଗ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଫ୍ୟାଶନ ୱିକ୍‌ର ପ୍ରତିଷ୍ଠାତା, ନିର୍ଦ୍ଦେଶକ ଓ ଫାୱେଲ୍ ପ୍ରଡକ୍ଟ ଆଣ୍ଡ ସର୍ଭିସେସ୍‌ର ପ୍ରତିନିଧିମାନଙ୍କ ସହ ସମାଜସେବୀ ଝାନ୍ସୀ ରାଣୀ ଦାସ, ମିସେସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ୨୦୨୫ ତଥା ମିସେସ୍ ଫ୍ୟାଶନ ଆଇକନ୍ ସଙ୍ଗୀତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହାଛଡ଼ା ଶୋ' ଡିରେକ୍ଟର ସାହାବାଜ ଖାନ୍ ଓ ଗୀତାଞ୍ଜଳି ଶର୍ମାଙ୍କ ସମେତ ଆୟୋଜକ ଦଳର ସଦସ୍ୟମାନେ ଉପସ୍ଥିତ ରହିବେ। ଆୟୋଜକ ସଂଯୋଗ ପଟ୍ଟନାୟକଙ୍କ କହିବା ଅନୁଯାୟୀ, 'ଦ ୱେୟାରସ୍ୱଦେଶୀ ଶୋ' କେବଳ ଏକ ଫ୍ୟାଶନ ପ୍ରଦର୍ଶନୀ ନୁହେଁ, ବରଂ ଭାରତୀୟ ହସ୍ତତନ୍ତ ଶିଳ୍ପର ପ୍ରଚାର, ସଂରକ୍ଷଣ ଓ ପ୍ରସାର ସହିତ ବୁଣାକାର, ଡିଜାଇନର ଏବଂ ଉଦୀୟମାନ ପ୍ରତିଭାମାନଙ୍କୁ ଏକ ସଶକ୍ତ ମଞ୍ଚ ଯୋଗାଇବାର ଏକ ପ୍ରୟାସ। ଏହା ମାଧ୍ୟମରେ ସ୍ୱଦେଶୀ ବସ୍ତ୍ର, ସ୍ଥାୟୀ ଫ୍ୟାଶନ ଓ ଓଡ଼ିଶାର ସମୃଦ୍ଧ ବୟନ ପରମ୍ପରାକୁ ଜାତୀୟ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି।




# ବ୍ଲକବଷ୍ଟର୍ ଡିଲ୍ ସହ ଆମାଜନର ଗ୍ରେଟ୍ ଫ୍ରିଡମ ସେଲ୍ ଆରମ୍ଭ

**ଭୁବନେଶ୍ୱର (ବ୍ୟୁରୋ) :** ଆମାଜନ ଡଟ୍ ଇନ୍ ଆଜିଠାରୁ ଅର୍ଥାତ୍ ୭ ଅଗଷ୍ଟ ୨୦୨୬ରୁ ଆରମ୍ଭ ହୋଇଥିବା ଆମାଜନ୍ ଗ୍ରେଟ୍ ଫ୍ରିଡମ୍ ସେଲ୍ ୨୦୨୬ ସହିତ ଗ୍ରାହକମାନଙ୍କୁ ଆକର୍ଷଣୀୟ ଡିଲ୍, ନୂଆ ଲଂଚ୍ ଓ ସଂଚୟ ପ୍ରଦାନ କରିବା ପାଇଁ ପ୍ରସ୍ତୁତ ହୋଇଛି। ଏହି ସପିଂ ଇଭେଂଟ ଆକର୍ଷଣୀୟ ଡିଲ୍, ବ୍ୟାଙ୍କ ରିହାତି ଏବଂ ଏଆଇ-ଚାଳିତ ସପିଂ ଅଭିଜ୍ଞତା ପ୍ରଦାନ କରୁଛିର ଯାହା ଟ୍ରେଣ୍ଡିଂ ମେଡ୍-ଇନ୍-ଇଣ୍ଡିଆ ଉତ୍ପାଦ, ପାରମ୍ପରିକ ହସ୍ତଶିଳ୍ପ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ନୂତନ ଉଦ୍ଭାବନକୁ ଏକତ୍ରିତ କରିଥାଏ। ଗ୍ରାହକମାନେ ଏହି ସମୟରେ ସୋନି, ସାମସଙ୍ଗ, ଏଲ୍‌ଜି, ପୁମା, ଡେଟଲ୍, ଆମେରିକାନ ଟୁରିଷ୍ଟର, ହିମାଳୟା ଭଳି ପ୍ରମୁଖ ବ୍ରାଣ୍ଡର ସ୍ମାର୍ଟଫୋନ୍, ଫ୍ୟାଶନ୍, ବିୟୁଟି, ହୋମ୍, କିଚେନ, ଇଲେକ୍ଟ୍ରୋନିକ୍ସ, ବଡ଼ ଆପ୍ଲାଏନ୍ସ, କିରନା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ବର୍ଗରେ ଉତ୍ପାଦଗୁଡ଼ିକୁ ଆବିଷ୍କାର କରିପାରିବେ। ଏହାସହିତ, ଆମାଜନ ପକ୍ଷରୁ ଆମାଜନ୍ ନାଓ ମାଧ୍ୟମରେ ମାତ୍ର କିଛି ମିନିଟ୍‌ରେ ଅନେକ ସହରରେ ଗ୍ରାହକଙ୍କ ନିକଟରେ ସାମଗ୍ରୀ ପହଂଚାଯାଉଛି। ଗ୍ରାହକମାନେ ଟପ୍ ୧୦୦ ଡିଲ୍, ବ୍ଲକବଷ୍ଟର୍ ଡିଲ୍, ଟ୍ରେଣ୍ଡିଂ ଡିଲ୍, ୮ ପିଏମ୍ ଡିଲ୍ ଆଦି ମାଧ୍ୟମରେ ସଂଚୟ ଅନଲକ୍ କରିପାରିବେ। ଗ୍ରାହକମାନେ ଏଚଡିଏଫସି ବ୍ୟାଙ୍କ କ୍ରେଡିଟ୍ କାର୍ଡ ଏବଂ ଇଜି ଇଏମଆଇ ଟ୍ରାଞ୍ଜାକ୍ସନରେ ୧୦% ତତ୍କାଳ ରିହାତି ଏବଂ ୨୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ସହିତ ନିର୍ଦ୍ଦିଷ୍ଟ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡରେ ନୋ-କଷ୍ଟ ଇଏମଆଇ, ଏକ୍ସଚେଞ୍ଜ ଅଫର୍ ଏବଂ ଆମାଜନ୍ ପେ ରିୱାର୍ଡ ପାଇପାରିବେ। ପ୍ରାଇମ୍ ସଦସ୍ୟମାନେ ସ୍ମାର୍ଟଫୋନ୍, ହୋମ୍, କିଚେନ, ଦୈନନ୍ଦିନ ସାମଗ୍ରୀ, ଫ୍ୟାଶନ୍, ବିୟୁଟି ଏବଂ ଅନ୍ୟାନ୍ୟ ଉତ୍ପାଦରେ ୧୫% ସଂଚୟ ଉପଭୋଗ କରିପାରିବେ। ପ୍ରତ୍ୟେକ କ୍ରୟରେ ନିଜର ସଂଚୟକୁ ସର୍ବାଧିକ କରିବା ପାଇଁ ଗ୍ରାହକମାନେ ପ୍ରାଇମ୍‌ରେ ଯୋଗ ଦେଇପାରିବେ। ଆମାଜନ୍ ଇଣ୍ଡିଆ ଦ୍ରୁତ ଆବିଷ୍କାର ଏବଂ ସ୍ମାର୍ଟ ନିଷ୍ପତି ଗ୍ରହଣ ପାଇଁ ଡିଜାଇନ୍ କରାଯାଇଥିବା ଏଆଇ-ଚାଳିତ ଉପକରଣ ସହିତ ଏହି ଗ୍ରେଟ୍ ଫ୍ରିଡମ୍ ସେଲ୍‌ର ସପିଂକୁ ସରଳ ଏବଂ ଅଧିକ ସହଜ କରୁଛି। ରୁଫସ୍, ଲେନ୍ସ ଏଆଇ, ଏଆଇ ରିଭ୍ୟୁ ହାଇଲାଇଟ୍ସ, କ୍ୱିକ୍ ଲର୍ଣ୍ଣ ଏବଂ ବାୟିଂ ଗାଇଡ୍ ଭଳି ଏଆଇ ଟୁଲ୍‌ଗୁଡିକ ମାଧ୍ୟମରେ ଗ୍ରାହକମାନେ ସହଜରେ ଉତ୍ପାଦ ଅନ୍ୱେଷଣ ଓ କ୍ରୟ କରିପାରିବେ। ଆମାଜନ୍ ଗ୍ରେଟ୍ ଫ୍ରିଡମ୍ ସେଲ୍ ସମୟରେ ଗ୍ରାହକମାନେ ସ୍ମାର୍ଟଫୋନ ଓ ଆକ୍‌ସେସରିଜ ଉପରେ ୪୦% ପର୍ଯ୍ୟନ୍ତ ରିହାତି, ଘରୋଇ କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ ଉପରେ ୮୦% ପର୍ଯ୍ୟନ୍ତ ରିହାତି, ବେଷ୍ଟ-ସେଲିଂ ମ୍ୟାଟ୍ରେସ୍, ବେଡ୍, ଅଫିସ୍ ଫର୍ଣ୍ଣିଚର ଆଦି ଉପରେ ସର୍ବନିମ୍ନ ୫୦% ରିହାତି, ଗାର୍ଡେନିଂ, ସୁରକ୍ଷା ଉତ୍ପାଦ, ଖେଳଣା ଉପରେ ୭୦% ପର୍ଯ୍ୟନ୍ତ ରିହାତି, ନୂଆ ଫ୍ୟାଶନ ଓ ବିୟୁଟି ପ୍ରଡକ୍ଟଗୁଡିକ ଉପରେ ୮୦% ପର୍ଯ୍ୟନ୍ତ ରିହାତି, ଚେତକ, ହିରୋ ଓ ଅନ୍ୟାନ୍ୟ ପ୍ରମୁଖ ବ୍ରାଣ୍ଡର ଅଫର ସହିତ ଦୁଇ ଚକିଆ ଯାନରେ ୭୦% ପର୍ଯ୍ୟନ୍ତ ରିହାତି ଉପଭୋଗ କରିପାରିବେ।

# ଆରଏଚଆଇ ମ୍ୟାଗ୍ନେସିଟା ଓ ଖେମ୍‌କା ରିଫ୍ରାକ୍ଟୋରିଜ୍ ମିଳିତ ଉଦ୍ୟମରେ MINPRO ଲଞ୍ଚ୍

**ଭୁବନେଶ୍ୱର (ବ୍ୟୁରୋ) :** ରିଫ୍ରାକ୍ଟ୍ରି ଉତ୍ପାଦ, ସିଷ୍ଟମ ଏବଂ ସମାଧାନର ବିଶ୍ୱସ୍ତରୀୟ ଅଗ୍ରଣୀ ଯୋଗାଣକାରୀ ଆରଏଚ୍ଆଇ ମ୍ୟାଗ୍ନେସିଟା, ଆଜି ଖେମକା ରିଫ୍ରାକ୍ଟୋରିଜ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ଏହାର ପୂର୍ବରୁ ଘୋଷିତ ମିଳିତ ଉଦ୍ୟମର ସଫଳ ସମାପ୍ତି ଘୋଷଣା କରିଛି। ନୂତନ କମ୍ପାନୀ **MINPRO** ବ୍ରାଣ୍ଡ ଅଧୀନରେ କାର୍ଯ୍ୟ କରିବ, ଯାହା ଭାରତରେ ବୃତ୍ତାକାର ଖଣିଜ ସମାଧାନକୁ ଆଗକୁ ବଢ଼ାଇବା ଉପରେ କେନ୍ଦ୍ରିତ ଏକ ଉତ୍ସର୍ଗୀକୃତ ରିଫ୍ରାକ୍ଟ୍ରି ରିସାଇକ୍ଲିଂ ବ୍ୟବସାୟର ଆନୁଷ୍ଠାନିକ ଶୁଭାରମ୍ଭ କରିବ। **MINPRO** ରିଫ୍ରାକ୍ଟ୍ରି ରିସାଇକ୍ଲିଂରେ ଆରଏଚଆଇ ମ୍ୟାଗ୍ନେସିଟାର ବିଶ୍ୱସ୍ତରୀୟ ନେତୃତ୍ୱକୁ ଖେମକା ରିଫ୍ରାକ୍ଟୋରିଜ୍‌ର ଆଞ୍ଚଳିକ ବିଶେଷଜ୍ଞତା, କାର୍ଯ୍ୟକ୍ଷମ କ୍ଷମତା ଏବଂ ପ୍ରତିଷ୍ଠିତ ଗ୍ରାହକ ଏବଂ ଯୋଗାଣକାରୀ ନେଟୱାର୍କ ସହିତ ମିଶ୍ରଣ କରେ। ଗଓଘଚଜଙ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଜ୍ୟୋତିର୍ମୟ ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ ପରିଚାଳିତ ହେବ। ରିଫ୍ରାକ୍ଟ୍ରି ଶିଳ୍ପରେ ପ୍ରାୟ ତିନି ଦଶନ୍ଧିର ଅଭିଜ୍ଞତା ଆଣି, ଜ୍ୟୋତିର୍ମୟ ଆରଏଚଆଇ ମାଗ୍ନେସିଟା ସହିତ ୨୦ ବର୍ଷରୁ ଅଧିକ ସମୟ ଧରି ଅନେକ ବୈଷୟିକ, ମାର୍କେଟିଂ ଏବଂ ବିକ୍ରୟ ନେତୃତ୍ୱ ଭୂମିକା ଗ୍ରହଣ କରିଛନ୍ତି। ଏବଂ ସମ୍ପ୍ରତି ସେଲ୍ସ ଷ୍ଟିଲ୍ ଇଣ୍ଡିଆର ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି। ଏକ ଉତ୍ସର୍ଗୀକୃତ ନେତୃତ୍ୱ ଦଳ ସହିତ, ସେ ଓଡ଼ିଶାରେ **MINPRO**କୁ ଏକ ଅତ୍ୟାଧୁନିକ ରିଫ୍ରାକ୍ଟ୍ରି ରିସାଇକ୍ଲିଂ ପ୍ଲାଟଫର୍ମ ଭାବେ ପ୍ରତିଷ୍ଠା କରିବେ, ଯାହା ରଣନୈତିକ ଭାବେ ଭାରତର ଇସ୍ପାତ ଉତ୍ପାଦନକାରୀ କ୍ଷେତ୍ରର ହୃଦୟରେ ଅବସ୍ଥିତ, ବ୍ୟବହୃତ ରିଫ୍ରାକ୍ଟ୍ରି ସାମଗ୍ରୀକୁ ପୁନରୁଦ୍ଧାର, ପ୍ରକ୍ରିୟାକରଣ ଏବଂ ପୁନଃବ୍ୟବହାର କରିବା ପାଇଁ ଏକ ସମନ୍ୱିତ ରିଫ୍ରାକ୍ଟ୍ରି ଯୋଗାଣ ଶୃଙ୍ଖଳ ସୃଷ୍ଟି କରି, **MINPRO** ରିଫ୍ରାକ୍ଟ୍ରି ଉତ୍ପାଦନ ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରୟୋଗ ପାଇଁ ଉଚ୍ଚ-ମୂଲ୍ୟ ବୃତ୍ତାକାର ଖଣିଜ ପଦାର୍ଥର ଉପଲବ୍ଧତା ବୃଦ୍ଧି କରିବ। କମ୍ପାନୀ ଗ୍ରାହକମାନଙ୍କୁ ସମ୍ବଳ ଦକ୍ଷତା ଉନ୍ନତ କରିବାରେ, ଯୋଗାଣ ଶୃଙ୍ଖଳ ସ୍ଥିରତାକୁ ମଜବୁତ କରିବାରେ ଏବଂ କଷ୍ଟମାଇଜ୍ ସର୍କୁଲାର ସମାଧାନ ମାଧ୍ୟମରେ ଉଚ୍ଚ-ତାପମାନ ଶିଳ୍ପର ପରିବେଶଗତ ପାଦଚିହ୍ନକୁ ହ୍ରାସ କରିବାରେ ସାହାଯ୍ୟ କରିବ। ଆରଏଚଆଇ ମ୍ୟାଗ୍ନେସିଟା ଇଣ୍ଡିଆ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଏବଂ ଆଞ୍ଚଳିକ ସଭାପତି - ଭାରତ ପଙ୍କଜ ମାଲହାନ କହିଛନ୍ତି, 'ଭାରତ ଏବଂ ସମଗ୍ର ଅଞ୍ଚଳରେ ବୃତ୍ତାକାରିତାକୁ ଆଗକୁ ବଢ଼ାଇବା ପାଇଁ ଆମର ରଣନୀତିରେ ଗଓଘଚଜଙର ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଆରଏଚ୍ଆଇ ମ୍ୟାଗ୍ନେସିଟାର ବିଶ୍ୱସ୍ତରୀୟ ପୁନଃଚକ୍ରଣ ବିଶେଷଜ୍ଞତାକୁ ଖେମକା ରିଫ୍ରାକ୍ଟୋରିଜର ଦୃଢ଼ ସ୍ଥାନୀୟ ଉପସ୍ଥିତି ସହିତ ମିଶ୍ରଣ କରି, ଆମେ ଏକ ବିଶ୍ୱସ୍ତ ପ୍ଲାଟଫର୍ମ ସୃଷ୍ଟି କରୁଛୁ ଯାହା ଉଚ୍ଚ-ଗୁଣବତ୍ତା ବୃତ୍ତାକାର କଞ୍ଚାମାଲ ପ୍ରଦାନ କରିବ ଏବଂ ଯୋଗାଣ ସୁରକ୍ଷାକୁ ସୁଦୃଢ଼ କରିବ।ଗଓଘଚଜଙ ଆମର ଗ୍ରାହକ, ଆମର ଅଂଶୀଦାର ଏବଂ ବ୍ୟାପକ ଶିଳ୍ପ ପାଇଁ ସ୍ଥାୟୀ ମୂଲ୍ୟ ସୃଷ୍ଟି କରୁଥିବା ଅଭିନବ ବୃତ୍ତାକାର ସମାଧାନରେ ନିବେଶ କରିବା ପାଇଁ ଆମର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# ରେଭେନ୍ସା ଅଧ୍ୟାପକଙ୍କ ପ୍ରତି ଅସଦାଚରଣ ପ୍ରତିବାଦରେ କୁଳପତିଙ୍କୁ ସ୍ମାରକପତ୍ର




**କଟକ (ବ୍ୟୁରୋ) :** ସମ୍ପ୍ରତି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସର ମଧ୍ୟକୁ ଅନଧିକାର ପ୍ରବେଶ କରି କଟକ ସଦର ବିଧାୟକ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ମାନଙ୍କ ପ୍ରତି ଅସଦାଚରଣ କରିବା ଘଟଣାରେ ରେଭେନ୍‌ଶା ବିକାଶ ଅଭିଯାନ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ କୁଳପତିଙ୍କ ଉପସ୍ଥିତିରେ ଏହି ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ଘଟଣା ଘଟିଥିଲେ ମଧ ସମ୍ପୃକ୍ତ ବିଧାୟକଙ୍କ ବିରୁଦ୍ଧରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ ଓ ଘଟଣା ସଂପର୍କରେ କୁଳାଧିପତିଙ୍କ ଦୃଷ୍ଟି ଆକର୍ଷଣ କରିବା ପରିବର୍ତ୍ତେ କୁଳପତି ବିଧାୟକଙ୍କୁ ଘଣ୍ଟ ଘୋଡାଇ ଅଧ୍ୟାପକମାନଙ୍କୁ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ଛାଡ଼ି ଦେଇଛନ୍ତି। ବିଶ୍ୱବିଦ୍ୟାଳୟର ସିନେଟ୍ ଏ ପର୍ଯ୍ୟନ୍ତ ଗଠନ କରାଯାଇନଥିଲେ ବି ନିଜକୁ ବିଶ୍ୱବିଦ୍ୟାଳୟର ସିନେଟ୍ ସଭ୍ୟ ବୋଲି ଦାବି କରି ଏବଂ ବିଧାନସଭାର ବାଚସ୍ପତିଙ୍କୁ ଚିଠି ଲେଖି ବିଧାୟକ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଭୟଭୀତ କରିବାପାଇଁ ଉଦ୍ୟମ କରୁଥିବାବେଳେ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ କୁଳପତି ଘଟଣା ସମ୍ପର୍କରେ ସତ୍ୟ ପ୍ରକାଶ ନକରି କାର୍ଯ୍ୟତ ଅତ୍ୟନ୍ତ ଗର୍ହିତ କାମ କରିଥିବା ବିଧାୟକଙ୍କୁ ସୁରକ୍ଷା ଦେଉଛନ୍ତି। ଏହି ପରିସ୍ଥିତିରେ ସଂଗଠନର ସଭାପତି ତଥା ରେଭେନ୍‌ଶା ଛାତ୍ର ସଂସଦର ପୂର୍ବତନ ସଭାପତି ଚିତ୍ତରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୁଳପତିଙ୍କୁ ସାକ୍ଷାତ୍ କରିବା ପାଇଁ ଯାଇଥିଲେମଧ କୁଳପତି ଅସୁସ୍ଥତା ବାହାନାରେ ପ୍ରତିନିଧି ଦଳକୁ ସାକ୍ଷାତ ନଦେବାରୁ ତାଙ୍କ ସୁରକ୍ଷାକର୍ମୀଙ୍କୁ ଦାବିପତ୍ର ହସ୍ତାନ୍ତର କରାଯାଇଛି। ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ଓ ଅପରାଧୀ ବିଧାୟକଙ୍କ ବିରୁଦ୍ଧରେ ଏତଲା ଦିଆଯାଇ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ କରିବାପାଇଁ ସ୍ମାରକପତ୍ରରେ ଦୃଢ଼ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ବିଶିଷ୍ଟ ନାରୀନେତ୍ରୀ ଲକ୍ଷ୍ମୀ ମହାନ୍ତି, ବରିଷ୍ଠ ନାଗରିକ ଯୁଗଳ କିଶୋର ନାୟକ, ଡଃ ବିଶ୍ୱଜିତ, ଛାତ୍ର ସଂସଦର ପୂର୍ବତନ ସଭାପତି ଅଜୟ ମିଶ୍ର, ଶିବାଶିଷ ପ୍ରହରାଜ ପ୍ରହରାଜ, ଆଡଭୋକେଟ୍ ସୁକାନ୍ତ ନାୟକ, ଅରବିନ୍ଦ ମଲ୍ଲିକ, ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ଅକ୍ଷୟ ରାଉଳ ପ୍ରମୁଖ କୁଳପତିଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ। ତୁରନ୍ତ ବିଧାୟକ କ୍ଷମା ପ୍ରାର୍ଥନା ନକଲେ ସଂଗଠନ ଅନିର୍ଦ୍ଦିଷ୍ଟ କାଳପାଇଁ ଧାରଣା କାର୍ଯ୍ୟକ୍ରମ ଗ୍ରହଣ କରିବ ବୋଲି ସୂଚନା ଦିଆଯାଇଛି।

# 'ଓଡ଼ିଶା ସଂଖ୍ୟାଲଘୁ ଜନମଞ୍ଚ'ର ବିଶେଷ ସମ୍ମିଳନୀ

## ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ଓ ଏକତା ପାଇଁ ହେବ ପଦଯାତ୍ରା

**ଭୁବନେଶ୍ୱର (ବ୍ୟୁରୋ) :** ରାଜଧାନୀ ଭୁବନେଶ୍ୱରଠାରେ 'ଓଡ଼ିଶା ସଂଖ୍ୟାଲଘୁ ଜନମଞ୍ଚ' ପକ୍ଷରୁ ଏକ ବିଶେଷ ସଂଖ୍ୟାଲଘୁ ପ୍ରତିନିଧି ସମ୍ମିଳନୀ ସଫଳତାର ସହ ଆୟୋଜିତ ହୋଇଯାଇଛି। ମହାନ ଦାର୍ଶନିକ କାର୍ଲ ମାର୍କସଙ୍କ ଶୋଷଣମୁକ୍ତ ସମାଜ ଓ ସାମାଜିକ ନ୍ୟାୟର ଆଦର୍ଶରେ ଅନୁପ୍ରାଣିତ ହୋଇ ଆୟୋଜିତ ଏହି ସମ୍ମିଳନୀରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ସୁରକ୍ଷା, ମୌଳିକ ଅଧିକାର ରକ୍ଷା ଏବଂ ସେମାନଙ୍କର ବିକାଶମୂଳକ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ଓ ମନ୍ଥନ କରାଯାଇଛି। ସଂଖ୍ୟାଲଘୁ ଏକତା ଓ ଅଧିକାର ଉପରେ ଗୁରୁତ୍ୱ ସମ୍ମିଳନୀରେ ବର୍ତ୍ତମାନର ଗଣତାନ୍ତ୍ରିକ ପରିବେଶରେ ସଂଖ୍ୟା ଲଘୁମାନଙ୍କ ଅଧିକାର ସୁରକ୍ଷିତ ରଖିବା ପାଇଁ ସଂଗଠିତ ଏକତାର ଆବଶ୍ୟକତା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମଞ୍ଚର ମୁଖ୍ୟ ଥତା ରାଜ୍ୟ ସଭାପତି ରବୀନ ଚନ୍ଦ୍ର ତାକ୍ରୀ ସଂଖ୍ୟାଲଘୁ ସମ୍ପ୍ରଦାୟର ସମସ୍ୟାଗୁଡ଼ିକୁ ସରକାର ଓ ସମାଜ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ 'ପଦଯାତ୍ରା' କରାଯିବ ବୋଲି ଘୋଷଣା କରିଛନ୍ତି। ବିଶିଷ୍ଟ ନେତୃବୃନ୍ଦଙ୍କ ଯୋଗଦାନ ଏହି ସମ୍ମିଳନୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିଲେ ପ୍ରମୁଖ ନେତୃବୃନ୍ଦ ଓ ସାମାଜିକ କର୍ମୀ ପ୍ରମୁଖ ବକ୍ତା ଓ ନେତା: ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ରାଜଧାନୀ କଲେଜର ପ୍ରଫେସର ବିଜୟାନନ୍ଦ ପରିଚ୍ଛା, ପ୍ରମୁଖ ମୁସଲିମ୍ ନେତା ଶ୍ରୀ ତନଭୀର, ବରିଷ୍ଠ କଂଗ୍ରେସ ନେତା ଆଜାଦ, ଖ୍ରୀଷ୍ଟିଆନ୍ ମୋର୍ଚ୍ଚା ପ୍ରଭାରୀ ଜୁଗଳ କିଶୋର ରଞ୍ଜିତ, ସଂଖ୍ୟାଲଘୁ ନେତା ଡ. ପ୍ରଣବ ମୁଖାର୍ଜୀ, ଡ. ଦିବ୍ୟ ପରିଚ୍ଛା ଓ ଡ. ଅନ୍ତର୍ଯ୍ୟାମୀ ଦିଗାଲ। ଫୁଲବାଣୀ ଓ ଜି. ଉଦୟଗିରି ବ୍ଲକର ସଂଖ୍ୟାଲଘୁ ନେତା ନମଥୀୟା ନାୟକ, ରାଇକିଆ ବ୍ଲକର ନେତା ବିଦ୍ୟା ରତନ ମଣି ଦିଗାଲ (ବୁଟି ଭାଇ) ଏବଂ ଫୁଲବାଣୀ ଜିଲ୍ଲା ସଦର ମହକୁମାର ସଂଖ୍ୟାଲଘୁ ଓ ଦଳିତ ନେତା ସୁଶାନ୍ତ ଦିଗାଲ। ଭୁବନେଶ୍ୱରର ସମସ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରମୁଖ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ସଂଖ୍ୟାଲଘୁ ସମ୍ପ୍ରଦାୟର ସଂଗଠିତ ଏକତା ଓ ସାମାଜିକ ପ୍ରଗତି ପାଇଁ ସଙ୍କଳ୍ପ ନେଇଥିଲେ।

# ମାଲାବାର୍ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍ ବ୍ରାଣ୍ଡେଡ୍ ଜୁଏଲାରୀ ଶୋ' ଆରମ୍ଭ

**ଭୁବନେଶ୍ୱର (ବ୍ୟୁରୋ) :** ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍ ସହିଦନଗର ଷ୍ଟୋରରେ ସ୍ୱତନ୍ତ୍ର ବ୍ରାଣ୍ଡେଡ୍ ଜୁଏଲାରି ସୋ ଆରମ୍ଭ ହୋଇଛି। ଏହାକୁ ଓଲିଉଡ୍ ଅଭିନେତ୍ରୀ ଅଙ୍କିତା ଦାସ ଉଦ୍‌ଘାଟନ କରିଥିଲେ। ଏହା ହେଉଛି ସୁନା, ଅନ୍‌କଟ୍ ଡାଇମଣ୍ଡ, ମୂଲ୍ୟବାନ ରତ୍ନପଥର ଓ ମାଇନ୍ ଡାଇମଣ୍ଡର ଏକ ପ୍ରଦର୍ଶନୀ ଓ ସେଲ୍। ଏଥିରେ ଗ୍ରାହକମାନେ ମାଣିକ, ପାନ୍ନା, ଅନକଟ୍ ହୀରା ଗହଣା, ଖଣି ହୀରା ଗହଣା ଏବଂ ଏଥ୍ନିକ୍ସ ଓ ଡିଭାଇନ୍ ଗହଣା ପାଇପାରିବେ। ଏହି ସୋ'ରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ସ୍ୱତନ୍ତ୍ର ଅନ୍‌କଟ୍ ହୀରା ଗହଣା ସମ୍ଭାର ଏରା, ମୂଲ୍ୟବାନ ରତ୍ନପଥର ଗହଣା ସମ୍ଭାର ପ୍ରେସିଆ, ହୀରା ଗହଣା ସମ୍ଭାର ମାଇନ୍ ଆଦି ମଧ ସାମିଲ କରାଯାଇଛି। ଏହି ସୋ' ଚଳିତ ମାସ ୭ରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଥିବା ପ୍ରତିଟି ଗହଣାରେ ଭାରତୀୟ ଡିଜାଇନ୍‌ର ଉତ୍କୃଷ୍ଟ କଳା ଓ କାରିଗରୀ ପ୍ରତିଫଳିତ ହୋଇଥିବା ମାଲାବାର ପକ୍ଷରୁ କୁହାଯାଇଛି।

# ସୁଗନ୍ଧ ଉତ୍କର୍ଷର ୭୭ ବର୍ଷ ପାଳନ କରୁଛି ସାଇକେଲ ପିୟୋର୍ ଅଗରବତି

**ଭୁବନେଶ୍ୱର (ବ୍ୟୁରୋ) :** ସୁଗନ୍ଧ ଉତ୍କର୍ଷର ୭୭ ବର୍ଷ ପାଳନ କରି ବିଶ୍ୱର ସର୍ବବୃହତ ଅଗରବତି ନିର୍ମାତା ସାଇକଲ ପିୟୋର ଅଗରବତୀ ତାଜ ଭିଭାନ୍ତା, ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ନୂତନ ପାର୍ବଣ ଉତ୍ପାଦ ବର୍ଗମାଳା ଉନ୍ମୋଚନ କରିଛି। ନୂତନ ବର୍ଗମାଳାକୁ ଅର୍ଜୁନ ରାଙ୍ଗା, ମ୍ୟାନେଜିଂ ଡାଇରେକ୍ଟର, ସାଇକଲ ପିୟୋର ଅଗରବତି ଉନ୍ମୋଚନ କରି ଓଡ଼ିଶାରେ ଗ୍ରାହକମାନଙ୍କୁ ଭାରତର ସମୃଦ୍ଧ ଆଧ୍ୟାତ୍ମିକ ପରମ୍ପରାଗୁଡିକରେ ମୂଳ ରଖୁଥିବା ନବୋନ୍ମେଷୀ ଉତ୍ପାଦଗୁଡିକ ସହିତ ସେବା ଯୋଗାଇବାକୁ କମ୍ପାନୀର ପ୍ରତିବଦ୍ଧତା ପୁନଃ ସୁଦୃଢ଼ୀକରଣ କରିଛନ୍ତି। କମ୍ପାନୀ ବାଉଁଶ- ବିହୀନ କଠିନ ଧୂପକୁ ଦଶରା, ଯଜ୍ଞ ଏବଂ ଉଡ୍‌ସ୍ ପ୍ରକରଣରେ ଓ ଗୋଲାପ ଓ ମଲ୍ଲୀର ମନମୁଗ୍ଧକର ସୁଗନ୍ଧ ରହିଥିବା ମେଦିନୀ ଜୁଡୱା କପ୍ ସାମ୍ବ୍ରାନି ସମେତ ଏହାର ଅଧୁନାତମ ପାର୍ବଣ ନବସୃଜନଗୁଡିକୁ ପ୍ରଚଳନ କରିଛି। ଦୈନନ୍ଦିନ ପ୍ରାର୍ଥନା ଏବଂ ପାର୍ବଣ ପାଳନକୁ ଉଚ୍ଚ ସ୍ତରକୁ ନେଇଯିବା ନିମନ୍ତେ ଡିଜାଇନ କରାଯାଇଥିବା ନୂତନ ଉତ୍ପାଦଗୁଡିକରେ ଆଧୁନିକ ସୁଗନ୍ଧ ନବସୃଜନ ସହିତ ଶୁଦ୍ଧ ପାରମ୍ପରିକତାର ସମ୍ମିଶ୍ରଣ ଘଟିଛି। ଏହାର ବଜାର ପ୍ରବେଶ ଅବସରରେ ପ୍ରକାଶ କରି ଶ୍ରୀ ଅର୍ଜୁନ ରାଙ୍ଗା, ମ୍ୟାନେଜିଂ ଡାଇରେକ୍ଟର, ସାଇକଲ ପିୟୋର ଅଗରବତୀ କହିଥିଲେ, ୭୭ ବର୍ଷ ଧରି ଆମର ଯାତ୍ରା ପରମ୍ପରାକୁ ସମ୍ମାନ ଜଣାଇବା ନିମନ୍ତେ ଏକ ସରଳ ଦର୍ଶନ ଦ୍ୱାରା ମାର୍ଗଦର୍ଶିତ ହୋଇଆସିଛି ଏବଂ ସେହି ସମୟରେ ଆମେ ଗ୍ରାହକମାନଙ୍କର ପରିବର୍ତ୍ତନଶୀଳ ଆବଶ୍ୟକତାଗୁଡିକ ନିମନ୍ତେ ନିରନ୍ତର ଭାବରେ ନବସୃଜନ କରିଚାଲିଛୁ। ଆମ ପରିଚୟର କେନ୍ଦ୍ରସ୍ଥଳରେ ସର୍ବଦା ସୁଗନ୍ଧ ରହିଆସିଛି ଏବଂ ଆମର ଆଭ୍ୟନ୍ତରୀଣ ସୁଗନ୍ଧ ବିଦ୍ୱତା ଆମକୁ ପିଢି ପରେ ପିଢି ଗ୍ରାହକମାନଙ୍କ ସହିତ ଗଭୀର ଭାବରେ ସଂଯୁକ୍ତ ରହିବା ନିମନ୍ତେ ସେହିଭଳି ଉତ୍ପାଦଗୁଡିକ ସୃଷ୍ଟି କରିବାକୁ ସମର୍ଥ କରାଉଛି। ଓଡ଼ିଶା ଆମ ପାଇଁ କେବଳ ବ୍ୟବସାୟିକ ଦୃଷ୍ଟିକୋଣରୁ ନୁହେଁ, ତାହାସହିତ ଉତ୍ପାଦନ ଓ ସମ୍ବଳ ସଂଗ୍ରହ ପରିବ୍ୟବସ୍ଥା ନିମନ୍ତେ ଏକ ମୁଖ୍ୟ ଅଂଶ ଭାବରେ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଅଟେ। ଆମର ବାଲେଶ୍ୱର ଓ ସୋରୋରେ ଉତ୍ପାଦନ ୟୁନିଟ ରହିଛି ଏବଂ ଆମେ ପୂର୍ଣ୍ଣାଙ୍ଗ ହୋଇନଥିବା ଅଗରବତୀ, ପୂଜା ସମ୍ପର୍କିତ ଉତ୍ପାଦସମୂହ ଏବଂ ନଡିଆ କତା ଆଦି ସଂଗ୍ରହ କରିବାକୁ ସ୍ଥାନୀୟ ଯୋଗାଣକାରୀଙ୍କ ସହିତ ନିବିଡ ଭାବରେ କାର୍ଯ୍ୟ କରୁଛୁ। ଏହି ସହଭାଗୀତା ଆମର ଯୋଗାଣ ଶୃଙ୍ଖଳକୁ ମଜଭୁତ କରୁଥିବାବେଳେ ସ୍ଥାନୀୟ ଜୀବିକା ଉପାର୍ଜନ ଓ ଗୋଷ୍ଠୀଗୁଡ଼ିକୁ ସମର୍ଥନ କରୁଛି। କମ୍ପାନୀର ନିରନ୍ତର ଅଭିବୃଦ୍ଧି ସମ୍ପର୍କରେ ଆଲୋକପାତ କରି ଶ୍ରୀ ରାଙ୍ଗା କହିଥିଲେ ଯେ, ସାଇକଲ ପିୟୋର ଅଗରବତୀ ସମଗ୍ର ଓଡ଼ିଶାରେ ଏକ ପ୍ରଶସ୍ତ ଉତ୍ପାଦ ବର୍ଗମାଳା, ଗଭୀର ବଜାର ପ୍ରବେଶ ଏବଂ ସମୁଦାୟ ବାଣିଜ୍ୟ ବ୍ୟବସ୍ଥା, ଆଧୁନିକ ରିଟେଲ, ଇ-କମର୍ସ ଏବଂ କ୍ୱିକ୍- କମର୍ସ ପ୍ଲାଟଫର୍ମଗୁଡିକ ଜରିଆରେ ସାରା ଓଡ଼ିଶାରେ ଏହାର ଉପସ୍ଥିତି ସୁଦୃଢ କରିବାକୁ ଦୃଷ୍ଟିନିବଦ୍ଧ କରିଆସୁଛି।




# ଆଶୀର୍ବାଦ ଅଟାର ଗୁଣାତ୍ମକ ପରମ୍ପରା ଅଭିଯାନ

**ଭୁବନେଶ୍ୱର (ବ୍ୟୁରୋ) :** ଆଇଟିସିର ଆଶୀର୍ବାଦ ଅଟ୍ଟା ପୁରୀ ରଥ ଯାତ୍ରାରେ ଶହ ଶହ ପୁରାତନ ରଥ ନିର୍ମାଣ ପରମ୍ପରାରେ ଅନୁପ୍ରେରିତ ହୋଇ ଭକ୍ତମାନଙ୍କୁ ଏହି ଧରଣର ପ୍ରଥମ କାର୍ଯ୍ୟକ୍ରମ ଯୋଗାଇଦେଇ ତାହାର "ଗୁଣାତ୍ମକ ପରମ୍ପରା" ପ୍ରଚାର ଅଭିଯାନକୁ ପରିସମାପ୍ତ କରିଛି। ଏହି ଅନନ୍ୟ କାର୍ଯ୍ୟକ୍ରମ ଜରିଆରେ ୧୩୭୫୦ରୁ ଅଧିକ ଭକ୍ତ ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥ ଯାତ୍ରାର ଅଂଶବିଶେଷ ହୋଇଥିବାବେଳେ ପିଢି ପରେ ପିଢି ରଥ ନିର୍ମାଣର ପୂଜ୍ୟ ପରମ୍ପରାକୁ ସଂରକ୍ଷିତ କରି ରଖିଆସିଥିବା ବିଶ୍ୱକର୍ମା ମହରାଣା ସମୁଦାୟଙ୍କ ଉତ୍ସର୍ଗୀକୃତ କାରିଗରୀକୁ ପାଳନ କରିଥିଲେ। ଏହି ଅନୁଭୂତିର କେନ୍ଦ୍ରସ୍ଥଳରେ ଥିଲା ୩୬୦-ଡିଗ୍ରୀ ଗୋଲାର୍ଦ୍ଧ ଆକୃତିର ଗମ୍ବୁଜ, ଯେଉଁଥିରେ ବାସ୍ତବ ଓ ଡିଜିଟାଲ ପଥର ଚକ୍କି, ସୁଚାରୁରୂପେ ସଂଯୋଜିତ ରଥ ଚକ ଏବଂ ସେନ୍‌ସର ଭିତ୍ତିକ ପ୍ରଯୁକ୍ତି ସମନ୍ୱିତ ହୋଇଥିଲା। ଗୋଷ୍ଠୀରେ ବିଭକ୍ତ ହୋଇ ପ୍ରବେଶ କରୁଥିବା ଭକ୍ତଗଣ ୨୧୦ ସେକେଣ୍ଡ ଅବଧି ବିଶିଷ୍ଟ ରଥ ନିର୍ମାଣର ପବିତ୍ର ପଦ୍ଧତି ପୁନଃ ସୃଷ୍ଟିକରିବା ଏବଂ ତାହାପରେ ନୈସର୍ଗିକ ଦର୍ଶନ ଓ ରଥ ଯାତ୍ରା ଅନୁଭୂତି ନେବାର ତଲ୍ଲିନକାରୀ ଯାତ୍ରା ଅନାବରଣ କରିବାକୁ ଚକ୍କିଗୁଡିକୁ ସାମୂହିକ ଭାବରେ ଘୂରାଇଥିଲେ। ଚକ୍କିଗୁଡିକ ଘୂରିବା ସହିତ ଅଂଶଗ୍ରହଣକାରୀମାନେ ରଥ ନିର୍ମାଣର ଗାଥା, ବିଶ୍ୱକର୍ମା ମହରଣାମାନଙ୍କର କାରିଗରୀ ଏବଂ ବଡ ଦାଣ୍ଡରେ ମହାପ୍ରଭୁ ଜଗନ୍ନାଥଙ୍କ ଆଧ୍ୟାତ୍ମିକ ଯାତ୍ରାର ଅନୁଭୂତି ହାସଲ କରିଥିଲେ ଏବଂ ତାହା 'ଜୟ ଜଗନ୍ନାଥ' ଉଚ୍ଚାରଣ ମଧ୍ୟରେ ମହାପ୍ରଭୁଙ୍କ ଚକ୍ଷୁର ନୈସର୍ଗିକ ଦର୍ଶନ କରିଥିଲେ। ଗୁଣବତ୍ତା, ଯତ୍ନ ଏବଂ କାରିଗରୀର ସହଭାଗୀ ମୂଲ୍ୟବୋଧରୁ ପ୍ରେରଣା ଲାଭକରି ଏହି କାର୍ଯ୍ୟକ୍ରମ ପବିତ୍ର ରଥ ଚକ ଏବଂ ପାରମ୍ପରିକ ପଥର ଚକ୍କି ମଧ୍ୟରେ ଏକ ପ୍ରତୀକାତ୍ମକ ସଂଯୋଗ ସ୍ଥାପନ କରିଥିଲା, ଯେଉଁଥିରେ ଉଭୟ ପିଢି ପରେ ପିଢି ଉତ୍କର୍ଷ ନିମନ୍ତେ ଉତ୍ସର୍ଗୀକୃତ କାର୍ଯ୍ୟକୁ ପ୍ରତିନିଧିତ୍ୱ କରିଥିଲେ। ଗୁଣାତ୍ମକ ପରମ୍ପରା ଜରିଆରେ ଆଶୀର୍ବାଦ ଅଟ୍ଟା ପବିତ୍ର ରଥ ନିର୍ମାଣ ଏବଂ ପ୍ରତ୍ୟେକ ପ୍ୟାକ୍ ଆଶୀର୍ବାଦ ଅଟ୍ଟା ପ୍ରସ୍ତୁତି କ୍ଷେତ୍ରରେ କେନ୍ଦ୍ର ସ୍ଥାନ ନେଉଥିବା ଯତ୍ନ, ନିଖୁଣତା ଏବଂ ଉତ୍ସର୍ଗୀକୃତ କାର୍ଯ୍ୟକୁ ପାଳନ କରି 'କ୍ୱାଲିଟି କି ଗ୍ୟାରେଣ୍ଟିର ପ୍ରତିଶ୍ରୁତିକୁ ଜୀବନ୍ତ କରି ଗଢିତୋଳିଥିଲା। ଏହି ଅନୁଭୂତି ଉକ୍ତ ସ୍ଥାପନାରୁ ଊର୍ଦ୍ଧ୍ୱକୁ ଏକ ତ୍ରୁଟିଶୂନ୍ୟ ଡିଜିଟାଲ ନିୟୋଜନତାକୁ ପରିବ୍ୟାପ୍ତ ହୋଇଥିଲା। ଉକ୍ତ ଯାତ୍ରା ଶେଷ କରିବା ପରେ ଭକ୍ତଗଣଙ୍କୁ ହ୍ୱାଟ୍‌ସ୍ ଆପ୍ ଜରିଆରେ 'କ୍ୱାଲିଟି କି ଗ୍ୟାରେଣ୍ଟି ପ୍ରମାଣପତ୍ର ଏବଂ ରଥ ଯାତ୍ରାର ଅଭିନନ୍ଦନ ପ୍ରଦାନ କରାଯାଇଥିଲା, ଯାହା ସେମାନଙ୍କ ଅଂଶଗ୍ରହଣ ନିମନ୍ତେ ଏକ ବ୍ୟକ୍ତିଗତ ସ୍ମୃତି ସୃଷ୍ଟି କରିଥିଲା। କୃତଜ୍ଞତା ଜ୍ଞାପନ ସ୍ୱରୂପ ଆଶୀର୍ବାଦ ଅଟ୍ଟା ବିଶ୍ୱକର୍ମା ମହାରଣା କାରିଗର ଓ ସେମାନଙ୍କ ପରିବାରବର୍ଗଙ୍କୁ ରଥ ନିର୍ମାଣର ଚିରନ୍ତର ପରମ୍ପରାର ସଂରକ୍ଷଣ କ୍ଷେତ୍ରରେ ସେମାନଙ୍କର ବହୁମୂଲ୍ୟ ଅବଦାନକୁ ସମ୍ମାନ ଜଣାଇ ଏକ ବର୍ଷ ଅଟ୍ଟା ଯୋଗାଇ ଦେଇଥିଲା।






# ଦୋକାନ ଉପରେ ପଡିଲା ବିଶାଳକାୟ ଗଛ, ଲୋକଙ୍କ ମଧ୍ୟରେ ଅସନ୍ତୋଷ



**ପଟ୍ଟାଙ୍ଗୀ(ଅମୃତ ମିଡିଆ):** କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମା ସ୍ଥିତ ଜାତୀୟ ରାଜପଥ କଡରେ ଥିବା ଏକ ଗଛ ପଡି ଦୋକାନ ଗୃହ ଏବଂ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବା ନେଇ କୁନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ସୂଚନା ଅନୁଯାୟୀ ବ୍ଲକ କାର୍ଯ୍ୟାଳୟ ନିକଟରେ ରହିଥିବା ଏକ ବରଗଛ ହଠାତ୍ ଭାଙ୍ଗି ରାଜପଥ ଉପରେ ପଡିଯିବା ଫଳରେ ଗଛ ତଳେ ରହିଥିବା ଡମ୍ବରୁ ଧର ନାୟକଙ୍କ ଡ୍ରେସ ଆଇରନ ଦୋକାନ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ସହ ଦୋକାନ ଭିତରେ ଆଇରନ ହୋଇ ରହିଥିବା କିଛି ଲୋକଙ୍କ ଡ୍ରେସ୍ ମଧ୍ୟ ନଷ୍ଟ ହୋଇଯାଇଛି । ଫଳରେ ଲୋକଙ୍କ ଡ୍ରେସ ଆଇରନ କରି ଘର ଚଳାଉଥିବା ଡମ୍ବରୁଙ୍କ ଚିନ୍ତା ବଢାଇ ଦେଇଥିବା ବେଳେ ସ୍ଥାନୀୟ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଡମ୍ବରୁଙ୍କୁ ସହଯୋଗର ହାତ ବଢାଇବା ପାଇଁ ଦାବି କରିଛନ୍ତି । ସେପଟେ ଗଛ ନିକଟରେ ରହିଥିବା ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ସମସ୍ତ ତାର ନଷ୍ଟ ହୋଇଥିବାବେଳେ ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳେ ପହଞ୍ଚି ପଡିଯାଇଥିବା ଗଛକୁ କାଟି ସଫା କରିଥିଲେ ମଧ୍ୟ ଦୋକାନ ଏବଂ ବିଦ୍ୟୁତ୍ ଖୁଣ୍ଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଉକ୍ତ ଦୃଶ୍ୟକୁ ନେଇ ଜାତୀୟ ରାଜପଥ କଡରେ ରହିଥିବା ବିପଦଜନକ ଗଛକୁ ଚିହ୍ନଟ କରି କ୍ଷତିଗ୍ରସ୍ତ ହେବା ପୂର୍ବରୁ ପଦକ୍ଷେପ ନେବା ପାଇଁ ପ୍ରଶାସନକୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ଯାହାକି ଏହିପରି ବିପଦଜନକ ଭାବେ ରହିଥିବା ପଶୁ ଚିକିତ୍ସାଳୟ ପାଚେରୀକୁ ଲାଗି ରହିଥିବା କୃଷ୍ଣ ଚୁଡା ଗଛ କେତେବେଳେ ପଡିଯିବ ତାହା କହି ହେବନାହିଁ । ଏହାକୁ ନେଇ ବିଭିନ୍ନ ମାଧ୍ୟମରେ ବ୍ଲକ ପ୍ରଶାସନକୁ ଦୃଷ୍ଟି ଆକର୍ଷଣ କରା ।ଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନଥିବା ବେଳେ ଏହା ଉପରେ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

# ସାଳନ୍ଦୀରେ ବନ୍ୟା ଭୟ, ବୁଡ଼ିଲା ରାଜମୁକୁନ୍ଦପୁର ପୋଲ



**ଭଦ୍ରକ(ଅମୃତ ମିଡିଆ):** ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ ପୁଣି ସାଳନ୍ଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଭଦ୍ରକ ରାଜଘାଟ ପୋଲ ନିକଟରେ ସାଳନ୍ଦୀର ଜଳସ୍ତର ବିପଦ ସଙ୍କେତ ଛୁଇଁଛି । ଏଠାରେ ବିପଦ ସଙ୍କେତ ୧୭ ଫୁଟ ଥିବାବେଳେ ଶୁକ୍ରବାର ସନ୍ଧ୍ୟା ୭ଟା ସୁଦ୍ଧା ଜଳସ୍ତର ୧୬.୮୦ ଫୁଟ ଉପରେ ପ୍ରବାହିତ ହେଉଥିଲା । ସାଳନ୍ଦୀ ଓ ଶାଖା ନାଳିଆ ନଦୀରୁ ବନ୍ୟାଜଳ ମାଡ଼ିଆସିବା ଫଳରେ ଭଦ୍ରକ ବ୍ଲକ୍ ଅନ୍ତର୍ଗତ ଅର୍ଣ୍ଣପାଳ ପଞ୍ଚାୟତର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି । ରାଜମୁକୁନ୍ଦପୁରଠାରେ ଥିବା ପକ୍କା ପୋଲ ସହିତ ଶହଶହ ହେକ୍ଟର ଚାଷଜମି ବୁଡ଼ିଯାଇଛି । ହଦଗଡ଼ ଡ୍ୟାମ୍‌ରୁ ଜଳ ନିଷ୍କାସନ ଜାରି ରହିଥିବାରୁ ନାଳିଆ ନଦୀର ଉଛୁଳା ପାଣି ଧାମନଗର ବ୍ଲକ୍‌ର ଇଟାପାଳଠାରେ କୂଳବନ୍ଧ ଡେଇଁ ଗାଁକୁ ପଶିବା ଆରମ୍ଭ କରିଛି । ଗ୍ରାମବାସୀ ବନ୍ଧରେ ବାଲି ବସ୍ତା ପକାଇ ଜଗି ରହିଥିବା ଦେଖିବାକୁ ମିଳିଛି । ଇଟାପାଳ ନିକଟସ୍ଥ ନଦୀବନ୍ଧରେ ପାଖାପାଖି ୧୫ ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଛି । ଭଦ୍ରକ ବ୍ଲକ୍‌ର ହରିପୁର ବିଷ୍ଣୁପୁରବିନ୍ଧା, ଅର୍ଣ୍ଣପାଳ ପଞ୍ଚାୟତର ବିସ୍ତୃତ ଅଞ୍ଚଳ ପାଣି ଘେରରେ ରହିଛି । ବିଷ୍ଣୁପୁରବିନ୍ଧା-ଗୁଜିଦରଡ଼ା ରାସ୍ତା ଏବଂ ରାଜମୁକୁନ୍ଦପୁର ପୋଲ ଉପରେ ୩ ଫୁଟ ଉଚ୍ଚର ପାଣି ଚାଲୁଛି । ଭଦ୍ରକ ସହରର ବାଉଦପୁର, କୁଆଁଶ, ଅସ୍ତଳ, ମଠସାହି, ପୁରୁଣାବଜାର, ଧନାଟୋଲା ଆଦି ଅଞ୍ଚଳ ସମେତ ସହରତଳି ଅଞ୍ଚଳ ଜଳମୟ ହୋଇଯାଇଛି । ବନ୍ୟା ପରେ ବିପନ୍ନ ଏବେ ଘର ସଜାଡୁଛନ୍ତି । ଏପରି ସ୍ଥିତିରେ ପୁଣି ବନ୍ୟାପାଣି ଆସି ଘରେ ପଶିବାରୁ ଲୋକଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇଛି । ଅନ୍ୟପଟେ ବୈତରଣୀ ନଦୀର ଜଳସ୍ତର ମଧ୍ୟ ବିପଦ ସଙ୍କେତ ଛୁଇଁବାକୁ ଯାଉଛି । ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୮୬ ମିଟର ଥିବାବେଳେ ଏଠାରେ ୧୮.୮୭ ମିଟରରେ ପ୍ରବାହିତ ହେଉଛି ।ନାଳିଆ, ଗେଙ୍ଗୁଟି ଓ ଏହାର ଶାଖା ନଦୀ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ଯୋଗୁଁ ତଳିଆ ଅଞ୍ଚଳର ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ।

# ୬୪୨ ଅଙ୍ଗନବାଡ଼ି କେନ୍ଦ୍ରରେ ନାହିଁ ବିଦ୍ୟୁତ ସଂଯୋଗ, ୭୫୦ଟିରେ ଶୌଚାଳୟ

**ନବରଙ୍ଗପୁର(ଅମୃତ ମିଡିଆ):** ନବରଂଗପୁର ଜିଲ୍ଲାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରର ଭିତ୍ତିଭୂମି ବହୁତ ଦୁର୍ବଳ ରହିଛି । କେଉଁ କେନ୍ଦ୍ରର ନିଜସ୍ୱ କୋଠା ନାହିଁ, ଆଉ କେଉଁଟି ବିଦ୍ୟୁତ ସଂଯୋଗ ନାହିଁ, କେଉଁଠି ପିଇବା ପାଣି, ଶୌଚାଳୟ ଓ ରୋଷଇ ଘର ନାହିଁ । କିଛି ସ୍ଥାନରେ ଶୌଚାଳୟ ଥିଲେ ପାଣି ଟାଙ୍କି ନାହିଁ । ସବୁ ଥିଲେ ବିଦ୍ୟୁତ ସଂଯୋଗ ହୋଇପାରୁନି । ବାରମ୍ବାର ସମୀକ୍ଷା ବୈଠକ ଏବଂ ଏସବୁକୁ ସଜାଡିବା ପାଇଁ ଚିଠି ଦେଣ ନେଣ ଚାଲୁଥିଲେ ହେଁ କାର୍ଯ୍ୟକାରିତା ଓ ଫଳ ମିଳୁନି । ଜିଲ୍ଲାର ୧୦ବ୍ଲକ, ଉମରକୋଟ ଓ ନବରଙ୍ଗପୁର ପୌରପାଳିକାକୁ ନେଇ ୧୦ଟି ସିଡିପିଓଙ୍କ ଅଧିନରେ ୯୯ଟି ମଣ୍ଡଳରେ ରହିଛି ୨୩୩୦ଟି ଅଙ୍ଗନବାଡ଼ି କେନ୍ଦ୍ର । ଏଥିରୁ ୧୯୬୦ଟି ନିଜସ୍ୱକୋଠାରେ ଚାଳିଥିବା ବେଳେ ଏଥିମଧ୍ୟରୁ ହିଁ ୬୩୬ଟି କେନ୍ଦ୍ରକୁ ସକ୍ଷମ ଭାବେ ପରିବର୍ତ୍ତନ କରାଯାଇଛି । ୩୭୦ଟି ନିଜସ୍ୱ କେନ୍ଦ୍ର, ରୋଷଇଘର ଓ ପାନୀୟ ଜଳର ବ୍ୟବସ୍ଥା ନାହିଁ । ଏହାସହ ୬୪୨ଟି ସ୍ଥାନରେ ବିଦ୍ୟୁତ ସଂଯୋଗ ଓ, ୭୫୦ଟି କେନ୍ଦ୍ରରେ ଶୌଚାଳୟ ନାହିଁ । ଏହି ସ୍ଥିତିରେ ଜିଲ୍ଲାର ଅଙ୍ଗନୱାଡୀ କେନ୍ଦ୍ରର ଭିତ୍ତିଭୂମି ଦୁର୍ବଳ ରହିଛି । ଚନ୍ଦାହାଣ୍ଡି ବ୍ଲକରେ ୧୪୨ରୁ ୧୮ଟିରେ କେନ୍ଦ୍ର, ୪୮ଟିରେ ଶୌଚାଳୟ ଓ ୪୯ଟିରେ ବିଦ୍ୟୁତ ସଂଯୋଗ ନାହିଁ । ସେହିପରି ଡାବୁଗାଁରେ ୧୪୨ରୁ ୧୭ଟିରେ କେନ୍ଦ୍ର, ୨୧ଟି ଶୌଚାଳୟ ଓ ୪୮ଟିରେ ବିଦ୍ୟୁତ ସଂଯୋଗ, ଝରିଗାଁ ୩୦୪ରୁ ୩୮ଟିରେ କେନ୍ଦ୍ର ଏବଂ ଶୌଚାଳୟ ଓ ୪୯ଟିରେ ବିଦ୍ୟୁତ ସଂଯୋଗ, କୋଷାଗୁମୁଡାରେ ୩୧୦ରୁ ୫୫ଟିରେ କେନ୍ଦ୍ର, ୧୩୩ଟି ଶୌଚାଳୟ ଓ ୭୨ଟିରେ ବିଦ୍ୟୁତ ସଂଯୋଗ, ନବରଙ୍ଗପୁର ୧୬୩ରୁ ୩୬ଟିରେ କେନ୍ଦ୍ର, ୫୪ଟି ଶୌଚାଳୟ ଓ ୫୪ଟିରେ ବିଦ୍ୟୁତ ସଂଯୋଗ, ନନ୍ଦାହାଣ୍ଡି ୧୩୫ରୁ ୪୪ଟିରେ କେନ୍ଦ୍ର, ୬୬ଟି ଶୌଚାଳୟ ଓ ୬୦ଟିରେ ବିଦ୍ୟୁତ ସଂଯୋଗ, ପାପଡାହାଣ୍ଡି ୨୯୪ରୁ ୩୧ଟିରେ କେନ୍ଦ୍ର , ୯୨ଟି ଶୌଚାଳୟ ଓ ୧୦୨ଟିରେ ବିଦ୍ୟୁତ ସଂଯୋଗ, ରାଇଘର ୩୧୩ରୁ ୫୩ଟିରେ କେନ୍ଦ୍ର , ୧୩୬ଟି ଶୌଚାଳୟ ଓ ୮୯ଟିରେ ବିଦ୍ୟୁତ ସଂଯୋଗ, ତେନ୍ତୁଳିଖୁଣ୍ଟି ୨୦୪ରୁ ୫୭ଟିରେ କେନ୍ଦ୍ର ଏବଂ ଶେ ?ଚାଳୟ ଓ ୬୨ଟିରେ ବିଦ୍ୟୁତ ସଂଯୋଗ ଓ ଉମରକୋଟ ୩୨୩ରୁ ୨୧ଟିରେ କେନ୍ଦ୍ର , ୧୦୫ଟି ଶୌଚାଳୟ ଓ ୫୭ଟିରେ ବିଦ୍ୟୁତ ସଂଯୋଗ ନାହିଁ । ଦୀର୍ଘ ବହୁ ବର୍ଷଧରି ଏହି ସମସ୍ୟା ଲାଗିରହିଥିବା ବେଳେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ଦୁରଦୃଷ୍ଟି , କ୍ଷେତ୍ରପରିଦର୍ଶନ ଓ ସମୀକ୍ଷା ଅଭାବରୁ ଭିତ୍ତିଭୂମି ଦୋହଲି ଯାଇଛି । ଦୁର୍ବଳ ଭିତ୍ତିଭୂମିକୁ ସଜାଡ଼ିବା ପାଇଁ ସମୀକ୍ଷା ବୈଠକ ଉପରେ ବୈଠକ ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ.କ୍ଷୀରଧର କନ୍ଦପାଣି ଓ ଡିଏସଡବ୍ଲୁ ରୋମା ପଟ୍ଟନାୟକଙ୍କୁ ନେଇ କରିଛନ୍ତି । ତଥାପି ବିଭିନ୍ନ ବିଭାଗର ସମନ୍ୱୟ ଅଭାବରୁ ଭିତ୍ତଭୂମିକୁ ସଜାଡିବାରେ ପ୍ରଶାସନ ବିଫଳ ।



# ବନ୍ୟାଞ୍ଚଳରେ ଠିକ୍ ଭାବରେ ରିଲିଫ୍ ସାମଗ୍ରୀ ପହଞ୍ଚି ପାରିନି: ବିଜେଡି

**ଭଦ୍ରକ(ଅମୃତ ମିଡିଆ):** ଭଦ୍ରକ ବ୍ଲକର ବନ୍ୟା ପରିସ୍ଥିତି ଅଧିକ ଜଟିଳ ହୋଉଥିବା ବେଳେ ଲୋକଙ୍କ ପାଖରେ ଠିକ ଭାବରେ ରିଲିଫ ଓ ଅନ୍ୟାନ୍ୟ ସାମଗ୍ରୀ ପହଞ୍ଚି ପାରି ନାହିଁ । ରିଲିଫ ବଣ୍ଟନରେ ଅନିୟମିତତା ଅଭିଯୋଗ ଆଣିବା ସହ ବନ୍ୟା ପରବର୍ତ୍ତୀ ସମୟରେ ଉପୁଜି ଥିବା ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି ବିଜେଡି ପ୍ରତିନିଧି ଦଳ । ବିଜେଡି ତରଫରୁ ସାଧାରଣ ଓ ଗରିବ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା । ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଭଦ୍ରକ ଜିଲ୍ଲାରେ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି । ହଦଗଡ଼ ଜଳ ପ୍ରକଳ୍ପ ଫାଟକ ଖୋଲିବା ପରେ ସାଳନ୍ଦୀ ନଦୀରେ ବିପଦ ସଂଙ୍କେତ ଉପରେ ପ୍ରଭାବିତ ହୋଇଥିଲା ବନ୍ୟାଜଳ, ଯାହାର ପ୍ରଭାବରେ ଭଦ୍ରକ ନିର୍ବାଚନ ମଣ୍ଡଳୀର ଅଧାରୁ ଅଧିକ ଅଞ୍ଚଳରେ ବନ୍ୟାରେ ପ୍ରବାହିତ ହେଉଛି ।



ବନ୍ୟାଜଳ ୮ରୁ ୧୦ଟି ଗ୍ରାମ ପଞ୍ଚାୟତରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ ସରକାରୀ ସହାୟତା । ଏଭଳି ଅଭିଯୋଗ ଉଠାଇ ଆଜି ଭଦ୍ରକ ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ସମସ୍ତ ନିର୍ବାଚିତ ଜନପ୍ରତିନିଧି ତଥା ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟଙ୍କ ନେତୃତ୍ୱ ଭଦ୍ରକ ଜିଲ୍ଲାପାଳଙ୍କୁ ଭେଟି ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିବା ସହିତ କ୍ଷତିଗ୍ରସ୍ତ ଚାଷଜମି କ୍ଷୟକ୍ଷତି ଆକଳନ, କଚ୍ଚା ଘର ଭାଙ୍ଗିଥିବା ଲୋକମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଦାବିପତ୍ର ପ୍ରଦାନ ବେଳେ ବିଜେଡି ନେତା ତଥା ଦଳର ରାଜ୍ୟ ସମ୍ପାଦକ ଭଦ୍ରକ ବ୍ଲକର ଉପାଧ୍ୟକ୍ଷ ମୁକୁନ୍ଦ ଦେବ ସାମଲ, ଯୋଗେନ୍ଦ୍ର ଘଡ଼େଇ, ମହିଳା ନେତ୍ରୀ ଦେବୀଦତ୍ତା ମହାନ୍ତି, ରୁନୁ ମହାନ୍ତିଙ୍କ ସମେତ ଶତାଧିକ ବିଜେଡି ନେତା ଓ କର୍ମୀ ଜିଲାପାଳଙ୍କୁ ଭେଟି ଭଦ୍ରକ ବ୍ଲକର ବନ୍ୟାସ୍ଥିତରେ ବହୁ ଲୋକ ଅସହାୟ ଅବସ୍ଥାରେ ରହୁଛନ୍ତି । ସେମାନଙ୍କ ପାଖରେ ଠିକ ଭାବରେ ରିଲିଫ କି ପଲିଥିନ ପହଞ୍ଚି ନାହିଁ ବୋଲି ଅଭିଯୋଗ ଉଠାଇଛନ୍ତି । ସେହିପରି ଭଦ୍ରକ ବ୍ଲକରେ ପ୍ରାୟ ୧୫ ହଜାର ହେକ୍ଟରରୁ ଅଧିକ ଚାଷଜମି ନଷ୍ଟ ହୋଇଥିବା ବେଳେ ୩୦ ହେକ୍ଟର ଜମିରେ ତଳି ଧାନ ନଷ୍ଟ ହୋଇଯାଇଛି । ଏବେ ତଳି ଚିନ୍ତା ଲୋକଙ୍କୁ ଘାରିଥିବା ବେଳେ ଲୋକଙ୍କ ବିହନ ଯୋଗାଇ ଦେବା ଉପରେ ବିଜେଡି ନେତାମାନେ ଦାବି କରିଥିଲେ । ସେହିପରି ତୁରନ୍ତ ଲୋକଙ୍କୁ ବନ୍ୟା ସହାୟତା ଯୋଗାଇ ଦିଆଯାଉ ବୋଲି ବିଜେଡି ରାଜ୍ୟ ସମ୍ପାଦକ ମୁକୁନ୍ଦ ଦେବ ସାମଲ ଦାବି କରିଛନ୍ତି ।

## ସମଲିଙ୍ଗୀ ପ୍ରେମ : ନାବାଳିକା ଅପହରଣ, ଯୁବତୀଙ୍କୁ ବାନ୍ଧିଲା ପୋଲିସ



**ଅନୁଗୁଳ(ଅମୃତ ମିଡିଆ):** ଅନୁଗୋଳ ସହରରେ ଜଣେ ଯୁବତୀଙ୍କ ସମଲିଙ୍ଗୀ ପ୍ରେମ ଚର୍ଚ୍ଚାର ବିଷୟ ହୋଇଛି । ଯୁବତୀ ଜଣକ ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇଲେ । ସମ୍ପର୍କ ନିବିଡ଼ ହେବା ପରେ ଜୀବନ ସାରା ଏକାଠି ରହିବାକୁ ପ୍ରତିଶ୍ରୁତି ଦେଇ ତାଙ୍କୁ ଧରି ଫେରାର ହୋଇଗଲେ । ଏନେଇ ଅଭିଯୋଗ ପାଇବା ପରେ ଟାଉନ୍ ଥାନା ପୁଲିସ୍ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଶୁକ୍ରବାର ଅଭିଯୁକ୍ତ ଯୁବତୀଙ୍କୁ ଗିରଫ କରିଛି । ଅଭିଯୁକ୍ତ ଯୁବତୀଙ୍କ ଘର ତାଳଚେର ଅଞ୍ଚଳରେ । ସେ ଅନୁଗୋଳ ସହରର ରାଧାରମଣପଡ଼ା ଅଞ୍ଚଳର ଜଣେ ନାବାଳିକାଙ୍କ ପ୍ରେମରେ ପଡ଼ିଥିଲେ । ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇବା ସହିତ ଜୀବନ ସାରା ଏକାଠି ରହିବାର ରଙ୍ଗିନ୍ ସ୍ୱପ୍ନ ଦେଖାଇଥିଲେ । ପରିବାର ଲୋକେ ଆରମ୍ଭରୁ ଏହାକୁ ନଜରଅନ୍ଦାଜ କରିଥିଲେ ହେଁ ପରେ ତାଙ୍କ ବ୍ୟବହାରକୁ ନେଇ ସନ୍ଦେହ କରିଥିଲେ । ମାତ୍ର ସେତେବେଳକୁ ନେଡ଼ି ଗୁଡ଼ କହୁଣୀକୁ ବୋହି ସାରିଥିଲା । ନାବାଳିକା ମଧ୍ୟ ତାଙ୍କ ପ୍ରେମରେ ସମର୍ପିତ ଥିଲେ । କିଛିମାସ ତଳେ ନାବାଳିକାଙ୍କୁ ଧରି ଯୁବତୀ ଫେରାର ହୋଇଯାଇଥିଲେ । ଅଭିଯୁକ୍ତ ଯୁବତୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ।

## ପାଥୋଲାବରେ ଜିଲ୍ଲା ପ୍ରଶାସନର ଚଢ଼ଉ

**ସୋର(ଅମୃତ ମିଡିଆ):** ବାଲେଶ୍ୱରଜିଲ୍ଲା ସୋର ଥାନା ଅନ୍ତର୍ଗତ ବାଗୁଡ଼ି ବଜାରସ୍ଥିତ ବାସୁଦେବ ପାଥୋଲାବରେ ଗୁରୁବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ବିଭିନ୍ନ କାଗଜପତ୍ର ଓ ରେକର୍ଡର ଯାଞ୍ଚ କରାଯାଇଛି । ଏହି ଚଢ଼ାଉରେ ଡ୍ରଗ୍ସ ବିଭାଗର ଅଧିକାରୀ ଓ ସୋର ପୁଲିସ ସହଯୋଗ କରିଥିଲେ । ଉକ୍ତ ପାଥୋଲାବରେ ବିଭିନ୍ନ ପ୍ରକାର ଅନିୟମିତତା ଓ ଜାଲିଆତି ହେଉଥିବା ନେଇ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଆଧାର କରି ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି । ବିଭିନ୍ନ ଲାଇସେନ୍ସ, ରେଜିଷ୍ଟର ଓ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଇଥିଲା ।

# ବିପଦପୂର୍ଣ୍ଣ ରାସ୍ତା, ଲୋକେ ହଟହଟା

**ଲୋଇସିଂହା(ଅମୃତ ମିଡିଆ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବୁର୍ଡା ଛକରୁ ଅର୍ଜୁନପୁର ପିଡବ୍ଲୁଡି ରାସ୍ତାର କୁମୁଣ୍ଡେ ଶୁଳିଆ ଛକ ନିକଟ କଲଭର୍ଟ ଭାଙ୍ଗି ଗର୍ତ୍ତ ସୃଷ୍ଟି ହୋଇଛି । ଏହାର ମରାମତି ବଦଳରେ ସେହି କଲଭର୍ଟ ଉପରେ କିଛି କ୍ରଶର ଗୁଣ୍ଡ ପକାଯାଇଛି । ଏପରି ବିପଦସଙ୍କୁଳ ରାସ୍ତା ଦେଇ ନିୟମିତ ଭାବେ ବହୁସଂଖ୍ୟକ ବଡ ବଡ ମାଲ ପରିବହନ ଗାଡି ଏବଂ ଯାତ୍ରୀବାହୀ ଗାଡି ଯାତାୟତ କରୁଛି ।ତେବେ ଏହି ସ୍ଥାନରେ ଯେ କୌଣସି ମୁହୂର୍ତ୍ତରେ ବଡ ଧରଣର ଦୁର୍ଘଟଣା ଆଶଙ୍କାକୁ ଏଡାଇ ଦିଆଯାଇପାରିବ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଉଛି । ଲୋଇସିଂହା ଥାନା ବୁର୍ଡା ଛକ ଦେଇ ସୁବର୍ଣ୍ଣପୁର ଜିଲାର ଅର୍ଜୁନପୁର ପର୍ଯ୍ୟନ୍ତ ଏହି ପିଡବ୍ଲୁଡି ରାସ୍ତା ଯାଇଛି । ଏହି ରାସ୍ତା ଖୋର୍ଦ୍ଧା-ବଲାଙ୍ଗୀରର ୫୭ ନଂ ଜାତୀୟ ରାଜପଥକୁ ସଂଯୋଗ କରିଛି । ଏହି ରାସ୍ତା ଭାୟା ସୋନପୁର ଦେଇ ଭୁବନେଶ୍ୱରକୁ ସଂଯୋଗ ଥିବାରୁ ଛତିଶଗଡ ରାଜ୍ୟ ଏବଂ ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଅଞ୍ଚଳ ସମେତ ସ୍ଥାନୀୟ ଅଞ୍ଚଳର ଲୋକେ ଯିବା ଆସିବା କରିଥାନ୍ତି । ଲୋଇସିଂହା ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳ ଉପରବାହାଲ ଅଞ୍ଚଳରୁ ନିୟମିତ ଭାବେ ପରିବା ଗାଡିଗୁଡିକ ଉକ୍ତ ରାସ୍ତା ଦେଇ ଉପକୂଳ ଅଞ୍ଚଳକୁ ଯାତାୟତ କରିଥାଏ । ଏହାଛଡା ବହୁ ସଂଖ୍ୟକ ମାଲ ପରିବହନ ଗାଡି ଚଳାଚଳ କରୁଛି । ଲୋଇସିଂହା ସୀମାନ୍ତ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ଶୁଳିଆ ଛକ ପୂର୍ବରୁ ପଡୁଥିବା ଏହି କଲଭର୍ଟ ଦୀର୍ଘଦିନ ହେଲା ଭୁଶୁଡି ପଡିଛି । କଲଭଟ ଭାଙ୍ଗି ଯାଇଥିବାରୁ ସେହି ସ୍ଥାନରେ ୫ ଫୁଟ ଲମ୍ବର ଗର୍ତ୍ତ ସୃଷ୍ଟି ହୋଇଛି । ଏହି ସ୍ଥାନରେ କେହି କ୍ରଶର ଗୁଣ୍ଡ ପକାଇଛନ୍ତି । କିନ୍ତୁ ସମ୍ପୂର୍ଣ୍ଣ ଭାବେ ଗର୍ତ୍ତ ପୋତା ହୋଇନାହିଁ । ଦୂରରୁ ଯାତ୍ରୀଙ୍କୁ ଏହି ଗର୍ତ୍ତ ଦେଖାଯାଉନାହିଁ । ଯେଉଁମାନେ ଏ ନେଇ ଜାଣିଛନ୍ତି ସେମାନେ ଉକ୍ତ କଲଭର୍ଟ ରାସ୍ତା ପାର୍ଶ୍ୱ ଦେଇ ଯିବା ଆସିବା କରୁଛନ୍ତି । କିନ୍ତୁ ଜାଣି ନ ଥିବା ଯାତ୍ରୀମାନେ ଏହି ବିପଦପୂର୍ଣ୍ଣ କଲଭର୍ଟ ଦେଇ ଯାଉଥିବାରୁ ବିପଦ ଆଶଙ୍କା ରହିଛି ।

# ୧୬୦ ଛାତ୍ର ହଷ୍ଟେଲ ଛାଡ଼ିବା ଘଟଣା: ନିଲମ୍ବିତ ହେଲେ ପ୍ରଧାନଶିକ୍ଷୟିତ୍ରୀ

**ଝରିଗାଁ(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ବଡ଼ ଟେମେରା ପଞ୍ଚାୟତ ଅନ୍ତର୍ଗତ ସାନ ଟେମେଟା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଛାତ୍ରାବାସରେ ପରିଚାଳନାରେ ଅବ୍ୟବସ୍ଥା ଓ ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଉଥିବା ଅଭିଯୋଗ କରି ୧୬୦ଜଣ ଛାତ୍ର ଗତକାଲି (ଗୁରୁବାର) ହୋଷ୍ଟେଲ୍ ଛାଡ଼ିଥିଲେ । ଏହି ଘଟଣାରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଆଜି (ଶୁକ୍ରବାର) ପ୍ରଧାନଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଜିଲ୍ଲାପାଳ ଓ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ପ୍ରାଥମିକ ଅନୁସନ୍ଧାନପରେ ହୋଷ୍ଟଲ୍‌ରେ ବ୍ୟାପକ ଅବହେଳା ସ୍ପଷ୍ଟ ହେବା ପରେ ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣାଙ୍କୁ ନିଲମ୍ବିତ କରାଯାଇଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ବିଦ୍ୟାଳୟର ଶିକ୍ଷକ ଗଣେଶ ରାମ ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି । ଏହା ବ୍ୟତୀତ ଆଜି ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଓ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଗୌରୀଶଙ୍କର ମାଝୀ ଉକ୍ତ ସ୍କୁଲ ଓ ହୋଷ୍ଟେଲ୍ ପରିଦର୍ଶନ କରି ଛାତ୍ରଙ୍କ ସହ ଆଲୋଚନା କରିଛନ୍ତି । ସେହିଭଳି ବିଦ୍ୟାଳୟର ଭିତ୍ତିଭୂମି, ପରିବେଶ, ପରିଚ୍ଛନ୍ନତା, ଗୋଦାମ ଓ ଶୌଚାଳୟ ଗୁଡିକୁ ଅନୁଧ୍ୟାନ କରିଥିଲେ । ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଗତକାଲିର ଘଟଣାକୁ ଦୁର୍ଭାଗ୍ୟ ଜନକ ପରିସ୍ଥିତି ବୋଲି କହିବା ସହ ନୂତନ ହଷ୍ଟେଲ ଗୃହ ପାଇଁ ପ୍ରସ୍ତାବ ଦିଆଯାଇଥିବା କହିଛନ୍ତି । ସେହିଭଳି ଅନ୍ତେବାସୀ ରହୁଥିବା ଛାତ୍ରାବାସ ଓ ଶୌଚାଳୟ ଗୁଡିକୁ ମରାମତି କରାଯିବ ବୋଲି କହିଛନ୍ତି । ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ଯାଂଚ ଦଳ ଗଠନ କରାଯାଇ ଖାଦ୍ୟ ସାମଗ୍ରୀର ମାନକୁ ନେଇ ତଦନ୍ତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ମାଝୀ ଗତକାଲିର ଘଟଣାକୁ ନେଇ ବିଦ୍ୟାଳୟର ଶିକ୍ଷକ ଓ ଅନ୍ତେବାସୀ ପୁଅ ଓ ଝିଅଙ୍କ ସହ ଆଲୋଚନା କରିଥିବା କହିବା ସହ ଘଟଣାକୁ ନେଇ ଯେଉଁ ମାନେ ଦାୟୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଏହି ଗସ୍ତରେ ପିଏ ଆଇଟିଡିଏ ରାଜୀବ କୁମାର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ,ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଝରିଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧୁସୂଦନ ମାଝୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦଶରଥ ଗଣ୍ଡ,ଡବ୍ଲୁଇଓ ଅମିତ କୁମାର ନାୟକ ଉପସ୍ଥିତ ଥିଲେ । ୧୯୬୮ମସିହାରେ ସାନ ଟେମେରା ବିଦ୍ୟାଳୟ ସ୍ଥାପନ ହୋଇଥିଲା ।୨୦୧୭ ମସିହାରେ ଶିକ୍ଷା ବିଭାଗ ପକ୍ଷରୁ ଦୁଇ ଶହ ବିଶିଷ୍ଟ ଛାତ୍ରାବାସ ଖୋଲିଥିଲେ ହେଁ ୨ଟି ଶ୍ରେଣୀଗୃହରେ ଛାତ୍ରବାସ ଖୋଲାଯାଇଥିଲା । ବର୍ତ୍ତମାନ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪୧୭ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ଏଥି ମଧ୍ୟରେ ଛାତ୍ରାବାସରେ ଷଷ୍ଠରୁ ଦଶମ ଶ୍ରେଣୀର ୧୬୦ ଜଣ ଅନ୍ତେବାସୀ ରହି ପଢୁଛନ୍ତି । ଦିନରେ ଶ୍ରେଣୀ ଓ ରାତିରେ ଏହି ଦୁଇ ରୁମ ଛାତ୍ରବାସ ଭାବେ ପରିବର୍ତ୍ତନ ହେଉଛି । ଗତକାଲି (ଗୁରୁବାର) ବିଦ୍ୟାଳୟର ୧୬୦ ଜଣ ହଷ୍ଟେଲ ଛାତ୍ର ନିମ୍ନ ମାନର ଖାଦ୍ୟ ପ୍ରଦାନ ସହ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଥିବା ନେଇ ଘର ମୁହାଁ ହଉଥିଲେ । ପ୍ରାୟ ୧୦ କିଲୋମିଟର ଦୂର ଆସିବା ପରେ ଝରିଗାଁ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ନିକଟରେ ଥିବା ଦୁକାଲୁପଡା ପ୍ରାଥମିକ ବିଦ୍ୟାଳୟ ଠାରେ ଛାତ୍ର ମାନଙ୍କୁ ନେଇ ରଖି ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିବା ସହ ହଷ୍ଟେଲ ଫେରି ଯିବା ବୁଝାସୁଝା କରିଥିଲେ । ପରେ କିଛି ଛାତ୍ର ହଷ୍ଟେଲ ଯାଇଥିବା ବେଳେ କିଛି ଛାତ୍ର ଘରକୁ ଫେରି ଯାଇଥିଲେ ।



# ଆଦିବାସୀ ମହିଳାଙ୍କୁ ସ୍ୱାବଲମ୍ବୀ କଲା କଳା ଚାଉଳ

**ମାଲାନାଗିରି(ଅମୃତ ମିଡିଆ):** ଆଦିବାସୀ ମହିଳାଙ୍କୁ ସ୍ୱାବଲମ୍ବୀ କଲା କଳା ଚାଉଳ । ୧୦ ଜଣ ମହିଳାଙ୍କ ଉଦ୍ୟମରେ ହସୁଛି ସୁନାର ଫସଲ । ବର୍ଷକୁ ଲକ୍ଷାଧିକ ଟଙ୍କାର କାରବାର । କିଲୋ ପିଛା ଶହେ ଟଙ୍କାରେ ବିକ୍ରି ହେଉଛି ଚାଉଳ । ମାଲକାନଗିରିର ଉପାନ୍ତ ଅଞ୍ଚଳରୁ ଆସିଛି ଏଭଳି ଏକ ପ୍ରେରଣାଦାୟକ କାହାଣୀ । କାଲିମେଳା ବ୍ଲକ ତେଲେରାଇ ଗ୍ରାମର ମା' ଧରିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନୂଆ ରାହା ଦେଇଛି କଳା ଚାଉଳ ଚାଷ । ଜିଲ୍ଲା ପ୍ରଶାସନର ସହଯୋଗରେ ଆଜି ସେମାନେ କେବଳ ଚାଷ କରୁନାହାନ୍ତି, ବରଂ ବଜାରରେ ଏକ ବ୍ରାଣ୍ଡ ସୃଷ୍ଟି କରି ପାରିଛନ୍ତି । ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ୩ ବର୍ଷ ହେଲା କଳା ଚାଉଳ ଚାଷ କରି ଆସୁଛନ୍ତି । ନିଜ ଜମିରେ ଚାଷ କରିବା ସହ ଗାଁର ଅନ୍ୟ ଚାଷୀଙ୍କ ଠାରୁ ମଧ୍ୟ ଧାନ ସଂଗ୍ରହ କରୁଛନ୍ତି । ପରେ ମିଲିଂ କରି ଆକର୍ଷଣୀୟ ପ୍ୟାକେଜିଂ ସହ ବଜାରକୁ ଛାଡୁଛନ୍ତି । ଏବେ କଳା ଚାଉଳ କିଲୋ ପିଛା ପ୍ରାୟ ୧୦୦ ଟଙ୍କାରେ ବିକ୍ରି ହେଉଛି । ଏହା ସୁଗାର ଫ୍ରି ହୋଇଥିବାରୁ ଏହି ଚାଉଳର ଡିମାଣ୍ଡ୍ ଦିନକୁ ଦିନ ବଢୁଛି । ତେବେ ଏମାନେ କେବଳ ଚାଉଳ ନୁହେଁ କଳାବତୀ, ବଳାମଲି ଓ କଳାଜିରା ପରି ପାରମ୍ପରିକ ଧାନ କିସମର ମଧ୍ୟ ଚାଷ କରୁଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀର ଏହି ଅଭିନବ ପ୍ରୟାସକୁ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ସହଯୋଗ ମିଳିଛି । କୃଷି ବିଭାଗ ପକ୍ଷରୁ ଉନ୍ନତ ବିହନ ଯୋଗାଇ ଦିଆଯାଇଥିବା ବେଳେ, ଧାନକୁ ଚାଉଳରେ ପରିଣତ କରିବା ପାଇଁ ଏକ ମିଲିଂ ମେସିନ ପ୍ରଦାନ କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ତିନି ଏକର ଜମିରେ ଚାଷ କରି ପ୍ରାୟ ଏକ କୁଇଣ୍ଟାଲ କଳା ଚାଉଳ ପ୍ରସ୍ତୁତ କରି ବିଭିନ୍ନ ବଜାରରେ ବିକ୍ରି କରାଯାଇଛି । ନିକଟରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ତେଲେରାଇ ଗାଁକୁ ଯାଇ ମହିଳାମାନଙ୍କୁ ପ୍ରଶଂସା କରିଛନ୍ତି । କଳା ଚାଉଳରେ ଅଧିକ ପୋଷକ ତତ୍ତ୍ୱ ଓ ଔଷଧୀୟ ଗୁଣ ଥିବାରୁ ଏହାର ଚାହିଦା ଆଗାମୀ ଦିନରେ ଆହୁରି ବଢ଼ିବ ବୋଲି ସେ କହିଛନ୍ତି । ଏହା ସହ ମହିଳାମାନଙ୍କ ପାଇଁ ଅଧିକ ତାଲିମ, ବଜାର ସଂଯୋଗ, ସ୍ୱତନ୍ତ୍ର ବିକ୍ରୟ କେନ୍ଦ୍ର ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ମଧ୍ୟ ସେ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଆଦିବାସୀ ମହିଳାମାନେ ଘରର ଚାରି କାନ୍ଥ ମଧ୍ୟରେ ସୀମିତ ନରହି ସ୍ୱାବଲମ୍ବୀ ହୋଇପାରିଛନ୍ତି । କୃଷିକୁ ବ୍ୟବସାୟରେ ପରିଣତ କରି ଲକ୍ଷାଧିକ ଟଙ୍କାର କାରବାର କରୁଛନ୍ତି । ତେବେ ତେଲେରାଇର ଏହି ମଡେଲ ଏବେ କେବଳ ମାଲକାନଗିରି ନୁହେଁ, ସମଗ୍ର ରାଜ୍ୟରେ ମହିଳା ସଶକ୍ତିକରଣ ଓ ମୂଲ୍ୟଯୁକ୍ତ କୃଷିର ଏକ ପ୍ରେରଣାଦାୟକ ଉଦାହରଣ ପାଲଟିଛି ।



## ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା ଏବଂ ଓଡ଼ିଶା ସାହିତ୍ୟ ଏକାଡ଼େମୀର ମିଳିତ ସହଯୋଗରେ ଓଡ଼ିଶା ସାହିତ୍ୟ ମହୋତ୍ସବ







## ପୁରୀ ପୌରସଦନ ପରିସରରେ ଶିଶୁ ସମାଚାରର ବାର୍ଷିକ ଉତ୍ସବ









## ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.111, Sunday, 9 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୧, ରବିବାର, ୯ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



